# ଧରିତ୍ରୀ DHARITRI

52 Years


ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୫/୨୦୨୬ (୧୬ ପୃଷ୍ଠା) | Bhubaneswar, Thursday, January 15/2026 | Page 16 | ₹ 7.00 | BALASORE

୫୨ଶ ଭାଗ ୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 53 | ମୂଲ୍ୟ ₹୭/-









ମକର ସଂକ୍ରାନ୍ତି ଅବସରରେ ବୁଧବାର ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଶିଶିର ସରସ ମେଳାରେ 'ଗୁଡ଼ି' ଉଡ଼ାଯାଉଛି। (ଫଟୋ-ବିକାଶ ନାୟକ)

# ବେଆଇନ ଖନନରୁ ଆରାବଳୀ ପରିବେଶ କ୍ଷତି

**ଆରାବଳୀ ପର୍ବତମାଳା କେବଳ ପଥର ପାହାଡ଼ ନୁହେଁ, ଏହା ବହୁ କୋଟି ଲୋକଙ୍କ ପାଇଁ ଜଳଉତ୍ସ ଏବଂ ବାୟୁ ପ୍ରଦୂଷଣ ରୋକିବାରେ ପ୍ରାକୃତିକ ପାଚେରି ସଦୃଶ, ଯାହା ଏବେ ଗମ୍ଭୀର ବିପଦର ସମ୍ମୁଖୀନ ହୋଇଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଏକ ଘରୋଇ ସଂସ୍ଥା ପକ୍ଷରୁ କରାଯାଇଥିବା ଏହି ଅଧ୍ୟୟନ 'ଇକୋ-ରେଷ୍ଟୋରେଶନ ଅଫ୍ ଆରାବଳୀ ଲ୍ୟାଣ୍ଡସ୍କେପ୍'କୁ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବୁଧବାର ଉନ୍ମୋଚନ କରିଛନ୍ତି। ଏଥିରେ ବେଆଇନ ଖଣି ଖନନ ଏବଂ ଜବରଦଖଲ ଯୋଗୁ ଏହି ପ୍ରାଚୀନ ପର୍ବତମାଳାର ପରିବେଶ କ୍ରମାଗତ ଭାବେ ନଷ୍ଟ ହେବାରେ ଲାଗିଥିବା ଉଲ୍ଲେଖ ରହିଛି। ବିଶେଷକରି ଜଙ୍ଗଲ କ୍ଷୟ, ଜଳ ସଙ୍କଟ, ତାପମାତ୍ରା ବୃଦ୍ଧି ଆଦି କିଭଳି ବଡ଼ ବିପଦ ହୋଇ ଛିଡ଼ାହୋଇଛି ତାହା ଉକ୍ତ ଅଧ୍ୟୟନରେ ଦର୍ଶାଯାଇଛି। ଏଠାରେ ପ୍ରକାଶ କରାଯାଇପାରେ ଯେ, କେନ୍ଦ୍ର ସରକାରଙ୍କ ସୁପାରିସକୁ ଗ୍ରହଣ କରି ସୁପ୍ରିମ୍‌କୋର୍ଟ ଗତ ନଭେମ୍ବରରେ କହିଥିଲେ ଯେ, କେବଳ ସେହି ଭୂଭାଗକୁ 'ଆରାବଳୀ ପାହାଡ଼' କୁହାଯିବ, ଯାହାର ଉଚ୍ଚତା ସମତଳ ଭୂମିଠାରୁ ଅତିକମ୍‌ରେ ୧୦୦ ମିଟର ଅଧିକ। ଏଥିଯୋଗୁ ଆରାବଳୀର ପ୍ରାୟ ୯୦% ଅଂଶରେ ଖଣି ଖନନ ଏବଂ ନିର୍ମାଣ ପାଇଁ ବାଟ ଫିଟିଯାଇଥିଲା। ଏନେଇ ଜନସାଧାରଣ ଏବଂ ପରିବେଶବିତ୍‌ଙ୍କ ପ୍ରବଳ ବିରୋଧ ପରେ ଗତ ୨୯ ଡିସେମ୍ବରରେ ସୁପ୍ରିମକୋର୍ଟ ନିଜର ପୂର୍ବ ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରି କହିଥିଲେ ଯେ, ଏହି ୧୦୦ ମିଟର ସଂଜ୍ଞା ଦ୍ୱାରା ପରିବେଶର ଅପୂରଣୀୟ କ୍ଷତି ହୋଇପାରେ।**

**ନୂଆଦିଲ୍ଲୀ,୧୪ା୧**

ଆରାବଳୀ ପର୍ବତମାଳାରେ ଜବରଦଖଲ, ଗଛକଟା, ବେଆଇନ ଖଣି ଖନନ ଏବଂ ସହରୀ ଭିତ୍ତିଭୂମିର ଦ୍ରୁତ ସମ୍ପ୍ରସାରଣ ଏହାର ଭୂତଳ ଜଳର ଭରଣା, ଜୈବ ବିବିଧତା, ବାୟୁ ଗୁଣବତ୍ତା ଏବଂ ଜଳବାୟୁ ନିୟମିତତାକୁ ଗୁରୁତର ଭାବେ ପ୍ରଭାବିତ କରୁଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ରିପୋର୍ଟରେ କୁହାଯାଇଛି, ୮୦ ଦଶକ ପୂର୍ବରୁ ସାରିସ୍କା ଏବଂ ବାର୍‌ଡୋଡ୍ ବନ୍ୟପ୍ରାଣୀ ଅଭୟାରଣ୍ୟ ଆଖପାଖ ଅଞ୍ଚଳ ସମେତ ଜଙ୍ଗଲ ଜମିର ଉପଯୋଗରେ ବ୍ୟାପକ ପରିବର୍ତ୍ତନ ଯୋଗୁ ପ୍ରାକୃତିକ ବନାଞ୍ଚଳ ଦ୍ରୁତ ହ୍ରାସ ଘଟୁଛି। ଫଳରେ ଗୁରୁତ୍ୱପୂର୍ଣ୍ଣ ବନ୍ୟାପ୍ରାଣୀ ବାସସ୍ଥଳ ଏବଂ ଅବବାହିକା ଅଞ୍ଚଳ ବିଖଣ୍ଡିତ ହେଉଛି।

ଭାରତରେ ଥିବା ଡେନ୍‌ମାର୍କ ଦୂତାବାସ ଏବଂ ହରିୟାଣା ରାଜ୍ୟ ବନବିଭାଗ ସହାୟତାରେ ସଙ୍କଳା ଫାଉଣ୍ଡେଶନ ଉକ୍ତ ଗବେଷଣା କରିଛି, ଯାହାର ନାମ ଦିଆଯାଇଛି ଇକୋ-ରିଷ୍ଟୋରେଶନ ଅଫ୍ ଦି ଆରାବଳୀ ଲ୍ୟାଣ୍ଡସ୍କେପ୍। ଜୈବ ବିବିଧତା ସଂରକ୍ଷଣ, ଜଳବାୟୁ ସହଣି, ଜୀବିକା ସୁରକ୍ଷା ଏବଂ ମାନବାଧିକାର ସହ ସମ୍ପୃକ୍ତ ପରିବେଶୀୟ ଅବନତିର ଆକଳନ କରିବା ପାଇଁ ସେମାନେ ଏକ ସମନ୍ୱିତ ଆଭିମୁଖ୍ୟ ଆପଣାଇଥିଲେ। ବିଶ୍ୱର ଅନ୍ୟତମ ସର୍ବପୁରାତନ ପାର୍ବତ୍ୟାଞ୍ଚଳ ଆରାବଳୀ ଜାତୀୟ ରାଜଧାନୀ ଅଞ୍ଚଳ ଏବଂ ଗାଙ୍ଗେୟ ସମତଳ ଅଞ୍ଚଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ଅବରୋଧକ ଭାବେ କାର୍ଯ୍ୟ କରିବା ସହ ଜୀବନ ସହାୟକ ପରିବେଶ ଦେଇଆସୁଛି। ତେବେ ୫୦ ନିୟୁତରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନ ଦେଇଥିବା ଏବଂ ୪ ରାଜ୍ୟ ଓ ୨୯ ଜିଲାକୁ ବ୍ୟାପିଥିବା ଏହି ପର୍ବତମାଳା ପ୍ରତି ଗମ୍ଭୀର ବିପଦ ସୃଷ୍ଟି ହୋଇଥିବା ଅଧ୍ୟୟନରେ କୁହାଯାଇଛି। ଜଙ୍ଗଲରୁ ବ୍ୟାପକ ଗଛ କଟା, ଜମିର ଅସ୍ଥିର ବ୍ୟବହାର, ଦ୍ରୁତ ସହରୀକରଣ. ଜମିର ବ୍ୟାପକ ଅବନତି ଓ ମରୁଭୂମୀକରଣ ଆରାବଳୀ ପର୍ବତମାଳା ଉପରେ ଅତ୍ୟଧିକ ଚାପ ପକାଉଥିବା ରିପୋର୍ଟରେ ଉଲ୍ଲେଖ ରହିଛି। କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବୁଧବାର ଉକ୍ତ ରିପୋର୍ଟ ଉନ୍ମୋଚନ କରିଛନ୍ତି।

**ଆଜିର ସମ୍ପାଦକୀୟ**

**ଧର୍ମୀୟ ଧାରଣାରେ ଭିନ୍ନତା**

# ୫୦୦ କୁକୁରଙ୍କୁ ବିଷ ଇଞ୍ଜେକ୍ସନ

**ତେଲଙ୍ଗାନାରେ ଏକ କ୍ରୂର ଘଟଣା ପ୍ରାଣୀପ୍ରେମୀଙ୍କୁ ବିଚଳିତ କରିଦେଇଛି। ପଞ୍ଚାୟତ ନିର୍ବାଚନ ସମୟରେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ ପାଇଁ କେତେଜଣ ସରପଞ୍ଚ ଓ ଲୋକପ୍ରତିନିଧି ଗତ ଏକ ସପ୍ତାହ ମଧ୍ୟରେ ପ୍ରାୟ ୫୦୦ ବୁଲା କୁକୁରଙ୍କୁ ବିଷାକ୍ତ ଇଞ୍ଜେକ୍ସନ ଦେଇ ମାରିଦେଇଛନ୍ତି। ବୁଲା କୁକୁର ସମସ୍ୟାର ସମାଧାନ ପାଇଁ ସେମାନେ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ଏଭଳି ବର୍ବର କାର୍ଯ୍ୟ ମାଧମରେ ପୂରଣ କରିଛନ୍ତି। କାମାରେଡ୍ଡୀ ଏବଂ ହାନାମକୋଣ୍ଡା ଜିଲାରେ ଘଟିଥିବା ଏହି ଘଟଣାରେ ପୋଲିସ ୭ ସରପଞ୍ଚଙ୍କ ସମେତ ୧୫ଜଣଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛି। ଏହି ଘଟଣା ଏପରି ଏକ ସମୟରେ ଘଟିଛି, ଯେଉଁ ସମୟରେ ସୁପ୍ରିମକୋର୍ଟରେ ବୁଲା କୁକୁର ସମସ୍ୟା ଉପରେ ଶୁଣାଣି ଜାରି ରହିଛି। କୁକୁର କାମୁଡ଼ାଜନିତ ମୃତ୍ୟୁ କିମ୍ବା ଆହତ ପାଇଁ ରାଜ୍ୟ ସରକାରଙ୍କୁ କ୍ଷତିପୂରଣ ଦେବାକୁ ପଡ଼ିବ। ଏପରି କି ବୁଲା କୁକୁରଙ୍କୁ ଖାଦ୍ୟ ଦେଉଥିବା ଲୋକମାନଙ୍କୁ ମଧ ଉତ୍ତରଦାୟୀ ହେବାକୁ ପଡ଼ିବ ବୋଲି ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଟିପ୍ପଣୀ ଦେଇଛନ୍ତି।**

## ନିର୍ବାଚନ ପ୍ରତିଶ୍ରୁତି ପୂରଣ ପାଇଁ ମାରିଦେଲେ

**ହାଇଦ୍ରାବାଦ,୧୪ା୧**

ନୂଆବର୍ଷର ପ୍ରଥମ ୨ ସପ୍ତାହରେ ତେଲଙ୍ଗାନାରେ ବିଷ ଇଞ୍ଜେକ୍‌ଶନ ଦେଇ ଅନ୍ୟୁନ ୫୦୦ ବୁଲାକୁକୁରଙ୍କୁ ମାରିଦିଆଯାଇଛି। ବୁଲାକୁକୁର ଗଣହତ୍ୟା ଘଟଣାରେ ତେଲଙ୍ଗାନା ପୋଲିସ ତଦନ୍ତକୁ ଜୋର୍‌ଦାର କରିବା ସହ ୧୫ ଜଣଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ସେମାନଙ୍କ ମଧ୍ୟରେ ହନମକୋଣ୍ଡା ଏବଂ କାମାରେଡ୍ଡୀ ଜିଲାରୁ ୭ ଜଣ ସରପଞ୍ଚ ଅଛନ୍ତି। ରାଜ୍ୟ ଇତିହାସରେ ଏହା ପ୍ରାଣୀ ନିଷ୍ଠୁରତା ଉପରେ ସବୁଠୁ ବଡ଼ କାର୍ଯ୍ୟାନୁଷ୍ଠାନ। ଗ୍ରାମବାସୀଙ୍କୁ ବୁଲାକୁକୁର ସମସ୍ୟାରୁ ମୁକ୍ତି ଦେବା ପାଇଁ ପଞ୍ଚାୟତ ନିର୍ବାଚନ ସମୟରେ ଦିଆଯାଇଥିବା ବିବାଦୀୟ ପ୍ରତିଶ୍ରୁତି ପୂରଣ ନିମନ୍ତେ ଅଭିଯୁକ୍ତମାନେ ଏକ ସମନ୍ୱିତ ମାରଣ ଅଭିଯାନର ଆୟୋଜନ କରିଥିଲେ।

ସୂଚନାଯୋଗ୍ୟ, ତେଲଙ୍ଗାନାର ଉପରୋକ୍ତ ଅଞ୍ଚଳରେ ନିକଟରେ ପଞ୍ଚାୟତ ନିର୍ବାଚନ ହୋଇଥିଲା। ବୁଲାକୁକୁର ଆକ୍ରମଣ ବଢୁଥିବାରୁ ଗ୍ରାମକୁ ସେମାନଙ୍କ ଦାଉରୁ ମୁକ୍ତ କରିବା ପାଇଁ କେତେଜଣ ପ୍ରାର୍ଥୀ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଭଳି ପ୍ରତିଶ୍ରୁତି ପୂରଣ ପାଇଁ କୁକୁର ଗଣହତ୍ୟାକୁ ଏକ ପଥଭ୍ରଷ୍ଟ ଉଦ୍ୟମ ଭାବେ ଦେଖାଯାଉଛି। ଧର୍ମପୁରୀ ମ୍ୟୁନିସିପାଲିଟି ଅଞ୍ଚଳରେ ଜଣେ ବ୍ୟକ୍ତି ଗୋଟିଏ କୁକୁରକୁ ଘାତକ ଇଞ୍ଜେକଶନ୍ ଦେଉଥିବା କ୍ୟାମେରାରେ ଧରାପଡ଼ିଛି। ଇଞ୍ଜେକ୍‌ଶନ ଦେବାର କିଛି ମୁହୂର୍ତ୍ତ ପରେ କୁକୁରଟି ଟଳିପଡୁଛି। ହନମକୋଣ୍ଡାରେ ୧୧୦ଟି କୁକୁର କଙ୍କାଳ ମାଟି ଖୋଳି ବାହାର କରାଯାଇଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ସେଗୁଡ଼ିକର ବ୍ୟବଚ୍ଛେଦ କରାଯାଇଛି। ଏହି ଗଣହତ୍ୟା ପଛରେ ୭ ନବନିର୍ବାଚିତ ସରପଞ୍ଚଙ୍କ ସମେତ ୧୫ ଜଣ ପ୍ରମୁଖ ବ୍ୟକ୍ତି ରହିଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ପଞ୍ଚାୟତ ସଚିବ ଏବଂ କର୍ମଚାରୀମାନେ କୁକୁରମରା ଅଭିଯାନ ପାଇଁ ଲଜିଷ୍ଟିକ୍ ଏବଂ ପେସାଦାର କୁକୁର ଧରାଳି ଯୋଗାଡ଼ କରିଥିଲେ। ଘାତକ ଇଞ୍ଜେକ୍‌ଶନ ଏବଂ ବିଷାକ୍ତ ଚାରା ଦ୍ୱାରା କୁକୁର ମାରିବା ପାଇଁ ୩ ଜଣ ଘରୋଇ ଠିକାଦାରଙ୍କୁ ନିୟୋଜିତ କରାଯାଇଥିଲା।

# ଟ୍ରେନ୍ ଉପରେ ଖସିଲା କ୍ରେନ୍: ୨୯ ମୃତ

**ବ୍ୟାଙ୍କକ୍,୧୪ା୧**

ଥାଇଲାଣ୍ଡର ଉତ୍ତରପୂର୍ବ ଭାଗରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଏକ କ୍ରେନ୍ ବୁଧବାର ଭୁଶୁଡ଼ି ଚଳନ୍ତା ଯାତ୍ରୀବାହୀ ଟ୍ରେନ୍ ଉପରେ ଖସିପଡ଼ିବାରୁ ଅନ୍ୟୁନ ୨୯ ଜଣଙ୍କ ମୃତ୍ୟୁ ଘଟିଛି। ଏହା ବ୍ୟତୀତ ଅନ୍ୟ ୬୪ ଜଣ ଆହତ ହୋଇଛନ୍ତି। ଟ୍ରେନ୍‌ର ଭଗ୍ନାବଶେଷ ମଧ୍ୟରୁ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇଛି। ଦକ୍ଷିଣପୂର୍ବ ଏସିଆ ସହ ଚାଇନାକୁ ସଂଯୋଗ କରିବାକୁ ଥିବା ମହତ୍ତ୍ୱାକାଂକ୍ଷୀ ହାଇସ୍ପିଡ୍ ରେଲ୍ ପ୍ରୋଜେକ୍ଟ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଏହାର ଗୋଟିଏ ଅଂଶର ନିର୍ମାଣ କାର୍ଯ୍ୟରେ କ୍ରେନ୍‌ଟି ନିୟୋଜିତ ଥିଲା। ଟ୍ରେନ୍‌ଟି ବ୍ୟାଙ୍କକ୍‌ରୁ ଉବନ ରାଟ୍‌ଚାଥାନି ପ୍ରଦେଶ ଯାଉଥିବାବେଳେ କ୍ରେନ୍‌ଟି ଏହା ଉପରେ ଖସିପଡ଼ିଥିଲା। ୨ଟି କଂକ୍ରିଟ୍ ସହାୟକ ସ୍ତମ୍ଭରୁ ନିର୍ମାଣ ଉପକରଣଗୁଡ଼ିକ ଝୁଲିରହିଥିବାବେଳେ ସେଠାରୁ ଧଳା ଓ କଳା ଧୂଆଁ ଉଠୁଥିବା ଗଣମାଧ୍ୟମରେ ପ୍ରକାଶିତ ଫଟୋରୁ ଦେଖିବାକୁ ମିଳିଛି। କ୍ରେନ୍‌ର ଭଗ୍ନାବଶେଷ ରେଳ ଲାଇନ୍‌ରେ ବିକ୍ଷିପ୍ତ ଭାବେ ପଡ଼ିରହିଛି। ଥାଇ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଟ୍ରେନ୍‌ରେ ୩ଟି ବଗି ଥିବାବେଳେ ସେଥିରୁ ୨ଟି ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଟ୍ରେନ୍‌ରେ ମୋଟ ୧୯୫ ଜଣ ଯାତ୍ରୀ ଥିଲେ। ପରିବହନ ମନ୍ତ୍ରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।



# ରାଇରଙ୍ଗପୁର ହେଲା ପୋଲିସ ଜିଲା

## ୬୮ ନୂଆ ପଦବୀ ସୃଷ୍ଟି

**ଭୁବନେଶ୍ୱର,୧୪ା୧ (ରବିନାରାୟଣ ଜେନା)**

ରାଜ୍ୟରେ ପୋଲିସ ପ୍ରଶାସନକୁ ଅଧିକ ଚଳଚଞ୍ଚଳ କରିବା ତଥା ଲୋକଙ୍କୁ ତ୍ୱରିତ ନ୍ୟାୟ ଦେବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଇରଙ୍ଗପୁରକୁ ପୋଲିସ ଜିଲା ଭାବେ ବିଧିବଦ୍ଧ ଭାବେ ଘୋଷଣା ହୋଇଛି। ଏସଂକ୍ରାନ୍ତରେ ପୋଲିସ ମୁଖ୍ୟାଳୟ ପକ୍ଷରୁ ଶୁକ୍ରବାର ଜାରି ନିର୍ଦ୍ଦେଶନାମାରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ମଡର୍ନାଇଜେଶନ) ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ ରାଇରଙ୍ଗପୁର ପୋଲିସ ଜିଲା ଭାବେ ଗଠନ ହୋଇଛି। ପୂର୍ବରୁ ମୟୂରଭଞ୍ଜ ଏକକ ପୋଲିସ ଜିଲା ☞ପୃଷ୍ଠା-୪






କେନ୍ଦ୍ରୀୟ ଲଣ୍ଡନରେ ଏକ ରାଲି ବେଳେ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ଫଟୋକୁ ଜାଳୁଛନ୍ତି ବିକ୍ଷୋଭକାରୀ। (ଫଟୋ ସୌଜନ୍ୟ: ଗାର୍ଡିଆନ୍)

# ଆକ୍ରମଣ କଲେ ଆମେରିକୀୟ ସେନା ଘାଟିକୁ ଟାର୍ଗେଟ କରିବୁ

## ଇରାନର ଚେତାବନୀ

**ଦୁବାଇ/ଦୋହା,୧୪।୧**

ୱାଶିଂଟନ ଯଦି ଆକ୍ରମଣ କରେ ତେବେ ପଡୋଶୀ ଦେଶଗୁଡ଼ିକରେ ଥିବା ଆମେରିକାର ସେନା ଘାଟିଗୁଡ଼ିକୁ ଟାର୍ଗେଟ କରାଯିବ ବୋଲି ଇରାନ ବୁଧବାର ସତର୍କ କରିଦେଇଛି। ବିକ୍ଷୋଭକାରୀଙ୍କ ତରଫରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହସ୍ତକ୍ଷେପ କରିବାର ଧମକ ଦେଇଥିବାବେଳେ ତାଙ୍କୁ ଅଟକାଇବା ପାଇଁ ଇରାନ ଚାହୁଁଛି। ଉକ୍ତ ଅଞ୍ଚଳରେ ଥିବା ଆମେରିକାର ମୁଖ୍ୟ ଏୟାରବେସ୍ ଛାଡ଼ିବା ପାଇଁ କେତେକ ସୈନ୍ୟଙ୍କୁ ପରାମର୍ଶ ଦିଆଯାଇଥିବା ୩ ଜଣ କୂଟନୀତିଜ୍ଞ କହିଛନ୍ତି। ତେବେ ଅଧିକ ସଂଖ୍ୟାରେ ସୈନ୍ୟ ହଟାଇବା ନେଇ ତୁରନ୍ତ କୌଣସି ସୂଚନା ମିଳିନାହିଁ। ବିକ୍ଷୋଭକୁ ଦମନ କରିବା ପାଇଁ ଇରାନ ସରକାର ବଳ ପ୍ରୟୋଗ କରୁଥିବା ଦର୍ଶାଇ ଟ୍ରମ୍ପ୍ ହସ୍ତକ୍ଷେପ କରିବେ ବୋଲି ବାରମ୍ବାର ଧମକ ଦେଇଆସୁଛନ୍ତି।

# ଇରାନ ଛାଡ଼ନ୍ତୁ ଭାରତୀୟ: ଦୂତାବାସ

**ନୂଆଦିଲ୍ଲୀ,୧୪।୧**

ଇରାନରେ ୨ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ହିଂସାତ୍ମକ ବିକ୍ଷୋଭ ଏବଂ ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନ ଯୋଗୁ ମୃତ୍ୟୁସଂଖ୍ୟା ୨,୬୦୦ରେ ପହଞ୍ଚିଛି। ଏଥିସହିତ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଧମକ ଦେଇଥିବାରୁ ସେଠାରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଛି। ଏଭଳି ସ୍ଥିତିରେ ସେଠାରେ ରହିଥିବା ଭାରତୀୟମାନଙ୍କୁ ତୁରନ୍ତ ଇରାନ ଛାଡ଼ି ଚାଲିଯିବା ପାଇଁ ତେହରାନସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ବୁଧବାର ପରାମର୍ଶ ଦିଆଯାଇଛି। ଏହା ପୂର୍ବରୁ ଗତ ୫ ତାରିଖରେ ଭାରତ ସରକାର ଇରାନରେ ଥିବା ନାଗରିକମାନଙ୍କୁ ସତର୍କ ରହିବା ଏବଂ ଜରୁରୀ କାର୍ଯ୍ୟ ନ ଥିଲେ ସେଠାକୁ ନ ଯିବା ପାଇଁ ଆଡଭାଇଜରି ଜାରି କରିଥିଲେ। ଏବେ ବ୍ୟବସାୟିକ ବିମାନ ସମେତ ଉପଲବ୍ଧ ପରିବହନ ସାଧନ ଜରିଆରେ ତୁରନ୍ତ ଇରାନ ଛାଡ଼ି ପଳାଇଆସିବାକୁ ସେମାନଙ୍କୁ କୁହାଯାଇଛି।

# ଏଲ୍‌ଓସି ନିକଟରେ ପାକିସ୍ତାନୀ ଡ୍ରୋନ୍

**ନୂଆଦିଲ୍ଲୀ,୧୪।୧**

ଜମ୍ମୁ-କଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ମଙ୍ଗଳବାର ପୁଣି ଡ୍ରୋନ୍ ଉଡୁଥିବା ଦେଖାଦେଇଛି। ଏହାକୁ ଦେଖିବା ପରେ ସମ୍ଭାବ୍ୟ ଆକ୍ରମଣ ଆଶଙ୍କାରେ ଭାରତୀୟ ସେନା କାଉଣ୍ଟର ଅନ୍‌ମ୍ୟାନ୍ଡ ଏୟାରକ୍ରାଫ୍ଟ ସିଷ୍ଟମ୍‌କୁ ସକ୍ରିୟ କରିଥିଲା। ଗତ ୪୮ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ପାଇଁ ଅନ୍ତର୍ଜାତୀୟ ସୀମା ଏବଂ ଏଲ୍‌ଓସିରେ ଡ୍ରୋନ୍ ଦେଖାଯାଇଛି। ଦିନକ ପୂର୍ବରୁ ସୁରକ୍ଷା ବଳ ଅନ୍ତର୍ଜାତୀୟ ସୀମା ଏବଂ ଏଲ୍‌ଓସି ଅନ୍ତର୍ଗତ ସାମ୍ବା, ରାଜୌରୀ ଏବଂ ପୁଞ୍ଚ ସୀମାରେ ପାକିସ୍ତାନ ନିର୍ମିତ ଡ୍ରୋନ୍ ଉଡୁଥିବା ଦେଖିଥିଲେ।

# ଆତଙ୍କବାଦ ସହ ସମ୍ପୃକ୍ତି: କଶ୍ମୀରର ୫ ସରକାରୀ କର୍ମଚାରୀ ବହିଷ୍କୃତ

**ନୂଆଦିଲ୍ଲୀ,୧୪।୧**

ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତ ଥିବା ଅଭିଯୋଗରେ ଜମ୍ମୁ-କଶ୍ମୀରର ୫ ଜଣ ସରକାରୀ କର୍ମଚାରୀଙ୍କୁ ଉପରାଜ୍ୟପାଳ ମନୋଜ ସିହ୍ନା ମଙ୍ଗଳବାର ଚାକିରିରୁ ବହିଷ୍କାର କରିଛନ୍ତି। ଏମାନେ ଆତଙ୍କବାଦୀ ସଂଗଠନରେ ସକ୍ରିୟ ସହଯୋଗୀ ଥିଲେ ଏବଂ ଜାତୀୟ ସୁରକ୍ଷାକୁ ନ୍ୟୂନ କରିବା ପାଇଁ ପ୍ରଶାସନରେ ହସ୍ତକ୍ଷେପ କରୁଥିଲେ ବୋଲି ସୁରକ୍ଷା ସଂସ୍ଥା ଜାଣିବାକୁ ପାଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୧୧(୨)(ସି) ଅନୁଯାୟୀ ସେମାନଙ୍କୁ ରାଷ୍ଟ୍ର ସୁରକ୍ଷା ମାମଲାରେ ବିନା ତଦନ୍ତରେ ବହିଷ୍କାର କରାଯାଇଛି। ବହିଷ୍କୃତ ହୋଇଥିବା ଜଣେ ଶିକ୍ଷକ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବା ସହ ସମ୍ପୃକ୍ତ। ୨୦୨୨ ଏପ୍ରିଲରେ ତାଙ୍କୁ ଗିରଫ କରାଯାଇଥିଲା। ପୋଲିସ ଉପରେ ଆକ୍ରମଣ ପାଇଁ ସେ ଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲାବରେଟୋରି ଟେକ୍ନିସିଆନ, ଜଙ୍ଗଲ ବିଭାଗ କ୍ଷେତ୍ର କର୍ମଚାରୀ, ଆସିଷ୍ଟାଣ୍ଟ ଲାଇନ୍‌ମ୍ୟାନ ଏବଂ ଡାକ୍ତରୀ ଶିକ୍ଷା ବିଭାଗ ଡ୍ରାଇଭର ରହିଛନ୍ତି। ସେମାନେ ହିଜବୁଲ ମୁଜାହିଦ୍ଦିନ୍ ଏବଂ ଲଶ୍କର ସଂଗଠନ ପାଇଁ କାର୍ଯ୍ୟ କରୁଥିଲେ।

**ହ୍ୱାଇଟ୍ କଲାର ଆତଙ୍କବାଦର ଚେର ଖୋଜିବା ପାଇଁ ପୋଲିସ ପ୍ରୋଫାଇଲିଂ**


# କେନ୍ଦ୍ର ଲୋଡୁଛି ମସ୍‌ଜିଦ ତଥ୍ୟ

**ଶ୍ରୀନଗର/ଜମ୍ମୁ,୧୪।୧**

୨୦୨୫ ନଭେମ୍ବର ୧୦ରେ ନୂଆଦିଲ୍ଲୀସ୍ଥିତ ଲାଲ୍‌କିଲ୍ଲା ନିକଟରେ ଆତ୍ମଘାତୀ ବିସ୍ଫୋରଣ ଘଟି ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ଜାତୀୟ ରାଜଧାନୀ ଦୋହଲି ଯାଇଥିଲା। ଭାରତରେ ଏହା ପୂର୍ବରୁ ଏତେବଡ଼ ହ୍ୱାଇଟ୍ କଲାର ଆତଙ୍କବାଦୀ ଆକ୍ରମଣ ଦେଖାଯାଇ ନ ଥିଲା। ଆକ୍ରମଣରେ ବ୍ୟବହୃତ ବିସ୍ଫୋରକ ଭର୍ତ୍ତି କାର୍ ହରିୟାଣାର ଅଲ୍ ଫଲାହ ୟୁନିଭର୍ସିଟିରେ ପ୍ରାଧ୍ୟାପନା କରୁଥିବା ଡାକ୍ତର ଉମର ନବୀଙ୍କର ଥିଲା। ଡାକ୍ତର ନବୀ ପୁଲୱାମା ବାସିନ୍ଦା ବୋଲି ଜଣାପଡ଼ିବା ପରେ ବିଭିନ୍ନ ଦିଗକୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ତଦନ୍ତ ଆଗକୁ ବଢ଼ିଥିଲା। ତଦନ୍ତ ବେଳେ ସୁରକ୍ଷା ଏଜେନ୍ସିଗୁଡ଼ିକ ହାତରେ ହ୍ୱାଇଟ୍ କଲାର ଆତଙ୍କବାଦ ସହ ଜଡ଼ିତ କେତେକ ତଥ୍ୟ ଲାଗିଛି। ତଦନୁସାରେ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରରେ ୨୦୨୬ ଜାନୁଆରୀ ୧୩ରୁ ମସ୍‌ଜିଦ ପ୍ରୋଫାଇଲିଂ ଆରମ୍ଭ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିକଟରେ ସିଧା ରିପୋର୍ଟ କରୁଥିବା ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ପ୍ରଶାସନ ପକ୍ଷରୁ ଏହି ପ୍ରକ୍ରିୟାରେ ସ୍ଥାନୀୟ ପୋଲିସ ଓ ଗ୍ରାମ କର୍ମଚାରୀମାନଙ୍କୁ ସାମିଲ କରାଯାଇଛି। ପୋଲିସ ରାଜସ୍ୱ କର୍ମଚାରୀମାନଙ୍କ ଜରିଆରେ ସମଗ୍ର ଉପତ୍ୟକାରେ ଥିବା ମସ୍‌ଜିଦ, ମଦ୍ରାସାଗୁଡ଼ିକ ସମେତ ଇମାମ୍, ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟ ଭଳି ଧର୍ମୀୟ ବ୍ୟକ୍ତିତ୍ୱମାନଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରୁଛି।

ମସ୍‌ଜିଦଗୁଡ଼ିକୁ କେଉଁଠୁ ପାଣି ଆସୁଛି, ଟଙ୍କାର ଉତ୍ସ, ଢାଞ୍ଚା, ସହଅନୁବନ୍ଧନ (ଦେଓବନ୍ଦୀ, ହନାଫି, ଅହଲେ-ହଦିସ୍)ର ବୈଠକ, ଦୈନନ୍ଦିନ ଖର୍ଚ୍ଚ ଆଦିର ତଥ୍ୟ ସଂଗ୍ରହ ଚାଲିଛି। ସେହିପରି ମସ୍‌ଜିଦର ଇମାମ୍ ଓ କମିଟି ସଦସ୍ୟମାନଙ୍କ ଆଧାର ନମ୍ବର, ବ୍ୟାଙ୍କ ଆକାଉଣ୍ଟ ଓ କାର୍ଡ ବିବରଣୀ, ପାସ୍‌ପୋର୍ଟ ଡାଟା, ସୋସିଆଲ ମିଡିଆ ହାଣ୍ଡଲ, ଟ୍ରାଭେଲ ହିଷ୍ଟ୍ରି, ଫୋନ୍ ଆଇଏମ୍‌ଇଆଇ ନମ୍ବର ଓ ଅନ୍ୟ ପରିଚୟ ମଧ୍ୟ ୪ ପୃଷ୍ଠା ସମ୍ବଳିତ ଏକ ନିର୍ଦ୍ଧାରିତ ଫର୍ମରେ ମଗାଯାଉଛି। ପୋଲିସ ପ୍ରଶାସନର କହିବା ହେଲା, ତଦନ୍ତରେ ଏକ ହ୍ୱାଇଟ୍ କଲାର ଟେରର ମୋଡ୍ୟୁଲର ପର୍ଦ୍ଦାଫାଶ ହେବା ପରେ ମଦ୍ରାସା ଶିକ୍ଷକ, ତତ୍ତ୍ୱାବଧାରକ ଏବଂ ସେମାନଙ୍କ ସୋସିଆଲ ମିଡିଆ ଲିଙ୍କ୍ ଜରିଆରେ କଠୋରପନ୍ଥୀ ଜିହାଦୀ ପାଠ ପଢ଼ାଯାଉଥିବା ବିଷୟ ସାମ୍ନାକୁ ଆସିଛି। ସମ୍ଭାବ୍ୟ ରେଡିକାଲାଇଜେଶନ୍‌ର ଟ୍ରେଣ୍ଡକୁ ଧରିବା ସହ ନିରାପତ୍ତା ଉପରେ ଏକ ଡାଟାବେସ୍ ତିଆରି କରିବା ପାଇଁ ଏସବୁ କରାଯାଉଛି ବୋଲି ଜଣେ ଅଧିକାରୀ ନିଜ ନାମ ଗୋପନ ସର୍ତ୍ତରେ କହିଛନ୍ତି। ମୌଲବୀ ଇରଫାନ୍‌ଙ୍କ ଭଳି କେତେଜଣ ଇମାମ୍‌ଙ୍କ ଭୂମିକା ମଧ୍ୟ ସେମାନଙ୍କୁ ସ୍କାନର ତଳକୁ ନେଇଆସିଛି। ଏଥିଯୋଗୁ ଇମାମ୍, ଶିକ୍ଷକ ଓ ମ୍ୟାନେଜମେଣ୍ଟ କମିଟି ସଦସ୍ୟମାନଙ୍କୁ ସେମାନଙ୍କ ଅତୀତ ସମ୍ପର୍କରେ ତଥ୍ୟ ମଗାଯାଇଛି। ପୂର୍ବରୁ କିଏ କେଉଁ ଆତଙ୍କବାଦୀ ସଙ୍ଗଠନ ବା ବିଧ୍ୱଂସକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ କି, କାହା ବିରୋଧରେ ମାମଲା ବିଚାରାଧୀନ ଅଛି ବା କିଏ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି, ସେହି ତଥ୍ୟ ମଧ୍ୟ ପ୍ରଦାନ କରିବାକୁ କୁହାଯାଇଛି ବୋଲି ଅଧିକାରୀ ଜଣକ ପ୍ରକାଶ କରିଛନ୍ତି। ଦିଲ୍ଲୀ ବିସ୍ଫୋରଣ ପରେ ଜମ୍ମୁ-କଶ୍ମୀରରୁ ନେଇ ହରିୟାଣା ଓ ଉତ୍ତର ପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଏବଂ ଅନ୍‌ସାର ଘଜୱାତ-ଉଲ୍-ହିନ୍ଦ୍‌ର ଟେରର୍ ମୋଡ୍ୟୁଲର ୯ ଜଣଙ୍କୁ ଗିରଫ କରାଯିବା ସହ ଆମୋନିୟମ୍ ନାଇଟ୍ରେଟ୍ ସମେତ ୨,୯୦୦ କେଜିର ବିସ୍ଫୋରକ ଜବତ ହୋଇଥିଲା। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ୩ ଜଣ ଡାକ୍ତର (ଶାହରନପୁରରୁ ଆଦିଲ ରାଠେର, ଫରିଦାବାଦରୁ ମୁଜାମ୍ମିଲ ଗନାଇଏ ଏବଂ ଲକ୍ଷ୍ନୌରୁ ଶାହିନ୍) ଥିବାରୁ ହ୍ୱାଇଟ୍ କଲାର ଆତଙ୍କବାଦ ସୁରକ୍ଷା ଏଜେନ୍ସିଗୁଡ଼ିକର ଦୃଷ୍ଟି ଆକର୍ଷଣ କରିଥିଲା। ହ୍ୱାଇଟ୍ କଲାର ଆତଙ୍କବାଦର ନେଟ୍‌ୱର୍କରେ ଥିବା କେତେଜଣ ପ୍ରଫେସନାଲ ଓ ଛାତ୍ର ବିଦେଶୀ ବିଶେଷକରି ପାକିସ୍ତାନୀ ହାଣ୍ଡଲର୍ସଙ୍କ ଯୋଗସୂତ୍ରରେ ଥିବା ବିଷୟ ଜଣାପଡ଼ିଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଦେଶବିରୋଧୀ ଓ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ଜାନୁଆରୀ ୧୩ରେ ଉପରାଜ୍ୟପାଳ ମନୋଜ ସିହ୍ନା ଜମ୍ମୁ-କଶ୍ମୀରର ୫ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରିଛନ୍ତି। ଏଭଳି ସମୟରେ ଉପରୋକ୍ତ କଥା ସାମ୍ନାକୁ ଆସିଛି।

ଅନ୍ୟପକ୍ଷେ ଧର୍ମୀୟ ନେତା ଓ ମୁତାହିଦା ମଜ୍‌ଲିସ-ଇ-ଉଲେମା ଭଳି ସଙ୍ଗଠନଗୁଡ଼ିକ ଏହି ପ୍ରକ୍ରିୟାକୁ କଡ଼ା ସମାଲୋଚନା କରିଛନ୍ତି। ଧର୍ମୀୟ ସ୍ୱାଧୀନତା ଓ ପ୍ରିଭେସି ଅଧିକାର ଉପରେ ଏହା ଏକ ହସ୍ତକ୍ଷେପ ଦର୍ଶାଇ ସେମାନେ ବିରୋଧ କରିଛନ୍ତି। ଏପରି କି ଉପତ୍ୟକାର ଅନେକ ନେତା ମଧ୍ୟ ଧର୍ମୀୟ ବ୍ୟାପାରରେ ହସ୍ତକ୍ଷେପ ତଥା ଅତ୍ୟଧିକ ସର୍ଭିଲାନ୍ସକୁ ନିନ୍ଦା କରିଛନ୍ତି।



ଶ୍ରୀନଗରସ୍ଥିତ ହଜରତବଲ ମସ୍‌ଜିଦ

## କଶ୍ମୀରୀ ମୁସଲମାନଙ୍କ ଧର୍ମୀୟ ସ୍ୱାଧୀନତାରେ ହସ୍ତକ୍ଷେପ



“ ମସ୍‌ଜିଦ ଓ ଇମାମ୍‌ମାନଙ୍କ ସମ୍ପର୍କରେ ଗୋପନୀୟ ତଥ୍ୟ ସଂଗ୍ରହ ମୁସଲମାନଙ୍କ ଧର୍ମୀୟ ବ୍ୟାପାରରେ ଏକ ହସ୍ତକ୍ଷେପ। ଯଦି ଧର୍ମାନୁଷ୍ଠାନଗୁଡ଼ିକର ପ୍ରୋଫାଇଲିଂ ଆବଶ୍ୟକ ପଡୁଛି, ତେବେ ସାରା ଦେଶର ମନ୍ଦିର, ଗୁରୁଦ୍ୱାରା ଓ ଚର୍ଚ୍ଚଗୁଡ଼ିକରୁ ଏହା ଆରମ୍ଭ ହେବା ଉଚିତ। ଏପରି କି ମନ୍ଦିରଗୁଡ଼ିକୁ ପ୍ରବେଶ ପାଇଁ ଦିଆଯାଉଥିବା ଅର୍ଥ ସମ୍ପର୍କରେ ମଧ୍ୟ ଖୋଳତାଡ଼ କରାଯାଉ।

**-ମେହବୁବା ମୁଫ୍‌ତି, ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ମୁଖ୍ୟ**

“ ଭାରତୀୟ ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ନିର୍ଭୟରେ ନିଜ ଧର୍ମ ଅନୁଶରଣର ଗ୍ୟାରେଣ୍ଟି ପ୍ରଦାନ କରିଥାଏ। ଜମ୍ମୁ-କଶ୍ମୀରରେ ମସ୍‌ଜିଦ ଓ ଇମାମ୍‌ମାନଙ୍କ ଉପରେ ଚାଲିଥିବା ସର୍ଭିଲାନ୍ସ ତଥା ନିୟନ୍ତ୍ରଣ ଧର୍ମୀୟ ସ୍ୱାଧୀନତାରେ ହସ୍ତକ୍ଷେପ, ଯାହାକି ସମ୍ବିଧାନ ବିରୋଧୀ।

**-ଆଗା ରୁହୁଲ୍ଲାହ ମେହଦି, ଶ୍ରୀନଗର ଏମ୍‌ପି, ଏନ୍‌ସି**

“ ଉପତ୍ୟକାରେ ପୋଲିସ ଜରିଆରେ ଏକ ବିସ୍ତୃତ ଫର୍ମ ବଣ୍ଟାଯାଉଛି। ସେଥିରେ ମସ୍‌ଜିଦ, ମଦ୍ରାସା ସହ ଜଡ଼ିତ ବ୍ୟକ୍ତିଙ୍କ ଅତ୍ୟନ୍ତ ଗୋପନୀୟ ଓ ସମ୍ବେଦନଶୀଳ ତଥ୍ୟ ମଗାଯାଉଛି। ଏହା ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଥିବାରୁ ଇମାମ୍‌ମାନେ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି।

**-ମିରୱାଇଜ୍ ଉମର ଫାରୁକ୍, ମୁତାହିଦା ମଜଲିସ୍ ଉଲେମା ଅଧ୍ୟକ୍ଷ**

“ ଧର୍ମକୁ ସନ୍ଦେହ ଚକ୍ଷୁରେ ଦେଖିବା ଏକ ବିପଜ୍ଜନକ ପଦକ୍ଷେପ। ଦେଶ ପାଇଁ ଜୀବନ ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଅନେକ ମୁସଲମାନ ରହିଛନ୍ତି। ସେମାନଙ୍କ ସମାଧି ନିକଟକୁ କେହି ଯାଇ କାନରେ କହିବେ କି ଯେ, ସେମାନେ ଯେଉଁ ମସ୍‌ଜିଦକୁ ପ୍ରାର୍ଥନା କରିବାକୁ ଯାଉଥିଲେ, ସେହି ମସ୍‌ଜିଦର ପ୍ରୋଫାଇଲିଂ କରାଯାଉଛି ?

**-ସଜାଦ୍ ଲୋନ୍, ପିପୁଲ୍ସ କନ୍‌ଫରେନ୍ସ ଅଧ୍ୟକ୍ଷ**

“ ଭାରତରେ ଧର୍ମଗତ ବା ଜାତିଗତ ପ୍ରୋଫାଇଲିଂ କରାଯିବା ଅନୁଚିତ। ନାଗରିକଙ୍କ ମୌଳିକ ଅଧିକାରକୁ ହନନ କରି ସରକାରୀ କଳର ଦୁରୁପଯୋଗ ଅତ୍ୟନ୍ତ ନିନ୍ଦନୀୟ। ଆତଙ୍କବାଦ ବିରୋଧରେ ଲଢ଼ିବା ପାଇଁ ଆମେ ସମ୍ବିଧାନକୁ ନିଲମ୍ବନ କରିପାରିବା ନାହିଁ।

**-ଜୁନୈଦ ମାଟ୍ଟୁ, ଶ୍ରୀନଗରର ପୂର୍ବତନ ମେୟର**

# ଆଇ-ପିଏସି ଉପରେ ଟିଏମ୍‌ସି, ଇଡି ଆବେଦନ ଖାରଜ

**କୋଲକାତା,୧୪।୧**

ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନିର୍ବାଚନ ପରାମର୍ଶଦାତା ସଂସ୍ଥା ଆଇ-ପିଏସି(ଇଣ୍ଡିଆନ୍ ପଲିଟିକାଲ ଆକ୍ସନ କମିଟି) ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଚଢ଼ାଉ ଘଟଣାରେ ପରସ୍ପରକୁ ଦୋଷ ଦେଇ ଟିଏମ୍‌ସି ଏବଂ ତଦନ୍ତକାରୀ ସଂସ୍ଥା କୋଲକାତା ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ହାଇକୋର୍ଟ ଉକ୍ତ ପିଟିଶନକୁ ବୁଧବାର ଖାରଜ କରିଦେଇଛନ୍ତି। ଫଳରେ ପଶ୍ଚିମବଙ୍ଗର ଶାସକ ଦଳ ଏବଂ ଇଡି ମଧ୍ୟରେ ସୃଷ୍ଟ ବିବାଦ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଥିବାବେଳେ ଗୁରୁବାର ଇଡି ଆବେଦନର ଶୁଣାଣି ହେବ।

ଆଇ-ପିଏସି କାର୍ଯ୍ୟାଳୟ ଏବଂ ଏହାର ମୁଖ୍ୟ ପ୍ରତୀକ ଜୈନଙ୍କ ଘର ଉପରେ ଇଡି ଚଢ଼ାଉ ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପହଞ୍ଚି ଲାପ୍‌ଟପ୍, ଫୋନ୍ ଏବଂ ଅନେକ ଦସ୍ତାବିଜ୍ ନେଇ ପଳାଇଯାଇଥିବା ଅଭିଯୋଗ କରି ତଦନ୍ତକାରୀ ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏହାର ଜବାବରେ ଟିଏମ୍‌ସି ଦାଖଲ କରିଥିବା ପିଟିଶନ୍‌ରେ ଦର୍ଶାଇଥିଲା ଯେ ଦଳର ରଣନୀତି ଓ ବିଚାରଧାରା ଆଧାରିତ ଦସ୍ତାବିଜ୍‌କୁ କେନ୍ଦ୍ରୀୟ ଏଜେନ୍ସି ଜବତ କରିନେଇଛି। ଟିଏମ୍‌ସିର ଉକ୍ତ ଅଭିଯୋଗକୁ ଇଡି ଖଣ୍ଡନ କରିଥିଲା।

# ଗୋହତ୍ୟା ବିରୋଧରେ ଭୋପାଳରେ ବିକ୍ଷୋଭ

**ଭୋପାଳ,୧୪।୧**

ଭାଜପା ଶାସିତ ମଧ୍ୟପ୍ରଦେଶର ରାଜଧାନୀ ଭୋପାଳସ୍ଥିତ ଏକ ସ୍ଲଟର ହାଉସ୍‌ରେ ଗୋରୁକଟା ଅଭିଯୋଗକୁ ନେଇ ଦକ୍ଷିଣପନ୍ଥୀ ହିନ୍ଦୁ ସଂଗଠନଗୁଡ଼ିକ ସମେତ ବିରୋଧୀ କଂଗ୍ରେସ ପକ୍ଷରୁ ଜୋର୍‌ଦାର ବିକ୍ଷୋଭ କରାଯାଇଛି। ଗତ ଡିସେମ୍ବର ୧୭ରେ ଗୋଟିଏ ଟ୍ରକ୍‌ରେ ୨୫ ଟନ୍ ମାଂସ ଯାଉଥିବାବେଳେ ସଂସ୍କୃତି ବଚାଓ ମଞ୍ଚ ଏବଂ ହିନ୍ଦୁ ଉତ୍ସବ ସମିତି ପକ୍ଷରୁ ଏହାକୁ ଅଟକାଯାଇଥିଲା। ଟ୍ରକ୍‌ରେ ଗୋମାଂସ ଥିବା ସେମାନେ ଅଭିଯୋଗ କରିଥିଲେ। ଭୋପାଳ ପୌର ନିଗମ ଡାକ୍ତର ବେଣୀପ୍ରସାଦ ଗୌର ଜବତ ସାମଗ୍ରୀକୁ ମଇଁଷି ମାଂସ ବୋଲି ପ୍ରମାଣୀକୃତ କରିଥିବାବେଳେ ମଥୁରାସ୍ଥିତ ଭେଟେରିନାରି କଲେଜ ଲାବ୍‌ର ଫୋରେନ୍‌ସିକ୍ ପରୀକ୍ଷାରୁ ତାହା ଗୋମାଂସ ବୋଲି ସ୍ପଷ୍ଟ ହୋଇଛି। ମଧ୍ୟପ୍ରଦେଶରେ ଗୋହତ୍ୟା ଏବଂ ଗୋମାଂସ ବିକ୍ରି ନିଷେଧ ହୋଇଥିବାବେଳେ ଏହାର ଉଲ୍ଲଂଘନ କଲେ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। ଜବତ ମାଂସ ସହ ସମ୍ପୃକ୍ତ ଝିନ୍ସି ଅଞ୍ଚଳରେ ଥିବା ସ୍ଲଟରହାଉସ୍ ଭୋପାଳ ମ୍ୟୁନିସିପାଲ କର୍ପୋରେଶନ (ବିଏମ୍‌ସି) ଦ୍ୱାରା ପରିଚାଳିତ ଏବଂ ସେଠାରେ କେବଳ ମଇଁଷି ମାରିବା ପାଇଁ ଅନୁମତି ରହିଛି। ଉକ୍ତ ସ୍ଲଟର ହାଉସ୍‌କୁ ସିଲ୍ କରିଦିଆଯିବା ସହ ଡାକ୍ତର ବେଣୀପ୍ରସାଦଙ୍କୁ ତୁରନ୍ତ ନିଲମ୍ବନ କରିବାକୁ ପୌର ନିଗମ ନିର୍ଦ୍ଦେଶ ଦେଇଛି।





ମଧ୍ୟପ୍ରଦେଶ କଂଗ୍ରେସ ପକ୍ଷରୁ ଭୋପାଳରେ ବିକ୍ଷୋଭ କରାଯାଉଛି।

# ବଦଳିଗଲେଣି ଅନୁଷ୍କା

**ମୁମ୍ବାଇ**

ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ଗତ ୭ ବର୍ଷ ଧରି ବଡ଼ ପରଦାରୁ ଦୂରରେ ଅଛନ୍ତି। ଚଳଚ୍ଚିତ୍ର ସହିତ ସେ ନିଜକୁ ଲାଇମଲାଇଟ୍‌ରୁ ମଧ୍ୟ ଦୂରରେ ରଖିଛନ୍ତି। ସେ ତାଙ୍କ ସ୍ୱାମୀ ବିରାଟ କୋହଲି ଏବଂ ସେମାନଙ୍କ ପିଲାମାନଙ୍କ ସହିତ ଲଣ୍ଡନରେ ସୁଖୀ ଜୀବନ ବିତାଉଛନ୍ତି। ଅନୁଷ୍କା ସୋସିଆଲ ମିଡିଆରେ ମଧ୍ୟ କମ୍ ସକ୍ରିୟ। ସେ ତାଙ୍କ ପିଲାମାନଙ୍କୁ ଗଣମାଧ୍ୟମଠାରୁ ଦୂରରେ ରଖନ୍ତି ଏବଂ ସେମାନଙ୍କ ଫଟୋ ଶେୟାର କରନ୍ତି ନାହିଁ। ଅବଶ୍ୟ ସେ ବେଳେ ବେଳେ ନିଜ ଭାବନା ଶେୟାର କରନ୍ତି। ନିକଟରେ ଅନୁଷ୍କା ତାଙ୍କ ଝିଅ ଭାମିକା କୋହଲିଙ୍କ ଜନ୍ମଦିନରେ ଏକ ଭାବବିହ୍ୱଳ ପୋଷ୍ଟ ଶେୟାର କରିଛନ୍ତି। ୧୧ ଜାନୁଆରୀରେ ଭାମିକା ୫ ବର୍ଷରେ ପଦାର୍ପଣ କରିଛନ୍ତି। ଝିଅର ଜନ୍ମଦିନରେ ଅନୁଷ୍କା ତାଙ୍କ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି, ମା’ ହେବା ଗୁରୁତ୍ୱପୂର୍ଣ୍ଣ ଉପାୟରେ ଜଣଙ୍କୁ ପରିବର୍ତ୍ତନ କରିଦିଏ। ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା ୨୦୧୭ ଡିସେମ୍ବର ୧୧ରେ ବିବାହ କରିଥିଲେ। ଏହି ଦମ୍ପତି ୨୦୨୧ ଜାନୁଆରୀ ୧୧ରେ ଝିଅ ଭାମିକାଙ୍କୁ ସ୍ୱାଗତ କରିଥିଲେ। ସେମାନଙ୍କର ଏକ ପୁଅ ମଧ୍ୟ ଅଛି, ଯାହାର ନାମ ଅକାୟ। ଅନୁଷ୍କା ୨୦୨୪ ଫେବୃଆରୀ ୧୫ରେ ଅକାୟଙ୍କୁ ଜନ୍ମ ଦେଇଥିଲେ।



ଅନୁଷ୍କା ଶର୍ମା

# କିଏ ହେବେ ଡିଜିପି

ଭୁବନେଶ୍ୱର, ୧୪।୧
(ସୁନିତ୍ ମିଶ୍ର)


ସୁଧାଂଶୁ ଷଡ଼ଙ୍ଗୀ


ସୁଶାନ୍ତ କୁମାର ନାଥ


ଆର୍.ପି. କୋଚେ

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ତଥା ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ୱାଇ. ବି. ଖୁରାନିଆଙ୍କ କାର୍ଯ୍ୟକାଳ ଆସନ୍ତା ମାର୍ଚ୍ଚ ୯ ତାରିଖରେ ଶେଷ ହେବାକୁ ଯାଉଛି। ହେଲେ ସେ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ପୋଲିସ ଡିଜି ଦାୟିତ୍ୱରେ ରହିବେ। କାରଣ ନିୟମ ରହିଛି, ଯିଏ ଓଡ଼ିଶାର ପୋଲିସ ଡିଜି ହେବେ ସେ ୨ ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ। ୨୦୨୪ ଅଗଷ୍ଟ ୧୬ରେ ଖୁରାନିଆ ଓଡ଼ିଶାର ପୋଲିସ ଡିଜି ଭାବେ ଦାୟିତ୍ୱ ପାଇଥିଲେ। ସେହି ଅନୁଯାୟୀ ଦେଖିଲେ ତାଙ୍କ କାର୍ଯ୍ୟକାଳ ଅଗଷ୍ଟ ୧୬ରେ ୨ ବର୍ଷ ପୂରଣ ହେବ। ଖୁରାନିଆଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆଉ ମାତ୍ର ୭ ମାସ ରହିଲା। ଏହି ସମୟ ଭିତରେ ସେ ଚାହିଁଲେ ଆଗୁଆ ଅବସର ନେଇପାରିବେ, ନ ହେଲେ ରାଜ୍ୟ ସରକାର ଯଦି ଚିନ୍ତା କରିବେ ଅନ୍ୟ କୌଣସି ପଦବୀକୁ ମଧ୍ୟ ତାଙ୍କୁ ପଠାଇପାରିବେ। ଯଦି ଏପରି ହୁଏ ତେବେ ଅଗଷ୍ଟ ପୂର୍ବରୁ ସରକାର ଆଉଜଣଙ୍କୁ ନୂଆ ଡିଜିପି ଭାବେ ବାଛିବେ। ଓଡ଼ିଶାରେ ଭାଜପା ସରକାର ଆସିବା ପରେ ଖୁରାନିଆ ଡିଜିପି ଭାବେ ଦାୟିତ୍ୱ ତୁଲାଉଛନ୍ତି। ରାଜ୍ୟରେ ସରକାରକୁ ଏହାରି ଭିତରେ ପାଖାପାଖି ୨ ବର୍ଷ ଶାସନ କରିବାର ଅଭିଜ୍ଞତା ମିଳିସାରିଲାଣି। ତେଣୁ ଖୁରାନିଆଙ୍କ ପରେ କିଏ ଡିଜିପି ହେବେ ତାକୁ ନେଇ ଏବେଠାରୁ ଅଧିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ଓଡ଼ିଶାର ନୂଆ ଡିଜି ଚୟନ ପାଇଁ କେତେକ ନିୟମ ରହିଛି। ରାଜ୍ୟରେ ଯେତେଜଣ ଆଇପିଏସ୍ ଅଫିସର୍ ଡିଜି ପାହ୍ୟାର ଅଛନ୍ତି, ସେମାନଙ୍କ ନାମକୁ ରାଜ୍ୟ ସରକାର ପ୍ରଥମେ ୟୁପିଏସ୍‌ସି(ୟୁନିୟନ ପବ୍ଲିକ ସର୍ଭିସ୍ କମିଶନ)କୁ ପଠାଇବେ। ଏହା ସହିତ ସରକାର ଯେଉଁମାନଙ୍କ ନାଁ ଡିଜିପି ପାଇଁ ପଠାଇବେ, ସେମାନଙ୍କ ୩୦ ବର୍ଷର ରେକର୍ଡ ମଧ୍ୟ ୟୁପିଏସ୍‌ସିକୁ ଦେବେ। ସମସ୍ତ ଡିଜି ପାହ୍ୟାର ଆଇପିଏସ୍ ଅଫିସରଙ୍କ ସବୁ ପ୍ରକାର ରେକର୍ଡକୁ ୟୁପିଏସ୍‌ସି ଯାଞ୍ଚ କରିବ। ଯେପରିକି ସେହି ଅଧିକାରୀଙ୍କ ବିରୋଧରେ କିଛି ଦୁର୍ନୀତି ଅଭିଯୋଗ ରହିଛି କି, ଭିଜିଲାନ୍ସ ମାମଲା ଅଛି ନା ନାହିଁ, କିଛି ମାମଲା ଯଦି ଚାଲୁଥିବ ତେବେ ତା'ର ସବୁ ଦିଗକୁ ଦେଖିକି ୟୁପିଏସ୍‌ସି ରାଜ୍ୟ ସରକାରଙ୍କୁ ଚୂଡ଼ାନ୍ତ ୩ ଜଣଙ୍କ ନାମ ପଠାଇବ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ସରକାର ଡିଜି ପୋଲିସ ଭାବେ ନିଯୁକ୍ତି ଦେଇପାରିବେ। ଯେଉଁମାନଙ୍କ ନାମ ଡିଜିପି ପଦ ପାଇଁ ସରକାର ୟୁପିଏସ୍‌ସିକୁ ପଠାଇବେ, ସେମାନଙ୍କ କାର୍ଯ୍ୟକାଳ ସର୍ବନିମ୍ନ ୬ ମାସ ରହିଥିବା ଦରକାର। ଅର୍ଥାତ୍ ସେହି ଆଇପିଏସ୍ ଅଧିକାରୀଙ୍କ ବୟସ ୫୯ ବର୍ଷ ୬ ମାସ ଭିତରେ ଥିବା ଦରକାର। ହେଲେ ପରବର୍ତ୍ତୀ ସମୟରେ ସେହି ବୟସର ଯଦି କେହି ରାଜ୍ୟର ଡିଜିପି ହୁଅନ୍ତି, ତେବେ ସରକାର ତାଙ୍କ କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି କରିପାରିବେ। ମୁଖ୍ୟତଃ ବରିଷ୍ଠତାକୁ ଏହି ପଦ ଲାଗି ସବୁବେଳେ ପ୍ରାଧାନ୍ୟ ଦିଆଯାଇଥାଏ।

ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟ ସରକାର ବରିଷ୍ଠତା ଦୃଷ୍ଟିରୁ ଯେଉଁ ଆଇପିଏସ୍ ଅଧିକାରୀଙ୍କ ରେକର୍ଡ ଭଲ, ସେମାନଙ୍କ ନାଁ ୟୁପିଏସ୍‌ସିକୁ ପଠାଇ ଦେଉଥିଲେ। ୟୁପିଏସ୍‌ସିରୁ କ୍ଲିୟରାନ୍ସ ମିଳିବା ପରେ ତାଙ୍କୁ ରାଜ୍ୟର ଡିଜିପି ଭାବେ ନିଯୁକ୍ତ କରାଯାଉଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି ପଦ୍ଧତିକୁ ବିରୋଧକରି ଅନେକଜଣ କୋର୍ଟ ଗଲେ। ଫଳରେ ଦୁଇ ଜଣ ଆଇପିଏସ୍ ଅଧିକାରୀଙ୍କ ମାମଲା ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ଏକ ନିର୍ଦ୍ଦେଶ ଦେଲେ। ସବୁ ରାଜ୍ୟର ଡିଜିପି ଚୟନ ଲାଗି ଏକ ଆଇନ ଆଣିବେ। ଯେପର୍ଯ୍ୟନ୍ତ ଆଇନ ନ ଆଣିଛନ୍ତି ରାଜ୍ୟର ସମସ୍ତ ଡିଜି ପାହ୍ୟାର ଅଧିକାରୀଙ୍କ ନାଁ ୟୁପିଏସ୍‌ସିକୁ ପଠାଇବେ। ୟୁପିଏସ୍‌ସି ସେମାନଙ୍କ ରେକର୍ଡ ଯାଞ୍ଚ କରି ୩ ଜଣଙ୍କ ନାଁ ରାଜ୍ୟ ସରକାରଙ୍କୁ ଦେବା ପରେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ରାଜ୍ୟର ଡିଜିପି ଭାବେ ନିଯୁକ୍ତି ମିଳିପାରିବ। ଯିଏ ଡିଜିପି ହେବେ ସେ ୨ ବର୍ଷ ଏହି ଦାୟିତ୍ୱରେ ରହିବେ। ଏହି ନିୟମକୁ ଏବେ ରାଜ୍ୟର ସରକାର ଅନୁପାଳନ କରୁଛନ୍ତି।

ରାଜ୍ୟରେ ଖୁରାନିଆଙ୍କ ପରେ ୧୯୯୦ ବ୍ୟାଚ୍ ଆଇପିଏସ୍ ଅଫିସର ସୁଧାଂଶୁ ଷଡ଼ଙ୍ଗୀ ସବୁଠାରୁ ବରିଷ୍ଠ। ସେ ବର୍ତ୍ତମାନ ଅଗ୍ନିଶମ ବିଭାଗ ଡିଜି ଅଛନ୍ତି। ତାଙ୍କ କାର୍ଯ୍ୟକାଳ ସରିବାକୁ ଆହୁରି ଦେଢ଼ବର୍ଷରୁ ଅଧିକ ସମୟ ରହିଛି। ତାଙ୍କ ପରେ ୧୯୯୨ ବ୍ୟାଚ୍ ଆଇପିଏସ୍ ଅଫିସର ସ୍ୱପ୍ନା ତିୱାରୀ ରହିଛନ୍ତି। ସେ ଏବେ କେନ୍ଦ୍ରୀୟ ଡେପୁଟେଶନରେ ଥିବାବେଳେ କେନ୍ଦ୍ର ସରକାରଙ୍କ ଇଣ୍ଟେଲିଜେନ୍ସ ବ୍ୟୁରୋର ମୁଖ୍ୟାଳୟରେ ସ୍ୱତନ୍ତ୍ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କ ନାମକୁ ଆଉ ପରବର୍ତ୍ତୀ ଡିଜିପି ଭାବେ ରାଜ୍ୟ ସରକାର ପଠାଇପାରିବେ ନାହିଁ। କାରଣ ଆସନ୍ତା ଏପ୍ରିଲରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଯିବ। ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ସୁଶାନ୍ତ କୁମାର ନାଥ ବର୍ତ୍ତମାନ ଜେଲ୍ ବିଭାଗ ଡିଜି ଅଛନ୍ତି। ତାଙ୍କ କାର୍ଯ୍ୟକାଳ ସରିବାକୁ ଆହୁରି ଅଢ଼େଇ ବର୍ଷ ସମୟ ରହିଛି। ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର ସିଆଇଡି, ସିବିଆଇର ସ୍ୱତନ୍ତ୍ର ଡିଜିପି ଦାୟିତ୍ୱରେ ଅଛନ୍ତି। ତାଙ୍କ କାର୍ଯ୍ୟକାଳ ଆସନ୍ତା ନଭେମ୍ବର ବେଳକୁ ଶେଷ ହୋଇଯିବ। ଯଦି ଖୁରାନିଆଙ୍କ କାର୍ଯ୍ୟକାଳ ଅଗଷ୍ଟ ଯାଏ ରହିବ ଏବଂ ସେହି ସମୟ ପାଖାପାଖି ଡିଜିପି ତାଲିକା ୟୁପିଏସ୍‌ସିକୁ ସରକାର ପଠାନ୍ତି ତେବେ ବିନୟତୋଷଙ୍କ ପାଳି ମଧ୍ୟ ନ ପଡ଼ିପାରେ। ସେହିପରି ବର୍ତ୍ତମାନ ଗୋଇନ୍ଦା ନିର୍ଦ୍ଦେଶକ ଥିବା ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ଆର୍.ପି. କୋଚେ ମଧ୍ୟ ଏହି ତାଲିକାରେ ରହିପାରନ୍ତି। ତାଙ୍କ କାର୍ଯ୍ୟକାଳ ମଧ୍ୟ ସରିବାକୁ ପ୍ରାୟ ବର୍ଷେ ୬ ମାସ ଅଛି। ମିଳିଥିବା ସୂଚନା ମୁତାବକ, ତାଲିକା ପଠାଇବାବେଳକୁ ଏମାନଙ୍କ ମଧ୍ୟରୁ ଯେଉଁମାନଙ୍କ କାର୍ଯ୍ୟକାଳ ୬ ମାସ ବା ତା'ଠାରୁ ଅଧିକ ଥିବ, ସେମାନଙ୍କୁ ଡିଜିପି ପଦ ଲାଗି ସୁଯୋଗ ମିଳିବ କିମ୍ବା ତାଲିକା ଯିବାବେଳକୁ ଯଦି ରାଜ୍ୟ କ୍ୟାଡର୍ ଆଇପିଏସ୍‌ମାନଙ୍କ ମଧ୍ୟରୁ ଅନ୍ୟ କେହି ଡିଜିପି ପାହ୍ୟାକୁ ପଦୋନ୍ନତି ପାଇଥିବେ, ସେମାନଙ୍କ ନାମ ମଧ୍ୟ ତାଲିକାରେ ଯୋଡ଼ିହେବ ବୋଲି ଜଣେ ବରିଷ୍ଠ ଗୃହ ବିଭାଗ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

# 'ଓଡ଼ିଆ ଭାଷା ଦୁର୍ବଳ ନୁହେଁ, ଏହା ପ୍ରାଚୀନ ଭାଷା'

## ଅଖିଳଚକ୍ର ପକ୍ଷରୁ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ



ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଅଖିଳଚକ୍ର ପକ୍ଷରୁ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ମକର ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଯାଜପୁର, ୧୪।୧
(ହର୍ଷବର୍ଦ୍ଧନ ବେହେରା)

ସମ୍ପ୍ରତି ଓଡ଼ିଆ ଭାଷାକୁ ହିନ୍ଦୀ ସବୁଠାରୁ ଅଧିକ କ୍ଷତି ପହଞ୍ଚାଉଛି। ଓଡ଼ିଆ ଯୁବପିଢ଼ି କଥାବାର୍ତ୍ତା ସମୟରେ ଫିରଭି, ଔକାତ, ଅସ୍ମିତା ଆଦି ହିନ୍ଦୀ ଶବ୍ଦ ବ୍ୟବହାର କରୁଛନ୍ତି। ଏଭଳି ଅନେକ ହିନ୍ଦୀ ଶବ୍ଦ କ୍ରମଶଃ ଓଡ଼ିଆ ଭାଷାରେ ପ୍ରବେଶ କରିଗଲାଣି। ଓଡ଼ିଆ ଦୁର୍ବଳ ଭାଷା ନୁହେଁ, ଏହା ଏକ ଅତି ପ୍ରାଚୀନ ଭାଷା। ମାୟାଧର ମାନସିଂ, କାଳିନ୍ଦୀ ଚରଣ ପାଣିଗ୍ରାହୀ ପ୍ରମୁଖ ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଥିଲେ। ଆମେ ସେମାନଙ୍କ ବିଭିନ୍ନ ସାହିତ୍ୟ କୃତିକୁ ମନେ ପକାଉଛୁ ଏବଂ ସେଗୁଡ଼ିକ ଆମମାନଙ୍କ ପାଇଁ ଇତିହାସ ହୋଇ ରହିଛି। ତେଣୁ ଏମିତି ଓଡ଼ିଆ ସାହିତ୍ୟ ସୃଷ୍ଟି ହେଉ, ଯାହାକି ଆମ ପରବର୍ତ୍ତୀ ପିଢ଼ି ପାଇଁ ଇତିହାସ ହୋଇ ରହିପାରିବ ବୋଲି ଅଖିଳଚକ୍ର ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ଧରିତ୍ରୀ ଓ ଓଡ଼ିଶାପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଉଦ୍‌ଘାଟକ ଭାବେ ଯୋଗଦେଇ କହିଛନ୍ତି।

ଯାଜପୁର ଜିଲାର ପ୍ରସିଦ୍ଧ ଶୈବପୀଠ ବରୁଣେଶ୍ୱର କ୍ଷେତ୍ରରେ ସମାରୋହର ସଭାପତି ପ୍ରସନ୍ନ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସତପଥୀ ଆହୁରି କହିଥିଲେ ଯେ, ଗୌତମ ବୁଦ୍ଧ ପ୍ରାୟ ୫୧ଟି ଭାଷା ଜାଣିଥିଲେ, ସେଥିମଧ୍ୟରୁ ସେ ଉଡ୍ର ଭାଷା ଭଲ ଭାବରେ କହି ପାରୁଥିଲେ। ଓଡ଼ିଆ ଭାଷାର ମୂଳ ହେଉଛି ଉଡ୍ର। କିନ୍ତୁ ସେହି ଓଡ଼ିଆ ଭାଷା ପ୍ରତି ଯୁବପିଢ଼ିଙ୍କ ମଧ୍ୟରେ ସେତେଟା ସଚେତନତା ସୃଷ୍ଟି ହୋଇପାରୁନାହିଁ। ଓଡ଼ିଆ ଭାଷାରେ ଯେତେ ଶବ୍ଦ ରହିଛି, ତାହା ହୁଏତ ହିନ୍ଦୀ ଭାଷାରେ ନାହିଁ ବୋଲି ତଥାଗତ କହିଥିଲେ। କାର୍ଯ୍ୟକ୍ରମରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟଅତିଥିଭାବେ ଯୋଗଦେଇ, ଭାଷା ସାହିତ୍ୟ ମାଧ୍ୟମରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ଭାଷାଭିତ୍ତିକ ପ୍ରଦେଶ ସୃଷ୍ଟି କରାଯାଇ ପାରିଥିଲା। କିନ୍ତୁ ସେହି ଭାଷାକୁ ଆଜି ଅଣଦେଖା କରାଯାଉଛି ବୋଲି କହିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗାଳ୍ପିକ, ପ୍ରାବନ୍ଧିକ କିମ୍ବା ଔପନ୍ୟାସିକମାନଙ୍କୁ ବହୁତ ସାଧନ କରିବାକୁ ପଡ଼ିଥାଏ। ବରୁଣେଶ୍ୱର କଲେଜ ପରିସର ଏକ ସୃଜନ ସଂସ୍କାର ଭଳି ମନେ ହୁଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ଅଖିଳ ଚକ୍ରର ରାଜ୍ୟ ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇ କହିଲେ ଯେ, ଅଖିଳଚକ୍ର ସାରସ୍ୱତ କ୍ଷେତ୍ରରେ ୫୬ ବର୍ଷ ଧରି କାର୍ଯ୍ୟ କରିଆସୁଛି। ବରପୁତ୍ର ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତି ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରତିଷ୍ଠା, ବରପୁତ୍ରମାନଙ୍କ ଜନ୍ମସ୍ଥାନକୁ ସାରସ୍ୱତ ତୀର୍ଥର ମାନ୍ୟତା, ପାଠାଗାର ଆନ୍ଦୋଳନ, ଶୈବପୀଠର ବିକାଶ, ବନ୍ଧୁ ମହାନ୍ତିଙ୍କ ନାମରେ ପ୍ରଥମ ସମ୍ମାନ ପ୍ରବର୍ତ୍ତନ, ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ସ୍ମୃତିର ସୁରକ୍ଷା, ସନ୍ଥ ସାହିତ୍ୟର ପୁନରୁଦ୍ଧାର ପାଇଁ କାର୍ଯ୍ୟ କରିଆସୁଛି ବୋଲି କହିଥିଲେ। ସହସମ୍ପାଦକ ରବୀନ୍ଦ୍ର କୁମାର ପରିଡା ଅତିଥି ପରିଚୟ ଦେଇଥିବାବେଳେ ଅନ୍ୟତମ ସହ ସମ୍ପାଦକ ଗୌରାଙ୍ଗ ସ୍ୱାଇଁ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଧରିତ୍ରୀର ସମ୍ପାଦକ ତଥାଗତ ସତପଥୀଙ୍କୁ ଚଳିତ ବର୍ଷର 'ରାଜ୍ୟସ୍ତରୀୟ ମକର ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାବାଦ୍ ଗବେଷକ ନାରାୟଣ ପଣ୍ଡା, ଡାକ୍ତର ସୁଧାଂଶୁ ଶେଖର ସୂତାରଙ୍କ ସମେତ ୧୮ଜଣଙ୍କୁ ବିଭିନ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଅଧିବେଶନରେ କବି ଶ୍ରୀହରି ଧଳଙ୍କ ସଭାପତିତ୍ୱରେ ବ୍ୟାସକବି ଫକୀରମୋହନ ଜୟନ୍ତୀ ଓ କବିତା ପାଠ ଅନୁଷ୍ଠିତ ହୋଇଥିଲା। କଲେଜର ଅଧ୍ୟକ୍ଷା ବିଦ୍ୟୁରେଖା ନାୟକ ମଞ୍ଚ ଉଦ୍‌ଘାଟନ କରିଥିବାବେଳେ ପଣ୍ଡିତ ମହେଶ୍ୱର ନନ୍ଦ ବ୍ୟାସକବିଙ୍କ ସାରସ୍ୱତ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଜିତେନ୍ଦ୍ର କୁମାର ବେହେରା, ଅଭୟ ଖୁଣ୍ଟିଆ, ସରସ୍ୱତୀ ପଣ୍ଡା, ମନୋରଞ୍ଜନ ଧଳ କବିତାଗୁଡ଼ିକର ସଂଯୋଜନା କରିଥିଲେ।

# ବୈତରଣୀ ଶୈବ୍ୟା କାବେରୀ ଘାଟରେ ବୁଡ଼ ପକାଇଲେ ମୁଖ୍ୟମନ୍ତ୍ରୀ

## ରଘୁନାଥ ଜୀଉଙ୍କ ନିକଟରେ ଓଡ଼ିଶାବାସୀଙ୍କ ମଙ୍ଗଳ କାମନା କଲେ

ପାଟଣା, ୧୪।୧
(ବୀର କିଶୋର ଦାଶ)


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଧର୍ମପତ୍ନୀଙ୍କ ସହ ବୁଡ଼ ପକାଉଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗର ରଘୁନାଥ ଜୀଉ ମଠ ସଂଲଗ୍ନ ପବିତ୍ର ବୈତରଣୀ ନଦୀ ଶୈବ୍ୟା କାବେରୀ ଘାଟରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ପତ୍ନୀ ଡ. ପ୍ରିୟଙ୍କା ମାରାଣ୍ଡି ବୁଡ଼ ପକାଇଛନ୍ତି। ମକର ସଂକ୍ରାନ୍ତି ଅବସରରେ ୭ ଥର ବୁଡ ପକାଇ ରଘୁନାଥ ଜୀଉଙ୍କ ଦର୍ଶନ କରି ଓଡ଼ିଶାବାସୀଙ୍କ ମଙ୍ଗଳ କାମନା କରିଥିଲେ। ଏ ନେଇ ଘାଟରେ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ପ୍ରଥମେ ରାଜନଗରରେ ପହଞ୍ଚି ବୈତରଣୀ ନଦୀରେ ଆଳତି କରିଥିଲେ। ପରେ ବୈତରଣୀ ଶୈବ୍ୟା କାବେରୀ ଘାଟରେ ମକର ବୁଡ଼ ପକାଇ ରଘୁନାଥ ଜୀଉ ମନ୍ଦିରରେ ସ୍ୱତନ୍ତ୍ର ପୂଜା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟାରେ କହିଥିଲେ, ସୂର୍ଯ୍ୟ ଆଜିଠାରୁ ଉତ୍ତରାୟଣ ହୋଇଛନ୍ତି। ଏହି ପୁଣ୍ୟ ଅବସରରେ ପୁଣ୍ୟତୋୟା ବୈତରଣୀରେ ମକର ବୁଡ଼ ପକାଇ ରଘୁନାଥ ଜୀଉଙ୍କ ଦର୍ଶନ କରିଛନ୍ତି। ପ୍ରଭୁଙ୍କ ନିକଟରେ ଓଡ଼ିଶାବାସୀଙ୍କ ସର୍ବ ମଙ୍ଗଳ, ଓଡ଼ିଶାକୁ ସମୃଦ୍ଧ, ବିକଶିତ କରିବା ସହ ଜିଲାର ବିକାଶ ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ତେଲକୋଇ ବିଧାୟକ ଫକୀର ଚରଣ ନାଏକ, ବାଲ୍ୟ ବନ୍ଧୁ ଶ୍ରୀକାନ୍ତ ନାଏକ, ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷକ ଗୋପାଳ କୃଷ୍ଣ ବାରିକ, ପୂର୍ବତନ ଭାଜପା ଜିଲା ସଭାପତି ରାଧାକାନ୍ତ ମହାନ୍ତ ବୁଡ଼ ପକାଇଥିଲେ। ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲା ଭାଜପା ସଭାପତି ଶୁକଦେବ ମହାନ୍ତ, ବିଧାୟକଙ୍କ ପାଟଣା ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ପୂର୍ବତନ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ୧୦ ପ୍ଲାଟୁନ୍ ପୋଲିସ ଫୋର୍ସ, ଅଗ୍ନିଶମ କର୍ମଚାରୀ ମୁତୟନ ହୋଇଥିବା ବେଳେ ଡିଆଇଜି ବ୍ରିଜେଶ ରାୟ, ଜିଲାପାଳ ବିଶାଲ ସିଂହ, ଏସ୍‌ପି ନୀତିନ କୁଶଲ କର ଦାଗୁଡ୍ଡୁ, ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ, କେନ୍ଦୁଝର ଉପଜିଲାପାଳ ଉମାଶଙ୍କର ଦଳେଇ, ଆଡିଶନାଲ ଏସ୍‌ପି ସ୍ନେହାଶିଷ ସାହୁ, ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବୈତରଣୀ ନଦୀଘାଟରେ ବିଭିନ୍ନ ଦାୟିତ୍ୱରେ ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ବିଡିଓ ମାନସ ଦଣ୍ଡପାଟ, ଅତିରିକ୍ତ ତହସିଲଦାର ଶରଣ ଜେନା ରହିଥିଲେ। ଏହି ଅବସରରେ ରାଜନଗର ଗ୍ରାମବାସୀଙ୍କ ତରଫରୁ ଦଧିବାମନଜୀଉଙ୍କ ରଥଯାତ୍ରାର ଉନ୍ନତୀକରଣ, ଶୈବ୍ୟା କାବେରୀ ଘାଟର ଉଭୟ ପାର୍ଶ୍ୱର ଉନ୍ନତୀକରଣ ଆଦି ୬ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଭଦ୍ରକରେ ବିକ୍ରି ଶିଶୁ କଟକରୁ ଉଦ୍ଧାର

ଭଣ୍ଡାରିପୋଖରୀ, ୧୪।୧
(ରାଜେନ୍ଦ୍ର ଶତପଥି)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବୟାବନାପୁର(ବନାପୁର ଦାସସାହି) ଗ୍ରାମରେ ବିକ୍ରି ହୋଇଥିବା ଶିଶୁକନ୍ୟାଙ୍କୁ ପୋଲିସ କଟକ ରାଜାବଗିଚା ଅଞ୍ଚଳରୁ ଉଦ୍ଧାର କରି ଜିଲା ଶିଶୁ ସୁରକ୍ଷା କମିଟିକୁ ମଙ୍ଗଳବାର ରାତିରେ ହସ୍ତାନ୍ତର କରିଛି। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ(ନ୍ୟୁ ବର୍ନ ଚାଇଲ୍ଡ ୱାର୍ଡ)ରେ ଉଦ୍ଧାର ଶିଶୁକନ୍ୟାର ଚିକିତ୍ସା ଜାରି ରହିଛି। ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ଓ ଗୁରୁବାର ଜିଲା ଶିଶୁ ସୁରକ୍ଷା କମିଟି ସମ୍ମୁଖରେ ହାଜର କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଜିଲା ଶିଶୁ ସୁରକ୍ଷା କମିଟି ପ୍ରୋବେସନ (ଆଇନ) ଅଧିକାରୀ ସୁବ୍ରତ ଦାସ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମାମଲାର ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଜାମିନ ପ୍ରଦାନ କରାଯାଇଛି।

ରାଜାବଗିଚାରେ ରହୁଥିବା ଶିଶୁକନ୍ୟାଙ୍କ ମା' ରୀନା ଦାସଙ୍କ ଖୁଡ଼ୀଙ୍କଠାରୁ ଶିଶୁ ଉଦ୍ଧାର କରାଯାଇଥିଲା। ସେ କ୍ରୟ କରିଥିବା ଅସ୍ୱୀକାର କରିଥିଲେ। ରୀନା ପୂର୍ବରୁ ବିବାହିତ ଥିଲେ। ପୂର୍ବ ସ୍ୱାମୀଙ୍କ ଔରସରୁ ତାଙ୍କର ୨ଟି କନ୍ୟା ସନ୍ତାନ ଅଛି। ଅର୍ଥ ଲାଳସା ଓ କନ୍ୟା ସନ୍ତାନ ବିମୁଖ ହୋଇ ଶିଶୁକୁ ବିକ୍ରି କରାଯାଇଥିବା ଅନୁମାନ କରାଯାଉଛି। ଶିଶୁକନ୍ୟାଙ୍କ ଜେଜେମା' ସାବିତ୍ରୀଙ୍କ ଅଭିଯୋଗ ଅନୁଯାୟୀ ପୁଅ ସିପୁ ଓ ବୋହୂ ରୀନା ଶିଶୁକନ୍ୟାଙ୍କୁ ଚିକିତ୍ସା ପାଇଁ ନେଇ ବିକ୍ରି କରିଦେଇଥିବା ଅଭିଯୋଗ କରିଥିଲେ। ପୁଅବୋହୂ ଓ ସମୁଦୁଣୀ ମିଳିତ ଭାବେ ଷଡ଼ଯନ୍ତ୍ର କରି ନାତୁଣୀକୁ ବିକ୍ରି ଅଥବା ମାରିଦେଇଛନ୍ତି ବୋଲି ଅଭିଯୋଗକାରୀ ସନ୍ଦେହ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ. ୧୭/୨୬) ରୁଜୁ କରିଥିଲା। ପୋଲିସ ତତ୍ପରତା ପ୍ରକାଶ କରି ଶିଶୁକୁ ଉଦ୍ଧାର କରି ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଥିଲା।

# ନିଜସ୍ୱ ଷ୍ଟାର୍ଟଅପ୍ ଆରମ୍ଭ କରିବ ଇଗ୍ନୁ ଭୁବନେଶ୍ୱର, ରାଇରଙ୍ଗପୁର

ଭୁବନେଶ୍ୱର, ୧୪।୧
(ସୁଚିସ୍ମିତା ସାହୁ)

ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓପନ ୟୁନିଭର୍ସିଟି (ଇଗ୍ନୁ)ର ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ଏବଂ ରାଇରଙ୍ଗପୁରର ବିଦ୍ୟାର୍ଥୀମାନେ ନିଜସ୍ୱ ଷ୍ଟାର୍ଟଅପ୍ ଆରମ୍ଭ କରିବେ। ସେମାନଙ୍କୁ ଷ୍ଟାର୍ଟଅପ୍ ଚଳାଇବା ପାଇଁ ଦକ୍ଷତା ବିକାଶ ଲାଗି ୱିନିୟର୍ସ ସହ ଇଗ୍ନୁ ଯୋଡ଼ି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟ ଅପ୍ ଇଣ୍ଡିଆ, ନବଉଦ୍ଭାବନ ଏବଂ ଉଦ୍ୟୋଗିତା ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ଏହାକୁ ଆରମ୍ଭ କରାଯିବ। ଏନେଇ ଆସନ୍ତା ଶୁକ୍ରବାର ଇଗ୍ନୁ ବିଦ୍ୟାର୍ଥୀମାନଙ୍କ ପାଇଁ ଏକ ଅନଲାଇନ ପରିଚୟ ଅଧିବେଶନ ଗୁଗଲ ମିଟ୍ ମାଧ୍ୟମରେ ଆୟୋଜନ କରାଯାଉଛି। ବିଦ୍ୟାର୍ଥୀମାନେ https://surli.cc/dwvnoa ମାଧ୍ୟମରେ ଯୋଡି ହୋଇପାରିବେ। ବିଭିନ୍ନ ସମ୍ବନ୍ଧିତ ଅଧିବେଶନ ଅନୁଷ୍ଠିତ ହେବାକୁ ଥିବାରୁ ସମସ୍ତ ଆଗ୍ରହୀ ବିଦ୍ୟାର୍ଥୀ ଏବଂ ନାଗରିକଙ୍କୁ ଏଥିରେ ଯୋଗ ଦେବାକୁ ଇଗ୍ନୁ ପକ୍ଷରୁ ଅନୁରୋଧ କରାଯାଇଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବାଣୀଚିତ୍ର ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ 'ଅଭୁଲା ସ୍ମୃତିରୁ ଖିଅ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ
- ସାମାଜିକ କର୍ମୀ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ୨୬ତମ ଶ୍ରାଦ୍ଧ ବାର୍ଷିକ, ସ୍ଥାନ: ବାରଙ୍ଗ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: ରେଭେନ୍ସା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ନାଟସୂତ୍ର ପକ୍ଷରୁ ଶାସ୍ତ୍ରୀୟ ସନ୍ଧ୍ୟାର ଦ୍ୱିତୀୟ ଦିବସ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ମକର ମହୋତ୍ସବ, ସ୍ଥାନ: ଉଷ୍ଣପ୍ରସ୍ରବଣ ପରିସର, ଅତ୍ରି, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ଭୋଗୁପୁର ମହାଦେବ ମନ୍ଦିର ପ୍ରାଙ୍ଗଣ, ଖଇରା, ସମୟ: ୮ଟା ୩୦ ।
- ବାଲେଶ୍ୱର ସାରସ୍ୱତ ସଙ୍ଘର ୬୧ ତମ ବାର୍ଷିକ ଉତ୍ସବ, ସ୍ଥାନ:ନିଗମାନନ୍ଦ ଆସନ ମନ୍ଦିର,ରାଜାବଗିଚା, ବାଲେଶ୍ୱର, ସମୟ:ସକାଳ ୯ ଟା।
- ୭୫ ତମ ଗଙ୍ଗାମାତା ପୂଜା ଉତ୍ସବ , ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦।
- ୩୫ ତମ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାହାବଳପୁର ଫିସାରୀ ପଡିଆ, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ ଟା।

## ଭଦ୍ରକ
- ପିଏମଶ୍ରୀ ଉତ୍ସବ, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଗାୟକ ସମ୍ରାଟ କାଳୁଚରଣ ଦାଶଙ୍କ ପାଲା ପରିବେଷଣ, ସ୍ଥାନ: ଗୋପାଳପୁର ମୁନି ପଡ଼ିଆ, ବାସୁଦେବପୁର, ସମୟ: ଅପରାହ୍ନ ୫ ଟା।
- ମକର ସଂକ୍ରାନ୍ତି ମହୋତ୍ସବ ବନ୍ଧୁମିଳନ ଉଦ୍‌ଯାପିତ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୭ ଟା।

## କେନ୍ଦୁଝର
- ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି. ତରଫରୁ ସେନା ଦିବସ ପାଳନ, ସ୍ଥାନ: କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ଭୀମକୁଣ୍ଡ ମକର ମେଳା ଦ୍ୱିତୀୟ ଦିବସ, ସ୍ଥାନ: ପାଟଣା ବ୍ଲକ୍ ଭୀମକୁଣ୍ଡ, ସମୟ: ଅପରାହ୍ନ ୨ ଟା।

## ମୟୂରଭଞ୍ଜ
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ମକର ମେଳା,ସ୍ଥାନ:ସିଂହଟିଆ ଶିବ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି ବ୍ଲକ,ସମୟ: ପୂର୍ବାହ୍ନ ୧୦ଟା।
- ଐଶାଣ୍ୟକୋଣ ଯୁବକ ସଂଘର ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସ,ସ୍ଥାନ:ଚିତ୍ରଡ଼ା ତଳସାହି, ମୋରଡ଼ା,ସମୟ:ପୂର୍ବାହ୍ନ ୧୧ଟା।
- ମକର ଉତ୍ସବ ଉପଲକ୍ଷେ ଖେଳକୁଦ ପ୍ରତିଯୋଗିତା,ସ୍ଥାନ:ହଳଦୀପାଳ ପାରିଆଉଡ଼ା, ମୋରଡ଼ା,ସମୟ:ଅପରାହ୍ନ ୩ଟା।

## ବ୍ରହ୍ମପୁର
- ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ସାଧାରଣ ଅଧିବେଶନ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଖଲ୍ଲିକୋଟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୪୩ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର: ସମୟ: ସକାଳ ୭ ଟା।

## କନ୍ଧମାଳ
- ବିଦ୍ୟାଳୟରେ ବାର୍ଷିକ ଉତ୍ସବ, ସ୍ଥାନ: ଉଲିପଦର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପଦ୍ୟ ଆବୃତ୍ତି ପ୍ରତିଯୋଗିତା, ସ୍ଥାନ: ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲିଗୁଡ଼ା, ସମୟ: ଅପରାହ୍ନ ୧ ଟା।

## ଗଜପତି
- ମଶାଲ ଶୋଭାଯାତ୍ରା, ସ୍ଥାନ: ମୋହନା ହିଲଟପ କଲେଜ ଠାରୁ ମିନି ଷ୍ଟାଡିୟମ, ସମୟ: ସକାଳ ୮ ଟା।
- ମୋହନା ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ ଟା।

## ଜଗତ୍‌ସିଂହପୁର
- ମର୍ନିଂ କ୍ଲବ ପକ୍ଷରୁ ମ୍ୟୁଜିକାଲ ନାଇଟ୍ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ସଦନ ପଡିଆ, ବଡପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ କ୍ରିକେଟ ଟର୍ନାମେଣ୍ଟ, ସ୍ଥାନ:ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡା, ସମୟ:ସକାଳ ୯ଟା ।
- ପଟ୍ଟାମୁଣ୍ଡାଇ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ପଟ୍ଟାମୁଣ୍ଡାଇ ପ୍ରିମିଅର ଲିଗ୍, ସ୍ଥାନ:ଏମ୍‌ଏନ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା ।
- ମକର ମହୋତ୍ସବ, ସ୍ଥାନ: ବିଲେଇଶୁଣୀ ମକର ପଡିଆ, ପଳସୁଧା, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।
- ପଲ୍ଲୀଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ:କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା ସହର, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର
- ବୈରାଗୀ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳିଙ୍ଗ କ୍ଲବ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ଶ୍ରୀରଘୁନାଥଙ୍କର ବିବିଧ ଅର୍ଚ୍ଚନ, ପୂଜନ, ହବନ, ସ୍ମରଣ, ବନ୍ଦନ କାର୍ଯ୍ୟକ୍ରମ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ପ୍ରାତ! ୫ଟାରୁ ସନ୍ଧ୍ୟା ୭ଟା ।
- ରାମ ଚରିତ ମାନସ ପାରାୟଣର ୬ଷ୍ଠ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ:ସକାଳ ୭ଟା ।
- ରାମ ଚରିତ ମାନସ ପାରାୟଣର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବାଣପୁର ପଞ୍ଚାୟତ ଚୈତନ୍ୟପୁର, ସମୟ:ସକାଳ ୭ଟା ।
- ମକର ମେଳାର ୨ୟ ଦିବସ, ସ୍ଥାନ: ଗୋଡିପଡା ନିକଟସ୍ଥ ହରିଡାବନ୍ଧ ହଟକେଶ୍ୱର ମନ୍ଦିର, ସମୟ: ସକାଳ ୮ଟା ।
- ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ,ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୧ଟା ।
- ମକର ମେଳାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବାଉରୀ ଠାକୁରାଣୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା ।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚର ୫ମ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କୁମ୍ଭାରପଡା କୁଆଁରିଆ ପଡିଆ , ସମୟ: ମଧ୍ୟାହ୍ନ ୧୨ଟା ।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟର ୫ମ ଦିବସର ମ୍ୟାଚରେ ପଦାମାଳ ବନାମ କିଶୋର ପ୍ରସାଦ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା ।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ନବମ ଦିବସରେ ମ୍ୟାଚ ଭଞ୍ଜନଗର ବନାମ କେରଳ ଫୁଟ୍‌ବଲ ଏକାଡେମୀ, ସ୍ଥାନ:ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ:ଅପରାହ୍ନ ୩ଟା ।
- ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ:ନୂଆଗାଁ ବ୍ଲକ ସଦ୍‌ଭାବନା ଗୃହ, ସମୟ: ଅପରାହ୍ନ ୩ଟା ।
- ମକର ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ମୁରାରୀପୁର, ସମୟ: ଅପରାହ୍ନ ୪ଟା ।
- ସୁଭଦ୍ରା ଶକ୍ତି ମେଳାର ୪ର୍ଥ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତ୍ର ୯ଟା ୩୦ ।
- ମକର ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ତେନ୍ତୁଳିଆପଲ୍ଲୀ, ସମୟ: ସନ୍ଧ୍ୟା ୬ଟା ।

## ନବରଙ୍ଗପୁର
- ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଶୁଭାରମ୍ଭ, ସ୍ଥାନ: ପରବ ପଡ଼ିଆ, କୁନ୍ଦ୍ରା, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର ବୈଠକ ଗୃହ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ଦିଶା ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ୧୫୦ ତମ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ, ସ୍ଥାନ: କୋରୁକୋଣ୍ଡା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।

## ସମ୍ବଲପୁର
- . ପ୍ରସିଦ୍ଧ ଠେମରା ମେଳା–୨୦୨୬ରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଠେମରା ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।
- ଭାଜପା ନେତା ଡ. ପ୍ରମୋଦ ରଥଙ୍କ ବିଚାର ଆଲୋଚନା ବୈଠକ, ସ୍ଥାନ: ଲକ୍ଷ୍ମୀ ଟକିଜ ଛକ ନିକଟ ମାଳିନୀ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ : ବିଦ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୩ଟା।
- ରାଜ୍ୟ ସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀତା ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଲୋକ ସଙ୍ଗୀତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୫ଟା।
- ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୫ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ –୨୦୨୬ ସକାଶେ କଳାକାର ଓ ଆୟୋଜନ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ରାଜ୍ୟସ୍ତରୀୟ ଲନ୍‌ବଲ ପ୍ରତିଯୋଗିତା ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ରାଉରକେଲା
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ରାଉରକେଲା କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଇସ୍ପାତ ରଙ୍ଗ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ସୁନ୍ଦରଗଡ଼ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ଭବନ, ସମୟ: ଅପରାହ୍ନ ୪ଟା।

## ବରଗଡ଼
- ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘର ବୈଠକ, ସ୍ଥାନ: ବରିଷ୍ଠ ନାଗରିକ ସଂଘ ସମ୍ମିଳନୀ କକ୍ଷ, ବରଗଡ, ସମୟ: ପୂର୍ବାହ୍ନ ୧୧ଟା।
- ବିରାଟ ରାମଲୀଳା ମହୋତ୍ସବ, ସ୍ଥାନ: ଭେଡେନ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ, ସ୍ଥାନ: କେସିଙ୍ଗାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: କେସିଙ୍ଗା ସହରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ,
- ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ ଶ୍ରୀ ଉତ୍ସବ, ସ୍ଥାନ: ଦେବଗଡ଼ର ରାଜା ବାସୁଦେବ ହାଇସ୍କୁଲ, ସମୟ: ସକାଳ ୯ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁବର୍ଣ୍ଣପୁର
- ଅଷ୍ଟ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ସୁବଳୟା, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ମକର ମେଳା ପାଇଁ ୨୪ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ପୁଲେଶ୍ୱର,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ ଟା।
- ୧୭ତମ କ୍ଷୀରୋଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ସାଗଜୁରୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୩ୟ ଦଧିବାମନ କ୍ରିକେଟ କପର ଦ୍ୱିତୀୟ ଦିବସ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକ ତ୍ରିବେଣୀ ଛକରେ ମକର ମେଳା ଉପଲକ୍ଷେ ରାବଣ ଦରବାର ଶୁଭାରମ୍ଭ, ସ୍ଥାନ: ରୁଗୁଡିପାଲି ତ୍ରିବେଣୀ ଛକ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ୧୬ତମ ମା' ବାଗମୁଣ୍ଡେନ କପ୍ କ୍ରିକେଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ଶିଆଳଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଖଡ଼ିଆଳ ପିଏମ୍‌ଶ୍ରୀ ରାଜା ଆର୍ତ୍ତତ୍ରାଣ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।

ପ୍ରଥମ ପୃଷ୍ଠାରୁ...

## ରାଇରଙ୍ଗପୁର ହେଲା ....

ରହିଥିବାବେଳେ ରାଇରଙ୍ଗପୁରକୁ ଆଉ ଏକ ନୂତନ ପୋଲିସ ଜିଲା କରାଗଲା। ଜିଲାକୁ ଏବେ ଦୁଇଭାଗରେ ବିଭକ୍ତ କରାଗଲା। ରାଇରଙ୍ଗପୁର ପୋଲିସ ଜିଲାରେ ଏହାର ମୁଖ୍ୟାଳୟ ରାଇରଙ୍ଗପୁରରେ କାର୍ଯ୍ୟ କରିବ। ନୂଆ ପୋଲିସ ଜିଲାରେ ୧୪ଟି ଥାନା ରହିବ। ଏହାସହିତ ୫ ଆଉଟ୍ ପୋଷ୍ଟ ଓ ୨ଟି ବିଟ୍ ହାଉସ୍ ମଧ୍ୟ ରହିବ ବୋଲି ଏଡିଜିପି ଦର୍ଶାଇଛନ୍ତି।

ତଥ୍ୟ ଅନୁଯାୟୀ, ନୂତନ ପୋଲିସ ଜିଲା ରାଇରଙ୍ଗପୁର ପାଇଁ ଆଉ ଜଣେ ଏସ୍‌ପି ପଦ ସୃଷ୍ଟି କରାଯିବ। ଏହାସହିତ ୩ଜଣ ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ, ୮ଜଣ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପୋଲିସ,୯ ଇନ୍ସପେକ୍ଟର, ଜଣେ ରିଜର୍ଭ ପୋଲିସ ଇନ୍ସପେକ୍ଟର, ୬ ଏସ୍‌ଆଇ(ସାଧାରଣ)ରହିବ। ଅନ୍ୟାନ୍ୟ ପଦକୁ ମିଶାଇ ରାଇରଙ୍ଗପୁର ପାଇଁ ୬୮ଟି ପଦ ସୃଷ୍ଟି କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଉଚ୍ଚ ଚାଳି ଦାଣ୍ଡେ ବସ**
**ନୀଚ ଚାଳି ଘରେ ପଶ ।**

ଉଚ୍ଚ ଚାଳ ଯାହାର ସେ ଧନୀ ଘର ବୋଲି ଆଗକାଳରେ ଲୋକମାନଙ୍କର ଏକ ପ୍ରକାର ବିଶ୍ୱାସ ରହିଥିଲା। ଏଣୁ ଲୋକେ ନ ଭାବି ନ ଚିନ୍ତି ସେ ଘରକୁ ଝିଅ ଦେଉଥିଲେ। କିନ୍ତୁ ନୁଆଁଣିଆ ଘରେ ଝିଅ ଦେବାକୁ ହେଲେ ତା'ର ଚିକିନିଖି ବିଚାର କରିବାକୁ ପଡୁଥିଲା ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଉଜାଣି ଆସି ଉଜୁଡ଼ାଉ ପଛେ**
**ମନ ଯେବେ ଅଛି ଦୃଢ଼**
**ଦୁଃଖ ବୋଲି ଯାହା ନ କରିବ କ୍ଷତି**
**ଏହା ହିଁ ମାୟା ପ୍ରଗାଢ଼ ।**

ବିପର୍ଯ୍ୟୟ ଏବଂ ଦୁଃଖ ସର୍ବନାଶ କରିଥାଏ। ବ୍ୟକ୍ତି ଯଦି ଦୃଢ଼ ଭାବରେ ସମସ୍ତ ଝଡ଼ଝଞ୍ଜାକୁ ସହିନିଏ ତେବେ ସେ କ୍ରମଶଃ ସୁଖ ପାଖକୁ ଟାଣି ହୋଇଯାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ମକରରେ ମହାପ୍ରଭୁ ଲିଙ୍ଗରାଜ ଉପାସ




# ଏନ୍‌ପିସିଆଇକୁ ଓଏସ୍‌ସିବି ଗଣିଲା ୧୧.୮ଲକ୍ଷର ଜରିମାନା

ଭୁବନେଶ୍ୱର,୧୪।୧
(ରବିନାରାୟଣ ଜେନା)

### ସମବାୟ ବ୍ୟାଙ୍କରେ ଆର୍ଥିକ ଅନିୟମିତତା

ରାଜ୍ୟ ସମବାୟ ବ୍ୟାଙ୍କ (ଓଏସ୍‌ସିବି)ରେ ଆର୍ଥିକ କୁପରିଚାଳନା ଏବେ ମହଙ୍ଗା ସାବ୍ୟସ୍ତ ହୋଇଛି। ଚାଷୀ ତଥା ସାଧାରଣ ଲୋକଙ୍କ 'ଆରଟିଜିଏସ୍ ଏବଂ ଏଟିଏମ୍' କାରବାରରେ ତ୍ରୁଟି ଯୋଗୁ ନ୍ୟାଶନାଲ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ଓଏସ୍‌ସିବିକୁ ଆର୍ଥିକ ଜରିମାନା କରିଛି। ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ଏନ୍‌ପିସିଆଇକୁ ଇତିମଧ୍ୟରେ ୧୧.୮୦ଲକ୍ଷ ଟଙ୍କାର ଜରିମାନା ପ୍ରଦାନ କରାଯାଇଛି। ଏହାବାଦ୍ ବିପୁଳ ପରିମାଣର ଆର୍ଥିକ ତ୍ରୁଟି ହେଉଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶା ସମବାୟବିତ୍ ସଂଘ ପକ୍ଷରୁ ସୋମବାର ଅଭିଯୋଗ ହୋଇଛି।

ଅଭିଯୋଗରେ ସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ଓଏସ୍‌ସିବିରେ ଦିନକୁ ଦିନ ଆର୍ଥିକ ଅନିୟମିତତା, ଅନଧିକୃତ ଜରିମାନା ପରିଶୋଧ, ଅବୈଧ ଇନ୍–ଚାର୍ଜ ଅଧିକାରୀ ନିଯୁକ୍ତି ହୋଇ ଚାଲିଛି। ନିକଟରେ ରାଜ୍ୟ ସମବାୟ ବ୍ୟାଙ୍କର ବୋର୍ଡ ବୈଠକରେ ହୋଇଥିବା ସମୀକ୍ଷା ତଥ୍ୟକୁ ନେଇ ସଂଘ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛି। ବ୍ୟାଙ୍କର ବିଶେଷ ଅଡିଟ୍ ଆଦେଶ ଦେବା ସହ ଦାୟୀ ଅଧିକାରୀମାନଙ୍କ ବିରୋଧରେ ଅପରାଧମୂଳକ ଦାୟିତ୍ୱ ନିର୍ଦ୍ଧାରଣ ପାଇଁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ସଂଘ ଅଭିଯୋଗ ପତ୍ରରେ ଦର୍ଶାଇଛି ଯେ, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସମବାୟ ସମିତିର ରେଜିଷ୍ଟ୍ରାର ବର୍ତ୍ତମାନ ଓଏସ୍‌ସିବିର ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏହି ବ୍ୟବସ୍ଥା ଅଂଶବିଶେଷ ସମୟ ଅବଧିର ହେବାରୁ ଇନ୍–ଚାର୍ଜ ଦାୟିତ୍ୱରେ ରହୁଥିବା ଅଧିକାରୀମାନେ ବୈଧ ଅନୁମୋଦନ ବିନା ଆର୍ଥିକ ପରିଚାଳନା କରୁଛନ୍ତି। ସେହିପରି ଆରଟିଜିଏସ୍ ବାଉନ୍ସ ଓ ଏଟିଏମ୍ ବିବାଦ ନିଷ୍ପତ୍ତିରେ ବିଫଳତା ଯୋଗୁ ବ୍ୟାଙ୍କ ଲକ୍ଷାଧିକ ଟଙ୍କାର ଜରିମାନା ଦେବାକୁ ପଡ଼ିଛି। ନିୟମ ଅନୁଯାୟୀ ଏହି ଜରିମାନା ପରିଶୋଧ ହେବା ପୂର୍ବରୁ ପରିଚାଳନା କମିଟି ନିକଟରେ ଉପସ୍ଥାପନ ଓ ଅନୁମୋଦିତ ହେବା ଆବଶ୍ୟକ। ତେବେ ୨୦୨୫ ଡିସେମ୍ବର ୧୯ ସନ୍ଧ୍ୟାରେ ଏନ୍‌ପିସିଆଇକୁ ଜରିମାନା ବାବଦକୁ ୧୧.୮୦ ଲକ୍ଷ ଟଙ୍କା ଦେବାକୁ ପଡ଼ିଛି। ତେବେ ଏଟିଏମ୍‌ରୁ ଟଙ୍କା ଉଠାଣ ପାଇଁ ୫ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ରଖାଯାଇଛି। ହେଲେ ଏସବୁକୁ ଗୁରୁତ୍ୱ ନ ଦେଇ ମନଇଚ୍ଛା କାରବାର କରାଯାଉଛି ବୋଲି ସଂଘ ପ୍ରଶ୍ନ ଉଠାଇଛି। ଏହି ଆର୍ଥିକ ଅନିୟମିତତା କାର୍ଯ୍ୟରେ ଲିପ୍ତ ଅଧିକାରୀଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଦୂରଯାତ୍ରା, ବିବାଦୀୟ କ୍ଷେତ୍ର, ପ୍ରତିଦ୍ୱନ୍ଦ୍ୱିତା ନିକଟରୁ ଦୂରେଇ ରହିବା ଭଲ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କରି ଅନୁତପ୍ତ ହୋଇପାରନ୍ତି। କର୍ମକ୍ଷେତ୍ର ଗତାନୁଗତି ରୀତିରେ ଗଡ଼ିଚାଲିବା ସହ ପାରିବାରିକ ପରିସ୍ଥିତି ମଧ୍ୟ ପୂର୍ବପରି ରହିବ। ଚନ୍ଦ୍ର ଓ ଶୁକ୍ରଙ୍କ ଶୁଭ ପ୍ରଭାବରୁ କଳା, ସାହିତ୍ୟ, ନୃତ୍ୟ ସଙ୍ଗୀତାଦି କ୍ଷେତ୍ରରେ ପ୍ରଶଂସିତ ହେବେ।

**ବୃଷ** ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣାଧୀନ ରହିଥିବାରୁ ଆଶ୍ୱସ୍ତି ଅନୁଭବ କରିବେ। ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବାର ସୂଚନା ରହିଛି। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ରୋହିଣୀ ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ** ଉପରିସ୍ଥଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ କର୍ମକ୍ଷେତ୍ରରେ ବାଧ୍ୟବାଧକତାରେ କାମ କରିବାକୁ ପଡ଼ିପାରେ। ଋଣଭାର, କଚେରି ମାମଲା, ପରିବହନ ଓ ନିର୍ମାଣ ସମ୍ପର୍କିତ ସମସ୍ୟାକୁ ନେଇ ଚିନ୍ତିତ ରହିବେ। ଶିକ୍ଷା, ବ୍ୟବସାୟ କ୍ଷେତ୍ରରେ ସଫଳତା ମିଳିବ। ମୃଗଶିରା ଦୂରଯାତ୍ରା, ବନ୍ଧୁମିଳନ ଏବଂ ଜନକଲ୍ୟାଣ କର୍ମରେ ସାମିଲ ହେବେ।

**କର୍କଟ** ବୟସ୍କବ୍ୟକ୍ତିଙ୍କ ହସ୍ତକ୍ଷେପ ଦ୍ୱାରା ପାରିବାରିକ ସମସ୍ୟାର ସମାଧାନ ହୋଇଯିବାର ଆଶା ରହିଛି। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ଅସହଯୋଗ ଦୁଶ୍ଚିନ୍ତା ବଢ଼ାଇଦେବ। ବାଣିଜ୍ୟ, ନିର୍ମାଣ ଓ ପରିବହନରେ ସମସ୍ୟା ଦୂର ହେବ। ସନ୍ତାନଙ୍କ କୃତି ଓ କୃତିତ୍ୱରୁ ଅଶ୍ଳେଷା ନକ୍ଷତ୍ର ଗୌରବାନ୍ୱିତ ହୋଇପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ବିଶିଷ୍ଟବ୍ୟକ୍ତିଙ୍କ ପରାମର୍ଶରୁ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ ଆଶା କରାଯାଇପାରେ। କୌଣସି ଅନାକାଂକ୍ଷିତ ସୂଚନା କ୍ରମେ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପରିସରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ମଘା ନକ୍ଷତ୍ର ସକାଶେ ଆଜିର ଆର୍ଥିକ, ପାରିବାରିକ ଓ ସାମାଜିକ ସ୍ଥିତି ଆଶ୍ୱସ୍ତି ଦେଇପାରେ।

**କନ୍ୟା** କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବାକୁ ପଡିବାରୁ ବିଚଳିତ ଅନୁଭବ କରିପାରନ୍ତି। ଆବଶ୍ୟକତା ପୂରଣ ସକାଶେ ଅର୍ଥ ଧାର ଆଣିବାକୁ ପଡିପାରେ। ସାମାଜିକ ସ୍ତରରେ ପ୍ରତିକୂଳ ପରିସ୍ଥିତିର ଚାପ ସମସ୍ୟାକୁ ଦ୍ୱିଗୁଣିତ କରିବ। ଚିତ୍ରା ନକ୍ଷତ୍ର ସକାଶେ ଆଜିର ଯାତ୍ରା, ବାଣିଜ୍ୟ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସାମାନ୍ୟ ସମସ୍ୟା ଦେଖାଦେଇପାରେ।

**ତୁଳା** କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଚାପର ବଶବର୍ତ୍ତୀ ହୋଇ ଇଚ୍ଛା ନ ଥାଇ ମଧ୍ୟ କେତେକ କାମ କରିବାକୁ ପଡ଼ିପାରେ। ଅଭାବ ପୂରଣ ଦିଗରେ ସହକର୍ମୀଙ୍କ ସାହାଯ୍ୟ କାମକୁ ଆସିପାରେ। ବିଶାଖା ନକ୍ଷତ୍ରର ବ୍ୟବସାୟିକ ଓ ସାମାଜିକ ପରିସ୍ଥିତି ଭଲ ରହିବ। ଆର୍ଥିକ ଅନଟନ ହେତୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଅପୂରଣୀୟ ରହିଯିବାର ସୂଚନା ରହିଛି।

**ବିଛା** ସମସ୍ୟା ଲାଗିରହିଲେ ମଧ୍ୟ କାର୍ଯ୍ୟ ସମ୍ପନ୍ନ କରିବାରେ ଅସୁବିଧା ରହିବନାହିଁ। ସଭାସମିତିରେ ନେତୃତ୍ୱ ନେଇ ସମ୍ମାନିତ ହୋଇପାରନ୍ତି। ମତାନ୍ତରରୁ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବାର ସୂଚନା ରହିଛି। ଜ୍ୟେଷ୍ଠା ନକ୍ଷତ୍ରର ସାହିତ୍ୟ, ସାମ୍ବାଦିକତା, ପ୍ରେସ୍, ପବ୍ଲିକେଶନ କ୍ଷେତ୍ରରେ ସମସ୍ୟାର ଆଶୁ ସମାଧାନ ହୋଇଯିବ।

**ଧନୁ** କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହିବା ସମସ୍ୟାର କାରଣ ହୋଇପାରେ। ପୂର୍ବାଷାଢ଼ା ନକ୍ଷତ୍ରର ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା କାମରେ ବାଧକ ସାଜିବ। ଧାତବ ଜନିତ ଦ୍ରବ୍ୟ କ୍ରୟ କରିବା ସକାଶେ ପରିବାରର ବରାଦ ପାଇପାରନ୍ତି। ଶିକ୍ଷା, ସନ୍ତାନ, ଆଲୋଚନା, ରାଜନୀତି ଓ ସାମାଜିକ କ୍ଷେତ୍ରରେ ଶ୍ରମ ଓ ସମୟ ବିନିଯୋଗ କରିପାରନ୍ତି।

**ମକର** ଆଜିର ସକାଳୁଆ ଯାତ୍ରା, ବାଣିଜ୍ୟ, ପରିବହନ ଓ କୌଣସି କର୍ମାରମ୍ଭ ମନ୍ଦ ହେବନାହିଁ। କର୍ମକ୍ଷେତ୍ରରେ ସମସ୍ୟାର ମୁକାବିଲା କରିବାରେ ସମର୍ଥ ହେବେ। ସମ୍ପର୍କୀୟଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟାର ସମାଧାନ କରିବେ। ଆଜି ଧନିଷ୍ଠା ନକ୍ଷତ୍ରର ଶାରୀରିକ ସୁସ୍ଥତା ସହ ପାରିବାରିକ କ୍ଷେତ୍ର ବୁଝାମଣା ଭିତ୍ତିରେ ଶୃଙ୍ଖଳିତ ରହିବ।

**କୁମ୍ଭ** ଅଭାବ ନ ଥିଲେ ମଧ୍ୟ ଘରୋଇ କଳହରୁ ମନ ଭଲ ରହି ନ ପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିଜ ଲୋକ ଦାଉ ସାଧିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ। ଶତଭିଷା ନକ୍ଷତ୍ର ପିଲାମାନଙ୍କ କୃତି ଓ କୃତିତ୍ୱ ସକାଶେ ଗୌରବାନ୍ୱିତ ହୋଇପାରନ୍ତି।

**ମୀନ** ଆକସ୍ମିକ ଭାବରେ ବନ୍ଧୁଙ୍କ ସହାନୁଭୂତି ଲାଭକରି କାମ ହାସଲ କରିବେ। ବିଶିଷ୍ଟବ୍ୟକ୍ତିଙ୍କ ବାହୁଚ୍ଛାୟାରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିପାରନ୍ତି। ସାଧାରଣ କିଛି ବ୍ୟତିକ୍ରମକୁ ବାଦ୍ ଦେଲେ ପାରିବାରିକ ପରିସ୍ଥିତି ପ୍ରାୟତଃ ଭଲ ରହିବ। ରେବତୀ ନକ୍ଷତ୍ର ସାଂସ୍କୃତିକ କାର୍ଯ୍ୟରେ ବନ୍ଧୁଦର୍ଶନର ସୁଯୋଗଲାଭ କରିପାରନ୍ତି।

ଆଜି ଜାନୁଆରୀ ୧୫ ତାରିଖ, ଜାତୀୟ ସେନା ଦିବସ, ମାଘ କୃଷ୍ଣ ଦ୍ୱାଦଶୀ ଗୁରୁବାର, ରାଶିନକ୍ଷତ୍ର–ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯.୧୪ ଗତେ ଘ.୧୦.୩୭ ମଧ୍ୟେ, ଘ.୦୬.୨୭ ଗତେ ଘ.୦୭.୫୫ ମଧ୍ୟେ, ଘ.୧୦.୫୦ ଗତେ ଘ.୦୧.୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୧୮ ଗତେ ଘ.୦୨.୪୦ ମଧ୍ୟେ ରାହୁ କାଳ।

ODISHA
INDIA'S BEST KEPT SECRET.

DSPL-477



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଓଡ଼ିଶା

ଭାରତର ଆଗାମୀ ପର୍ଯ୍ୟଟନ ନିବେଶ ଗନ୍ତବ୍ୟସ୍ଥଳ | ଅନନ୍ୟ ସମ୍ଭାର, ଯାହା ଅନ୍ୟ କେଉଁଠି ନାହିଁ


ବିକଶିତ ଓଡ଼ିଶା ଭିଜନ ୨୦୩୬-୨୦୪୭ ଲକ୍ଷ୍ୟ, ୨୦୪୭ ସୁଦ୍ଧା ୨୫,୦୦୦ ଷ୍ଟାର୍-ଶ୍ରେଣୀର ହୋଟେଲ ରୁମ୍ ନିର୍ମାଣ ଯାତ୍ରାରେ ସାମିଲ ହେବାକୁ ନିବେଶକମାନଙ୍କୁ ଆମନ୍ତ୍ରଣ କରୁଛି ଓଡ଼ିଶା । ଏହା ସହିତ, ପର୍ଯ୍ୟଟକମାନଙ୍କୁ ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଅନୁଭବ କରିବାକୁ ସ୍ୱାଗତ କରିବା ସହ, ଓଡ଼ିଶା ଏସିଆର ପ୍ରଥମ ପାଞ୍ଚଟି ଇକୋ ଓ ସାଂସ୍କୃତିକ ପର୍ଯ୍ୟଟନ ସ୍ଥଳୀ ଭାବେ ଉଭା ହେବାକୁ ଲକ୍ଷ୍ୟ ରଖିଛି ।

## ଓଡ଼ିଶା ପର୍ଯ୍ୟଟନ (ସଂଶୋଧନ) ନୀତି - ୨୦୨୬

ଅଧିକ ସମାବେଶୀ, ପ୍ରଗତିଶୀଳ ତଥା ନିବେଶ-ଅନୁକୂଳ ପର୍ଯ୍ୟଟନ ପରିବେଶ ଗଠନ ଦିଗରେ ରାଜ୍ୟ କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ଓଡ଼ିଶା ପର୍ଯ୍ୟଟନ (ସଂଶୋଧନ) ନୀତି-୨୦୨୬, ଏକ ନିର୍ଣ୍ଣାୟକ ପଦକ୍ଷେପ ।

### ସର୍ବାଧିକ ପୁଞ୍ଜି ନିବେଶ ରିହାତି ୪୦% ପର୍ଯ୍ୟନ୍ତ | ସର୍ବୋଚ୍ଚ ସୀମା - ₹୧୨୦ କୋଟି

ଭାରତର



ନଂ

ନୀତି ଯେଉଁଥିରେ ରହିଛି ପର୍ଯ୍ୟଟନ ଶିଳ୍ପ ଜଗତ ନିମନ୍ତେ ସର୍ବାଧିକ ଓ ଅତୁଳନୀୟ ପ୍ରୋତ୍ସାହନ ।

### ସ୍ୱତନ୍ତ୍ର ପର୍ଯ୍ୟଟନ କ୍ଷେତ୍ର (Special Tourism Zones) ରେ ୪୦% ପ୍ରୋତ୍ସାହନ ।

ହୀରାକୁଦ | ସାତକୋଶିଆ | ଶିମିଳିପାଳ | ରତ୍ନଗିରି | ଉଦୟଗିରି | ଲଳିତଗିରି | ଗନ୍ଧମାର୍ଦ୍ଦନ ପର୍ବତ | ଭିତରକନିକା ତଥା ପୂର୍ବ ଘୋଷିତ ଜୋନ୍ ଚିଲିକା, କୋରାପୁଟ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ ଓ ଗଜପତି ସହିତ ଏହି ସବୁ ସ୍ଥାନ ପାଇଁ ₹୬୦ କୋଟି ଓ ₹୧୨୦ କୋଟି ପର୍ଯ୍ୟନ୍ତ ଅତୁଳନୀୟ ପୁଞ୍ଜି ରିହାତିର ବ୍ୟବସ୍ଥା ।

### ସ୍ୱତନ୍ତ୍ର ବର୍ଗର ଉଦ୍ୟୋଗୀଙ୍କ ପାଇଁ ୪୦% ରିହାତି

ମହିଳା, ଅନୁସୂଚିତ ଜାତି (SC), ଅନୁସୂଚିତ ଜନଜାତି (ST) ଏବଂ ଭିନ୍ନକ୍ଷମ ଉଦ୍ୟୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ।

### ହୋଟେଲ ଓ ଆତିଥ୍ୟ ପ୍ରକଳ୍ପ ପାଇଁ କୋହଳ ନିୟମ

ସର୍ବନିମ୍ନ ୧୦ଟି କୋଠରୀ ବିଶିଷ୍ଟ ତାରକା-ଶ୍ରେଣୀର ହୋଟେଲଗୁଡ଼ିକ ମଧ୍ୟ ଏବେ ପ୍ରୋତ୍ସାହନ ପାଇଁ ଯୋଗ୍ୟ ବିବେଚିତ ହେବେ ।

### ନବୀକରଣଯୋଗ୍ୟ ତଥା ଭବିଷ୍ୟତ-ଉପଯୋଗୀ ପର୍ଯ୍ୟଟନ ପାଇଁ ୫୦% ସବ୍‌ସିଡି

ଇଲେକ୍ଟ୍ରିକ୍ ବୋଟ୍ • ଇଲେକ୍ଟ୍ରିକ୍ କାରାଭାନ୍ • କଳା ଓ ହସ୍ତଶିଳ୍ପ ଭିତ୍ତିକ କମ୍ପ୍ଲେକ୍ସ ପାଇଁ ୫୦% ପର୍ଯ୍ୟନ୍ତ ପ୍ରୋତ୍ସାହନ (ସର୍ବୋଚ୍ଚ ସୀମା ₹୧୨୦ କୋଟି) ।

### ଓଡ଼ିଆ ବ୍ୟଞ୍ଜନ ପରିବେଷଣ କରୁଥିବା ରେସ୍ତୋରାଁଙ୍କ ପାଇଁ ସହାୟତା

ରାଜ୍ୟ ଭିତରେ ଏବଂ ଶ୍ରେଷ୍ଠ ୫ ମେଟ୍ରୋ ସହର (ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ, ଚେନ୍ନାଇ, କୋଲକାତା) ଓ ଶ୍ରେଷ୍ଠ ୫ ପର୍ଯ୍ୟଟନ ସ୍ଥଳୀ (ଆଗ୍ରା, ବାରଣାସୀ, ଗୋଆ, କୋଚି, ଜୟପୁର)ରେ ଓଡ଼ିଆ ରେସ୍ତୋରାଁକୁ ମିଳିବ ₹୫ କୋଟି ପର୍ଯ୍ୟନ୍ତ (୩୦%) ପୁଞ୍ଜି ନିବେଶ ରିହାତି (CAPEX) ଓ ମାସିକ ₹୨ ଲକ୍ଷ ପର୍ଯ୍ୟନ୍ତ ପରିଚାଳନା (OPEX) ସହାୟତା ।

### ଇଭେଣ୍ଟ ଓ ଅନୁଭୂତିମୂଳକ ପର୍ଯ୍ୟଟନକୁ ବ୍ୟାପକ ପ୍ରୋତ୍ସାହନ

ସଭା ଓ ସମ୍ମିଳନୀ (MICE), ଡେଷ୍ଟିନେସନ୍ ୱେଡିଂ ଆୟୋଜନକାରୀ କମ୍ପାନୀଙ୍କ ପାଇଁ ଆକର୍ଷଣୀୟ ରିହାତି । ନିର୍ଦ୍ଦିଷ୍ଟ ସଂଖ୍ୟାର ରୁମ୍ ବୁକିଂ ଉପରେ ସ୍ଥିରୀକୃତ ରୁମ୍ ଭଡ଼ା ଫେରସ୍ତ ମିଳିବ ।

### ବ୍ୟବସାୟ ସମ୍ପ୍ରସାରଣ ହେଲା ସହଜ ଓ ସରଳ

ଏବେ ମାତ୍ର ୨୫% ଅତିରିକ୍ତ ସମ୍ପ୍ରସାରଣ **(Expansion)** ଉପରେ ମଧ୍ୟ ମିଳିବ ପ୍ରୋତ୍ସାହନ ।

ଅଧିକ ସୂଚନା ପାଇଁ

**ପର୍ଯ୍ୟଟନ ନିବେଶର ନୂତନ ଅଧ୍ୟାୟ ପାଇଁ ଓଡ଼ିଶା ପ୍ରସ୍ତୁତ**
ନିବେଶ • ନିର୍ମାଣ • ବିକାଶ

ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର

ବିସ୍ତୃତ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ
ପର୍ଯ୍ୟଟନ ବିଭାଗ, ଓଡ଼ିଶା ସରକାର
+୯୧ ୯୦୭୮୮ ୮୭୧୭୨

OIPR-

www.odishatourism.gov.in | odishatourismofficial | odishatourismofficial | odisha_tourism | odishatourismofficial

ଯେତେବେଳେ ଆମକୁ କିଛି ଦେଖାଯାଏନା– ସେତେବେଳେ ଆମେ ଜାଣିବା ଉଚିତ ଯେ, ଈଶ୍ୱର ଆମ ପାଖରୁ ତାଙ୍କର ଆଲୋକ ପ୍ରତ୍ୟାହୃତ କରି ନେଇଛନ୍ତି ଏବଂ ଆମ ଉପରେ ଭୁଲଭ୍ରାନ୍ତି ଲଦି ଦେଇଛନ୍ତି। କାରଣ –ଆମେ ଯଥାର୍ଥ ଜ୍ଞାନ ଆଡକୁ ପାଦେ ଆଗେଇ ଚାଲିବୁ। ସେହିପରି ସେ ଆମ ଉପରେ ପରାଜୟ ଲଦି ଦେଇଛନ୍ତି– ତା ଫଳରେ ଆମେ ବିଜୟ ପଥରେ ଆଗେଇଯିବୁ। –ଶ୍ରୀଅରବିନ୍ଦ




# ଧର୍ମୀୟ ଧାରଣାରେ ଭିନ୍ନତା



ଦେବଦତ୍ତ ପଟ୍ଟନାୟକ

ଅନେକେ ହିନ୍ଦୁ ସଭ୍ୟତାକୁ ଭାରତୀୟ ସଭ୍ୟତା ବୋଲି କହିବାକୁ ପସନ୍ଦ କରନ୍ତି ଏବଂ ଏହା ବିଷୟରେ ବି ବହୁତ କିଛି ଆଲୋଚନା କରିଥାନ୍ତି। ହେଲେ ବାସ୍ତବତା କିଛି ଅଲଗା। ସମସ୍ତେ ଅନୁଭବ କରନ୍ତି ଯେ ସେମାନଙ୍କ ସଂସ୍କୃତି ଅନନ୍ୟ ଏବଂ ଅନ୍ୟସବୁ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ, ଏଭଳି ଚିନ୍ତାଧାରା ପଛରେ ରହିଛି କିଛି ଗଭୀର ଦେଶଭକ୍ତି। ଆମେ ଯଦି ପଛକୁ ଫେରିଯିବା ଓ ମଣିଷ ଇତିହାସର ଧାରାକୁ ଲକ୍ଷ୍ୟ କରିବା ତେବେ ଦେଖିପାରିବା, ଭାରତର ପଶ୍ଚିମ ଏବଂ ପୂର୍ବରେ ଦୁଇଟି ଭିନ୍ନ ବିଚାରଧାରା ବା ସିଦ୍ଧାନ୍ତ ଅଛି। କିନ୍ତୁ ଉଭୟ ସିଦ୍ଧାନ୍ତ ଭାରତୀୟ ଭାବନାକୁ ପ୍ରକାଶ କରନ୍ତି ନାହିଁ। ସେହି ଦୃଷ୍ଟିରୁ, ମୂଳ ଭାରତୀୟ ଭାବନା ଅନନ୍ୟ ବୋଲି ବିଚାର କରାଯାଇପାରେ।

ପ୍ରଥମେ ପାଶ୍ଚାତ୍ୟ ଚିନ୍ତାଧାରା ଉପରେ ବିଚାର କରିବା। ଭାରତର ପଶ୍ଚିମ ଦିଗରେ ଅଛି ମଧ୍ୟପ୍ରାଚ୍ୟ ଓ ମଧ୍ୟଏସିଆ। ତା'ପରକୁ ରହିଛି ୟୁରୋପ ଓ ଆମେରିକା ଏବଂ ଏହି ଅଞ୍ଚଳରୁ ସୃଷ୍ଟି ହୋଇଛି ଖ୍ରୀଷ୍ଟିଆନ, ଇସ୍‌ଲାମ ଧର୍ମ। ପରେ ଏଠାରୁ ବିଜ୍ଞାନ, ଧର୍ମନିରପେକ୍ଷତା ଏବଂ ଗଣତନ୍ତ୍ର ସାମ୍ନାକୁ ଆସିଥିଲା। ଏହି ସବୁ ବିଚାର ବିଶ୍ୱସ୍ତରୀୟ ହୋଇ ସମସ୍ତ ମାନବ ସମାଜ ପାଇଁ ପ୍ରଯୁଜ୍ୟ ହେଉ ବୋଲି ଚାହେଁ। ତେଣୁ ଲୋକଙ୍କୁ ଏକ ନିର୍ଦ୍ଦିଷ୍ଟ ଅଦ୍ୱୈତବାଦୀ ଧର୍ମକୁ ପରିବର୍ତ୍ତନ କରିବା କିମ୍ବା ବିଜ୍ଞାନ, ଯୁକ୍ତିଯୁକ୍ତତା ଏବଂ ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରା ଭଳି ନିର୍ଦ୍ଦିଷ୍ଟ ବିଚାରରେ ଲୋକଙ୍କୁ ଶିକ୍ଷାଦେବାକୁ ଏହା ଅଧିକ ଆଗ୍ରହୀ। ପାଶ୍ଚାତ୍ୟ ଚିନ୍ତାଧାରା ବିଶ୍ୱବାଦ ଅର୍ଥାତ୍ ଖ୍ରୀଷ୍ଟିଆନ ଧର୍ମର ଦାର୍ଶନିକ ଏବଂ ଈଶ୍ୱରତାତ୍ତ୍ୱିକ ଧାରଣାର ବୈଶ୍ୱିକ ପ୍ରୟୋଗ କିମ୍ବା ପ୍ରଯୁଜ୍ୟତା ଉପରେ ଗୁରୁତ୍ୱ ଦିଏ। ଏହା କ୍ଷମତା ବା ଅଧିକାରକୁ ମଧ୍ୟ ଜୋର୍ ଦେଇଥାଏ, ଯାହା ଦୁଇଟି ଗୋଷ୍ଠୀରେ ବିଭକ୍ତ। ଗୋଟିଏ ଗୋଷ୍ଠୀ ମଣିଷକୁ କ୍ଷମତା ଦେଇଥାଏ, ଯାହାକୁ ଏକଚ୍ଛତ୍ରବାଦୀ ଚିନ୍ତାଧାରା କୁହାଯାଇପାରେ। ଅନ୍ୟ ଏକ ଗୋଷ୍ଠୀ ବିଶ୍ୱାସ କରନ୍ତି ଯେ, କ୍ଷମତା ଜଣେ ବ୍ୟକ୍ତିଙ୍କୁ ନ ଦେଇ ଏକ ପ୍ରକାର ବୈଶ୍ୱିକ ନୀତି ଉପରେ ଆଧାରିତ ଅନୁଷ୍ଠାନକୁ ଦିଆଯିବା ଆବଶ୍ୟକ, ଯାହା ଧର୍ମୀୟ କିମ୍ବା ଧର୍ମନିରପେକ୍ଷ ହୋଇପାରେ। ତେଣୁ ବ୍ୟବସ୍ଥାଗତ ପଦ୍ଧତି ସୃଷ୍ଟି ହୋଇଛି। ଆମ ପାଖରେ ଏପରି ଲୋକ ଅଛନ୍ତି, ଯେଉଁମାନେ ନିଜକୁ ଜାଗ୍ରତ ବୋଲି ଭାବନ୍ତି,



ଯେଉଁମାନେ ସମୟ ଓ ପରିସ୍ଥିତି ଅନୁଯାୟୀ ସାଂସ୍କୃତିକ ଆଧାର ଥିବା ଲିଙ୍ଗଗତ ପରିଚୟର ଧାରଣାକୁ ବିଶ୍ୱସ୍ତରରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଛନ୍ତି। ଚାଇନା, କୋରିଆ, ଜାପାନ ଭଳି ପୂର୍ବ ଏସୀୟ ଦେଶ ଏବଂ ଦକ୍ଷିଣ ପୂର୍ବ ଦେଶ ଭିଏତ୍‌ନାମ ୱାଲ ସିଟି ବା ପାଚେରିଘେରା ସହର ପାଇଁ ପ୍ରସିଦ୍ଧ। ଉଦାହରଣ ସ୍ୱରୂପ, ଚାଇନାର ଗ୍ରେଟ୍ ୱାଲ ଆଧୁନିକ ଯୁଗରେ ଚାଇନାର ଫାୟାରୱାଲ ପାଲଟି ଯାଇଛି। ଏହିସବୁ ଦେଶ ବିଦେଶୀଙ୍କୁ ସେମାନଙ୍କ ଦେଶରେ ପ୍ରବେଶ କରିବାକୁ ନ ଦେଇ ଅବଶିଷ୍ଟ ପୃଥିବୀରୁ ଅଲଗା ହୋଇ ରହିବାରେ ଏକ ଇତିହାସ ଅଛି। ଏହି ସବୁ ଦେଶ ସମେତ ପାଶ୍ଚାତ୍ୟର ଦେଶଗୁଡ଼ିକରେ ବିଶ୍ୱାସ ରହିଛି ଯେ, ତୁମେ କେବଳ ଥରେ ବଞ୍ଚିବ, ଅର୍ଥାତ୍ ଭବିଷ୍ୟତ ଜୀବନ ବା ପୁନର୍ଜୀବନ ନାହିଁ। କିନ୍ତୁ ପୁନର୍ଜନ୍ମ ଧାରଣା ଭାରତରେ ଅଛି, ଯାହା ଏହାର ଭିନ୍ନତାକୁ ଦର୍ଶାଏ।

ଭାରତୀୟ ବିଚାରଧାରାର ମୂଳ ତଥା ପ୍ରମୁଖ ଧାରଣା ହେଉଛି ପୁନର୍ଜନ୍ମ, ଯାହା ବୌଦ୍ଧଧର୍ମ, ଜୈନଧର୍ମ ଏବଂ ହିନ୍ଦୁଧର୍ମରେ ଅଛି। ପ୍ରାୟ ୨୫୦୦ ବର୍ଷ ପୂର୍ବେ ପୁନର୍ଜନ୍ମର କଥା ବିଭିନ୍ନ ରୂପରେ ପ୍ରସାରିତ ହେବାକୁ ଆରମ୍ଭ କରିଥିଲା। ଭଲ କର୍ମର ଫଳ ଭଲ ଓ ଖରାପ କର୍ମର ଫଳ ଖରାପ ଓ ତାହା ଭୋଗିବାକୁ ପଡ଼ିବ ବୋଲି ମୂଲ୍ୟାୟନ କରାଯାଇଛି। ସିଦ୍ଧାନ୍ତ ହେଉଛି ଯେତେବେଳେ ଭାଗ୍ୟ ଆସେ ସେତେବେଳେ ଜାଣିବ ତୁମର ଗୋଟିଏ ଜନ୍ମରେ ସଞ୍ଚିତ ଭଲ କର୍ମର ଫଳ ମିଳୁଛି। ଦୁର୍ଭାଗ୍ୟ ଯେତେବେଳେ ଆସିବ ଜାଣିବ ତୁମର କିଛି କୁକର୍ମର ଫଳ ଏହି ଜନ୍ମରେ ପ୍ରାପ୍ତ ହେଉଛି। ଯେତେବେଳେ ତୁମର କୌଣସ ଖରାପ କିମ୍ବା ଭଲ କର୍ମର ଫଳ ଭୋଗିବାକୁ ନ ଥାଏ ସେତେବେଳେ ଜନ୍ମ–ମୃତ୍ୟୁ ଚକ୍ରରୁ ଜୀବନ ମୁକ୍ତ ହୋଇଯାଏ। ଏହି ବିଚାରଧାରାରୁ ଅନୁମେୟ ଯେ, ଜୀବନ ଏକ ଲଗାତର ଯାତ୍ରା କିମ୍ବା ଅନେକ ଅଭିଜ୍ଞତାର ସମାହାର। ଏହାର କୌଣସି ଶେଷ ସ୍ତର ନାହିଁ, ଯାହା ଅତ୍ୟନ୍ତ ପ୍ରାସଙ୍ଗିକ। ଏହି ଦୃଷ୍ଟିରୁ ବିଚାର କଲେ ଭାରତୀୟ ଚିନ୍ତାଧାରା ଅନନ୍ୟ ମନେହୁଏ।

ସାଧାରଣତଃ ପାଶ୍ଚାତ୍ୟ ଖ୍ରୀଷ୍ଟିଆନ ଧର୍ମର ଦାର୍ଶନିକ ତଥା ଈଶ୍ୱରତତ୍ତ୍ୱ ଧାରଣା ପାଇଁ ଚାଇନା, କୋରିଆ, ଜାପାନ ଏବଂ ଭିଏତ୍‌ନାମ ସଂସ୍କୃତିଗୁଡ଼ିକର ଦ୍ୱାର ବନ୍ଦ। ହେଲେ ଭାରତୀୟମାନେ ତାହା କରି ନାହାନ୍ତି। ଭାରତୀୟମାନେ ଗୋଟିଏ ପ୍ରକାର ସିଦ୍ଧାନ୍ତକୁ ବିରୋଧ କରନ୍ତି। ଏଠାରେ ବିବିଧତାକୁ ସେମାନେ ଭଲ ପାଆନ୍ତି। ପରିଚାଳନା ଓ ନିୟନ୍ତ୍ରଣ ପାଇଁ ଭାରତରେ ଗୋଟିଏ ବୃହତ୍ ମାନକ ବ୍ୟବସ୍ଥା ବଦଳରେ ଅନେକ ପ୍ରକାରର ବୃହତ୍ ଓ କ୍ଷୁଦ୍ର ବ୍ୟବସ୍ଥା ସବୁ ଅଛି। ପୂର୍ବ ଏସୀୟଦେଶଗୁଡ଼ିକର ବିଦେଶୀ ସଂସ୍କୃତି ପ୍ରତି ଖୋଲାଖୋଲି ଭାବେ ବିଦ୍ୱେଷ ବା ଘୃଣା ଭାବ ରହିଛି। ଅନ୍ୟପକ୍ଷରେ ଭାରତରେ ଜାତିପ୍ରଥା, ରୀତିନୀତି ଶୁଦ୍ଧତାର ଚିନ୍ତାଧାରା, ଏପରି କି ଅନ୍ୟ ଲୋକଙ୍କ ଘରେ ନ ଖାଇବାର ଅହଂକାର ମାଧ୍ୟମରେ ଘୃଣାଭାବ ପ୍ରକଟିତ ହୋଇଥାଏ।

ସମାନତା ଏବଂ ନ୍ୟାୟକୁ ଗ୍ରହଣ କରୁଥିବା ବିଶ୍ୱ ସମସ୍ତଙ୍କ ପାଇଁ ଗ୍ରହଣୀୟ। ଲୋକମାନଙ୍କୁ ମନେପକାଇବାକୁ ହେବ ଯେ, ପାଶ୍ଚାତ୍ୟଦେଶଗୁଡ଼ିକର ବିଚାରଧାରା ଯୁକ୍ତିଯୁକ୍ତ ନୁହେଁ। ତେବେ ପାଶ୍ଚାତ୍ୟର ଚିନ୍ତାଧାରା ଇସ୍‌ଲାମ ଏବଂ ଖ୍ରୀଷ୍ଟିଆନ ଭଳି ରକ୍ଷଣଶୀଳ ଧର୍ମଗୁଡ଼ିକର ଉତ୍‌ଥାନକୁ ରୋକିବାରେ ବିଫଳ ହୋଇଛି; ଯାହା ମଧ୍ୟ ନ୍ୟାୟ ଏବଂ ସମାନତା ଉପରେ ବିଶ୍ୱାସ କରେ ବୋଲି ଦାବି ରଖେ ଏବଂ ଏସବୁ ଏକ ଉଚ୍ଚ ଧର୍ମୀୟ ଶାସନ ଦ୍ୱାରା ଅନୁମୋଦିତ। ପାଶ୍ଚାତ୍ୟ ବୈଶ୍ୱିକ ସ୍ତରରେ ପ୍ରୟୋଗ କରିବାକୁ ଚାହୁଁଥିବା ଖ୍ରୀଷ୍ଟଧର୍ମର ଦର୍ଶନ ଏବଂ ଈଶ୍ୱରବାଦୀ ଧାରଣାକୁ ଭାରତ ଅନୁସରଣ କରିନାହିଁ କିମ୍ବା ପୂର୍ବାଞ୍ଚଳ ଦେଶଗୁଡ଼ିକ ନିଜକୁ ଅବଶିଷ୍ଟ ବିଶ୍ୱଠାରୁ ଯେଭଳି ଅଲଗା କରି ରଖୁଥିଲେ ଭାରତ ବି ତାହା କରିନାହିଁ। ଏହାର ସ୍ୱତନ୍ତ୍ରତା ହେଉଛି ନୂତନ ଚିନ୍ତାଧାରା ସହିତ କାର୍ଯ୍ୟ କରିବା ଏବଂ ସମୟ ସହିତ ଲଗାତର ଭାବରେ ତା' ସ୍ୱରୂପ ଓ ପରିଚୟକୁ ପରିବର୍ତ୍ତନ କରିବା। ସେଥିପାଇଁ ବୌଦ୍ଧଧର୍ମ ଓ ହିନ୍ଦୁଧର୍ମର ଅନେକ ବିବିଧତା ଅଛି। ଜୈନଧର୍ମରେ ଅନେକ ଗୋଷ୍ଠୀ ଓ ବିଚାରଧାରା ଅଛି। ତେବେ ବହୁ ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ କେହି ବି ଗୋଟିଏ ବିଚାରଧାରାକୁ ଅନ୍ୟ ଉପରେ ଲଦି ଦେବାକୁ ଚେଷ୍ଟା କରନ୍ତି ନାହିଁ।

–devduttofficial@gmail.com

## ଏଇ ଭାରତରେ

ବୟସ ଅଧିକ ହେଲେ ମଧ୍ୟ ଦୃଢ଼ ଇଚ୍ଛାଶକ୍ତି ଓ ଏକାଗ୍ରତା ସଫଳତା ଆଡ଼କୁ ବାଟ କଢ଼ାଇ ନିଏ, ଯାହା ଦେଖିବାକୁ ମିଳିଛି ଆନ୍ଧ୍ରପ୍ରଦେଶ ବିଦ୍ୟା ସିଂଙ୍କ ଜୀବନରେ। ବୟସର ପ୍ରଭାବକୁ ପ୍ରତିହତ କରି ସେ ୫୯ ବର୍ଷ ବୟସରେ ପର୍ବତ ଆରୋହଣ ଆରମ୍ଭ କରିଥିଲେ। ଏବେ ତାଙ୍କ ବୟସ ୭୨। ୧୩ ବର୍ଷ ମଧ୍ୟରେ ସେ ବିଶ୍ୱର ୧୯ଟି ଉଚ୍ଚ ଶୃଙ୍ଗ ଆରୋହଣରେ ସଫଳ ହୋଇସାରିଲେଣି। ତେବେ ପୂର୍ବ ଲଦାଖର ମେଣ୍ଟକ କାଂଗ୍ରି(୬୨୫୦ମିଟର) ଓ ସ୍ପିତି ଭ୍ୟାଲିର ୟୁନାମ ପିକ(୬୧୧୧ ମିଟର) ଶୃଙ୍ଗ ଶୀର୍ଷରେ ପହଞ୍ଚିବା ତାଙ୍କର ଶ୍ରେଷ୍ଠ ସଫଳତା ବୋଲି କୁହାଯାଇପାରେ। ସବୁଠୁ ବଡ଼ କଥା ହେଉଛି ୭୨ ବର୍ଷ ବୟସରେ ବିଶ୍ୱର ସବୁଠୁ ବୟସ୍କା ମହିଳା ଭାବେ ବିଦ୍ୟା ଦକ୍ଷିଣ ଆଫ୍ରିକାର ମାଉଣ୍ଟ କିଲିମାଞ୍ଜାରୋ ଆରୋହଣ କରିବାରେ ସଫଳତା ହାସଲ କରିଛନ୍ତି। ପରିଣତ ବୟସରେ ଏଭଳି ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କ ଅତୀତର ଓ ବର୍ତ୍ତମାନର ଫିଟନେସ ବହୁ ସାହାଯ୍ୟ କରିଛି। ମୁଖ୍ୟତଃ, ସେ କଲେଜ ଜୀବନରୁ ଟେନିସ ଖେଳୁଥିଲେ ଓ ମାଡ୍ରାସ ବିଶ୍ୱବିଦ୍ୟାଳୟ ଟିମ୍‌ର ମଧ୍ୟ ଅଧିନାୟକ ଥିଲେ। ଏହାସହ ସେ ସୁଇମିଂରେ ପଦକ ହାସଲ କରିଥିଲେ। କେବଳ ଏତିକିରେ ଅଟକି ନାହାନ୍ତି ବିଦ୍ୟା। ସେ ବିଭିନ୍ନ ସ୍ଥାନରେ ହାଫ୍ ମାରାଥନରେ ଭାଗ ନେଉଛନ୍ତି। ଦୀର୍ଘ ୧୩ ବର୍ଷ ହେଲା ସେ ସପ୍ତାହକୁ ଥରେ ୬୦ କି.ମି. ସାଇକେଲିଂ କରୁଛନ୍ତି।

## ଚିରନ୍ତନୀ

ପୁରୁଣା ମେଘ ସହି ! ଆସଇ ନୂଆ ହୋଇ
କରିବି ନୂଆ କଥା ରଚନା ।
କହିବି ଜୀବନର ଗୋପନ କଥା ମୋର
ଲୁଚିଲା ଯେତେ କ୍ଷତ ଶୋଚନା । –(ବର୍ଷାରତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 3 | | 5 |
| | 8 | | | 2 | | 4 | | |
| 5 | 6 | | | | | | 9 | |
| 3 | | | 2 | 1 | 4 | | | |
| 4 | | | | | 7 | | | 1 |
| 2 | | 7 | 8 | | | | | |
| 9 | | | | | | 6 | | 2 |
| 8 | 4 | | 5 | | | | | |
| | | | | | | 5 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 5 | 7 | 6 | 8 | 1 | 2 | 9 |
| 7 | 2 | 6 | 9 | 1 | 4 | 5 | 8 | 3 |
| 9 | 1 | 8 | 2 | 3 | 5 | 6 | 4 | 7 |
| 2 | 7 | 3 | 5 | 9 | 6 | 8 | 1 | 4 |
| 8 | 5 | 1 | 4 | 7 | 2 | 3 | 9 | 6 |
| 4 | 6 | 9 | 3 | 8 | 1 | 2 | 7 | 5 |
| 6 | 9 | 2 | 1 | 4 | 3 | 7 | 5 | 8 |
| 5 | 3 | 4 | 8 | 2 | 7 | 9 | 6 | 1 |
| 1 | 8 | 7 | 6 | 5 | 9 | 4 | 3 | 2 |

ଗତକାଲିର ଉତ୍ତର

# ପ୍ରାଥମିକ ଶିକ୍ଷାରେ ଭାଷା–ବାଧକ ନା ସମ୍ବଳ



ଡ. ଚନ୍ଦନ କୁମାର ସିଂହ

ସଳପ ଗଛ ମୁଣ୍ଡ ଉପରକୁ ଚଢ଼ିଗଲାଣି ସୁଆଁଳ ନଟି। ଗଛରେ ଦି'କେନା ବାହୁଙ୍ଗା ଆଉ ଚାରି କାନ୍ଦି ବଉଳ। ଜାଡ଼ ପବନରେ ସଳପ ଗଛ ନିଜକୁ ଉଷୁମ କରିନେଉଛି ପଉଷ ଖରାରେ। ଦିନ ଚାରିଟା ବେଳକୁ ସମସ୍ତେ ଥଣ୍ଡାରେ ଜଡ଼ସଡ଼। ପଉଷ ପବନ ଆସୁଛି ଧୀରେ ଧୀରେ/ ଭୂଇଁ ଶୁଖିଗଲାଣି କେଉଁକାଳୁ। ଆଗକୁ ଆହୁରି ଶୁଖି ଯାଉଥିବ ସୂର୍ଯ୍ୟମୁଖୀ ଗଛର ଶୁଖିଲା ପତରପରି। ମଣିଷର ମନ ମରିଗଲେ ଶୁଖିଲା ପତର ପରି। ଏତେବଡ଼ ସଂସାର ଆହୁରି ଲାଗେ ଚିମ୍‌ରା ଚିମ୍‌ରା। ଟାଙ୍ଗିରାହରୁ ଉପରୁ ଆଉ ଗାଁ ଗହୀରରୁ ବଣ କପୋତର ସୁର ଚିମ୍‌ରା କରିଦେଉଛି ମାଟିର ଶୁଖିଲା ରଙ୍ଗକୁ ଶୁଖିଲା ସୂର୍ଯ୍ୟମୁଖୀର ମୁହଁଟି ପରି। ମାଟି ଉପରେ ଡଗଡଗ ହୋଇ ଚାଲିଯାଉଛି ନୁଖୁରା ଧୂଳିଆ ଜନ୍ଦା ତା'ଗାତ ଆଡ଼େ। ହିଡ଼ ଦୁଇମୁଣ୍ଡରେ ଘାସ କଞ୍ଚା ରହିଛି। ସୋଣୁ କିଆରି ଉପର ଦେଇ ପଉଷର ଚହଲା ପବନ ଚହଟି ଆହୁରି ସୂର୍ଯ୍ୟମୁଖୀ ବାଡ଼କୁ ପୁଣି ମକାବାଡ଼କୁ। ଶୁଖିଲା ମାଟି ଉପରେ ଶୁଖିଲା ସୂର୍ଯ୍ୟମୁଖୀ ଗଛସବୁ, ପୁଣି ଶୁଖିଲା ମକାବାଡ଼। ଶୁଖିଲା ମକାଗଛର ପତ୍ର ପବନକୁ ଆଉଜାଇ ଆଣି କରୁଛି ଖଡ଼ଖଡ଼। ନିଃଶବ୍ଦ ପବନକୁ ସେ ଶବ୍ଦମୟ କରିଦେଉଛି ଚିମ୍‌ରା ପାହାଡ଼ କାନିରେ। ସୂର୍ଯ୍ୟମୁଖୀ ଝୁରିଗଲାଣି। ସବୁତକ ଗଛର ମୁହଁ ତଳକୁ ତଳକୁ। କନିଆଁର ମୁହଁଟି ପଣତ ତଳେ ଯେପରି ରହିଥାଏ ସୂର୍ଯ୍ୟମୁଖୀ ଫୁଲଗୁଡ଼ିକର ମୁହଁ ନେଳିଆ ଚାନ୍ଦୁଆ ତଳେ ସେହିପରି ରହିଛନ୍ତି। ମଝିରେ ମଝିରେ ପଉଷ ପବନ ଧୀରେ ଧୀରେ ଆସି ସେମାନଙ୍କ ଘୁମେଇବାକୁ ଭାଙ୍ଗିଦେଉଛି। ସୂର୍ଯ୍ୟମୁଖୀ ବାଡ଼ ସେପଟକୁ ଆମ୍ବଗଛ। ଆଉ ଦିନ କେଇଟା ପରେ ବଉଳ ଆସିବ। ହସିଉଠିବ ତାର ଡାଳପତ୍ର କାହାକୁ କିଛି ନ କହି। ସମସ୍ତଙ୍କ ଅଜାଣତରେ ହସି ଉଠେ ସ୍ୱାଭାବିକ ଗତିଛନ୍ଦ। ସୂର୍ଯ୍ୟମୁଖୀ ସେପଟକୁ କପାବାଡ଼। ଯେତେ ଯେତେ ଜାଡ଼, ସେତେ ସେତେ କପାର ପାରିବାପଣ। ଯେତେ ଝୁରିବ ସେତେ ସେତେ ଧଳା ଦିଶିବ। ଚାରିଆଡ଼େ କପାର ପାଗଳାମି। କପା ହସର ପାଗଳାମି। ଏହି ହସ ମଣିଷକୁ ବାଇଆ କରିଛି। ଶୁଖେଇ ଦେଇଛି ମାଟିକୁ। ମାଟି ଆହୁରି ଶୁଖୁଛି। ପଉଷର ଶୁଖିଲା ଶୀତଠାରୁ କପାବାଡ଼ର ମାଟି ଆହୁରି ଶୁଖିଲା। ଧରାଧରି ଜୀବନ କପାର ବାଇଆ ହସରେ ଆହୁରି ଶୁଖିଯାଉଛି। ପଉଷ ପବନର କରାମତିଠାରୁ କପାବାଡ଼ ହସର କରାମତି ଢେର୍ ବେଶି। ଏହି ହସର ଆଘାତ ଢେର ଗହିରିଆ। ଢେର୍ ଢେର୍ ଭେଦିଛି ଶୁଖିଲା ମାଟିର ଛାତି ଭିତରକୁ। ଟାଙ୍ଗିରି ହରୁର (ଟାଙ୍ଗିରି ପାହାଡ଼) ନେଉଟା ଖରା ପଡ଼ିଛି ଶୁଖିଲା ମାଟିର ମୁହଁ ଉପରେ। ମଣିଷ ହାତର ଔଷଧ, ସାର ପଡ଼ି ନାହିଁ ହିଡ଼ମୁଣ୍ଡରେ। ପଡ଼ିଥିଲେ ହିଡ଼ ଦି'ମୁଣ୍ଡର କଞ୍ଚା ଘାସତକ ବି ନଥା'ନ୍ତା କି କଥା କହୁନଥାନ୍ତା ପଉଷ ପବନରେ ଜାଡ଼କୁ ନେଇ। ହିଡ଼ ଦି' ମୁଣ୍ଡରେ ଛନ୍ନଛନ୍ନ ଦୂବ ମନ୍ଦା ମାନ। ମଣିଷର ଆକଟକୁ ବେଶ୍ ଉଛୁର କରି ସେମାନେ ମୁଣ୍ଡ ଟେକିଛନ୍ତି ଶୁଖିଲା ମାଟିର ମୁହଁ ଉପରେ।

ଟାଙ୍ଗିରି ହରୁରୁ ଓହ୍ଲେଇ ଆସୁଛି ଜାଡ଼ ପବନ ଗାଁ ଦିହକୁ। ଗାଁ କାନିରେ ସ୍କୁଲ। ସରକାରୀ ପ୍ରାଥମିକ ସ୍କୁଲ ମଣ୍ଡାପାଇ। ରାୟଗଡ଼ା ଜିଲା ବିଷମକଟକ ବ୍ଲକର ମଣ୍ଡାପାଇ ଗାଁ। ଏବେ ଖୋଲା ଆକାଶର ନୋଳିଆ ଚାନ୍ଦୁଆରୁ ଅଜାଡ଼ି ହୋଇ ପଡୁଥିବା ଖରା ଜାଡ଼ ପବନକୁ ଜିତି ପାରୁନାହିଁ। ଯେତେକ ଖରା ତା'ର ତିନିଗୁଣା ହେଉଛି ଜାଡ଼ ପବନ। ସଞ୍ଜ ନ ହେଉଣୁ ପଉଷର ଜାଡ଼ ପବନ ସାରାଗାଁକୁ ଭିଜାଇ ଦେଉଛି। ଶିକ୍ଷାକେନ୍ଦ୍ରରୁ ବାହୁଡ଼ି ଆସିଲା ବେଳକୁ ମୁହଁ ଅନ୍ଧାର। ମଣ୍ଡାପାଇ ସରକାରୀ ସ୍କୁଲଟିରେ ଅଛି ଶିଶୁବାଟିକାରୁ ପଞ୍ଚମ ଶ୍ରେଣୀ। ସମୁଦାୟ ତିରିଶ ପଇଁତିରିଶ ପିଲା। ମଣ୍ଡାପାଇ ଗାଁର ସବୁତକ ଘର କୁଇ କନ୍ଧକୁଳ ସମାଜର। କନ୍ଧ ଜନ ସମୁଦାୟଙ୍କ କଥିତ ଭାଷା ହେଉଛି କୁଇ ଭାଷା। କୁଇ ଭାଷାର ଲିପି



ନାହିଁ। କନ୍ଧକୁଳ ସମାଜ ପୁଣି ଦି'ଭାଗରେ ବିଭକ୍ତ। ନିୟମଗିରିର ଡଙ୍ଗରିଆ କନ୍ଧ ହେଉଛନ୍ତି ଅନ୍ୟତମ ପ୍ରାଚୀନ ଜନଜାତି। ଡଙ୍ଗରତଳେ ଯେଉଁମାନେ ରହିଛନ୍ତି, ସେମାନେ ହେଲେ କୁଇ କନ୍ଧ ଆଦିବାସୀ। କୁଇ କନ୍ଧ କିମ୍ବା ଡଙ୍ଗରିଆ କନ୍ଧ କାହାରି ହେଲେ ଲିପିନାହିଁ। କଥିତ ଭାଷାରେ ହିଁ ଜୀବନର ଚାଲିଚଳଣି ରୂପ ନିଏ। ବଡ଼ଙ୍କଠାରୁ ସାନମାନେ ଶିଖିନିଅନ୍ତି କୁଇଭାଷାର ଉଚ୍ଚାରଣ ଓ ଆବେଦନ। ଡଙ୍ଗର ଦିହରେ ବର୍ଷାଠାରୁ ଗାଁ କାନିରେ କିଏ ଦୁଃଖ ହୋଇଯିବା, ଅଣ୍ଡା(ଭାତ)ଠାରୁ ଆରମ୍ଭ କରି ମାଣ୍ଡିଆ ମଣ୍ଡା ପର୍ଯ୍ୟନ୍ତ କୁଇଭାଷାର ଏକ ଉଜ୍ଜ୍ୱଳ ଗତିଧାରା ରହିଛି।

ପିଲାଏ ଫେରି ଆସନ୍ତି ଶିକ୍ଷାକେନ୍ଦ୍ରରୁ ଏବଂ ସଞ୍ଜ ଉଛୁର ହୋଇ ଆସିଲେ ସାଙ୍ଗହୋଇ ବାହାରିପଡ଼ନ୍ତି ପଦର, ଗୁଡ଼ିଆ, ବନ୍ଧ ଓ ଡଙ୍ଗରକୁ। ମନ ଓ ଆଖି ଖୋଜେ ଚଢ଼େଇମାନଙ୍କୁ। କିଏ ଗୁଣ୍ଡେଇ ଆଣେ ଛୋଟ ଛୋଟ ପଥର ଗୋଡ଼ି, ଆଉ କିଏ ପକାଏ ଗଛ ଉପରକୁ ଆଲୁଆ ବାଟେଲ୍‌ର ବା ବାଟୁଲିଖଡ଼ା ପଥର ଖାଲି ଫେରେ ନାହିଁ। ଖସିପଡ଼ନ୍ତି କେତେକେତେ ଚଢ଼େଇ। ଗଛତଳେ, ବନ୍ଧ କଡ଼ରେ ଚଢ଼େଇ ପୁଡ଼ାର ସୁଆଦ ପିଲାଙ୍କ ପାଟିକୁ ହାତ ପାଉନଥିବା ଖୁସୀ ଆଣିଦେଉଥାଏ। ହଁ, ମଣ୍ଡାପାଇ ସ୍କୁଲଟିର ନରେଶ, ଆୟୁଷ ଆଦି କେତୋଟି ପଞ୍ଚମ ଶ୍ରେଣୀ ପିଲା ପାଠରେ ବିଶେଷଭାବେ ଲେଖାଲେଖିରେ ଆଗଧାଡ଼ିକୁ ଆସିପାରନ୍ତି ନାହିଁ। ପିଲା ଦୁଇଟି ଉପରେ ଶୁଭାଶୁଭ ଦୃଷ୍ଟି ଭଲରେ କି ଭେଲରେ କାହାର ନଥାଏ। କିନ୍ତୁ ଜାଡ଼ ପବନରେ ଚଢ଼େଇମରାର କଥା ସେମାନେ ଲେଖିଲେ ପୃଷ୍ଠା ପରେ ପୃଷ୍ଠା ଅନ୍ୟମାନଙ୍କୁ ପଛରେ ପକାଇ ସେଦିନ। ଲେଖିଲାବେଳେ ସେମାନଙ୍କର ମନ ଓ ହାତ ଅସମ୍ଭଳା ପଡୁଥାଏ। କୁଇ ଓ ଓଡ଼ିଆ ଭାଷାର ମନମତାଣିଆ ଭାବର ଏକ ଭାଷା ସେମାନଙ୍କ ପୃଷ୍ଠାକୁ ଉଛୁଳାଇ ଦେଉଥାଏ। ସତରେ ସେଦିନର ଖୁସି କହିଲେ ନସରେ। ସ୍କୁଲ୍ ପାଠରେ ତ ଏସବୁ କଥା ନାହିଁ। ସାର୍ ଓ ଦିଦିମାନେ ଏସବୁ କଥାକୁ ଦିନେ ବି ଚାହିଁନାହାନ୍ତି। ଶିକ୍ଷା ଅଭିଧାନରେ ନିକଟରୁ ଦୂର ପ୍ରତିଶ୍ରୁତିଟି ଖୁବ୍ ଏକ ସକ୍ରିୟ ସମ୍ବଳ। ଏହାକୁ ପୁଞ୍ଜିକରି ପିଲାଙ୍କୁ ଆଗକୁ ନେଇହୁଏ। ନରେଶ ଓ ଆୟୁଷ ପାଇଁ ଏପରି ଲେଖା ତାଙ୍କ ପାଇଁ ଧୀରେ ଧୀରେ ଅନୁକୂଳ ପବନକୁ ହକାରି ଆଣିଲେ। କୁଇ ଓ ଓଡ଼ିଆ ଭାଷାର ମିଶାମିଶି ଲେଖାର ମାଳଟିଏ (ଲତା) ଭିତରୁ ଧୀରେ ଧୀରେ ଆଗକୁ ପାଦ ପକାଇବା ପାଇଁ ପିଲାମାନେ ସାହସ ପାଉଥିଲେ। ଟାଙ୍ଗିରି ହରୁରୁ ଆସୁଥିଲା ଉଛୁଳା ଜାଡ଼ ପବନ। ସଞ୍ଜ ଆସୁଥିଲା ତା'ସାଙ୍ଗକୁ ଚହଟି ଆସୁଥିଲା ଅସରନ୍ତି ଖୁସିର ମଉକା–ଯାହାକୁ ବଡ଼ମାନେ ଛୁଇଁପାରନ୍ତି ନାହିଁ। ମାତ୍ର ନରେଶ, ଆୟୁଷ ଆଦି କେତେକେତେ ପିଲା ସେହି ଖୁସିକୁ ଛୁଇଁ ପାରନ୍ତି, ଦେଖିପାରନ୍ତି, ଲେଖିପାରନ୍ତି। ତେବେ ସେଦିନ ସ୍କୁଲଟିରେ ନରେଶ, ଆୟୁଷ ଆଦି କେତୋଟି ପଞ୍ଚମ ଶ୍ରେଣୀ ପିଲା କୁଇ ଓ ଓଡ଼ିଆ ଭାଷାର ମିଶାମିଶି ଏହିଭଳି ଲେଖିଥିଲେ–

ମ (ମୋ) ନାମ ନରେଶ କୁମ୍ଭରୁକା। ଆମ ଗାଁ ନାମ ମଣ୍ଡାପାଇ। ରବିବାର ଦିନ ବାଟେଲ୍ ଦରିକିନା ପ୍ରଥର ବାଟିଲି। ତା'ପରେ ମୁଁ ଗଲି। ଦୂରରେ ୬୦ ମିଟରରେ ବସିଣି କପତ। ଚଢ଼େଇ ମାରିଦେଲି। ତାପରେ ମୁଁ ବାଟେଲ ଦରିକିନା ପ୍ରଥର ବେଟିକିନା ଗଲି। ତାପରେ ୫୦ ମିଟର ଦୂରରେ ବସିଛି। ତାକୁ ମାରିଦେଲି।

ନରେଶ କୁଟୃକା–ମୁଁ ବାଟି ଚଢ଼େଇ ମାରିଲି ଓ ରାନ୍ଧି କରି ଖାଇଲି। ମୁଁ ବଗ ଓ କପତ ମଧ୍ୟ ମାରି ଖାଇଲି। ସେ ବଗ ବିଲରେ ମାଛ ଧରୁଥିଲା ଓ ମୁଁ ପାଟେଲ୍ କାଢ଼ି ମାରିଲି। ବଗ ମରିଗଲା। କପତ ଆମ୍ବଗଛରେ ବସିଥିଲା। ମୁଁ ମାରିଲି। ସିଧା ମରିଗଲା। ଘରକୁ ନେଇ ସାଙ୍ଗମାନଙ୍କ ସହ ଖାଇଲୁ।

ଆୟୁଷ କୁଟ୍ରୁକା – ଗେଟି ଛଡେଇ ଗଛରେ ବସିଥିଲା। ସେକୁ ମୁଇଁ ବଟେଲ ସହଇତ ମାରିଡେଲି। ସେ ଛଡେଇ ମରିଗଲା। ଗେଟି ବଗ ସହିତ ଥିଲା। ସେ ଛଡେଇ ମରିଗଲା। ଏଭଳି ପିଲାଙ୍କ ମୌଖିକ ଲେଖାକୁ ଯଦି ଆମେ ଉତ୍ସାହିତ କରିପାରିବା ତେବେ ମାନକ ଓଡ଼ିଆ ଭାଷା ଲେଖିବା ପାଇଁ ସେମାନେ ସମର୍ଥ ହୋଇପାରିବେ। ଏହାଫଳରେ ସେମାନଙ୍କ ପାଇଁ ଭାଷା ସମ୍ବଳ ହୋଇପାରିବ।

**ବିଷମକଟକ, ରାୟଗଡ଼ା**
**ମୋ: ୮୨୪୯୬୫୭୭୭୮**

## ପାଠକ ଶ୍ରେଷ୍ଠ ବିଚାରକ

### ଗୁଟ୍‌ଖା ବିକ୍ରିରେ ଅଙ୍କୁଶ ଲାଗିପାରୁନାହିଁ

ମହାଶୟ,

ଗୁଟ୍‌ଖା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏବେ ଦେଖାଯାଉଛଇ ଯୁବପିଢ଼ି ଗୁଟ୍‌ଖା ଯନ୍ତାରେ ପଡ଼ିଯାଇଛନ୍ତି। ବିଶେଷକରି ସ୍କୁଲ ଓ କଲେଜ ପିଲାମାନେ ଏହାକୁ ବେଶୀ ଖାଉଛନ୍ତି। ସେଥିପାଇଁ ସରକାର ଗୁଟ୍‌ଖା ବିକ୍ରି ଉପରେ କଟକଣା ଜାରି କରିଛନ୍ତି। କିନ୍ତୁ ଦେଖାଯାଉଛି ଚା' ଦୋକାନ ଓ ପାନଦୋକାନରେ ମାଳ ମାଳ ଗୁଟ୍‌ଖା ଟଙ୍ଗା ହେଉଛି। ମୁଖ୍ୟତଃ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଥିବା ଦୋକାନରେ ବୋଇ ବିକ୍ରି କରାଯାଉଛି। କାଁ ଭାଁ କେତେବେଳେ ଚଢ଼ାଉ ହୋଇ ଫାଇନ ହେଉଛି। ତା'ପରେ ଦୋକାନୀମାନେ କିଛି ଦିନ ଗୁଟଖା ଲୁଚାଇ ରଖୁଛନ୍ତି। ତଥାପି ଗ୍ରହକଙ୍କୁ ଗୁପ୍ତରେ ବିକ୍ରି କରୁଛନ୍ତି। ଚଢାଉର କିଛି ଦିନ ପରେ ପୁନର୍ବାର ଗୁଟଖା ଦୋନଆଗରେ ଝୁଲିବା ଲକ୍ଷ୍ୟ କରାଯାଉଛି। ଗୁଟ୍‌ଖା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ।

**–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭ୍ରୂଣ ଶବ୍ଦ ଶୁଣିପାରେ



ଡା. ପ୍ରଫୁଲ୍ଲ କୁମାର ଦାସ

ମହାଭାରତର ଅଭିମନ୍ୟୁ କଥା ପ୍ରାୟ ସମସ୍ତେ ଜାଣନ୍ତି। ଚକ୍ରବ୍ୟୂହରେ ପ୍ରବେଶ କରି ଅଭିମନ୍ୟୁ କିପରି ବୀର ଦର୍ପରେ ଯୁଦ୍ଧ କରିଥିଲେ। କିନ୍ତୁ ବାହାରକୁ ବାହାରିବାର କୌଶଳ ତାଙ୍କୁ ଜଣା ନ ଥିଲା। ଚକ୍ରବ୍ୟୂହରେ ପ୍ରବେଶ କରିବା କୌଶଳ ତାଙ୍କୁ କିଏ ଶିଖାଇଥିଲା ? ସେ ମାତା ସୁଭଦ୍ରାଙ୍କ ଗର୍ଭରେ ଥିବା ସମୟରେ ଶ୍ରୀକୃଷ୍ଣ ସୁଭଦ୍ରାଙ୍କୁ ଉଦ୍ଦେଶ୍ୟ କରି ଚକ୍ରବ୍ୟୂହରେ ପ୍ରବେଶ କରିବାର ବିବରଣୀ ଶୁଣାଇଥିଲେ। ଶୁଣୁ ଶୁଣୁ ସୁଭଦ୍ରା ଶୋଇପଡ଼ିଥିଲେ। ତଥାପି ଶ୍ରୀକୃଷ୍ଣଙ୍କ କଥାକୁ ଶୁଣି ହୁଁ ଶବ୍ଦ ଆସୁଥିଲା। ଏହି ସମୟରେ ଶ୍ରୀକୃଷ୍ଣ ଲକ୍ଷ୍ୟ କରିଥିଲେ ଯେ ସୁଭଦ୍ରା ଶୋଇପଡ଼ିଛନ୍ତି, ତଥାପି ଗର୍ଭସ୍ଥ ସନ୍ତାନ ଏହି ବିବରଣୀ ଶୁଣୁଛି। ଏଣୁ କୃଷ୍ଣ କଥାକୁ ସେହିଠାରେ ବନ୍ଦ କରି ଦେଇଥିଲେ। ସେହି ଗର୍ଭସ୍ଥ ଭ୍ରୂଣଟି ଚକ୍ରବ୍ୟୂହରେ ପ୍ରବେଶ ଜ୍ଞାନ ଜାଣିଥିଲେ ମଧ୍ୟ ବାହାରିବା ବାଟ ଜାଣିପାରି ନ ଥିଲା ବୋଲି ମହାଭାରତରେ ଲିଖିତ।

ପାଠକମାନେ ଏହି କଥାକୁ ଅସଙ୍ଗତ ମନେକରନ୍ତି ନାହିଁ। କିନ୍ତୁ ଆଧୁନିକ ସମାଜ ଏହାକୁ ଗ୍ରହଣ ନ କରିପାରେ। ସେମାନେ କହନ୍ତି, ଗର୍ଭସ୍ଥ ଭ୍ରୂଣ କିପରି, କେମିତି କଥା ଶୁଣିପାରେ ଓ ମନେରଖିପାରେ। ଭ୍ରୂଣାବସ୍ଥାରେ ହିଁ ଶିଶୁର ମାନସିକ ବିକାଶ ହୋଇଥାଏ। ଏହି ଅବସରରେ ସିନାପ୍ସେ ନାମ ନାଡ଼ିକୋଷର ବୃଦ୍ଧି ହୋଇଥାଏ। ନୂତନ ନାଡ଼ିକୋଷର ମଧ୍ୟ ବିକାଶ ହୋଇଥାଏ। ଭ୍ରୂଣାବସ୍ଥାରେ ଶିଶୁ ଶରୀରର ବିକାଶ ସହ ମସ୍ତିଷ୍କର ମଧ୍ୟ ବିକାଶ ଘଟିଥାଏ। ଦର୍ଶନ, ସ୍ପର୍ଶ, ଘ୍ରାଣ, ଶ୍ରବଣ, ଆସ୍ୱାଦନ ଇତ୍ୟାଦି ପାଞ୍ଚଟି ଇନ୍ଦ୍ରିୟ ସମ୍ବନ୍ଧ ଯେଉଁ କ୍ରିୟା ଥାଏ ସେଥିମଧ୍ୟରୁ ଶ୍ରବଣ ଗୋଟିଏ କ୍ରିୟା। ଉଦର ଊର୍ଦ୍ଧ୍ୱଭାଗରେ ଯେଉଁ ସ୍ପର୍ଶ କମ୍ପନ ଆଦି ଅନୁଭବ ଶକ୍ତି ଦ୍ୱାରା ହିଁ ଜାଣିଥାଏ। ଏହି ଶବ୍ଦ ରୂପ ଧ୍ୱନି ଗର୍ଭସ୍ଥ ଭ୍ରୂଣ କ'ଣ ଗ୍ରହଣ କରିପାରେ। ଏହାକୁ ଅନୁସରଣ କରି ଫିନ୍‌ଲାଣ୍ଡଦେଶୀୟ ବୈଜ୍ଞାନିକମାନେ ଏହାକୁ ପ୍ରୟୋଗ କରିଥିଲେ। ଥରେ ବୈଜ୍ଞାନିକମାନେ କେତେକ ଗର୍ଭବତୀ ନାରୀଙ୍କୁ ସେମାନଙ୍କ ଦ୍ୱାରା ଚୟନ 'ଟଟଟ' ଏହି ପଦକୁ ସପ୍ତାହରେ ୫ରୁ ଅଧିକ ଥର ୪ ମିନିଟ ଯାଏ ଶୁଣାଇଥିଲେ। ଏହି ଧ୍ୱନି ଗର୍ଭକୋଷ ଭିତରକୁ ଅତିକ୍ରମ କରି ଶିଶୁ ଯେପରି ଶୁଣେ, କିନ୍ତୁ ଶିଶୁର ଯେପରି କିଛି ନ ହୁଏ। ସେହିପରି ଧ୍ୱନିର ତୀବ୍ରତାର ବ୍ୟବସ୍ଥା କରିଥିଲେ। ଶିଶୁ ଜନ୍ମ ପରେ ଅର୍ଥାତ୍ ୫ମ ବା ୬ଷ୍ଠ ଦିନରେ ଗବେଷକମାନେ ସେହି ଧ୍ୱନିକୁ ପୁଣି ଶୁଣାଇଲେ।

ଏଲୋକ୍ଟ୍ରୋ–ଏନ୍ସେଫେଲୋଗ୍ରାମ (ଇଇଜି): ଇଇଜି ନାମକ ଉପକରଣରେ ଶିଶୁର ମସ୍ତିଷ୍କ ବିଷୟରେ ଜାଣିବା ପାଇଁ ପରୀକ୍ଷା କରିଥିଲେ। ଯେଉଁ ଶିଶୁଟି ଭ୍ରୂଣାବସ୍ଥାରେ 'ଟଟଟ' ଶବ୍ଦ ଶୁଣିଥିଲା, ଅଭିଜ୍ଞାନ ରୂପକ ପ୍ରଦର୍ଶନ କଲା। ଯେତେବେଳେ 'ଟଠଟ' ଶବ୍ଦ ମଧ୍ୟରେ 'ଠ'କାର ଶୁଣାଗଲା, ସେତେବେଳେ ଶିଶୁର ମସ୍ତିଷ୍କରେ ଆଶ୍ଚର୍ଯ୍ୟ ସହ ସ୍ପନ୍ଦନ ଦୃଷ୍ଟିଗୋଚର ହେଲା। ଯେଉଁ ଶିଶୁମାନଙ୍କୁ ଭ୍ରୂଣାବସ୍ଥାରେ 'ଟଟଟ' ଶବ୍ଦ ଶୁଣାଯାଇ ନ ଥିଲା, ସେମାନେ ଶବ୍ଦ ଶୁଣି ମଧ୍ୟ ଶିଶୁଙ୍କ ସ୍ପନ୍ଦନରେ କୌଣସି ପରିବର୍ତ୍ତନ ଘଟି ନ ଥିଲା। ଜନ୍ମ ପୂର୍ବ ଗର୍ଭସ୍ଥ ଭ୍ରୂଣାବସ୍ଥାରେ ଥିବାରୁ ଶିଶୁ ନିଜେ ଶୁଣିଥିବା ଶବ୍ଦକୁ ସ୍ମରଣରେ ରଖିପାରିଛନ୍ତି ଏହା ଏକ ଶକ୍ତି। ଏହିପରି ୨୮ ସପ୍ତାହ ପ୍ରୟୋଗ ପରେ ଏହା ପ୍ରମାଣିତ ହେଲା। ବିଜ୍ଞାନର ଏହି ଅଂଶ ଆଜି ସଂପ୍ରସାରଣ ପାଇଁ ନିରୂପିତ। କିନ୍ତୁ ମହାଭାରତର ଏହି ଅଂଶ ବହୁ ତଥା ଶହ ଶହ ବର୍ଷ ପୂର୍ବେ ନିରୂପିତ ହୋଇଥିଲା। ଆଜି ମଧ୍ୟ ଗ୍ରାମାଞ୍ଚଳରେ ଗର୍ଭବତୀ ମହିଳାମାନଙ୍କ ଉଦ୍ଦେଶ୍ୟରେ କୁହାଯାଏ ଉତ୍ତମ ବଚନ କହିବା, ଉତ୍ତମ ବଚନ ଶୁଣିବା, ରାମାୟଣ ପରି ଜ୍ଞାନବର୍ଦ୍ଧକ ବହି ପଢ଼ିବା, ଶ୍ରୁତିମଧୁର ଗୀତ ଶୁଣିବା ଇତ୍ୟାଦି। କାରଣ ଗର୍ଭବତୀଙ୍କ ବ୍ୟବହାର ଗର୍ଭସ୍ଥ ସନ୍ତାନ ଉପରେ ପଡ଼େ ବୋଲି ସାଧାରଣ ମହିଳାମାନଙ୍କ ଧାରଣା ରହିଛି। କେବଳ ପୁରାଣ କହୁନାହିଁ ବରଂ ବିଜ୍ଞାନ ମଧ୍ୟ ପ୍ରମାଣିତ କରୁଛି।

ବର୍ତ୍ତମାନ ସମୟରେ ଇଇଜି ପରୀକ୍ଷାକୁ ନେଇ ସେପରି ଭୟଭୀତ ହେବାର କିଛି କାରଣ ନାହିଁ। ଏହା ଆପଣଙ୍କର ଆଗତ ଭବିଷ୍ୟତ କୁହାଯାଉଥିବା ପିଲାଟି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଆଉ ଏକ ବିଶେଷ କଥା ହେଉଛି ପିଲାଟି ବେଲ୍ଲୁ ନବଜାତକର କୌଣସି ପ୍ରକାର ଅସ୍ୱାଭାବିକ ସ୍ଥିତି ଥିଲେ ଆପଣ ପ୍ରାରମ୍ଭିକ ସମୟରେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରନ୍ତି। ପିଲାମାନଙ୍କ ପରୀକ୍ଷା ନିରୀକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଖାଦ୍ୟପେୟ କଥା ନେଇ ଆଜିକାଲି ସୋସିଆଲ ମିଡ଼ିଆରେ ଅନେକ ତଥ୍ୟ ସବୁ ବାହାରୁଛି। ଏ ସବୁ ଡାକ୍ତରୀ ସିଦ୍ଧାନ୍ତରେ ନିର୍ଣ୍ଣୟ ହୋଇଛି କି ନାହିଁ ଭଲଭାବେ ବୁଝିବା କଥା। କୌଣସି କାନକୁହା କଥା କାହାଙ୍କଠାରୁ ଶୁଣି ପିଲାମାନଙ୍କର ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ସାଲିସ କରନ୍ତୁ ନାହିଁ। ପିଲାମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାରମ୍ଭିକ ସମୟରୁ ନିୟମିତ ଟିକା ଦିଅନ୍ତୁ ଏବଂ ସବୁଠାରୁ ଭଲହେବ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଏହି ସୁବିଧା ଗ୍ରହଣ କରିବା। ପିଲାମାନଙ୍କ ଶାରୀରିକ ଅସଂଗତି ବା ଶୁଣିବା କ୍ଷେତ୍ରରେ କୌଣସି ସମସ୍ୟା ଥିଲେ ମାନସିକ ଭାବେ ହତୋତ୍ସାହିତ ହୁଅନ୍ତୁ ନାହିଁ। ବରଂ ପ୍ରଥମରୁ ଡାକ୍ତରୀ ସହାୟତା ଦ୍ୱାରା ଏହାର ନିରାକରଣ ସମ୍ଭବ।

**କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ,**
**ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ,**
**ମୋ:୯୪୩୭୦୨୩୪୪୩**





## ୨୫ରେ ଭେଟେରାନ କ୍ରୀଡ଼ା ସଂଘର ବାର୍ଷିକ ପ୍ରତିଯୋଗିତା

**ବାଲେଶ୍ୱର, ୧୪।୧ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ଭେଟେରାନ କ୍ରୀଡ଼ା ସଂଘର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ୨୫ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଫୁଟବଲ, ଭଲିବଲ, କ୍ରିକେଟ, ବ୍ୟାଡମିଣ୍ଟନ, ସାଇକେଲ ରେସ, ସ୍ଲୋ ବାଇକ୍ ରେସ, ମ୍ୟୁଜିକ୍ ଚେୟାର ଓ ଶଙ୍ଖଫୁଙ୍କା ପ୍ରତିଯୋଗିତା ହେବ। ପ୍ରତ୍ୟେକ ଖେଳାଳି ୨ଟି ବିଭାଗରେ ଅଂଶଗ୍ରହଣ କରିପାରିବେ ବୋଲି ଷ୍ଟାଡିୟମ୍ କାର୍ଯ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ସୂଚନା ଦିଆଯାଇଛି। ବୈଠକରେ କ୍ରୀଡ଼ା ସଂଘ ସଭାପତି ଡ. ଅଶୋକ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ସଂଘ ଉପଦେଷ୍ଟା ସୁବ୍ରତ କର, ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ଯୋଗଦେଇ ମହିଳା ଖେଳାଳିଙ୍କ ବୟସ ସୀମା ୩୦ରୁ ୭୦ ଓ ପୁରୁଷ ବିଭାଗର ଖେଳାଳିମାନଙ୍କର ବୟସ ସୀମା ୪୦ରୁ ୮୫ ବର୍ଷ ପର୍ଯ୍ୟନ୍ତ ରହିଛି। ଭେଟେରାନ୍ ଖେଳାଳିଙ୍କ ପାଇଁ ବ୍ୟାଡମିଣ୍ଟନ ଓ ଟେବୁଲ ଟେନିସ୍ ଖେଳର ସୁଯୋଗ ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଜଗଦୀଶ ବେହେରା, ଅପର୍ଣ୍ଣା କର, ଗୋପାଳ ସେଠୀ, ବିନୋଦବିହାରୀ ଜେନା, ହରେନ ରଣା, ଅର୍ଚ୍ଚନା ନନ୍ଦୀ ଓ ଜନ୍ମେଜୟ ଦେଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗଙ୍ଗାସାଗରରେ ପୁଣ୍ୟାର୍ଥୀଙ୍କ ମକରବୁଡ଼



ଗଙ୍ଗା ଓ ସାଗର ସଙ୍ଗମସ୍ଥଳରେ ମକରସଂକ୍ରାନ୍ତି ଅବସରରେ ବୁଧବାର ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି।

- ୧ ମୃତ, ଜାତୀୟ ମେଳା ଘୋଷଣା ଦାବି
- କପିଳମୁନି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଆରାଧନା

**ଭୋଗରାଇ, ୧୪।୧ (ପ୍ରଦୀପ ଦାସ)**

ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପରଗଣା ଜିଲା ସାଗରଦୀପର ଗଙ୍ଗା ଓ ସାଗର ସଙ୍ଗମସ୍ଥଳରେ ମକରସଂକ୍ରାନ୍ତି ଅବସରରେ ବୁଧବାର ମାହେନ୍ଦ୍ର ବେଳାରେ ୧ କୋଟିରୁ ଊର୍ଦ୍ଧ୍ୱ ପୁଣ୍ୟାର୍ଥୀ କଡ଼ା ନିରାପତ୍ତା ମଧ୍ୟରେ ମକର ବୁଡ଼ ପକାଇଥିବା ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଅରୂପ ବିଶ୍ୱାସ ପ୍ରକାଶ କରିଛନ୍ତି। ଗୁରୁବାର ଏହି ପୁଣ୍ୟସ୍ନାନ ଅପରାହ୍ନ ୧ଟା ୧୯ ପର୍ଯ୍ୟନ୍ତ ଥିବାରୁ ପୁଣି ଲକ୍ଷାଧିକ ତୀର୍ଥଯାତ୍ରୀ ଗଙ୍ଗାସାଗରକୁ ଆସିବା ନିମନ୍ତେ ବିଭିନ୍ନ ସ୍ଥାନରେ ଅପେକ୍ଷାରତ ଅଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ବୁଧବାର ନିଶିବାସନରୁ ଲକ୍ଷାଧିକ ତୀର୍ଥଯାତ୍ରୀ ଏଠାରେ ଗଙ୍ଗା ମା'ଙ୍କୁ ସ୍ମରଣ କରି ମକରବୁଡ଼ ଦେଇ ସୂର୍ଯ୍ୟପୂଜା କରିବା ସହିତ କପିଳମୁନି ମନ୍ଦିରରେ ପୂଜାର୍ଚ୍ଚନା କରି ଗଙ୍ଗା ମା' ଜୟ, କପିଳମୁନି ଜୟ ଧ୍ୱନି ଦେଇ ଘରବାହୁଡ଼ା ହୋଇଛନ୍ତି। ଗଙ୍ଗାସାଗର ସୈକତରେ ଓଡ଼ିଶା ସମେତ ଭିନ୍ନ ରାଜ୍ୟରୁ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ବୈତରଣୀ ପାର ପାଇଁ ମୋକ୍ଷପ୍ରାପ୍ତି ନିମନ୍ତେ ଅସଂଖ୍ୟ ଶ୍ରଦ୍ଧାଳୁ ଗୋରୁ ଲାଞ୍ଜ ଧରି ପୂଜାପାଠ ଓ ଶ୍ରାଦ୍ଧାଦି କାର୍ଯ୍ୟ କରିଛନ୍ତି। ଗଙ୍ଗାସାଗର ମେଳାକୁ ପ୍ଲାଷ୍ଟିକମୁକ୍ତ କରିବା ସହିତ ସ୍ୱଚ୍ଛ, ସବୁଜ ଓ ସତେଜ ପାଇଁ ପଶ୍ଚିମବଙ୍ଗ ସରକାର ଓ ପ୍ରଶାସନ ପକ୍ଷରୁ ଘନ ଘନ ପ୍ରଚାର ଓ ସଚେତନ କରାଯାଉଛି। ମେଳାରେ ଆସାମର ମିଠୁ ମଣ୍ଡଳ (୫୧) ହୃଦ୍‌ଘାତଜନିତ କାରଣରୁ ମୃତ୍ୟୁ ହୋଇଥିବା ସରକାରୀ ଭାବେ ଘୋଷଣା କରାଯାଇଛି। ଏଥିସହିତ ବିହାରର ୨, ଉତ୍ତରପ୍ରଦେଶର ୨ ଓ ହରିୟାଣାର ଜଣଙ୍କୁ ଗୁରୁତର ରୋଗୀଙ୍କୁ ଜରୁରୀ ଭିତ୍ତିରେ ଏୟାରଲିଫ୍ଟ ଯୋଗେ କୋଲକାତା ସରକାରୀ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ପୁରୀ ଗୋବର୍ଦ୍ଧନ ପୀଠର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଆଦିତ୍ୟବାହିନୀ ସହିତ ବିଶ୍ୱଶାନ୍ତି ପାଇଁ ସମୁଦ୍ର ଆଳତୀ କରି ମକରବୁଡ଼ ଦେଇ ଫେରିଛନ୍ତି। ଭାରତ ସେବାଶ୍ରମ ସଂଘରେ ୧୨ହଜାର ତୀର୍ଥଯାତ୍ରୀଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଉଛି ବୋଲି ମହନ୍ତ ନିମାଇଁ ମହାରାଜ ସୂଚନା ଦେଇଛନ୍ତି। ପ୍ରସିଦ୍ଧ ମେଳାରେ ୬୭୨ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଭାରତ ପ୍ରସିଦ୍ଧ ଗଙ୍ଗାସାଗର ମେଳାକୁ ଜାତୀୟ ମେଳା ଘୋଷଣା କରିବାକୁ ପଶ୍ଚିମବଙ୍ଗ ସରକାର ଓ ବହୁ ଧର୍ମଗୁରୁମାନଙ୍କ ପକ୍ଷରୁ ଦାବି କରିଛନ୍ତି। ସରକାରୀ ଭାବେ ଏହି ମେଳା ୧୭ତାରିଖ ଚାଲୁ ରହିଥିବା ବେଳେ ବେସରକାରୀ ଭାବେ ସ୍ଥାନୀୟ ଲୋକଙ୍କ ପାଇଁ ୫ଦିନ ଦିଆଯାଇଛି। ଦୀଘା, ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ଚୌମୁଖ, ଡଗରା ସହିତ ସୁବର୍ଣ୍ଣରେଖା ନଦୀକୂଳରେ ଲକ୍ଷାଧିକ ଶ୍ରଦ୍ଧାଳୁ ବୁଡ଼ମାରିଥିବା ସୂଚନା ମିଳିଛି।

## 'ନିଃସ୍ୱାର୍ଥପର ଜନନେତା ଥିଲେ ଗଦାଧର'



ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

**୩୯ତମ ଶ୍ରାଦ୍ଧବାର୍ଷିକୀ**

**ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୧୪।୧**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବେତଗଡ଼ିଆ ପଞ୍ଚାୟତ ନାରାୟଣପୁର କୀର୍ତ୍ତିଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ପକ୍ଷରୁ ସୋମବାର ଅପରାହ୍ନରେ ସ୍ୱର୍ଗତ ଗଦାଧର ଗିରିଙ୍କ ୩୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପରିଷଦ ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ଆବାହକ ବିକାଶ ଗିରି ପରିଚାଳନା କରିଥିଲେ। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ପାଟଶାଣୀ, ପ୍ରଫେସର କିଶୋର ଦେବଦତ୍ତ ସିଂ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଅଧ୍ୟାପକ କେଦାରନାଥ ମହାନ୍ତି, ଜିଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, ଲତାଯୋଡି ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ବେତଗଡ଼ିଆ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ଗିରିଙ୍କ ସହିତ ଭାଜପା ନେତା ଅରବିନ୍ଦ ବେହେରା ମଞ୍ଚାସୀନ ହୋଇ ସ୍ୱର୍ଗତ ଗଦାଧର ଗିରି ଥିଲେ ବାଲିଆପାଳ ଅଞ୍ଚଳର ଜଣେ ନିଃସ୍ୱାର୍ଥପର ଜନନେତା। ବାଲିଆପାଳରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଗଢ଼ିବାଠୁ ଆରମ୍ଭ କରି ଘାଟି ଆନ୍ଦୋଳନର କର୍ଣ୍ଣଧାର ସାଜିଥିବା ବାଲିଆପାଳ ଆକାଶର ଧ୍ରୁବତାରା ସଦୃଶ। ସେହି ଦିବ୍ୟଆତ୍ମାଙ୍କୁ ଅନୁସରଣ କରିବା ପାଇଁ ଯୁବଗୋଷ୍ଠୀକୁ ଆହ୍ୱାନ ଦେଇଥିଲେ। କେବଳ ବାଲିଆପାଳ କାହିଁକି ସମଗ୍ର ଓଡ଼ିଶାରେ ବେଶ ପରିଚିତ ଥିଲେ ବୋଲି ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଆଳଦା ସେବା ସମିତିରେ ନୂତନ ମଣ୍ଡି ଉଦ୍‌ଘାଟିତ

**ବାହାନଗା, ୧୪।୧ (ଅରୂପ୍ କୁମାର ଦାସ)**

ବାହାନଗା ବ୍ଲକ ଖରାସାହାପୁରସ୍ଥିତ ଆଳଦା ସେବା ସମବାୟ ସମିତିରେ ସୋର ବିଧାୟକ ମାଧବ ଧଡାଙ୍କ ଦ୍ୱାରା ନୂତନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ୧୨ଜଣ ଚାଷୀଙ୍କ ନିକଟରୁ ୨ଶହ କୁଇଣ୍ଟାଲ ଧାନ କିଣାଯାଇଛି। ଏହି ଧାନ ପୂଜା ମିଲ୍ ଦ୍ୱାରା ସମିତିରେ ଖୋଲାଯାଇଥିବା ମଣ୍ଡିରୁ ଧାନ କିଣିବା ପାଇଁ ଚୁକ୍ତି କରାଯାଇଛି। ସମିତିରେ ୮୪୨ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିଲେ। ଅଦ୍ୟାବଧି ୫ହଜାର କୁଇଣ୍ଟାଲ ଧାନ ପ୍ରଥମ ପର୍ଯ୍ୟାୟରେ କିଣିବା ପାଇଁ ପଞ୍ଜୀକୃତ କରିଥିବା ଚାଷୀଙ୍କ ମଧ୍ୟରୁ ଅଳ୍ପ ଚାଷୀଙ୍କର ଟାର୍ଗେଟ ଆସିଛି। ଏଥିରେ ସମିତି ସଭାପତି ପ୍ରଦୀପ ମହାପାତ୍ର, ସହ ସମ୍ପାଦକ ଶୁଭ୍ରଜ୍ୟୋତି ନାୟକ, ଆରଏମ୍‌ସି ସଦସ୍ୟ ରମେଶ ମଲ୍ଲିକ, ପୂର୍ବତନ ଏମ୍‌ପିଙ୍କ ପ୍ରତିନିଧି ଶଙ୍କର୍ଷଣ ବାରିକ, ପ୍ରଦୀପ ଯେନା, ପ୍ରଭାତ ବାରିକ୍, ଲକ୍ଷ୍ମୀକାନ୍ତ ଯେନା, ସୁକାନ୍ତ ପଣ୍ଡା, କରୁଣାକର ମହାପାତ୍ର, କୈଳାସ ମହାନ୍ତି ଓ ଗୌରାଙ୍ଗ ମହାଲିକ ପ୍ରମୁଖ ସଦସ୍ୟ ଓ ଚାଷୀମାନଙ୍କ ଉପସ୍ଥିତିରେ ଧାନ କିଣାଯିବା ପାଇଁ ମଣ୍ଡି ଉଦ୍‌ଘାଟନ କରାଯାଇଥିଲା।



ମଣ୍ଡି ଉଦ୍‌ଘାଟନ ଅବସରରେ ବିଧାୟକ ମାଧବ ଧଡା ଓ ଅନ୍ୟମାନେ।

## ବାଲେଶ୍ୱର ଆଦର୍ଶ କ୍ରିକେଟ ଏକାଡେମୀ ଚାମ୍ପିୟନ




ଅତିଥି ଚାମ୍ପିୟନ ଆଦର୍ଶ କ୍ରିକେଟ ଏକାଡେମୀର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

**ବାବା ଲଙ୍କେଶ୍ୱର ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ**

**ଖଇରା, ୧୪।୧ (ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ରୋମାଞ୍ଚକର ଫାଇନାଲରେ ଆଦର୍ଶ କ୍ରିକେଟ ଏକାଡେମୀ ଉତ୍କଳିକା ସ୍ପୋର୍ଟିଂ ବାସୁଦେବପୁରକୁ ୫୫ ରନରେ ପରାସ୍ତ କରି ବିଜୟ ଟ୍ରଫି ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଆଦର୍ଶ ଏକାଡେମୀ ୨୦ ଓଭରରେ ୬ ଉଇକେଟ ହରାଇ ୨୭୫ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ବିଶାଳ ଦାସମାତ୍ର ୩୮ବଲରୁ ବିସ୍ଫୋରକ ୮୮ରନ କରି ଅପରାଜିତ ରହିଥିଲେ। ୨୭୬ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଉତ୍କଳିକା ସ୍ପୋର୍ଟିଂ ୨୦ଓଭରରେ ୯ ଉଇକେଟ ହରାଇ ମାତ୍ର ୨୨୦ରନ କରି ପରାଜୟ ସ୍ୱୀକାର କରିଥିଲା। ଓସିଏ ପ୍ୟାନେଲ ଅମ୍ପାୟାର ସୁଧାଂଶୁ ଲେଙ୍କା ଓ ଅଶୋକ କୁମାର ରାଉତ ମ୍ୟାଚ ପରିଚାଳନା କରିଥିଲେ। କ୍ରିକେଟ କମିଟି ସଭାପତି ଅଭିମନ୍ୟୁ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ପଡିଆର ଉନ୍ନତୀକରଣ ନୂତନ ଗୃହ ନିର୍ମାଣ ପାଇଁ ୮ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଘୋଷଣା କରିଥିଲେ। ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ସୁଶାନ୍ତ ମହାକୁଡ, ଆଇସିପିଏସ ଅଧ୍ୟକ୍ଷ ରାଜେଶ ମହାକୁଡ, ରାଧାକାନ୍ତ ରାଉଳ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୩୦ହଜାର ଓ ରନର୍ସ ଅପ ଟିମକୁ କପ ସହ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଆଦର୍ଶ ଏକାଡେମୀର ମୁକେଶ କୁମାର ଓ ମ୍ୟାନ ଅଫ ଦି ସିରିଜ ଭାବେ ଉତ୍କଳିକା ସ୍ପୋର୍ଟିଂର ଚନ୍ଦ୍ରଶେଖର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। କମିଟି ସମ୍ପାଦକ ଶିବସୁନ୍ଦର ଦାସ ବିବରଣୀ ପାଠ ଓ ସୁଶାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୋରର ଭାବେ କମଳାକାନ୍ତ ବେହେରା, ହେମନ୍ତ ଓ ଦିନେଶ, ଭାଷ୍ୟକାର ଭାବେ ଉଦୟଭାନୁ ପତି ଓ ସୁବାସ ସାର ଦାୟିତ୍ୱ ତୁଲାଇଥିଲେ।

## ଡା. କାଉଣ୍ଟ ସିଜାର ମେଟିଙ୍କ ଜନ୍ମବାର୍ଷିକୀ

**ରସାଲପୁର, ୧୪।୧ (ଶରତ ସାମଲ)**

ବାଲେଶ୍ୱର ଜିଲା ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସକ ସଂଘ ଦ୍ୱାରା ଡା. କାଉଣ୍ଟ ସିଜାର ମେଟିଙ୍କର ୨୧୭ତମ ଜନ୍ମବାର୍ଷିକ ରବିବାର ପାଳିତ ହୋଇଛି। ସଂଘ ଜିଲା ସଭାପତି ଡା. ପର୍ଶୁରାମ ସେଠୀ ଓ ସମ୍ପାଦକ ଡା. ଅରବିନ୍ଦ ପାତ୍ରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଚିକିତ୍ସକ ଡା. ବନମାଳୀ ବାରିକ, ଡା. ରାମଚନ୍ଦ୍ର ପ୍ରଧାନ, ଡା. ପ୍ରଦୀପ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ସଂଘର ସକ୍ରିୟ ଡାକ୍ତର ଓ ଉପଦେଷ୍ଟା ଡା. ନାରାୟଣ ଦାସ, ଡା. ଅମିଓ ତାଲଦି, ଡା. ଅରୁଣ ବେହେରା, ଡା. ବଳରାମ ପରିଡ଼ା, ଡା. ଗୁପ୍ତା ପ୍ରସାଦ ଜେନା ପରିଚାଳନା କରିଥିଲେ। ଡା. ଅମିଓ ତାଲଦି ଧନ୍ୟବାଦ ଦେଇଥିଲେ।




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

## ଭଲିବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ରେମୁଣା, ୧୪।୧ (ରବୀନ୍ଦ୍ର ମହାକୁଡ)**

ରେମୁଣା ବ୍ଲକ କୁଳିଗାଁ ପଞ୍ଚାୟତ ଗମ୍ଭାରିଆଠାରେ ଥିବା ଲାଲ୍‌ବାଗ ପଡିଆରେ ଜୟଦୁର୍ଗା ଯୁବକ ସଂଘ ଆନୁକୂଲ୍ୟରେ ଏକ ଦିବସୀୟ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ସାମାଜିକ କର୍ମୀ ରବୀନ୍ଦ୍ର ମହାକୁଡ ଉଦ୍‌ଘାଟନ କରିଥିଲେ। ଏଥିରେ ଜୟଦୁର୍ଗା ଯୁବକ ସଂଘର ସଭାପତି ଜଳଧର ମହାନ୍ତି, ଅରୁଣ ମହାନ୍ତି, କେଦାର ମହାନ୍ତି, ବରୁଣ ମହାନ୍ତି, ଗିରୀଶ ଚନ୍ଦ୍ର ପଡିଆରୀ, ସୁଧୀର ମହାନ୍ତି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

**ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ**

## ସୁଦୃଢ଼ ହୋଇଛି କୃଷକଙ୍କ ସାମାଜିକ, ଆର୍ଥିକ ମାନଦଣ୍ଡ

**ବାଲେଶ୍ୱର, ୧୪।୧ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଉଠାଜଳସେଚନ ବିଭାଜନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ମଙ୍ଗଳବାର ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କୃଷିର ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଜଳସେଚନ ଉପରେ ଗୁରୁତ୍ୱ ଦେବା ସହ କୃଷକର ବିକାଶ ନିମନ୍ତେ ଶତତ ଚେଷ୍ଟିତ। ଜଳର ପ୍ରାକୃତିକ ଉତ୍ସର ସଂରକ୍ଷଣ ଓ ଜୈବିକ, ପ୍ରାକୃତିକ କୃଷିକୁ ଗୁରୁତ୍ୱ, ସମନ୍ୱିତ କୃଷିର ବିକାଶ, ଚାଷୀଙ୍କୁ ସମ୍ମାନ, ଗୋ-ବଂଶ ରକ୍ଷା କରିବା ସହ ଶିକ୍ଷିତ ଯୁବତୀଯୁବକ ଚାଷକୁ କ୍ୟାରିୟର ଭାବେ ଗ୍ରହଣ କଲେ ନୂତନ ଓଡ଼ିଶା ନିର୍ମାଣ ସ୍ୱପ୍ନ ସାକାର ହେବ ବୋଲି ସେ କହିଥିଲେ। ଉଠା ଜଳସେଚନ ନିଗମର ନିର୍ବାହୀଯନ୍ତ୍ରୀ ଶିରିଶ ଚନ୍ଦ୍ର ମୁଣ୍ଡା ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଯୋଗଦେଇ ପାଣି ପଞ୍ଚାୟତ ଯୋଜନା ଆଜି କେବଳ ଜଳସେଚନ ପରିଚାଳନାର ଏକ ଅଂଶ ହୋଇରହିନାହିଁ। ଏହା କୃଷି ଉତ୍ପାଦନ ବୃଦ୍ଧି କରିବା ସହିତ କୃଷକମାନଙ୍କର ସାମାଜିକ ଏବଂ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବାରେ ଲାଗିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୋଗରାଇ ବିଧାୟକଙ୍କ ପ୍ରତିନିଧି ଗିରିଶ କୁମାର ଦତ୍ତ, ରେମୁଣା ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ଏସ୍‌ଡିଆଇପିଆର୍‌ଓ ବୁଢ଼ାନ ହେମ୍ରମ ଯୋଗଦେଇ ପାଣି ପଞ୍ଚାୟତର ସଫଳତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସହକାରୀ ଯନ୍ତ୍ରୀ ଇଂ. ବେଣୁଧର ଦାସ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିବା ସହ ଚାଷୀମାନଙ୍କୁ ଶପଥପାଠ କରାଇଥିଲେ। ଉଠା ଜଳସେଚନ, କ୍ଷୁଦ୍ର ଜଳସେଚନ, କୃଷି, ଉଦ୍ୟାନ, ମତ୍ସ୍ୟ, ପ୍ରାଣୀଧନ ବିଭାଗ ଓ କୃଷି ଶିଳ୍ପ ନିଗମର ଅଧିକାରୀଗଣ ଉପସ୍ଥିତ ରହି ନିଜସ୍ୱ ବିଭାଗର କାର୍ଯ୍ୟଶୈଳୀ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଏବଂ ୨ଜଣ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ସହକାରୀ ଯନ୍ତ୍ରୀ ଇଂ. ରାମ ନାରାୟଣ ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଇଂ. ସୁରେଶ ଚନ୍ଦ୍ର ଦେ ଧନ୍ୟବାଦ ଦେଇଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରେମାନନ୍ଦ ପଣ୍ଡା, ସହକାରୀ ଯନ୍ତ୍ରୀ ଜଳନ୍ଧର ଦାସ, ଗୌରାଙ୍ଗ ଚରଣ ଦାସ, ବେଣୁଧର ଦାସ, କୁଳମଣି ନାୟକ, ଦିବ୍ୟରଞ୍ଜନ ପଣ୍ଡା ଓ ସ୍ୱାଗତ ସମ୍ବିତ ପଟ୍ଟନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥି ଓ ବିଭାଗୀୟ ଅଧିକାରୀ।


**HDFC BANK** We understand your world

# AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 22-January-2026 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75531294 | JAGADISH BARIK | 382900 | HDFC BANK LTD, 1ST FLOOR, DALA CHHAK, NEAR SBI, JAJPUR ROAD, JAJPUR-755019 |
| 2 | 4000635608 | FIROJ EKKA | 157000 | |
| 3 | 76021307 | ABANTI DEHURY | 91000 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 4 | 75250471 | DEVI PRASAD BEHERA | 40500 | |
| 5 | 75551989 | GYANA RANJAN BASTIA | 46000 | HDFC BANK LTD, BAJRAKABATI ROAD, CUTTACK-753001 |
| 6 | 75349400 | SUCHISMITA PATTANAYAK | 57000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 7 | 75948600 | SARWAN GOSAIN | 61400 | HDFC BANK LTD, BIRAMITRAPUR, NEAR NEW BUS STAND, SUNDARGARH, ODISHA-770033 |
| 8 | 75798940 | RAHUL NAIK | 241800 | HDFC BANK LTD, DHIPASAHI, STATION ROAD, BARIPADA-757001 |
| 9 | 75609290 | DHIREN MOHAPATRA | 44000 | |
| 10 | 75366852 | ARAKSHITA SWAIN | 266300 | HDFC BANK LTD, DURGA BAZAR, JAGATSINGHAPUR, ODISHA-754103 |
| 11 | 75985309 | NAIM KHAN | 177900 | |
| 12 | 75670443 | CHANDAN KUMAR SAHOO | 170100 | |
| 13 | 75265052 | ARAKSHITA SWAIN | 169700 | |
| 14 | 75423633 | ARAKSHITA SWAIN | 169300 | |
| 15 | 75723936 | CHANDAN KUMAR SAHOO | 153400 | |
| 16 | 75202988 | MANORANJAN MOHARANA | 152500 | |
| 17 | 75556142 | ARAKSHITA SWAIN | 109900 | |
| 18 | 75769659 | TASLIM KHAN | 94600 | |
| 19 | 75747973 | TASLIM KHAN | 74400 | |
| 20 | 75972726 | ASISH KUMAR PALURI | 35900 | |
| 21 | 4000871030 | BISHNU PRIYA MEHER | 469800 | HDFC BANK LTD, DURGA COMPLEX, JHARSUGUDA-768201 |
| 22 | 4000715165 | BISHNU PRIYA MEHER | 185000 | |
| 23 | 74355548 | SHANTANU BUDA | 51000 | |
| 24 | 465885155 | BUDRAM SUNDI | 42000 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 25 | 75947184 | SUBHRANSU BEHERA | 41500 | |
| 26 | 4000715272 | TAHARAT ANSARI | 31000 | |
| 27 | 75742461 | BIJAY KUMAR GUPTA | 77600 | HDFC BANK LTD, GOLEI CHHAK, MAIN ROAD, RAIRANGPUR, MAYURBHANJ, ODISHA - 757043 |
| 28 | 4000492000 | KANHU RANA | 49300 | HDFC BANK LTD, GRD. FLOOR, PLOT NO. 2528, RATHA SAHI, RAIRAKHOL, SAMBALPUR, ODISHA - 768106 |
| 29 | 75733075 | AMIT MANDAL | 96100 | HDFC BANK LTD, GROUND FLOOR, NUAGUDA, OPP. FCI-I, ARTS COLLEGE ROAD, MALKANAGIRI-764048 |
| 30 | 75835149 | BISWANATH KOPE | 71100 | |
| 31 | 75597551 | TAPAS KUMAR ARUK | 27000 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 32 | 74155434 | KRUSHNA CHANDRA NAYAK | 184000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 33 | 75300304 | GOURAB BHATRA | 143600 | |
| 34 | 4000556702 | PRIYANKA TAKRI | 86000 | |
| 35 | 75970511 | BHIMA SANTA | 75000 | |
| 36 | 75963775 | LILLY HEAAL | 42000 | |
| 37 | 74822730 | ABHI BHUMIYA | 30000 | |
| 38 | 75615080 | ANIL KUMAR PARIDA | 406000 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 39 | 75594426 | TULU SWAIN | 49000 | |
| 40 | 75202562 | PINKU SAHOO | 45300 | HDFC BANK LTD, KIIT CAMPUS 5, NEAR KIMS, ADMINISTRATIVE BLOCK, PATIA, BHUBANESWAR-751024 |
| 41 | 75272266 | SANDHYA SWAIN | 80400 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 42 | 4000938981 | SARAT PRAVA PANIGRAHI | 112000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 43 | 75475069 | SANTOSH KUMAR GOUDA | 27000 | |
| 44 | 75939545 | JYOTI PRAKASH | 170000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 45 | 75763152 | BHABENDU PRASAD RANA | 92000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 46 | 75674403 | AMARLAL SI | 22000 | |
| 47 | 75346397 | SANJAY KHORA | 111500 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 48 | 75891325 | RANJITA RANI HIAL | 70000 | |
| 49 | 75927818 | GOPAL JALA | 56500 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 50 | 4000297040 | KALANDI CHARAN NAIK | 34600 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 51 | 75151110 | BABITA GOUDA | 90700 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 52 | 75759710 | SUNITA BEHERA | 83000 | HDFC BANK LTD, PANCHGACHIA, BARAIPALI, SAMBALPUR, ODISHA-768006 |
| 53 | 75822562 | BISWABANDITA SAHOO | 277000 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 54 | 75038852 | RAKESH KUMAR PATI | 85700 | |
| 55 | 75954280 | SUKANTI PRUSTY | 26000 | |
| 56 | 75263098 | JAGANNATH JIT | 56800 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 57 | 75963529 | JITU NAYAK | 52800 | |
| 58 | 4000843527 | JOULU RAMU | 62400 | HDFC BANK LTD, PLOT NO- 447, BHAGWAN TRADE CENTER, NEAR IFFCO SQUARE, ATHARBANKI, PARADEEP-754142 |
| 59 | 75283151 | BIBHUDATTA NAYAK | 35000 | |
| 60 | 75360656 | BIJAY KUMAR SAHOO | 63500 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 61 | 50200078686772 | DIPAK RANJAN PANDA | 571890.93 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 62 | 75536525 | GANESH CHANDRA PRADHAN | 83000 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 63 | 4000676889 | GANDARAM PADHAN | 101000 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 64 | 75947326 | JAUTIKA SANDH | 49500 | |
| 65 | 75902313 | MAKUNDA RANA | 43400 | |
| 66 | 75884184 | SASMITA MUGRI | 39000 | |
| 67 | 74793930 | JAGAN NAG | 34300 | |
| 68 | 75538887 | JAGAN NAG | 31000 | |
| 69 | 75948373 | MALATI BARIHA | 31000 | |
| 70 | 75971281 | ANUPAMA BHOI | 26200 | |
| 71 | 75782529 | RAJESH KUMAR DAS | 99700 | HDFC BANK LTD, SHANKAR CINEMA ROAD, ANGUL, ODISHA - 759122 |
| 72 | 466120451 | BIJAY BINDHANI | 57000 | HDFC BANK LTD, WARD NO- 08, BADABAZAR, DEULASAHI, BARIPADA, MAYURBHANJ-757001 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 15/01/2026, Place : ODISHA** **Sd/- Authorized Officer, HDFC BANK LTD.**

# କେନ୍ଦୁଝରରେ ମକର ଉତ୍ସାହ
# ବୁଡ଼ ପକାଇଲେ, ମେଳା ବୁଲିଲେ

କେନ୍ଦୁଝର,୧୪।୧(ନରେଶ ଚନ୍ଦ୍ର ପଜନାୟକ): କେନ୍ଦୁଝର, ମୟୂରଭଞ୍ଜ ଜିଲା ସମେତ ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟରେ ମକର ସଂକ୍ରାନ୍ତି ଉତ୍ସବ ଦେଖିବାକୁ ମିଳିଛି। ବୁଧବାର ଜିଲାର ପ୍ରମୁଖ ବୈତରଣୀ ନଦୀ ସମେତ ବିଭିନ୍ନ ନଦୀ, ପୋଖରୀରେ ଲୋକେ ମକର ବୁଡ଼ ଦେଇ ନିକଟ ଦେବଦେବୀ ପୀଠରେ ମକର ଚାଉଳ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ମକର ଅବସରରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ମେଳା ବୁଲି ମଉଜ କରିଥିଲେ। କେନ୍ଦୁଝରର ବିଭିନ୍ନ ଅଞ୍ଚଳରେ ମକର ସଂକ୍ରାନ୍ତି ଅବସରରେ ଘର ଲିପା ପୋଛା, ରଙ୍ଗ ଲିପି ପରିଷ୍କାର କରିଛନ୍ତି। ଲୋକେ କାମ ଧନ୍ଦା ଛାଡ଼ି ମକର ମେଳା ବୁଲି ଦିନ କାଟିଥିଲେ। ୧୫ ଦିନ ପର୍ଯ୍ୟନ୍ତ ମେଳା, ମହୋତ୍ସବ ଅନୁଷ୍ଠିତ ହେବ।


ଶ୍ରଦ୍ଧାଳୁ ମକର ବୁଡ଼ ପକାଉଛନ୍ତି।

## ବାବା ବିଶେଶ୍ୱରଙ୍କ ପୀଠରେ ମକର ମେଳା



କେନ୍ଦୁଝର,୧୪।୧(ନରେଶ ଚନ୍ଦ୍ର ପଜନାୟକ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କାଡଗଡ଼ ବାବା ବିଶେଶ୍ୱରଙ୍କ ପୀଠରେ ମକର ମେଳା ଅନୁଷ୍ଠିତ ହୋଇଛି। ପାହାଡ଼ ଉପରେ ୧୨ଶହ ମିଟର ଉପରେ ଅବସ୍ଥାନ ବାବା ବିଶେଶ୍ୱର ଶୈବପୀଠରେ ନୀତିକାନ୍ତି ଅନୁସାରେ ପୂଜକ ଲଳିତ ନାରାୟଣ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ମନୋରଞ୍ଜନ ଅମାନ୍ତ, ଭଜ କିଶୋର ନାଏକ, ଯାଦବ ସାହୁ, ଭାଗୀରଥି ଅମାନ୍ତ ସହଯୋଗ କରିଥିଲେ। ସେଠାରେ ଆକର୍ଷଣୀୟ ପ୍ରାଚୀନ ଗୁମ୍ଫା ଲୋକେ ବୁଲି ବଜା ନେଉଥିଲେ। ଏଠାରେ ମକରମେଳା ୧୯୮୪ରୁ ଆରମ୍ଭ ହୋଇଥିବାବେଳେ ଚଳିତ ବର୍ଷ ୪୧ ବର୍ଷରେ ପଦାର୍ପଣ କରିଛି। ମେଳାରେ ଖାଦ୍ୟ ଷ୍ଟଲ, ମନୋହାରୀ ଦୋକାନ ପଡ଼ିଛି। ସନ୍ଧ୍ୟାରେ ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଛି। ମେଳା ୫ ଦିନ ଧରି ଚାଲିବାକୁ ଥିବା ବେଳେ କମିଟିର ସଭାପତି ମନୋରଞ୍ଜନ ଅମାନ୍ତ, ସମ୍ପାଦକ ଯାଦବ ସାହୁ, ଘାସିନାଥ ଦେହୁରୀ, ହେମନ୍ତ ଅମାନ୍ତ ପ୍ରମୁଖ ସହଯୋଗ କରୁଛନ୍ତି।

## ବୈତରଣୀରେ ମକର ବୁଡ଼ ପକାଇଲେ ଶ୍ରଦ୍ଧାଳୁ

ଚମ୍ପୁଆ,୧୪।୧(ମହେଶ୍ୱର ଦାସ): କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ମକର ସଂକ୍ରାନ୍ତି ଏକ ପ୍ରମୁଖ ଗଣପର୍ବ ଭାବରେ ପାଳନ କରାଯାଉଥିବା ବେଳେ ଶ୍ରଦ୍ଧାଳୁ ପୁଣ୍ୟତିଥିରେ ମକର ବୁଡ଼ ପକାଉଥାନ୍ତି। ଏଥିସହ ଶୈବପୀଠରେ ପୂଜାର୍ଚ୍ଚନା କରି ମକର ଚାଉଳ ଗ୍ରହଣ କରି ନିଜ ତଥା ସମାଜର ମଙ୍ଗଳ କାମନା କରିଥାନ୍ତି। ବିଶେଷ ଭାବରେ ସାମ୍ପ୍ରଦାୟିକତା ସଦ୍ଭାବନାର ସମାହାର ଏହିଦିନ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଥାଏ। ଏହି ପରିପ୍ରେକ୍ଷୀରେ ଚମ୍ପୁଆ ଉପଖଣ୍ଡର ପବିତ୍ର ତଥା ଦ୍ୱିତୀୟ ଗଙ୍ଗାଭାବରେ ପରିଚିତ ପବିତ୍ର ବୈତରଣୀ ନଦୀରେ ଅନେକ ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଚମ୍ପୁଆସ୍ଥିତ ବୈତରଣୀ ନଦୀତଟ ରାମତୀର୍ଥ, କେଶରୀକୁଣ୍ଡଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଏପରିକି ଶୈବପୀଠଗୁଡ଼ିକରେ ମଧ୍ୟ ସକାଳୁ ଭକ୍ତଙ୍କ ଭିଡ ଲାଗିଥିଲା। ଏ ନେଇ ବିଭିନ୍ନ ମକର କମିଟି ପକ୍ଷରୁ ମେଳା ମଧ୍ୟ ଅନୁଷ୍ଠିତ ହେଉଛି।

## ମା'ମଙ୍ଗଳା ପୀଠରେ ଡାଳ ପର୍ବ

ଆନନ୍ଦପୁର,୧୪।୧(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଘସିପୁରା ବ୍ଲକ ଭଣ୍ଡାରିଡ଼ିହ ପଞ୍ଚାୟତ ପଦନପୁର ଗ୍ରାମରେ ମକର ସଂକ୍ରାନ୍ତି ଅବସରରେ ମା' ମଙ୍ଗଳା ଶକ୍ତି ପୀଠରେ ଡାଳ ପର୍ବ ଅନୁଷ୍ଠିତ ହୋଇଯାଇଛି। ମାନସିକ ପୂରଣ ନିମନ୍ତେ ଡାଳପର୍ବ ପାଳନ ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ମକର ସଂକ୍ରାନ୍ତିଠାରୁ ୨ଦିନ ଧରି ଚାଲିବାକୁ ଥିବା ଏହି ପର୍ବର ପ୍ରଥମ ଦିନ ଗାଁ ନିକଟସ୍ଥ ଜଙ୍ଗଲରୁ କଅଁଳ ଡାଳ ଆଣି ଗ୍ରାମ ଦେବୀଙ୍କ ନିକଟରେ ପୂଜା କରାଯାଇଥିଲା। ଦ୍ୱିତୀୟ ଦିନ ଡାଳକୁ ଧରି ଗାଁ ପରିଭ୍ରମଣ କରାଯିବା ଗାଁକୁ ଆପୁତ୍ତିକ ବିପତ୍ତିରୁ ରକ୍ଷା କରିବା ପାଇଁ ଗ୍ରାମବାସୀ କାହିଁ କେଉଁ କାଳରୁ ମା'ଙ୍କ ପୀଠରେ ବିଶେଷ ପୂଜାର୍ଚ୍ଚନା କରିଆସୁଛନ୍ତି। ବିଶ୍ୱାସ ରହିଛି ଏହି ଦିନ ମା'ଙ୍କ ନିକଟରେ ଯିଏ ମାନସିକ କରିଥାଏ ପୂରଣ ହୋଇଥାଏ। ପର୍ବ ଦେଖିବା ପାଇଁ ଅନେକ ଲୋକ ରୁଣ୍ଡ ହୋଇଥିଲେ। ବାଜା, ଘଣ୍ଟ, ଶଙ୍ଖ, ହୁଳହୁଳି ଶବ୍ଦରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପର୍ବ ଲୋକମାନଙ୍କ ମଧ୍ୟରେ ଧାର୍ମିକ ଭାବନା, ଭାଇଚାରାକୁ ନିବିଡ଼ ରଖିବାରେ ସହାୟକ ହୋଇଥାଏ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।



# ମା' ଗଡ଼ଚଣ୍ଡୀ ପୀଠରେ ଭିଡ଼

ବଡଲା,୧୪।୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲାର ଗଣପର୍ବ ମକରରେ ଗାଁଠାରୁ ସହର ଏବଂ ଆଦିବାସୀ ଅଞ୍ଚଳଗୁଡ଼ିକ ଉତ୍ସବ ମୁଖର ହୋଇପଡ଼ିଛି। ବ୍ଲକ୍‌ର ବିଭିନ୍ନ ସ୍ଥାନରେ ମକର ଉତ୍ସବ ପାଳିତ ହେଉଥିବା ବେଳେ ମା' ଗଡ଼ଚଣ୍ଡୀ ପୀଠରେ ଅନେକ ଶହ ଭକ୍ତଙ୍କ ସମାଗମ ହୋଇଥିଲା। ମନ୍ଦିରରେ ଯଜ୍ଞ ଆରମ୍ଭ ହୋଇଥିବା ବେଳେ ମଧୁସୂଧନ ମଲ୍ଲିକ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତାକର୍ତ୍ତି ଭାବେ ଦାୟିତ୍ୱ ତୁଲାଇଥିଲେ। କମିଟିର ସଭାପତି ଅଲେଖ ଚନ୍ଦ୍ର ପାତ୍ର, ସମ୍ପାଦକ ଅଲେଖ ଚନ୍ଦ୍ର ମଲ୍ଲିକ, ନାରାୟଣ ବେହେରା, ଅଲେଖ ଦାଶ, ରବିନ୍ଦ୍ର ନାୟକ, ନାରାୟଣ ଜେନା, ରତ୍ନାକର ଜେନା ପ୍ରମୁଖ ସହଯୋଗ କରିଥିଲେ। ଶାସଙ୍ଗ ହାଇସ୍କୁଲ ଓ ଶ୍ରୀ ଅରବିନ୍ଦ ବିଦ୍ୟାଳୟ ପକ୍ଷରୁ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଗଡ଼ଚଣ୍ଡି ହାଇସ୍କୁଲର ଶିକ୍ଷକ ଓ ଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ। ୭ ଦିନ ଧରି ଉତ୍ସବ ଅନୁଷ୍ଠିତ ହେବାକୁ ଥିବାରେ ଶାନ୍ତ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ ପରିବେଶ ସମସ୍ତଙ୍କୁ ଆକୃଷ୍ଟ କରୁଛି। ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଭାଜପା ନେତା ଜ୍ଞାନରଞ୍ଜନ ସାମନ୍ତସିଂହାର ପ୍ରମୁଖ ମା' ଗଡ଼ଚଣ୍ଡୀଙ୍କ ପୀଠରେ ପହଞ୍ଚି ଆଶୀର୍ବାଦ ନେଇଥିଲେ। ସେହିପରି ଭାଟିଆଶୁଣି ପୀଠରେ ଅନେକ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସେହିପରି ପଡ଼ିଆରିପଲ୍ଲୀ ସିଦ୍ଧମଠରେ ମକର ମେଳା ଅନୁଷ୍ଠିତ ହୋଇଛି। ଏହି ଗୋବର୍ଦ୍ଧନ ପର୍ବତରେ ସିଦ୍ଧ ଗୁମ୍ଫା ରହିଛି। ବଡ଼ ପଥର ଖଣ୍ଡ ଖଞ୍ଜା ହୋଇ ରହିଥିବାରୁ ପ୍ରକୃତିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ। କିମ୍ବଦନ୍ତିରୁ ଜଣାଯାଏ ସେଠାରେ ଥିବା କଂସାର କବାଟ ପଥର ପାଲଟିଯାଇଛି। ଏବେବି ସେହି ପଥରକୁ ପିଟିଲେ କଂସାର ଶବ୍ଦ ଶୁଣାଯାଏ। ସେହିପରି ଧନିର୍ଜପୁର ପଞ୍ଚାୟତର କୁଶଟିକିରି ମା' ବଉଳାଶୁଣି ପୀଠରେ ମକର ମେଳା ପାଳିତ ହୋଇଛି। ଏହାକୁ ନେଇ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଛି। କୁଶଟିକିରି ଓ ସଙ୍ଖଣ ଗ୍ରାମର ଯୁବକ ଅନୁଷ୍ଠିତ ମେଳା ପରିଚାଳନା କରୁଛନ୍ତି।

## ଭୀମକୁଣ୍ଡରେ ମକର ବୁଡ଼ଦେଲେ ଶ୍ରଦ୍ଧାଳୁ

ପାଟଣା,୧୪।୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅନ୍ତର୍ଗତ କିମ୍ବଦନ୍ତୀ ପ୍ରସିଦ୍ଧ ଭୀମକୁଣ୍ଡରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ବୁଧବାର ଅନେକ ହଜାର ଶ୍ରଦ୍ଧାଳୁ ମକର ବୁଡ଼ ପକାଇଛନ୍ତି। ସକାଳୁ ଭୀମକୁଣ୍ଡରେ କେନ୍ଦୁଝର, ମୟୂରଭଞ୍ଜ ଜିଲା ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇ ବୁଡ଼ ପକାଇଥିଲା। ଏଠାରେ ୩ ଦିନ ଧରି ମକର ମେଳା ପାଳନ କରାଯାଉଛି। ସେହିଭଳି ପାଟଣା ମୁଖ୍ୟାଳୟ ବୈତରଣୀ ନଦୀର ଅନୁଶୟା ଘାଟ, ରାଜନଗର ଶୈବ୍ୟା କାବେରୀ ଘାଟ, ବୈତରଣୀ ନଦୀ ଧାନବେଣୀ ଓ କାଶିଆ ନାଳରେ ଶ୍ରଦ୍ଧାଳୁ ମକର ବୁଡ଼ ପକାଇଥିଲେ।


**HDFC BANK** We understand your world

## AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 22-January-2026 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75531294 | JAGADISH BARIK | 382900 | **HDFC BANK LTD,** 1ST FLOOR, DALA CHHAK, NEAR SBI, JAJPUR ROAD, JAJPUR-755019 |
| 2 | 4000635608 | FIROJ EKKA | 157000 | |
| 3 | 76021307 | ABANTI DEHURY | 91000 | **HDFC BANK LTD,** AT-PANDUA, PO-KOTAGARA, AANLABARENI, DHENKANAL-759026 |
| 4 | 75250471 | DEVI PRASAD BEHERA | 40500 | |
| 5 | 75551989 | GYANA RANJAN BASTIA | 46000 | **HDFC BANK LTD,** BAJRAKABATI ROAD, CUTTACK-753001 |
| 6 | 75349400 | SUCHISMITA PATTANAYAK | 57000 | **HDFC BANK LTD,** BHABA NAGAR SQUARE, BRAHMAPUR, GANJAM-760004 |
| 7 | 75948600 | SARWAN GOSAIN | 61400 | **HDFC BANK LTD,** BIRAMITRAPUR, NEAR NEW BUS STAND, SUNDARGARH, ODISHA-770033 |
| 8 | 75798940 | RAHUL NAIK | 241800 | **HDFC BANK LTD,** DHIPASAHI, STATION ROAD, BARIPADA-757001 |
| 9 | 75609290 | DHIREN MOHAPATRA | 44000 | |
| 10 | 75366852 | ARAKSHITA SWAIN | 266300 | **HDFC BANK LTD,** DURGA BAZAR, JAGATSINGHAPUR, ODISHA-754103 |
| 11 | 75985309 | NAIM KHAN | 177900 | |
| 12 | 75670443 | CHANDAN KUMAR SAHOO | 170100 | |
| 13 | 75265052 | ARAKSHITA SWAIN | 169700 | |
| 14 | 75423633 | ARAKSHITA SWAIN | 169300 | |
| 15 | 75723936 | CHANDAN KUMAR SAHOO | 153400 | |
| 16 | 75202988 | MANORANJAN MOHARANA | 152500 | |
| 17 | 75556142 | ARAKSHITA SWAIN | 109900 | |
| 18 | 75769659 | TASLIM KHAN | 94600 | |
| 19 | 75747973 | TASLIM KHAN | 74400 | |
| 20 | 75972726 | ASISH KUMAR PALURI | 35900 | |
| 21 | 4000871030 | BISHNU PRIYA MEHER | 469800 | **HDFC BANK LTD,** DURGA COMPLEX, JHARSUGUDA-768201 |
| 22 | 4000715165 | BISHNU PRIYA MEHER | 185000 | |
| 23 | 74355548 | SHANTANU BUDA | 51000 | |
| 24 | 465885155 | BUDRAM SUNDI | 42000 | **HDFC BANK LTD,** DWIBEDI BHAWAN, BISRA ROAD, ROURKELA-769001 |
| 25 | 75947184 | SUBHRANSU BEHERA | 41500 | |
| 26 | 4000715272 | TAHARAT ANSARI | 31000 | |
| 27 | 75742461 | BIJAY KUMAR GUPTA | 77600 | **HDFC BANK LTD,** GOLEI CHHAK, MAIN ROAD, RAIRANGPUR, MAYURBHANJ, ODISHA - 757043 |
| 28 | 4000492000 | KANHU RANA | 49300 | **HDFC BANK LTD,** GRD. FLOOR, PLOT NO. 2528, RATHA SAHI, RAIRAKHOL, SAMBALPUR, ODISHA - 768106 |
| 29 | 75733075 | AMIT MANDAL | 96100 | **HDFC BANK LTD,** GROUND FLOOR, NUAGUDA, OPP. FCI-I, ARTS COLLEGE ROAD, MALKANAGIRI-764048 |
| 30 | 75835149 | BISWANATH KOPE | 71100 | |
| 31 | 75597551 | TAPAS KUMAR ARUK | 27000 | **HDFC BANK LTD,** GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 32 | 74155434 | KRUSHNA CHANDRA NAYAK | 184000 | **HDFC BANK LTD,** JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 33 | 75300304 | GOURAB BHATRA | 143600 | |
| 34 | 4000556702 | PRIYANKA TAKRI | 86000 | |
| 35 | 75970511 | BHIMA SANTA | 75000 | |
| 36 | 75963775 | LILLY HEAAL | 42000 | |
| 37 | 74822730 | ABHI BHUMIYA | 30000 | |
| 38 | 75615080 | ANIL KUMAR PARIDA | 406000 | **HDFC BANK LTD,** KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 39 | 75594426 | TULU SWAIN | 49000 | |
| 40 | 75202562 | PINKU SAHOO | 45300 | **HDFC BANK LTD,** KIIT CAMPUS 5, NEAR KIMS, ADMINISTRATIVE BLOCK, PATIA, BHUBANESWAR-751024 |
| 41 | 75272266 | SANDHYA SWAIN | 80400 | **HDFC BANK LTD,** MAIN ROAD, BHANJANAGAR, GANJAM-761126 |
| 42 | 4000938981 | SARAT PRAVA PANIGRAHI | 112000 | **HDFC BANK LTD,** MAIN ROAD, GOSANINUAGAON, BERHAMPUR-760003 |
| 43 | 75475069 | SANTOSH KUMAR GOUDA | 27000 | |
| 44 | 75939545 | JYOTI PRAKASH | 170000 | **HDFC BANK LTD,** MAIN ROAD, NEAR RELIANCE TRENDS, BALUGAON-752030 |
| 45 | 75763152 | BHABENDU PRASAD RANA | 92000 | **HDFC BANK LTD,** MANIKESWARI CHOWK, BHAWANIPATNA, KALAHANDI-766001 |
| 46 | 75674403 | AMARLAL SI | 22000 | |
| 47 | 75346397 | SANJAY KHORA | 111500 | **HDFC BANK LTD,** NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 48 | 75891325 | RANJITA RANI HIAL | 70000 | |
| 49 | 75927818 | GOPAL JALA | 56500 | **HDFC BANK LTD,** NEAR R.T.O OFFICE, NH-26, KORAPUT-764020 |
| 50 | 4000297040 | KALANDI CHARAN NAIK | 34600 | **HDFC BANK LTD,** OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 51 | 75151110 | BABITA GOUDA | 90700 | **HDFC BANK LTD,** PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 52 | 75759710 | SUNITA BEHERA | 83000 | **HDFC BANK LTD,** PANCHGACHIA, BARAIPALI, SAMBALPUR, ODISHA-768006 |
| 53 | 75822562 | BISWABANDITA SAHOO | 277000 | **HDFC BANK LTD,** PATRAPADA, BHUBANESWAR, KHURDA-751019 |
| 54 | 75038852 | RAKESH KUMAR PATI | 85700 | |
| 55 | 75954280 | SUKANTI PRUSTY | 26000 | |
| 56 | 75263098 | JAGANNATH JIT | 56800 | **HDFC BANK LTD,** PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 57 | 75963529 | JITU NAYAK | 52800 | |
| 58 | 4000843527 | JOULU RAMU | 62400 | **HDFC BANK LTD,** PLOT NO- 447, BHAGWAN TRADE CENTER, NEAR IFFCO SQUARE, ATHARBANKI, PARADEEP-754142 |
| 59 | 75283151 | BIBHUDATTA NAYAK | 35000 | |
| 60 | 75360656 | BIJAY KUMAR SAHOO | 63500 | **HDFC BANK LTD,** PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 61 | 50200078686772 | DIPAK RANJAN PANDA | 571890.93 | **HDFC BANK LTD,** PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 62 | 75536525 | GANESH CHANDRA PRADHAN | 83000 | **HDFC BANK LTD,** PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 63 | 4000676889 | GANDARAM PADHAN | 101000 | **HDFC BANK LTD,** R K TOWERS, DAILY MARKET, BOLANGIR-767001 |
| 64 | 75947326 | JAUTIKA SANDH | 49500 | |
| 65 | 75902313 | MAKUNDA RANA | 43400 | |
| 66 | 75884184 | SASMITA MUGRI | 39000 | |
| 67 | 74793930 | JAGAN NAG | 34300 | |
| 68 | 75538887 | JAGAN NAG | 31000 | |
| 69 | 75948373 | MALATI BARIHA | 31000 | |
| 70 | 75971281 | ANUPAMA BHOI | 26200 | |
| 71 | 75782529 | RAJESH KUMAR DAS | 99700 | **HDFC BANK LTD,** SHANKAR CINEMA ROAD, ANGUL, ODISHA - 759122 |
| 72 | 466120451 | BIJAY BINDHANI | 57000 | **HDFC BANK LTD,** WARD NO- 08, BADABAZAR, DEULASAHI, BARIPADA, MAYURBHANJ-757001 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 15/01/2026, Place : ODISHA** **Sd/- Authorized Officer, HDFC BANK LTD.**


# ଅଭିଯୁକ୍ତ ବାପ, ପୁଅ ଗିରଫ
## ଜମି ବିବାଦରୁ ହତ୍ୟା ଘଟଣା

ଆନନ୍ଦପୁର,୧୪।୧(ସୁଶାନ୍ତ କୁମାର ସାହୁ): କେନ୍ଦୁଝର ଜିଲା ଘଷିପୁରା ଥାନା କୁମୁଡ଼ ଗାଁରେ ଗତ ୧୦ ତାରିଖ ରାତିରେ ଜମିବାଡ଼ି ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଥିଲା। କକା ପୁଅଙ୍କ କାଠ ଫାଳିଆ ମାଡ଼ରେ ବଡ଼ବାପା ପୁଅଙ୍କ ମୃତ୍ୟୁ ହୋଇଥିଲା। ଘଟଣା ପରେ ଅଭିଯୁକ୍ତ କକା ପୁଅ ଭାଇ ଓ ଘଟଣାରେ ସମ୍ପୃକ୍ତ କକା ଫେରାରଥିଲେ। ଘଷିପୁରା ପୋଲିସ ତଦନ୍ତ କରି ଉଭୟଙ୍କୁ ଗିରଫ କରିଛି। ଅଭିଯୁକ୍ତ ଗ୍ରାମର କକା ପୀତାମ୍ବର ମୋଦି, ପୀତାମ୍ବରଙ୍କ ପୁଅ ଆଦିତ୍ୟନାଥ ମୋଦି।

ପ୍ରକାଶ ଯେ, ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଗାଁର ମଳୟ ମୋଦି ଓ କକା ପୀତାମ୍ବର ମୋଦିଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଗତ ୧୦ ତାରିଖରେ ଉକ୍ତ ଘଟଣାକୁ ନେଇ ବଚସା ହୋଇଥିଲା। ଆଦିତ୍ୟନାଥ ଏକ ଠେଙ୍ଗାରେ ମଳୟଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଘଟଣାରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଜବତ କରିବା ପରେ ଉଭୟ ଅଭିଯୁକ୍ତଙ୍କୁ ନେଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ କରିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରି ଘଟଣାରେ ଆଉ କାହାର ସମ୍ପୃକ୍ତି ବିଷୟରେ ପୋଲିସ ତଦନ୍ତ ଚଳାଇଛି।

# କାରକେଡ୍ ଅଟକାଇ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ମହିଳାଙ୍କ ନିକଟରୁ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

ପାଟଣା,୧୪।୧(ବୀରକିଶୋର ଦାଶ)

କେନ୍ଦୁଝର ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବୁଧବାର ମକର ସଂକ୍ରାନ୍ତି ଅବସରରେ ରାଜନଗର ବୈତରଣୀ ନଦୀ ଶୈବ୍ୟା କାବେରୀ ଘାଟରେ ମକର ବୁଡ଼ ପକାଇଥିଲେ। ରଘୁନାଥ ଜୀଉଙ୍କ ଦର୍ଶନ କରି ଅକ୍ଷ ଭିକ୍ଷା କରିଥିଲେ। ଠାକୁର ଦର୍ଶନ ସାରି ଫେରୁଥିବା ସମୟରେ ଲୋକେ ରାସ୍ତାରେ ଅଭିଯୋଗ କରିବା ନିମନ୍ତେ ଅପେକ୍ଷା କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ କାରକେଡ୍‌କୁ ଅଟକାଇ ଗାଡିରୁ ଓହ୍ଲାଇ ଲୋକଙ୍କ ପାଖକୁ ଯାଇଥିଲେ। ସେଠାରେ ଉପସ୍ଥିତ କେତେଜଣ ମହିଳାଙ୍କ ଅଭିଯୋଗ ଶୁଣିବା ସହ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ପାଟଣା ତହସିଲ କେନ୍ଦୁଆପଡ଼ା ଗ୍ରାମର କିଛି ଲୋକଙ୍କ ଜମି ଅନ୍ୟ ଜଣେ ବ୍ୟକ୍ତି ହଡ଼ପ ଉଦ୍ୟମକୁ ନେଇ ଲୋକମାନେ ଦୁଃଖରେ କାଳ କାଟୁଥିବା ନେଇ ଗୁହାରି କରିଥିଲେ। ଦୀର୍ଘଦିନରୁ ସେମାନଙ୍କ ସମସ୍ୟାର ସମାଧାନ ହୋଇ ପାରୁ ନ ଥିଲା, ଯାହାକୁ ନେଇ ମୁଖ୍ୟମନ୍ତ୍ରୀ ଆସୁଥିବା ଜାଣି ରାସ୍ତାରେ ଠିଆ ହୋଇ ଅପେକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀ ଗାଡି ଅଟକାଇ ତାଙ୍କ ଦୁଃଖ ଶୁଣିଥିବାର ସେମାନେ ଖୁସିବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବାଇଡଙ୍କ ବାବାଙ୍କୁ ଫକୀର ମୋହନ ହାସ୍ୟ ବ୍ୟଙ୍ଗ ସାହିତ୍ୟ ସମ୍ମାନ

ବଡଲା,୧୪।୧(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ବିଶ୍ୱତାରିଣୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବାଇଡ଼ଙ୍କ ବାବା ତଥା ସୁବାଷ ଚନ୍ଦ୍ର ପାତ୍ରଙ୍କୁ ଫକୀର ମୋହନ ହାସ୍ୟ ବ୍ୟଙ୍ଗ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି। ଫକିର ମୋହନଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଓ ମକର ସଂକ୍ରାନ୍ତି ଅବସରରେ ଓଡ଼ିଶା ସରକାରଙ୍କ ପୂର୍ବତନ ମଖ୍ୟ ଶାସନ ସଚିବ ଓ ସୁ-ସାହିତ୍ୟିକ ତରୁଣକାନ୍ତି ମିଶ୍ର ଓ ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଗାଳ୍ପିକ ରାମଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ପୂର୍ବରୁ ପ୍ରତିଷ୍ଠିତ ୫୦ରୁ ଉର୍ଦ୍ଧ୍ୱ ସାହିତ୍ୟ ଅନୁଷ୍ଠାନରୁ ସମ୍ବର୍ଦ୍ଧିତ ହେବା ସହ ସର୍ବ ପ୍ରାଚୀନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ କଟକ ଦ୍ୱାରା ନିରଦ ପ୍ରଭା ହାସ୍ୟ ବ୍ୟଙ୍ଗ ସମ୍ମାନ ପାଇଛନ୍ତି।

# ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଢେଙ୍କିକୋଟ,୧୪।୧(ନୀଳମଣି ମଣ୍ଡଳ)


ଏମ୍‌ପି ଅନନ୍ତ ନାୟକ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

କେନ୍ଦୁଝର ଜିଲା ଢେଙ୍କିକୋଟ୍ ଭଲି କ୍ଲବ୍‌ର ୧୫ତମ ବାର୍ଷିକ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଫିତାକାଟି ଉଦ୍‌ଘାଟନ କରିଛନ୍ତି। ୨ ଦିନ ଧରି ଟୁର୍ଣ୍ଣାମେଣ୍ଟ ହେବାକୁ ଥିବା ବେଳେ ପ୍ରଥମ ଦିନ ଜାତୀୟସ୍ତରୀୟ ମହିଳା ଭଲି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ଝାଡ଼ଖଣ୍ଡ, ଓଡ଼ିଶା ପୋଲିସ, ଛତିଶଗଡ଼, ୱେଷ୍ଟବେଙ୍ଗଲ ରେଲୱେ, ୱେଷ୍ଟବେଙ୍ଗଲ ଆର୍ ମହିଳା ଟିମ ଏବଂ ଭୁବନେଶ୍ୱର କିଟ୍ ମହିଳା ଭଲି ଟିମ୍‌କୁ ନେଇ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ସମ୍ମାନୀୟ ଅତିଥିଭାବେ ଜିଲା ଭାଜପା ଉପସଭାପତି ଗୋପୀନାଥ ରାମ, ଜାମପଷି ସରପଞ୍ଚ ଜମୁନା ମୁଣ୍ଡା, ରତନ ପଲେଇ, ଏମ୍‌ଡି ଜାବେର ଥିବା ବେଳେ ଭଲି କ୍ଲବ୍‌ର ଚେୟାରମ୍ୟାନ ଅଖିଳ ପାତ୍ର, ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ବିଜୟ ସାହୁ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜିତ ସଭାରେ ସଭାପତି ରାମଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ସହ ଖେଳ ସମ୍ପର୍କରେ ସୂଚନା ଦେଇଥିଲେ। କ୍ଲବ୍‌ର ଉପଦେଷ୍ଟା କାହ୍ନୁ ଚରଣ ସାମଲ, ରାଜକିଶୋର ମିଶ୍ର, ପ୍ରଦୀପ ଦାସ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜାତୀୟସ୍ତରୀୟ ରେଫରୀ କଳାକର ସାମଲ, ରାଜ୍ୟସ୍ତରୀୟ ରେଫରୀ ଅମୂଲ୍ୟ ପରିଡ଼ା, ସୁରେଶ ଭୂୟାଁ ଓ ଅନୀଲ ଷଣ୍ଢ ଖେଳ ପରିଚାଳନା କରିଥିଲେ। ମାଷ୍ଟର କୁନାଲ ପଣ୍ଡା ଓ ଅଜୟ ବେଜ ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ପୁରୁଷ ଭଲି ଟୁର୍ଣ୍ଣାମେଣ୍ଟ ୧୬ଟି ଦଳକୁ ନେଇ ଅନୁଷ୍ଠିତ ହେବ ବୋଲି କ୍ଲବ୍‌ର ସଭାପତି ରାମଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି।

# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା

## ଘୋଷଣା

**File No.PT3-COLKHD-LA-MISC-0076-2023** **LA Case No.03/2024**

**Declaration No-2160 Dated 24.12.2025**

**No.XXXIII-30**: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଭୁବନେଶ୍ୱର ସହର**, ୟୁନିଟ୍-୪୧, ଚନ୍ଦ୍ରଶେଖରପୁର, ଥାନା-ନିଉ କ୍ୟାପିଟାଲ, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଳ ଷ୍ଟେସନ୍ ପର୍ଯ୍ୟନ୍ତ CDP ରାସ୍ତା ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ଏ ୧୧.୬୯୨ ଡିସିମିଲ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୭୮୯, ତା.୨୭.୧୨.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଭୁବନେଶ୍ୱର ସହର** ୟୁନିଟ-୪୧ ଚନ୍ଦ୍ରଶେଖରପୁର, ଥାନା-ନିଉ କ୍ୟାପିଟାଲ, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାରେ ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ଏଥିସହ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ http://www.khordha.nic.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି ।

### ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ଖୋର୍ଦ୍ଧା ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୌଜା-ଭୁବନେଶ୍ୱର ସହର ୟୁନିଟ-୪୧, ଚନ୍ଦ୍ରଶେଖରପୁର | ସହରାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ ୨୫.୪୯୪ ଡିସିମିଲ | ଏ ୧୧.୬୯୨ ଡିସିମିଲ | ଏଥି ସହିତ ସଂଲଗ୍ନ |

### ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ଖୋର୍ଦ୍ଧା ତହସିଲ-ଭୁବନେଶ୍ୱର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୬.୧୨.୨୦୨୫ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
ଜିଲ୍ଲାପାଳ, ଖୋର୍ଦ୍ଧା

## ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ
### (ଗଡକଣ, ଚନ୍ଦ୍ରଶେଖରପୁର, ପଟିଆ ମୌଜାର ଗୁରୁ କେଳୁଚରଣ ପାର୍କଠାରୁ ପଟିଆ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ CDP ରାସ୍ତା ନିର୍ମାଣ ନିମନ୍ତେ)
### ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର,
### ମୌଜା-ଭୁବନେଶ୍ୱର ସହର ୟୁନିଟ ୪୧ ଚନ୍ଦ୍ରଶେଖରପୁର

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୧ | ୪୧୫ | ୬୮୭ | ଶାରଦ-୨ | ଏ.୦.୬୩୦ ଡି | ଏ.୦.୦୫୫ ଡି | ପ୍ରଭାକର ପରିଡା, ଶିବେନ୍ଦ୍ର ପରିଡା, ପଞ୍ଚାନନ ପରିଡା, ଛବିନ୍ଦ୍ର ପରିଡା, ଶତ୍ରୁଘ୍ନ ପରିଡା, ରାଜାରାଣୀ ଜେନା, କୁସୁମ ଜେନା, ସୁଷମାରାଣୀ ଜେନା, ପି:ଭୋଳାନାଥ ପରିଡା, ଶକୁନ୍ତଳା ପରିଡା, ସ୍ୱା:ଭାସ୍କର ପରିଡା, ବୀଣାପାଣି ସ୍ୱାଇଁ, ସୁକାନ୍ତି ବଳବନ୍ତରାୟ, ନିରଞ୍ଜନ ପରିଡା, ସୁରେଶ କୁମାର ପରିଡା, ପି:ଭାସ୍କର ପରିଡା, ପଦ୍ମାବତୀ ପରିଡା, ରଶ୍ମୀରଞ୍ଜନ ପରିଡା, ଦିନେଶ କୁମାର ପରିଡା, ନରେଶ କୁମାର ପରିଡା, ମହେଶ ନାରାୟଣ ପରିଡା, ପି:ରଜନୀକାନ୍ତ ପରିଡା, ଜା:ଖଣ୍ଡାୟତ, ବା:ପଟିଆ |
| ୨ | ୮୧ | ୬୯୨ | ଶାରଦ-୨ | ଏ.୦.୧୪୦ ଡି | ଏ.୦.୦୨୫ ଡି | କାଶି ନାଏକ, ପି:ଚିନ୍ତା ନାଏକ, ହରି ନାଏକ, ପି:କାଳନ୍ଦୀ ନାଏକ, ଜା:ମେହେନ୍ତର, ବା:ପଟିଆ |
| ୩ | ୬୧୧/ ୧୯୧୫ | ୬୯୩ | ଶାରଦ-୨ | ଏ.୦.୦୫୦ ଡି | ଏ.୦.୦୮୫ ଡି | ଶିବରାମ ନାୟକ, ଦୁଷ୍ମନ୍ତ ନାୟକ, ପି:ବିଶି ନାୟକ, ଜା:ମେହେନ୍ତର, ବା:ପଟିଆ |
| ୪ | ୬୧୧/ ୩୮୨୮ | ୬୯୩/ ୧୦୯୫୫ | ଶାରଦ-୨ | ଏ.୦.୦୫୦ ଡି | | ପ୍ରମିଳା କୁମାରୀ ପଲାଉ, ସ୍ୱା:ରଞ୍ଜନ କୁମାର ପଲାଉ, ଜା:ଖଣ୍ଡାୟତ, ବା:ଏଚ.ଆଇ.ଜି-ବି/୧୨୮, ବିଡିଏ ଡୁପ୍ଲେକ୍ସ କଲୋନୀ, ବରମୁଣ୍ଡା, ଥା-ଖଣ୍ଡଗିରି, ଭୁବନେଶ୍ୱର, ଜି-ଖୋର୍ଦ୍ଧା |
| ୫ | ୬୧୧/ ୩୪୭୧ | ୬୯୩/ ୧୬୫୧ | ଶାରଦ-୨ | ଏ.୦.୦୭୦ ଡି | ଏ.୦.୦୭୦ ଡି | ରଞ୍ଜନ କୁମାର ପଲାଉ, ପି:ମୋହନ ଚରଣ ପଲାଉ, ଜା:ଖଣ୍ଡାୟତ, ବା:ପତରପୁର, ଥା:ରାଜକନିକା, ଜି:କେନ୍ଦ୍ରାପଡା |
| ୬ | ୩୯୦ | ୬୯୫ | ଶାରଦ-୨ | ଏ.୦.୧୫୦ ଡି | ଏ.୦.୧୫୦ ଡି | ବୈକୁଣ୍ଠ ବାରିକ, ପି:ସୁଦାମ ବାରିକ, ଉର୍ମିଳା ବାରିକ, ସ୍ୱା:ପରମାନନ୍ଦ ବାରିକ, ଶରତ ବାରିକ, ସୌଭାଗ୍ୟ ବାରିକ, ସୌରଭ ବାରିକ, ପି:ପରମାନନ୍ଦ ବାରିକ, ଜା:ଭଣ୍ଡାରୀ, ବା:ପଟିଆ, ସଂଗୀତା ବାରିକ, ପି:ପରମାନନ୍ଦ ବାରିକ, ଜା:ଭଣ୍ଡାରୀ, ବା:ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ |
| ୭ | ୧୧୬ | ୬୯୬ | ଶାରଦ-୨ | ଏ.୦.୦୯୦ ଡି | ଏ.୦.୦୪୫ ଡି | କୈଳାସ ବାରିକ, ଜଗବନ୍ଧୁ ବାରିକ, ପି:ଦାମ ବାରିକ, ଜା:ଭଣ୍ଡାରୀ, ବା:ପଟିଆ |
| ୮ | ୬୧୧/ ୭୬ | ୬୯୬/ ୨୧୦୨ | ଶାରଦ-୨ | ଏ.୦.୦୯୦ ଡି | | ପ୍ରଭାକର ପରିଡା, ଶିବେନ୍ଦ୍ର ପରିଡା, ପଞ୍ଚାନନ ପରିଡା, ଛବିନ୍ଦ୍ର ପରିଡା, ଶତ୍ରୁଘ୍ନ ପରିଡା, ରାଜାରାଣୀ ଜେନା, କୁସୁମ ଜେନା, ସୁଷମାରାଣୀ ଜେନା, ପି:ଭୋଳାନାଥ ପରିଡା, ଶକୁନ୍ତଳା ପରିଡା, ସ୍ୱା:ଭାସ୍କର ପରିଡା, ବୀଣାପାଣି ସ୍ୱାଇଁ, ସୁକାନ୍ତି ବଳବନ୍ତରାୟ, ନିରଞ୍ଜନ ପରିଡା, ସୁରେଶ କୁମାର ପରିଡା, ପି:ଭାସ୍କର ପରିଡା, ପଦ୍ମାବତୀ ପରିଡା, ରଶ୍ମୀରଞ୍ଜନ ପରିଡା, ଦିନେଶ କୁମାର ପରିଡା, ନରେଶ କୁମାର ପରିଡା, ମହେଶ ନାରାୟଣ ପରିଡା, ପି:ରଜନୀକାନ୍ତ ପରିଡା, ବା:ପଟିଆ |
| ୯ | ୧୬୫ | ୬୯୭ | ଶାରଦ-୨ | ଏ.୦.୧୨୦ ଡି | ଏ.୦.୦୧୫ ଡି | ଜୟାନନ୍ଦ ମହାନ୍ତି, ପି:ଦାମ ମହାନ୍ତି, ପ୍ରବୋଧ କୁମାର ମହାନ୍ତି, ସୁବୋଧ କୁମାର ମହାନ୍ତି, କ୍ଷୀରୋଦ କୁମାର ମହାନ୍ତି, ପି:ଶ୍ୟାମ ମହାନ୍ତି, ଜା:କରଣ, ବା:ପଟିଆ |
| ୧୦ | ୧୬୫ | ୬୯୮ | ଶାରଦ-୨ | ଏ.୦.୧୦୦ ଡି | ଏ.୦.୦୧୦ ଡି | ଜୟାନନ୍ଦ ମହାନ୍ତି, ପି:ଦାମ ମହାନ୍ତି, ପ୍ରବୋଧ କୁମାର ମହାନ୍ତି, ସୁବୋଧ କୁମାର ମହାନ୍ତି, କ୍ଷୀରୋଦ କୁମାର ମହାନ୍ତି, ପି:ଶ୍ୟାମ ମହାନ୍ତି, ଜା:କରଣ, ବା:ପଟିଆ |
| ୧୧ | ୬୧୧/ ୧୯୯୪ | ୬୯୯/ ୬୧୮୯ | ଶାରଦ-୨ | ଏ.୦.୦୩୦ ଡି | ଏ.୦.୦୩୦ ଡି | ଗଣେଶ୍ୱର ଷଡଙ୍ଗୀ, ପି:ବାସୁଦେବ ଷଡଙ୍ଗୀ, ଜା:ବ୍ରାହ୍ମଣ, ବା:କୋଲରାମଦୁରାଇ, ଥା/ଜି-ଜଗତସିଂହପୁର |
| ୧୨ | ୬୧୯/ ୨୨୨୭ | ୬୯୯/ ୭୪୪୮ | ଶାରଦ-୨ | ଏ ୦.୧୦୦ ଡି | ଏ.୦.୦୯୫ ଡି | ବିଷ୍ଣୁ ନରଭେନ୍, ସ୍ୱା:ସିଦ୍ଧାର୍ଥ ନରଭେନ୍, ବା:ପ୍ଲଟ ନଂ.B6/11 ୟୁନିଟ-୯, ଥା-ସହିଦନଗର, ଜି-ଖୋର୍ଦ୍ଧା |
| ୧୩ | ୬୧୧/ ୧୯୧୫ | ୭୦୦ | ଶାରଦ-୨ | ଏ.୦.୦୮୦ ଡି | ଏ.୦.୦୮୦ ଡି | ଶିବରାମ ନାୟକ, ଦୁଷ୍ମନ୍ତ ନାୟକ, ପି:ବିଶି ନାୟକ, ଜା:ମେହେନ୍ତର, ବା:ପଟିଆ |
| ୧୪ | ୬୧୧/ ୪୪୭୭ | ୭୦୧/ ୧୨୧୩୩ | ଶାରଦ-୨ | ଏ.୦.୦୭୫ ଡି | ଏ.୦.୦୦୫ ଡି | ସବିତା ମହାନ୍ତି, ସନ୍ତୋଷ କୁମାର ମହାନ୍ତି, ଜା:କରଣ, ବା:ପ୍ଲଟ ୮୭୪, ୮୭୫, ରଥଗଡ ସାହି, ପଟିଆ, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଶାଶ୍ୱତୀ ରାୟ, ସ୍ୱା:ସୁଜିତ କୁମାର ରାୟ, ଜା:ରାଜପୁତ, ବା:ପ୍ଲଟ ୭୭୧, ୭୭୨,ବ୍ରାହ୍ମଣସାହି, ଜଗନ୍ନାଥ ମନ୍ଦିର ପାଖ, ପଟିଆ, ଥାନା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜି-ଖୋର୍ଦ୍ଧା |
| ୧୫ | ୩୨୨ | ୭୦୭ | ଶାରଦ-୨ | ୦.୪୧୦ | ଏ.୦.୨୯୦ ଡି | ବନଲତା ମହାନ୍ତି, ସ୍ୱା./-ପ୍ରଶାନ୍ତ କୁମାର ମହାନ୍ତି, ଜା:କରଣ, ବା:ପଟିଆ, ସସ୍ମିତା ମହାନ୍ତି, ସ୍ୱା:ସଞ୍ଜୟ କୁମାର ପାତ୍ର, ଜା:କରଣ, ବା:ଶହୀଦ ନଗର, ଭୁବନେଶ୍ୱର, ଶାଶ୍ୱତୀ ମହାନ୍ତି, ସ୍ୱା:ସତୀଶ ମହାନ୍ତି, ଜା:କରଣ, ବା:ସୋରୋ, ବାଲେଶ୍ୱର, ପ୍ରସନ୍ନ କୁମାର ମହାନ୍ତି, ପି:ବଂଶୀଧର ମହାନ୍ତି, ଜା:କରଣ, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା, ଇତିଶ୍ରୀ ମହାନ୍ତି, ସ୍ୱା.:ଭବାନୀ ଶଙ୍କର ମହାନ୍ତି, ତନୁଶ୍ରୀ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ପି:ଭବାନୀ ଶଙ୍କର ମହାନ୍ତି, ଜା:କରଣ, ବା:ପଟିଆ |
| ୧୬ | ୩୪୩ | ୭୦୮ | ଶାରଦ-୨ | ୦.୧୨୦ | ଏ.୦.୧୦୦ ଡି | ବନଲତା ମହାନ୍ତି, ସ୍ୱା./- ପ୍ରଶାନ୍ତ କୁମାର ମହାନ୍ତି, ଜା:କରଣ, ବା:ପଟିଆ, ସସ୍ମିତା ମହାନ୍ତି, ସ୍ୱା:ସଞ୍ଜୟ କୁମାର ପାତ୍ର, ଜା:କରଣ, ବା:ଶହୀଦ ନଗର, ଭୁବନେଶ୍ୱର, ଶାଶ୍ୱତୀ ମହାନ୍ତି, ସ୍ୱା:ସତୀଶ ମହାନ୍ତି, ଜା:କରଣ, ବା:ସୋରୋ, ବାଲେଶ୍ୱର, ପ୍ରସନ୍ନ କୁମାର ମହାନ୍ତି, ପି:ବଂଶୀଧର ମହାନ୍ତି, ଜା:କରଣ, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା, ଇତିଶ୍ରୀ ମହାନ୍ତି, ସ୍ୱା:ଭବାନୀ ଶଙ୍କର ମହାନ୍ତି, ତନୁଶ୍ରୀ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ପି:ଭବାନୀ ଶଙ୍କର ମହାନ୍ତି, ଜା:କରଣ, ବା:ପଟିଆ |
| ୧୭ | ୩୪୩ | ୭୦୯ | ଶାରଦ-୨ | ୦.୧୦୦ | ଏ.୦.୧୦୦ ଡି | ବନଲତା ମହାନ୍ତି, ସ୍ୱା./-ପ୍ରଶାନ୍ତ କୁମାର ମହାନ୍ତି, ଜା:କରଣ, ବା:ପଟିଆ, ସସ୍ମିତା ମହାନ୍ତି, ସ୍ୱା:ସଞ୍ଜୟ କୁମାର ପାତ୍ର, ଜା:କରଣ, ବା:ଶହୀଦ ନଗର, ଭୁବନେଶ୍ୱର, ଶାଶ୍ୱତୀ ମହାନ୍ତି, ସ୍ୱା:ସତୀଶ ମହାନ୍ତି, ଜା:କରଣ, ବା:ସୋରୋ, ବାଲେଶ୍ୱର, ପ୍ରସନ୍ନ କୁମାର ମହାନ୍ତି, ପି:ବଂଶୀଧର ମହାନ୍ତି, ଜା:କରଣ, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା, ଇତିଶ୍ରୀ ମହାନ୍ତି, ସ୍ୱା:ଭବାନୀ ଶଙ୍କର ମହାନ୍ତି, ତନୁଶ୍ରୀ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ପି:ଭବାନୀ ଶଙ୍କର ମହାନ୍ତି, ଜା:କରଣ, ବା:ପଟିଆ |
| ୧୮ | ୫୮୬ | ୭୧୦ | ଶାରଦ-୨ | ୦.୨୩୦ | ଏ.୦.୧୧୫ ଡି | ରଜନୀକାନ୍ତ ମହାନ୍ତି, ଜ୍ୟୋତି ରଞ୍ଜନ ମହାନ୍ତି, ନିରୋଦ ରଞ୍ଜନ ମହାନ୍ତି, ନଳିନୀ ପଟ୍ଟନାୟକ, ବିଦ୍ୟୁତପ୍ରଭା ମହାନ୍ତି, ପି:ସୁରେନ୍ଦ୍ର ମହାନ୍ତି, ନୀତି ବିଶୋଇ, ସ୍ୱା:ରଶ୍ମି ରଞ୍ଜନ ସାହୁ, ପ୍ରୀତି ବିଶୋଇ, ସ୍ୱା:ପ୍ରସନ୍ନ କୁମାର ସାମଲ, ସ୍ମୃତି ବିଶୋଇ, ସ୍ୱା:ପ୍ରସନଜିତ ଦେ, ଶୁଭଲକ୍ଷ୍ମୀ ମହାନ୍ତି, ସ୍ୱା:କ୍ଷୀତିରଞ୍ଜନ ମହାନ୍ତି, ସୌମ୍ୟରଞ୍ଜନ ମହାନ୍ତି, ଅଭିଷେକ ମହାନ୍ତି, ପି:କ୍ଷୀତିରଞ୍ଜନ ମହାନ୍ତି, ଜା:କରଣ, ବା:ପଟିଆ |
| ୧୯ | ୩୪୩ | ୭୧୧ | ଶାରଦ-୨ | ୦.୧୭୦ | ଏ.୦.୧୭୦ ଡି | ବନଲତା ମହାନ୍ତି, ସ୍ୱା./-ପ୍ରଶାନ୍ତ କୁମାର ମହାନ୍ତି, ଜା:କରଣ, ବା:ପଟିଆ, ସସ୍ମିତା ମହାନ୍ତି, ସ୍ୱା:ସଞ୍ଜୟ କୁମାର ପାତ୍ର, ଜା:କରଣ, ବା:ଶହୀଦ ନଗର, ଭୁବନେଶ୍ୱର, ଶାଶ୍ୱତୀ ମହାନ୍ତି, ସ୍ୱା:ସତୀଶ ମହାନ୍ତି, ଜା:କରଣ, ବା:ସୋରୋ, ବାଲେଶ୍ୱର, ପ୍ରସନ୍ନ କୁମାର ମହାନ୍ତି, ପି:ବଂଶୀଧର ମହାନ୍ତି, ଜା:କରଣ, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା, ଇତିଶ୍ରୀ ମହାନ୍ତି, ସ୍ୱା:ଭବାନୀ ଶଙ୍କର ମହାନ୍ତି, ତନୁଶ୍ରୀ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ପି:ଭବାନୀ ଶଙ୍କର ମହାନ୍ତି, ଜା:କରଣ, ବା:ପଟିଆ |
| ୨୦ | ୫୧୧ | ୭୧୨ | ଶାରଦ-୧ | ୦.୨୩୧ | ଏ.୦.୩୫୦ ଡି | ଲୋକନାଥ ନାଏକ, ଦୁଃଖିଶ୍ୟାମ ନାଏକ, କସ୍ତୁରି ନାଏକ, କାଙ୍ଗାଳି ନାଏକ, ପି:କୁଞ୍ଜ ନାଏକ, ରାହାସ ନାଏକ, ଦାସ ନାଏକ, ପି:ମଦନ ନାଏକ, ଜା:ମେହେନ୍ତର, ବା:ପଟିଆ |
| ୨୧ | ୬୧୧/ ୩୪୫୮ | ୭୧୨/ ୯୫୨୬ | ଶାରଦ-୧ | ୦.୧୬୨ | | ଶୁଭମ ଇଷ୍ଟକନ ପ୍ରା.ଲିଃ HIG-B/128 ବିଡିଏ ଡୁପ୍ଲେକ୍ସ କଲୋନୀ, ବରମୁଣ୍ଡା, ଥା-ଖଣ୍ଡଗିରି, ଜି-ଖୋର୍ଦ୍ଧା, ମାର୍ଫତ ପରିଚାଳନା ନିର୍ଦ୍ଦେଶକ, ସାରଦା ପ୍ରସନ୍ନ ପଣ୍ଡା, ପି.ଜୟହରି ପଣ୍ଡା, ଜା.ବ୍ରାହ୍ମଣ, ବା: |
| ୨୨ | ୬୧୧/ ୪୪୬୦ | ୭୧୨/ ୧୨୦୭୯ | ଶାରଦ-୧ | ୦.୧୭୮ | | ଧଡି ନାୟକ, ପି:ଲୋକନାଥ ନାୟକ, ବା/ପୋ: ପଟିଆ, ଥାନା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୨୩ | ୬୧୧/ ୪୪୬୧ | ୭୧୨/ ୧୨୦୮୦ | ଶାରଦ-୧ | ୦.୦୮୯ | | ରଞ୍ଜନା ନାୟକ, ସ୍ୱା:କେଶବ ନାୟକ, ସୁଶାନ୍ତ କୁମାର ନାୟକ, ପି:କେଶବ ନାୟକ, ବା:ପଟିଆ, ସୌଦାମିନୀ ଗୋଛାୟତ, ସ୍ୱା:ନରେନ୍ଦ୍ରନାଥ ଗୋଛାୟତ, ବା:ନିମାପଡା, ପୁରୀ, ପ୍ରଶାନ୍ତ କୁମାର ନାୟକ, ପି:କେଶବ ନାୟକ, ବା:ପଟିଆ |
| ୨୪ | ୬୧୧/ ୨୪୩ | ୭୧୨/ ୧୬୭୦ | ଶାରଦ-୧ | ୦.୦୮୨ | ଏ.୦.୦୦୩ଡି | ଶ୍ରୀମତୀ ଜେନା, ସ୍ୱା:ଶ୍ରୀଧର ଜେନା, ବାବାଜୀ ଜେନା, ବୃକଦର ଜେନା, ପି:ଶ୍ରୀଧର ଜେନା, ଜା:ଖଣ୍ଡାୟତ, ବା:ପଟିଆ, ପ୍ରଭାସିନୀ ଜେନା, ସ୍ୱା:ରଶ୍ମି ରଞ୍ଜନ ପ୍ରଧାନ, ଜା:ଖଣ୍ଡାୟତ, ବା:ପିତାପଲ୍ଲୀ, ଖୋର୍ଦ୍ଧା, ରେଣୁବାଳା ମୁଦୁଲି, ସ୍ୱା:ସଚ୍ଚି ମୁଦୁଲି, ଜା:ଖଣ୍ଡାୟତ, ବା:ତ୍ରିଶୁଳିଆ, କଟକ, ମେନକା ମହାନ୍ତି, ସ୍ୱା:ତନ୍ମୟ ମହାନ୍ତି, ଜା:ଖଣ୍ଡାୟତ, ବା:ନଖରା |
| ୨୫ | ୪୧୫ | ୭୧୩ | ଶାରଦ-୨ | ୦.୧୨୦ | ଏ.୦.୨୨୫ଡି | ପ୍ରଭାକର ପରିଡା, ଶିବେନ୍ଦ୍ର ପରିଡା, ପଞ୍ଚାନନ ପରିଡା, ଛବିନ୍ଦ୍ର ପରିଡା, ଶତ୍ରୁଘ୍ନ ପରିଡା, ରାଜାରାଣୀ ଜେନା, କୁସୁମ ଜେନା, ସୁଷମାରାଣୀ ଜେନା, ପି:ଭୋଳାନାଥ ପରିଡା, ଶକୁନ୍ତଳା ପରିଡା, ସ୍ୱା:ଭାସ୍କର ପରିଡା, ବୀଣାପାଣି ସ୍ୱାଇଁ, ସୁକାନ୍ତି ବଳବନ୍ତରାୟ, ନିରଞ୍ଜନ ପରିଡା, ସୁରେଶ କୁମାର ପରିଡା, ପି:ଭାସ୍କର ପରିଡା, ପଦ୍ମାବତୀ ପରିଡା, ରଶ୍ମୀରଞ୍ଜନ ପରିଡା, ଦିନେଶ କୁମାର ପରିଡା, ନରେଶ କୁମାର ପରିଡା, ମହେଶ ନାରାୟଣ ପରିଡା, ପି:ରଜନୀକାନ୍ତ ପରିଡା, ଜା:ଖଣ୍ଡାୟତ, ବା:ପଟିଆ |
| ୨୬ | ୬୧୧/ ୩୧୬୮ | ୭୧୩/ ୯୨୦୪ | ଶାରଦ-୨ | ୦.୧୪୦ | | ଧୁଳେଶ୍ୱର ପରିଡା, ପି:ପୂର୍ଣ୍ଣ ପରିଡା, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି:ଖୋର୍ଦ୍ଧା |
| ୨୭ | ୨୩୦ | ୭୧୪ | ଶାରଦ-୨ | ୦.୨୧୦ | ଏ.୦.୧୮୦ଡି | ଧୁଳେଶ୍ୱର ପରିଡା, ପି:ପୂର୍ଣ୍ଣ ପରିଡା, ଜା:ଖଣ୍ଡାୟତ, ବା:ପଟିଆ |
| ୨୮ | ୬୧୧/ ୩୫୦୩ | ୭୨୧ | ଶାରଦ-୧ | ୦.୧୨୦ | ଏ.୦.୦୬୫ ଡି | ଶୁଭମ ଇଷ୍ଟକନ ପ୍ରା.ଲିଃ C/5, ବିଜେବି ନଗର, ଭୁବନେଶ୍ୱର ତରଫ ପରିଚାଳନା ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ପଣ୍ଡା, ପି:ଜୟହରୀ ପଣ୍ଡା, ଜା:ବ୍ରାହ୍ମଣ, ବା:ପ୍ଲଟ ନଂ.୧୩୪୪, ଖରାଖିଆ ବୈଦ୍ୟନାଥ ଲେନ, ପୁରୁଣା ଭୁବନେଶ୍ୱର, ଥା-ଲିଙ୍ଗରାଜ, ଜି-ଖୋର୍ଦ୍ଧା |
| ୨୯ | ୬୧୧/ ୨୦୫୧ | ୭୨୧/ ୬୨୭୫ | ଶାରଦ-୧ | ୦.୧୨୦ | | ଅନ୍ତର୍ଯାମୀ ସାହୁ, ସାନ୍ତନୁ କୁମାର ସାହୁ, କ୍ଷେତ୍ରବାସୀ ସାହୁ, ପି:ବିମ୍ବାଧର ସାହୁ, ଜା:ଥୋରିଆ, ବା:ଡମଣା, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା, ରମା ଦେଇ, ସ୍ୱା:ବିମ୍ବାଧର ସାହୁ, ଲୋକେଶ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ପି:ଶୂନ୍ୟବାସୀ ସାହୁ, ଜା:ଥୋରିଆ, ବା:ଡମଣା, ପଞ୍ଚାନନ ସାହୁ, ପାଣ୍ଡବ କୁମାର ସାହୁ, ସବିତା ସାହୁ, ଶତ୍ରୁଘ୍ନ ସାହୁ, ପି:ବିମ୍ବାଧର ସାହୁ, ଅଶୋକା ସାହୁ, ସ୍ୱା:ବଳରାମ ନାୟକ, ରମା ସାହୁ, ସ୍ୱା:ବିମ୍ବାଧର ସାହୁ, ଜା:ଥୋରିଆ, ବା:ଡମଣା, ଥା:ଚନ୍ଦ୍ରଶେଖରପୁର, ଜି:ଖୋର୍ଦ୍ଧା |
| ୩୦ | ୨୧୭ | ୭୨୫ | ଶାରଦ-୧ | ୦.୭୩୦ | ଏ.୦.୬୪୫ ଡି | ଦେବକି ସାହୁ, ସ୍ୱା:ଧଡି ସାହୁ, ପ୍ରମୋଦ କୁମାର ସାହୁ, ଜ୍ୟୋତି ରଞ୍ଜନ ସାହୁ, ପିତାମ୍ବର ସାହୁ, କବିତା ସାହୁ, ପି:ଧଡି ସାହୁ, ଜା:ଥୋରିଆ, ବା:ଡମଣା |
| ୩୧ | ୩୪୫ | ୭୨୬ | ଶାରଦ-୧ | ୦.୧୯୦ | ଏ.୦.୦୬୫ ଡି | ଅଭୟ କୁମାର ସାହୁ, ଦମୟନ୍ତୀ ବେହେରା, କଳ୍ପନା ସାହୁ, ପି:ବାନାମ୍ବର ସାହୁ, ଜା:ଥୋରିଆ, ବା:ଡମଣା |
| ୩୨ | ୨୧୭ | ୭୨୭ | ଶାରଦ-୧ | ୦.୪୫୦ | ଏ.୦.୩୨୦ ଡି | ଦେବକି ସାହୁ, ସ୍ୱା:ଧଡି ସାହୁ, ପ୍ରମୋଦ କୁମାର ସାହୁ, ଜ୍ୟୋତି ରଞ୍ଜନ ସାହୁ, ପିତାମ୍ବର ସାହୁ, କବିତା ସାହୁ, ପି:ଧଡି ସାହୁ, ଜା:ଥୋରିଆ, ବା:ଡମଣା |
| ୩୩ | ୬୧୧/ ୪୦୨୫ | ୭୨୮ | ଶାରଦ-୧ | ୦.୪୩୭୫ | ଏ.୦.୨୮୫ ଡି | ଗୁନି ସାହୁ, ସ୍ୱା:ଧ୍ରୁବ ସାହୁ, ପ୍ରଫୁଲ୍ଲ ସାହୁ, ଦିଲ୍ଲୀପ ସାହୁ, ବ୍ରହ୍ମାନନ୍ଦ ସାହୁ, କାମିନୀ ସାହୁ, ଯାମିନୀ ସାହୁ, ନନ୍ଦିନୀ ସାହୁ, ଝୁନି ସାହୁ, ପି:ଧ୍ରୁବ ସାହୁ, ବା:ଚନ୍ଦ୍ରଶେଖରପୁର |
| | ୬୧୧/ ୪୭୪୬ | ୭୨୮/ ୧୨୪୮୩ | ଶାରଦ-୧ | ୦.୦୬୨୫ | | ପ୍ରଫୁଲ୍ଲ କୁମାର ସାହୁ, ପି:ଧ୍ରୁବ ସାହୁ, ଜା:ତେଲି, ବା:ପ୍ଲଟ ନଂ.157 ଡମଣା, ପୋ/ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୩୪ | ୩୫୯ | ୭୨୯ | ଶାରଦ-୧ | ୦.୩୧୦ | ଏ.୦.୨୫୦ ଡି | ବାସୁ ସାହୁ, ପି:ଆନନ୍ଦ ସାହୁ, ଜା:ଥୋରିଆ, ବା:ଡମଣା |
| ୩୫ | ୬୧୧/ ୪୫୩୩ | ୭୨୯/ ୪୩୧୫/ ୧୨୩୨୪ | ଶାରଦ-୧ | ୦.୦୯୮ | ଏ.୦.୦୬୮ ଡି | ଅନ୍ନପୂର୍ଣ୍ଣା ସାହୁ, ସ୍ୱା:ଉପେନ୍ଦ୍ର ନାଥ ସାହୁ, ଅରୁଣ କୁମାର ସାହୁ, ମନୋଜ କୁମାର ସାହୁ, ତୁଷାର ସାହୁ, ପି:ଉପେନ୍ଦ୍ର ନାଥ ସାହୁ, ଜା:ଥୋରିଆ, ବା:ପୋ-ଡମଣା, ଥା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜି-ଖୋର୍ଦ୍ଧା |
| ୩୬ | ୬୧୧/ ୪୫୩୪ | ୭୨୯/ ୪୩୧୫/ ୧୨୩୨୮ | ଶାରଦ-୧ | ୦.୦୯୭ | ଏ.୦.୦୫୭ ଡି | ଶାନ୍ତିଲତା ସାହୁ, ସ୍ୱା:ବିଜୟ କୁମାର ସାହୁ, ରଞ୍ଜନ କୁମାର ସାହୁ, ପି:ବିଜୟ କୁମାର ସାହୁ, ଜା:ଥୋରିଆ, ବା/ପୋ-ଡମଣା, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୩୭ | ୬୧୧/ ୪୫୩୫ | ୭୨୯/ ୪୩୧୫/ ୧୨୩୩୨ | ଶାରଦ-୧ | ୦.୦୯୭ | ଏ.୦.୦୫୧ ଡି | ଅଜୟ କୁମାର ସାହୁ, ପି:ଭାସ୍କର ସାହୁ, ଜା:ଥୋରିଆ, ବା/ପୋ-ଡମଣା, ଥା-ଚନ୍ଦ୍ରଶେଖରପୁର, ଜି:ଖୋର୍ଦ୍ଧା |
| ୩୮ | ୬୧୧/ ୪୫୩୬ | ୭୨୯/ ୪୩୧୫/ ୧୨୩୩୬ | ଶାରଦ-୧ | ୦.୦୯୮ | ଏ.୦.୦୪୧ ଡି | ରାମକୃଷ୍ଣ ସାହୁ, ପି:ଭାସ୍କର ସାହୁ, ଜା:ଥୋରିଆ, ବା/ପୋ:ଡମଣା, ଥା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜି-ଖୋର୍ଦ୍ଧା |

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୩୯ | ୫୮୦ | ୭୫୭ | ଶାରଦ-୧ | ୦.୩୪୦ | ଏ.୦.୦୨୫ ଡି | ବିଦ୍ୟାଧର ଭୂୟାଁ, ସୁକେଇ ମହାନ୍ତି, ବାସୁ ପରିଡା, ଝରି ବେହେରା, ପି:ସୁରଥ ଭୂୟାଁ, ଜା:ଗୋଲା, ବା:ଡମଣା |
| ୪୦ | ୬୧୧/୪୩୭୪ | ୭୬୨ | ଶାରଦ-୧ | ୦.୨୧୦ | ଏ.୦.୦୪୦ ଡି | ଶ୍ରୀ ଭାଗବତ ଗୋସାଇଁ ବିଜେ ନିଜଗାଁ ମାର୍ଫତ ଜଗନ୍ନାଥ ପ୍ରସାଦ ମହାନ୍ତି, ପି:କିଶୋର ମୋହନ ମହାନ୍ତି, ଜା:କରଣ, ବା N-6/63 IRC Village ନୟାପଲ୍ଲୀ, ଥା-ନୟାପଲ୍ଲୀ, ଭୁବନେଶ୍ୱର, ଜି-ଖୋର୍ଦ୍ଧା |
| ୪୧ | ୫୮ | ୭୬୪ | ଶାରଦ-୧ | ୦.୧୬୦ | ଏ.୦.୦୬୦ ଡି | କ୍ଷୀରୋଦ ସାହୁ, ଧୀରେନ୍ଦ୍ର ସାହୁ, ସଂଯୁକ୍ତା ସାହୁ, ଗୀତାଞ୍ଜଳି ସାହୁ, ପି:ଉଚ୍ଛବ ସାହୁ, ପ୍ରମିଳା ସାହୁ, ସ୍ୱା:ରବୀନ୍ଦ୍ର ସାହୁ, ପ୍ରଭାତୀ ସାହୁ, ପ୍ରତିମା ସାହୁ, ସାବିତ୍ରୀ ସାହୁ, ସୁମିତ୍ରା ସାହୁ, ପ୍ରଭାସିନୀ ସାହୁ, ପି:ରବୀନ୍ଦ୍ର ସାହୁ, ମମତା ସାହୁ, ସ୍ୱା:ଅରୁଣ ସାହୁ, ଅର୍ପିତା ସାହୁ, ଈଶାଲୀନ ସାହୁ, ପିହୁ ସାହୁ, ଜଗନ୍ନାଥ ସାହୁ, ପି:ଅରୁଣ ସାହୁ, ସୁଲୋଚନା ସାହୁ, ସ୍ୱା:ନରେନ୍ଦ୍ର ସାହୁ, ଆରତୀ ସାହୁ, ପ୍ରଦୀପ କୁମାର ସାହୁ, ପି:ନରେନ୍ଦ୍ର ସାହୁ, ଜ୍ୟୋତି ସାହୁ, ଜୟନ୍ତୀ ସାହୁ, ସୂର୍ଯ୍ୟକାନ୍ତି ସାହୁ, ଅକ୍ଷୟ ସାହୁ, ଅଭୟ ସାହୁ, ପି:ଦେବେନ୍ଦ୍ର ସାହୁ, ଜା:ଥୋରିଆ, ବା:ଡମଣା |
| ୪୨ | ୬୧୧/୧୨୪୦ | ୭୬୪/୪୬୨୫ | ଶାରଦ-୧ | ୦.୧୬୦ | | ଧୀରେନ୍ଦ୍ର କୁମାର ସାହୁ, ପି:ଉଚ୍ଛବ ସାହୁ, ବା:ଡମଣା, ଥା-ଚନ୍ଦ୍ରଶେଖରପୁର |
| ୪୩ | ୬୧୧/୧୨୪୧ | ୭୬୪/୪୬୨୯ | ଶାରଦ-୧ | ୦.୧୬୦ | | ଜ୍ୟୋତି ସାହୁ, ଜୟନ୍ତୀ ସାହୁ, ଅକ୍ଷୟ ସାହୁ, ଅଭୟ ସାହୁ, ପି:ଦେବେନ୍ଦ୍ର ସାହୁ, ବା:ଡମଣା, ସୂର୍ଯ୍ୟକାନ୍ତି ସାହୁ, ପି:ଦେବେନ୍ଦ୍ର ସାହୁ,ବା:ନରସିଂହପୁର, କାକୁଡିଆ |
| ୪୪ | ୬୧୧/୧୨୭୩ | ୭୬୪/୪୬୭୨ | ଶାରଦ-୧ | ୦.୧୬୦ | | କ୍ଷୀରୋଦ କୁମାର ସାହୁ, ପି-ଉଚ୍ଛବ ସାହୁ, ବା:ଡମଣା, ଥା-ଚନ୍ଦ୍ରଶେଖରପୁର |
| ୪୫ | ୨୮ | ୭୬୫ | ଶାରଦ-୧ | ୧.୫୪୦ | ଏ.୦.୭୬୫ | ଅଲେଖ ସାହୁ, ଅନାଦି ସାହୁ, ଗୋଲେଖ ସାହୁ, ଗୋବିନ୍ଦ ସାହୁ, ପି:ବାଞ୍ଛାନିଧି ସାହୁ, ଜା:ଥୋରିଆ, ବା:ଡମଣା |
| ୪୬ | ୬୧୧/୩୭୨୬ | ୭୬୫/୯୮୮୫ | ଶାରଦ-୧ | ୦.୧୧୨ | ଏ.୦.୧୧୨ଡି | ନିଲମ ଅଗ୍ରୱାଲା, ସ୍ୱା:ନବୀନ ଅଗ୍ରୱାଲା, ଜା:ମାରୱାଡି, ବା/ପୋ: କୁନାଗଡ, ଥା/ଜି-କଳାହାଣ୍ଡି |
| ୪୭ | ୬୧୧/୩୭୨୬ | ୭୬୫/୯୮୮୫/୧୦୯୨୮ | ଘରବାରି | ୦.୨୪୮ | ଏ.୦.୦୮୫ | ନିଲମ ଅଗ୍ରୱାଲା, ସ୍ୱା:ନବୀନ ଅଗ୍ରୱାଲା,ଜା:ମାରୱାଡି, ବା/ପୋ: କୁନାଗଡ,ଥା/ଜି-କଳାହାଣ୍ଡି |
| ୪୮ | ୧୭୩ | ୭୭୧ | ଶାରଦ-୧ | ୦.୨୬୦ | ଏ.୦.୦୪୦ଡି | ଯୁଗଳ କିଶୋର ବେହେରା, ପି: ଜୟକୃଷ୍ଣ ବେହେରା, ଜା:ଗୋପାଳ, ବା:ଡମଣା |
| ୪୯ | ୬୧୧/୩୭୨୪ | ୭୭୧/୯୮୮୩ | ଶାରଦ-୧ | ୦.୨୧୦ | ଏ.୦.୦୨୦ ଡି | ଯତିନ କୁମାର ବେହେରା, ପି:ଜୟକୃଷ୍ଣ ବେହେରା, ଜା:ଗୋପାଳ, ବା:ଡମଣା, ଥା:ଚନ୍ଦ୍ରଶେଖରପୁର,ଜି-ଖୋର୍ଦ୍ଧା |
| ୫୦ | ୩୪୨ | ୭୯୯ | ଶାରଦ-୨ | ୧.୪୦୦ | ଏ.୦.୯୬୦ ଡି | ବାଜେଣୀ ରାଉତ, ସ୍ୱା:ବାନାମ୍ବର ରାଉତ, ରତ୍ନାକର ରାଉତ, ରାଧୁ ରାଉତ, ମଧୁ ରାଉତ, ପି:ନିତେଇ ରାଉତ, ଜା:ଖଣ୍ଡାୟତ, ବା:ପଟିଆ |
| ୫୧ | ୪୦୩ | ୮୦୦ | ଶାରଦ-୨ | ୦.୨୩୦ | ଏ.୦.୦୭୫ଡି | ରମେଶ ଚନ୍ଦ୍ର ବେହେରା, ପ୍ରମୋଦ ବେହେରା, ପ୍ରଶାନ୍ତ ବେହେରା, ଭାରତୀ ବେହେରା, ରେବତୀ ମହାକୁଡ, ଟିକିନା ମହାଭୋଇ, ସାରତୀ ମହାକୁଡ, ପି:ଭାସ୍କର ବେହେରା, ସାବତୀ ବେହେରା, ସ୍ୱା:ଭାସ୍କର ବେହେରା, ଦିପ୍ତୀମୟୀ ବେହେରା, ସ୍ୱା:ସୁବୋଧ ବେହେରା, ମହେଶ୍ୱରୀ ବେହେରା, ପି:ସୁବୋଧ ବେହେରା, ଜା:ଗୋପାଳ, ବା:ଡମଣା |
| ୫୨ | ୧୨୩ | ୮୦୧ | ଶାରଦ-୨ | ୦.୨୨୦ | ଏ.୦.୧୨୦ଡି | ବିଳାସ ସାହୁ, ସ୍ୱା:କ୍ଷେତ୍ରବାସୀ ସାହୁ, ଜା:ଗୁଡିଆ, ବା:ପଟିଆ, ବାସନ୍ତୀ ସାହୁ, ପି:ନକୁଳ ସାହୁ, ଜା:ଗୁଡିଆ, ବା:ଓସ୍ତପଡା, କଳାରାହାଙ୍ଗ, ଖୋର୍ଦ୍ଧା, ଶାନ୍ତିଲତା ସାହୁ, ଗଣେଶ ସାହୁ, ପି:କ୍ଷେତ୍ରବାସୀ ସାହୁ, ଜା:ଗୁଡିଆ, ବା:ପଟିଆ, ଭାରତୀ ସାହୁ, ପି:ରବି ସାହୁ, ଜା:ଗୁଡିଆ, ବା:ଦିୱାନାପଡା, ନୟାଗଡ, ରମେଶ ସାହୁ, ପି:କ୍ଷେତ୍ରବାସୀ ସାହୁ, ଜା:ଗୁଡିଆ, ବା:ପଟିଆ |
| ୫୩ | ୪୦୩ | ୮୦୨ | ଶାରଦ-୧ | ୦.୨୦୦ | ଏ୦.୦୯୦ଡି | ରମେଶ ଚନ୍ଦ୍ର ବେହେରା, ପ୍ରମୋଦ ବେହେରା, ପ୍ରଶାନ୍ତ ବେହେରା, ଭାରତୀ ବେହେରା, ରେବତୀ ମହାକୁଡ, ଟିକିନା ମହାଭୋଇ, ସାରତୀ ମହାକୁଡ, ପି:ଭାସ୍କର ବେହେରା, ସାବତୀ ବେହେରା, ସ୍ୱା:ଭାସ୍କର ବେହେରା, ଦିପ୍ତୀମୟୀ ବେହେରା, ସ୍ୱା:ସୁବୋଧ ବେହେରା, ମହେଶ୍ୱରୀ ବେହେରା, ପି:ସୁବୋଧ ବେହେରା, ଜା:ଗୋପାଳ, ବା:ଡମଣା |
| ୫୪ | ୫୧୩ | ୮୦୫ | ଶାରଦ-୨ | ୦.୧୪୦ | ଏ.୦.୧୧୦ଡି | ଲୋକନାଥ ତ୍ରିପାଠି, ପି: ଜୟକୃଷ୍ଣ ତ୍ରିପାଠି, ଜା:ବ୍ରାହ୍ମଣ, ବା:ପଟିଆ |
| ୫୫ | ୪୫୨ | ୮୦୬ | ଶାରଦ-୨ | ୦.୧୭୦ | ଏ.୦.୦୮୦ଡି | ମାଳତୀ ବେହେରା, ସ୍ୱା:ବଂଶୀଧର ବେହେରା, ଜା:ଗୋପାଳ, ବା:ପଟିଆ |
| ୫୬ | ୪୫୨ | ୮୦୭ | ଶାରଦ-୨ | ୦.୫୯୦ | ଏ.୦.୨୩୫ଡି | ମାଳତୀ ବେହେରା, ସ୍ୱା:ବଂଶୀଧର ବେହେରା, ଜା:ଗୋପାଳ, ବା:ପଟିଆ |
| ୫୭ | ୨୮ | ୮୦୮ | ଶାରଦ-୨ | ୦.୪୧୦ | ଏ.୦.୨୧୫ଡି | ଅଲେଖ ସାହୁ, ଅନାଦି ସାହୁ, ଗୋଲେଖ ସାହୁ, ଗୋବିନ୍ଦ ସାହୁ, ପି:ବାଞ୍ଛାନିଧି ସାହୁ, ଜା:ଥୋରିଆ, ବା:ଡମଣା |
| ୫୮ | ୫୧୨ | ୮୦୯ | ଶାରଦ-୧ | ୦.୩୩୦ | ଏ ୦.୨୧୦ଡି | ଲୋକନାଥ ନାଏକ, ଦୁଃଖି ନାଏକ, କସ୍ତୁରୀ ନାଏକ, କାଙ୍ଗାଳି ନାଏକ, ପି: କୁଞ୍ଜ ନାଏକ, ଜା:ମେହେନ୍ତର, ବା:ପଟିଆ |
| ୫୯ | ୫୮୬ | ୮୧୧ | ଶାରଦ-୧ | ୦.୪୮୦ | ଏ.୦.୨୧୦ଡି | ରଜନୀକାନ୍ତ ମହାନ୍ତି, ଜ୍ୟୋତି ରଞ୍ଜନ ମହାନ୍ତି, ନିରୋଦ ରଞ୍ଜନ ମହାନ୍ତି, ନଳିନୀ ପଟ୍ଟନାୟକ, ବିଦ୍ୟୁତପ୍ରଭା ମହାନ୍ତି, ପି:ସୁରେନ୍ଦ୍ର ମହାନ୍ତି, ନୀତି ବିଶୋଇ, ସ୍ୱା:ରଶ୍ମି ରଞ୍ଜନ ସାହୁ, ପ୍ରୀତି ବିଶୋଇ, ସ୍ୱା:ପ୍ରସନ୍ନ କୁମାର ସାମଲ, ସ୍ମୃତି ବିଶୋଇ, ସ୍ୱା:ପ୍ରସନଜିତ ଦେ, ଶୁଭଲକ୍ଷ୍ମୀ ମହାନ୍ତି, ସ୍ୱା:କ୍ଷୀତିରଞ୍ଜନ ମହାନ୍ତି, ସୌମ୍ୟରଞ୍ଜନ ମହାନ୍ତି, ଅଭିଷେକ ମହାନ୍ତି, ପି:କ୍ଷୀତିରଞ୍ଜନ ମହାନ୍ତି, ଜା:କରଣ, ବା:ପଟିଆ |
| ୬୦ | ୧୮୮ | ୮୧୨ | ଶାରଦ-୧ | ୦.୧୭୦ | ଏ.୦.୧୧୫ଡି | ଯୋଗେନ୍ଦ୍ର ବାରିକ, ପି:ଅନନ୍ତ ବାରିକ, ଜା:ଭଣ୍ଡାରି, ବା:ପଟିଆ |
| ୬୧ | ୩୯୦ | ୮୧୩ | ଶାରଦ-୧ | ୦.୧୨୦ | ଏ.୦.୧୨୦ଡି | ବୈକୁଣ୍ଠ ବାରିକ, ପି:ସୁଦାମ ବାରିକ, ଉର୍ମିଳା ବାରିକ, ସ୍ୱା:ପରମାନନ୍ଦ ବାରିକ, ଶରତ ବାରିକ, ସୌଭାଗ୍ୟ ବାରିକ, ସୌରଭ ବାରିକ, ପି:ପରମାନନ୍ଦ ବାରିକ, ଜା:ଭଣ୍ଡାରି, ବା:ପଟିଆ, ସଂଗୀତା ବାରିକ,ପି :ପରମାନନ୍ଦ ବାରିକ, ଜା:ଭଣ୍ଡାରି ,ବା:ଦାଣ୍ଡମୁକୁନ୍ଦପୁର, ପିପିଲି,ପୁରୀ |
| ୬୨ | ୨୨୮ | ୮୧୪ | ଶାରଦ-୧ | ୦.୨୪୦ | ଏ.୦.୦୬୦ଡି | ଛବିନ୍ଦ୍ର ଜେନା, ରବୀନ୍ଦ୍ର ଜେନା, ପବିତ୍ର ଜେନା, ବିଷ୍ଣୁପ୍ରିୟା ଜେନା, ପି:ଧୂଳ ଜେନା, ଜା:ଖଣ୍ଡାୟତ, ବା:ପଟିଆ, କିସ୍ମତ-ତିନି ଅଣା ଚାରି ପାହୁଲା, ବା:ଅରୁଣ କୁମାର ଜେନା, ଅକ୍ଷୟ କୁମାର ଜେନା, ଅମୀୟ ଜେନା, କୁନି ପାତ୍ର, ପି:ଗଣେଶ ଜେନା, ଲକ୍ଷ୍ମୀପ୍ରିୟା ଜେନା, ସ୍ୱା:ଶିବ ଜେନା, ମାନସ କୁମାର ଜେନା, ବିକାଶ କୁମାର ଜେନା, ସବିତା ଜେନା, ପି:ଶିବ ଜେନା, ଶରତ ଚନ୍ଦ୍ର ଜେନା, ସୁକାନ୍ତ ଜେନା, କୈଳାଶ ଜେନା, କାମିନି କାଞ୍ଚନ ଜେନା, ପି:ଚକ୍ରଧର ଜେନା, ପ୍ରେମଲତା ଜେନା, ପି:କ୍ଷେତ୍ରବାସୀ ଜେନା, କୁନିଲତା ଜେନା, ସ୍ୱା:ଯୋଗେନ୍ଦ୍ର ଜେନା, ଶିଶିର ଜେନା, ମହେଶ୍ୱର ଜେନା, ମିହିର ଜେନା, ଗୀତାଞ୍ଜଳି ଜେନା, କଳ୍ପନା ଜେନା, ଗିତାଞ୍ଜଳି ଜେନା, ପି:ଯୋଗେନ୍ଦ୍ର ଜେନା, ରାକେଶ ଜେନା, ତାପସ ଜେନା, ସ୍ୱପ୍ନାରାଣୀ ଜେନା, ସାଗରିକା ଜେନା, ପି:ଗଜେନ୍ଦ୍ର ଜେନା, ଅମୂଲ୍ୟ ଜେନା, ପି:ଅଲେଖ ଜେନା, ପ୍ରମୋଦ କୁମାର ଜେନା, ବାଜ ଜେନା, ସ୍ୱର୍ଣ୍ଣବାଳା ଜେନା, ମଞ୍ଜୁଲତା ଦଳେଇ, ସଞ୍ଜୁଲତା ରାଉତରାୟ, ପି:ପ୍ରଫୁଲ୍ଲ ଜେନା, ରାଜଲକ୍ଷ୍ମୀ ସୁନ୍ଦରାୟ, ବିଜୟଲକ୍ଷ୍ମୀ ପାତ୍ର, ପି:ଅଲେଖ ଜେନା, ଭାନୁମତି ଜେନା, ସ୍ୱା:ପ୍ରଫୁଲ୍ଲ ଜେନା, ଜା:ଖଣ୍ଡାୟତ, ବା:ପଟିଆ, କିସ୍ମତ ଛଅ ଅଣା ବା: |
| ୬୩ | ୯ | ୮୧୬ | ଶାରଦ-୧ | ୦.୨୦୦ | ଏ.୦.୦୩୦ଡି | ବୈଷ୍ଣବ ସାହୁ, କୈଳାଶ ସାହୁ, ପି:ଅନାଦି ସାହୁ, ଜା:ଥୋରିଆ, ବା:ଡମଣା |
| ୬୪ | ୬୧୧/୧୯୯୧ | ୮୧୭ | ଶାରଦ-୧ | ୦.୧୫୦ | ଏ.୦.୧୫୦ ଡି | ପୃଥ୍ୱିରାଜ ଜେନା, ବିଜୟ ରାଜ ଜେନା, ଅଧିରାଜ ଜେନା, ପି:ସୀତାନାଥ ଜେନା, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୬୫ | ୬୧୧/୧୯୯୧ | ୮୧୮ | ଶାରଦ-୧ | ୦.୧୧୦ | ଏ.୦.୦୬୫ଡି | ପୃଥ୍ୱିରାଜ ଜେନା, ବିଜୟ ରାଜ ଜେନା, ଅଧିରାଜ ଜେନା, ପି:ସୀତାନାଥ ଜେନା, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୬୬ | ୬୧୧/୨୩୮୧ | ୮୧୯ | ଶାରଦ-୧ | ୦.୦୬୦ | ଏ.୦.୦୨୦ ଡି | ଭଗବାନ ଦାରାଡୁଜି ତ୍ରିମୁଖୀ, ପି:ଦାରାଡୁଜି ଦେଓବରାଓ ତ୍ରିମୁଖୀ, ବା:ଗଙ୍ଗାଧର ପ୍ଲଟ ଆରତୀ ଆପାର୍ଟମେଣ୍ଟ, ଜି-୧, ଆକୋଲା, ଥା-ରାମଦାସପେଠ, ଜି-ଆକୋଲା, ମହାରାଷ୍ଟ୍ର |
| ୬୭ | ୪୧୩ | ୮୨୦ | ଶାରଦ-୧ | ୦.୧୩୦ | ଏ.୦.୧୨୦ଡି | ଗିରିଧର ଭୂୟାଁ, ଲକ୍ଷ୍ମୀଧର ଭୂୟାଁ, ପି-ଭୋବନୀ ଭୂୟାଁ, ସୁଶାନ୍ତ କୁମାର ସାହୁ, ରମାକାନ୍ତ ସାହୁ, ପି:ପର୍ଶୁରାମ ସାହୁ, ଜା:ଗୋଲା, ବା:ଡମଣା, ଚନ୍ଦ୍ରଶେଖରପୁର |
| ୬୮ | ୬୧୧/୪୭୪୧ | ୮୨୧ | ଶାରଦ-୧ | ୦.୩୨୦ | ଏ.୦.୨୯୦ଡି | ସୀତା ନାୟକ, ସ୍ୱା:ଅରି ନାୟକ, ଅଭିମନ୍ୟୁ ନାୟକ, ବବ୍ରୁବାହନ ନାୟକ, ସୁମତୀ ନାୟକ, ପି:ଅରି ନାୟକ, ବା:ପ୍ଲଟ ନମ୍ବର-୧୧୧୯, ପଟିଆ, ଥା-ଚନ୍ଦ୍ରଶେଖରପୁର,ଭୁବନେଶ୍ୱର,ଜି-ଖୋର୍ଦ୍ଧା |
| ୬୯ | ୬୧୧/୪୭୪୧ | ୮୨୨ | ଶାରଦ-୧ | ୦.୨୪୦ | ଏ.୦.୦୧୨ଡି | ସୀତା ନାୟକ, ସ୍ୱା:ଅରି ନାୟକ, ଅଭିମନ୍ୟୁ ନାୟକ, ବବ୍ରୁବାହନ ନାୟକ, ସୁମତୀ ନାୟକ, ପି:ଅରି ନାୟକ, ବା:ପ୍ଲଟ ନମ୍ବର-୧୧୧୯, ପଟିଆ, ଥା-ଚନ୍ଦ୍ରଶେଖରପୁର,ଭୁବନେଶ୍ୱର,ଜି-ଖୋର୍ଦ୍ଧା |
| ୭୦ | ୩୭୪ | ୮୭୬ | ଶାରଦ-୧ | ୦.୧୨୦ | ଏ.୦.୦୧୨ଡି | ବିଶି ବେହେରା, ପି :ଚନ୍ଦ୍ର ବେହେରା, ଜା:ଗୋପାଳ, ବା:ପଟିଆ |
| ୭୧ | ୧୨୬ | ୮୭୭ | ଶାରଦ-୧ | ୦.୩୨୦ | ଏ.୦.୨୪୦ଡି | ଗଙ୍ଗାଧର ମହାରଣା, ପି:ନାରଣ ମହାରଣା, ଜା:ବଢେଇ, ବା:ପଟିଆ |
| ୭୨ | ୬୧୧/୩୪୫୦ | ୮୭୮ | ଶାରଦ-୨ | ୦.୪୨୦ | ଏ.୦.୦୩୫ ଡି | ମେସର୍ସ ଶୁଭମ ଇଷ୍ଟକନ ପ୍ରା.ଲିଃ ପ୍ଲଟ ନଂ. ୪୩୮୭/୪୮୧୯ ଅପୋଜିଟ ରାଧିକା ଟାୱାର ଟଙ୍କପାଣି ରୋଡ, ପି ବା:ଭୁବନେଶ୍ୱର, ଜି-ଖୋର୍ଦ୍ଧା ତରଫ ପରିଚାଳନା ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ପଣ୍ଡା, ପି: ଜୟହରି ପଣ୍ଡା, ଜା:ବ୍ରାହ୍ମଣ, ବା: ପ୍ଲଟ ନଂ.୧୩୪୪, ଖରାଖିଆ ବୈଦ୍ୟନାଥ ଲେନ, ପୁରୁଣା ଭୁବନେଶ୍ୱର,ଥା:ଲିଙ୍ଗରାଜ, ଜି:ଖୋର୍ଦ୍ଧା |
| ୭୩ | ୬୯ | ୮୭୯ | ଶାରଦ-୨ | ୦.୨୬୦ | ଏ.୦.୨୩୦ଡି | କସ୍ତୁରୀ ମହାରଣା, ପି:କୃଷ୍ଣ ମହାରଣା, ଜା:ବଢେଇ, ବା:ପଟିଆ, କିସ୍ମତ ଦଶ ଅଣା, ବା:ସେରନ୍ତି ମହାରଣା, ସ୍ୱା:ରାମ ମହାରଣା, ଜା:ବଢେଇ, ବା:ପଟିଆ, କିସ୍ମତ ଛଅ ଅଣା ବା: |
| ୭୪ | ୬୧୧/୪୫୨୦ | ୮୮୦ | ଶାରଦ-୧ | ୦.୦୬୦ | ଏ.୦.୦୫୫ଡି | ସୁକାନ୍ତ ବେହେରା, ପି:ବୁଦ୍ଧ ସାହୁ ଓରଫ ବୁଧି ସାହୁ, ବା:ପ୍ଲଟ ନଂ.୮୧୮, ବ୍ରାହ୍ମଣ ସାହୁ, ପଟିଆ, ଜଗନ୍ନାଥ ମନ୍ଦିର ନିକଟ, କଳାରାହାଙ୍ଗ କିଟ୍, ଥା-ଇନଫୋସିଟି, ଜି-ଖୋର୍ଦ୍ଧା |
| ୭୫ | ୬୧୧/୪୫୧୪ | ୮୮୦/୧୨୨୬୫ | ଶାରଦ-୧ | ୦.୦୬୦ | ଏ.୦.୦୩୬ଡି | କାଳନ୍ଦି ସାହୁ ଓରଫ କାଳନ୍ଦି ବେହେରା, ପି:ଗୋପୀନାଥ ସାହୁ, ଜା:କେଉଟ, ବା:ବ୍ରାହ୍ମଣସାହି, ଜଗନ୍ନାଥ ମନ୍ଦିର ପାଖ, ଥା-ଇନଫୋସିଟି, ଭୁବନେଶ୍ୱର, ଜି-ଖୋର୍ଦ୍ଧା |
| ୭୬ | ୬୧୧/୪୫୨୦ | ୮୮୧ | ଶାରଦ-୧ | ୦.୦୬୫ | ଏ.୦.୦୬୫ଡି | ସୁକାନ୍ତ ବେହେରା, ପି:ବୁଦ୍ଧ ସାହୁ ଓରଫ ବୁଧି ସାହୁ, ବା:ପ୍ଲଟ ନଂ.୮୧୮, ବ୍ରାହ୍ମଣ ସାହୁ, ପଟିଆ, ଜଗନ୍ନାଥ ମନ୍ଦିର ନିକଟ, କଳାରାହାଙ୍ଗ କିଟ୍, ଥା-ଇନଫୋସିଟି, ଜି-ଖୋର୍ଦ୍ଧା |
| ୭୭ | ୬୧୧/୪୫୧୪ | ୮୮୧/୧୨୨୬୬ | ଶାରଦ-୧ | ୦.୦୬୫ | ଏ.୦.୦୬୫ | କାଳନ୍ଦି ସାହୁ ଓରଫ କାଳନ୍ଦି ବେହେରା, ପି:ଗୋପୀନାଥ ସାହୁ, ଜା:କେଉଟ, ବା:ବ୍ରାହ୍ମଣସାହି, ଜଗନ୍ନାଥ ମନ୍ଦିର ପାଖ, ଥା-ଇନଫୋସିଟି, ଭୁବନେଶ୍ୱର, ଜି-ଖୋର୍ଦ୍ଧା |
| ୭୮ | ୬୧୧/୪୫୨୦ | ୮୮୨ | ଶାରଦ-୧ | ୦.୦୭୫ | ଏ.୦.୦୭୫ଡି | ସୁକାନ୍ତ ବେହେରା, ପି:ବୁଦ୍ଧ ସାହୁ ଓରଫ ବୁଧି ସାହୁ, ବା:ପ୍ଲଟ ନଂ.୮୧୮, ବ୍ରାହ୍ମଣ ସାହୁ, ପଟିଆ, ଜଗନ୍ନାଥ ମନ୍ଦିର ନିକଟ, କଳାରାହାଙ୍ଗ କିଟ୍, ଥା-ଇନଫୋସିଟି, ଜି-ଖୋର୍ଦ୍ଧା |
| ୭୯ | ୬୧୧/୪୫୧୪ | ୮୮୨/୧୨୨୬୭ | ଶାରଦ-୧ | ୦.୦୭୫ | ଏ.୦.୦୭୫ ଡି | କାଳନ୍ଦି ସାହୁ ଓରଫ କାଳନ୍ଦି ବେହେରା, ପି:ଗୋପୀନାଥ ସାହୁ, ଜା:କେଉଟ, ବା:ବ୍ରାହ୍ମଣସାହି, ଜଗନ୍ନାଥ ମନ୍ଦିର ପାଖ, ଥା-ଇନଫୋସିଟି, ଭୁବନେଶ୍ୱର, ଜି-ଖୋର୍ଦ୍ଧା |
| ୮୦ | ୫୦୩ | ୮୮୩ | ଶାରଦ-୧ | ୦.୩୧୦ | ଏ.୦.୧୨୫ ଡି | ଦେବାଶିଷ ରାୟ, ପି: ଲଲାଟେନ୍ଦୁ କେଶରୀ ରାୟ ସାମନ୍ତ, ମଞ୍ଜୁବାଳା ରାୟ, ସ୍ୱା:ଲଲାଟେନ୍ଦୁ କେଶରୀ ରାୟ ସାମନ୍ତ, ଗୌରଚନ୍ଦ୍ର ରାଏ ସାମନ୍ତ, ପି:କୃପାସିନ୍ଧୁ ରାଏ ସାମନ୍ତ, ଜା:କ୍ଷତ୍ରିୟ ଉପେନ୍ଦ୍ର ରାଏ ସାମନ୍ତ, ପି:କୃପାସିନ୍ଧୁ ରାଏ ସାମନ୍ତ, ବା:ପଟିଆ |
| ୮୧ | ୫୦୩ | ୮୮୪ | ଶାରଦ-୧ | ୦.୩୬୦ | ଏ.୦.୧୧୦ଡି | ଦେବାଶିଷ ରାୟ, ପି: ଲଲାଟେନ୍ଦୁ କେଶରୀ ରାୟ ସାମନ୍ତ, ମଞ୍ଜୁବାଳା ରାୟ, ସ୍ୱା:ଲଲାଟେନ୍ଦୁ କେଶରୀ ରାୟ ସାମନ୍ତ, ଗୌରଚନ୍ଦ୍ର ରାଏ ସାମନ୍ତ, ପି:କୃପାସିନ୍ଧୁ ରାଏ ସାମନ୍ତ, ଜା:କ୍ଷତ୍ରିୟ ଉପେନ୍ଦ୍ର ରାଏ ସାମନ୍ତ, ପି:କୃପାସିନ୍ଧୁ ରାଏ ସାମନ୍ତ, ବା:ପଟିଆ |
| ୮୨ | ୬୧୧/୩୪୫୦ | ୮୮୫ | ଶାରଦ-୨ | ୦.୪୫୦ | ଏ.୦.୧୬୫ ଡି | ମେସର୍ସ ଶୁଭମ ଇଷ୍ଟକନ ପ୍ରା.ଲିଃ ପ୍ଲଟ ନଂ. ୪୩୮୭/ ୪୮୧୯ ଅପୋଜିଟ ରାଧିକା ଟାୱାର ଟଙ୍କପାଣି ରୋଡ, ପି ବା:ଭୁବନେଶ୍ୱର, ଜି-ଖୋର୍ଦ୍ଧା ତରଫ ପରିଚାଳନା ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ପଣ୍ଡା, ପି: ଜୟହରି ପଣ୍ଡା, ଜା:ବ୍ରାହ୍ମଣ, ବା: ପ୍ଲଟ ନଂ.୧୩୪୪, ଖରାଖିଆ ବୈଦ୍ୟନାଥ ଲେନ, ପୁରୁଣା ଭୁବନେଶ୍ୱର,ଥା:ଲିଙ୍ଗରାଜ, ଜି:ଖୋର୍ଦ୍ଧା |
| ୮୩ | ୬୧୧/୨୧୫୮ | ୮୮୬ | ଶାରଦ-୧ | ୦.୩୨୦ | ଏ.୦.୦୦୭ଡି | ପଦ୍ମାଳୟା ପଣ୍ଡା, ସ୍ୱା:ରବିନ୍ଦ୍ର ନାଥ ପଣ୍ଡା, ସୌଭାଗ୍ୟ କୁମାର ପଣ୍ଡା, ପି:ରବିନ୍ଦ୍ର ନାଥ ପଣ୍ଡା, ବା:ଦକ୍ଷବ୍ରହ୍ମପୁର, ଥା/ଜି-କେନ୍ଦ୍ରାପଡା |
| ୮୪ | ୩୦୯ | ୮୮୮ | ଡାଲୁଅ-୧ | ୧.୦୬୦ | ଏ.୦.୪୬୫ ଡି | ଅଭୟ ବଡଜେନା, ଅଜୟ ବଡଜେନା, ପି:ବନମାଳୀ ଜେନା, ଜା:ଖଣ୍ଡାୟତ, ବା:ପଟିଆ |
| ୮୫ | ୨୧୬ | ୯୧୧ | ଡାଲୁଅ-୧ | ୦.୪୮୦ | ଏ.୦.୦୦୫ଡି | ଅଭୟ ଜେନା, ଅଜୟ ଜେନା, ପି:ବନମାଳି ଜେନା,ଜା:ଖଣ୍ଡାୟତ, ବା:ପଟିଆ, ନାବ ପାଇକରା, ପି:ଗୋବର୍ଦ୍ଧନ ପାଇକରା, ଜା:ଖଣ୍ଡାୟତ, ବା:ବରମୁଣ୍ଡା, ସୁଧୀର ବଡଜେନା, ସ୍ୱା:ଗଣେଶ୍ୱର ଜେନା, କିଶୋର କୁମାର ବଡଜେନା, ବିଶ୍ୱଜିତ ବଡଜେନା, ପ୍ରିୟଙ୍କା ବଡଜେନା, ପି:ଗଣେଶ୍ୱର ଜେନା, ଅକ୍ଷୟ କୁମାର ଜେନା, ଅରୁଣ କୁମାର ଜେନା, ବିଜୟ କୁମାର ଜେନା, ପି:ଦୈତାରି ଜେନା, ଜା:ଖଣ୍ଡାୟତ, ବା:ପଟିଆ |
| ୮୬ | ୨୬୮ | ୯୧୨ | ଶାରଦ-୧ | ୦.୬୧୦ | ଏ.୦.୩୬୦ଡି | ନାବ ପାଇକରା, ପି: ଗୋବର୍ଦ୍ଧନ ପାଇକରା, ଜା:ଖଣ୍ଡାୟତ, ବା:ବରମୁଣ୍ଡା, ଅଭୟ ଜେନା, ଅଜୟ ଜେନା, ପି:ବନମାଳି ଜେନା, କିଶୋର କୁମାର ବଡଜେନା, ବିଶ୍ୱଜିତ ବଡଜେନା, ପ୍ରିୟଙ୍କା ବଡଜେନା, ପି:ଗଣେଶ୍ୱର ଜେନା, ସୁଧୀର ଜେନା, ସ୍ୱା: ଗଣେଶ୍ୱର ଜେନା, ଅକ୍ଷୟ କୁମାର ଜେନା, ଅରୁଣ କୁମାର ଜେନା, ବିଜୟ କୁମାର ଜେନା, ପି:ଦୈତାରି ଜେନା, ଜା:ଖଣ୍ଡାୟତ, ବା:ପଟିଆ |
| ୮୭ | ୨୬୮ | ୯୧୩ | ଶାରଦ-୧ | ୦.୬୦୦ | ଏ.୦.୧୦୫ ଡି | ନାବ ପାଇକରା, ପି: ଗୋବର୍ଦ୍ଧନ ପାଇକରା, ଜା:ଖଣ୍ଡାୟତ, ବା:ବରମୁଣ୍ଡା, ଅଭୟ ଜେନା, ଅଜୟ ଜେନା, ପି:ବନମାଳି ଜେନା, କିଶୋର କୁମାର ବଡଜେନା, ବିଶ୍ୱଜିତ ବଡଜେନା, ପ୍ରିୟଙ୍କା ବଡଜେନା, ପି:ଗଣେଶ୍ୱର ଜେନା, ସୁଧୀର ଜେନା, ସ୍ୱା: ଗଣେଶ୍ୱର ଜେନା, ଅକ୍ଷୟ କୁମାର ଜେନା, ଅରୁଣ କୁମାର ଜେନା, ବିଜୟ କୁମାର ଜେନା, ପି:ଦୈତାରି ଜେନା, ଜା:ଖଣ୍ଡାୟତ, ବା:ପଟିଆ |
| ୮୮ | ୬୧୯/୪୬୨୩ | ୯୨୩ | ଶାରଦ-୨ | ୦.୧୪୦ | ଏ.୦.୦୨୦ଡି | ମମତା ମହାନ୍ତି, ସ୍ୱା: ଅମିୟ କୁମାର ମହାନ୍ତି, ଜା:କରଣ, ବା:ସାରଥଗଡାସାହି, ନିୟର ଜଗନ୍ନାଥ ଟେମ୍ପଲ, ପୋଷ୍ଟ-ପଟିଆ, ଥା-ଚନ୍ଦ୍ରଶେଖରପୁର, ବିବିଏସଆର |
| ୮୯ | ୫୭୯ | ୯୨୫ | ଶାରଦ-୨ | ୦.୦୬୦ | ଏ.୦.୦୧୫ଡି | ଶ୍ରୀ ଭାଗବତ ଗୋସାଇଁ ବିଜେ-ନିଜଗାଁ ମାରଫତ ବା:ସୁରଥ ଭୂୟାଁ, ପି:ମଦନ ଭୂୟାଁ, ଜା:ଗୋଲା, ବା:ଡମଣା |
| ୯୦ | ୪୭୪/୬୪୦୯ | ୯୨୬ | ଶାରଦ-୨ | ୦.୦୯୦ | ଏ.୦.୦୮୭ଡି | ଉପେନ୍ଦ୍ର କୁମାର ମହାନ୍ତି, ପି:ମଧୁସୁଦନ ମହାନ୍ତି, ବା:ପ୍ଲଟ ନଂ.ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଜି-ଖୋର୍ଦ୍ଧା |
| ୯୧ | ୩୯୭ | ୯୨୭ | ଶାରଦ-୨ | ୦.୨୦୫ | ଏ.୦.୦୨୫ଡି | ବୈରାଗୀ ମହାରଣା, ପି:ଭ୍ରମର ମହାରଣା, ନିଶିକାନ୍ତ ମହାରଣା, ରଜନୀକାନ୍ତ ମହାରଣା, ଅଭିରାମ ମହାରଣା, ପି:ବାନାମ୍ବର ମହାରଣା, ଯୁଧିଷ୍ଠିର ମହାରଣା, ଦେବେନ୍ଦ୍ର ମହାରଣା, ରଶ୍ମିକାନ୍ତ ମହାରଣା, ପି:ଧୋଇ ମହାରଣା, ପୂର୍ଣ୍ଣିମା ମହାରଣା, ସ୍ୱା:ଧୋଇ ମହାରଣା, ଶଶିକାନ୍ତ ମହାରଣା, ଶିଶିରକାନ୍ତ ମହାରଣା, ଅନିତା ମହାରଣା, ଅମିତା ମହାରଣା, ଅମ୍ବିକା ମହାରଣା, ପି:ଜୟୀରାମ ମହାରଣା, ବାବାଜୀ ମହାରଣା,ପି:ଫକୀର ମହାରଣା, ଜା:ବଢେଇ, ବା:ପଟିଆ,ଦଖଲ ପୁନ ସାହୁ ଓଗେର ସିକିମ ଖାତା ନମ୍ବର-୩ ବା. |

# କୁକୁଡ଼ା, ମାଟି ଘୋଡ଼ା ଅର୍ପଣ କଲେ ଶ୍ରଦ୍ଧାଳୁ

■ମା' ଦପାନାୟକାଣୀ ପୀଠ ଉତ୍ସବ ମୁଖର
■ଘଷି ଉପରେ ପ୍ରସ୍ତୁତ ହୁଏ ବଡ଼ଭୋଗ

ତିହିଡ଼ି,୧୪।୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁର ଗ୍ରାମସ୍ଥିତ ମା' ଦପାନାୟକାଣୀ ପୀଠରେ ବୁଧବାର ମକର ସଂକ୍ରାନ୍ତି ଉପଲକ୍ଷେ ଉତ୍ସବ ମୁଖର ହୋଇଛି। ମେଳା ୫ ଦିନ ଚାଲିବାକୁ ଥିବା ବେଳେ ପ୍ରଥମ ଦିନରେ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ମାନସିକଧାରୀ ମା'ଙ୍କୁ କୁକୁଡ଼ା ଓ ମାଟି ଘୋଡ଼ା ଅର୍ପଣ କରିଥିଲେ। ବିନା ଚୁଲିରେ ଘଷି ଉପରେ ଭକ୍ତ ବଡ଼ଭୋଗ ପ୍ରସ୍ତୁତି କରିଥିଲେ।

ରାଜ୍ୟ ମାନଚିତ୍ରରେ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଥିବା ମା'ଙ୍କ ପୀଠସ୍ଥଳରେ ଯେତେ ପର୍ବ ପାଳିତ ହୋଇଥାଏ ତା ଭିତରୁ ମକରମେଳା ବେଶ ଅନ୍ୟତମ। ସଂକ୍ରାନ୍ତି ଅବସରରେ ଶ୍ରଦ୍ଧାଳୁମାନେ ବଡ଼ିଭୋରୁ ମନ୍ଦିର ବେଢ଼ାରେ ଭୋଗ କରିବା ସହିତ ଦୀପ ଲଗାଇଥିଲେ। ମା'ଙ୍କ ନିକଟରେ ଶ୍ରଦ୍ଧାଳୁମାନେ ମାନସିକ ରଖିଥିବା କୁକୁଡ଼ାକୁ ଅର୍ପଣ କରିଥିଲେ। ଯାହାକୁ ଭକ୍ତମାନେ ଭୋଗ ରୂପେ ଭକ୍ତିର ସହ ଘରକୁ ନେଇଥିଲେ। ଏହାଛଡ଼ା ବିନା ଚୁଲିରେ କେବଳ ଘଷିରେ ନିଆଁ ଲଗାଇ ମା'ଙ୍କ ବେଢ଼ା ପରିସରରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନେ ବଡ଼ଭୋଗ ପ୍ରସ୍ତୁତ କରିଥିଲେ। ସନ୍ଧ୍ୟା ସମୟରେ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ। ପୀରହାଟ ଥାନାଧିକାରୀ ରୋଜାଲିନ ବେହେରାଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ମୁତୟନ ହୋଇଛି। ଜିଲାପାଳ ଦିଲୀପ ରାଉତରାଏ ପୀଠରେ ମା'ଙ୍କୁ ଦର୍ଶନ କରିଥିଲେ। ଏହି ସମୟରେ କମିଟିର କର୍ମକର୍ତ୍ତାମାନେ ଜିଲାପାଳଙ୍କ ପାଖରେ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ପୂଜା କମିଟିର ସଭାପତି ଶରତ ଚନ୍ଦ୍ର ଦାସ, ସମ୍ପାଦକ ମଦନ ମୋହନ ଦାସ, କୋଷାଧ୍ୟକ୍ଷ ଅଭିମନ୍ୟୁ ମଳିକ, ହିସାବ ନିରୀକ୍ଷକ ଚକ୍ରଧର ଦାସ, ସଦସ୍ୟ ବୈରାଗୀ ମଳିକ, ଚରଣ ମଳିକ, ନିରାକାର ମଳିକ, ସନ୍ତୋଷ ମଳିକ, ମୁରଲୀଧର ମଳିକ, ସୁଧାକର ଦାସ, ବିଜୟାନନ୍ଦ ମଳିକ ପ୍ରମୁଖ ମେଳା ପରିଚାଳନାରେ ସହଯୋଗ କରୁଛନ୍ତି। ଏହି ପର୍ବ ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ୧୮ ତାରିଖରେ ଶେଷ ହେବାକୁ ଥିବା ବେଳେ ୫ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି।



ମା' ଦପାନାୟକାଣୀ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ।

## ସଂକ୍ଷେପରେ

### ଚନ୍ଦନ ବାବା ମଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ଧାମନଗର,୧୪।୧(ଦୀନକୃଷ୍ଣ ମହାପାତ୍ର)– ମକର ସଂକ୍ରାନ୍ତି ଉପଲକ୍ଷେ ଧାମନଗର ବ୍ଲକ ଭଗବାନପୁର ଅଧୀନ ଇଚ୍ଛାଦାସ୍ଥିତ ଚନ୍ଦନ ବାବାଙ୍କ ମଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏନ୍‌ଏସି ଅଧୀନ ଜୟନଗର ହନୁମାନ ଛକରେ ବୁଢା ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି କଲ୍ୟାଣୀ ପଞ୍ଚାୟତରେ ମକର ସଂକ୍ରାନ୍ତି ପାଳିତ ହୋଇଯାଇଛି। ବ୍ରହ୍ମ ମୁହୂର୍ତ୍ତରୁ ନଦୀ, ପୁଷ୍କରିଣୀରେ ଶ୍ରଦ୍ଧାଳୁ ବୁଡ଼ ପକାଇଥିଲେ। ଏହି ଅବସରରେ ବିଭିନ୍ନ ଦେବଦେବୀ ପୀଠ ଓ ମକର ମେଳାରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ସାମାଜିକକର୍ମୀ ଡା. ସଞ୍ଜୟ ଦାସ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସରପଞ୍ଚ ଅଜୟ ମଲ୍ଲିକ, ସୀତାକାନ୍ତ ମିଶ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ଦଳର ନେତା ଯୋଗ ଦେଇଥିଲେ। ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଧାମନଗର ଥାନାଧିକାରୀ ରଞ୍ଜନ ସେଠୀ ଓ ଧୂଷୁରୀ ଥାନାଧିକାରୀ ଅଜୟ ବେଜ ସୂଚନା ଦେଇଛନ୍ତି।

### ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକଙ୍କ ପରଲୋକ

ଭଣ୍ଡାରିପୋଖରୀ, ୧୪।୧(ରାଜେନ୍ଦ୍ର ଶତପଥୀ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ନପଙ୍ଗ ପଞ୍ଚାୟତ ନପଙ୍ଗ ଗ୍ରାମର ଶାସ୍ତ୍ରୀୟ ସଙ୍ଗୀତ ନିର୍ଦ୍ଦେଶକ ଅର୍ଜୁନ ରାଉତରାୟ(୯୮)ଙ୍କ ବୁଧବାର ସକାଳେ କଟକ ବାଦାମବାଡ଼ିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କର ୨ ପୁଅ, ୫ ଝିଅ ଅଛନ୍ତି। ସେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ଗାୟକ ଓ ପ୍ରଶିକ୍ଷକ ଥିଲେ। ଆକାଶବାଣୀ କଟକ ବେତାର କେନ୍ଦ୍ରର ନିୟମିତ କଣ୍ଠଶିଳ୍ପୀଭାବେ କାର୍ଯ୍ୟ କରିଥିଲେ। କୋଲକାତାରେ ଏକ ଶାସ୍ତ୍ରୀୟ ସଙ୍ଗୀତ ବିଦ୍ୟାଳୟ ସ୍ଥାପନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନପୁଅ ପତିତପାବନ ରାଉତରାୟ ମୁଖାଗ୍ନି ଦେଇଥିଲେ।

### ଖଳାରୁ ଧାନ ଚୋରି

ବନ୍ତ,୧୪।୧(ହରି ନାରାୟଣ ମହାନ୍ତି): ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଭଣ୍ଡାରଗଡ଼ିଆ ଗ୍ରାମର ପ୍ରତାପ ଜେନାଙ୍କ ଖଳାରୁ ମଙ୍ଗଳବାର ରାତିରେ ଧାନ ଚୋରି ହୋଇଛି। ଏ ନେଇ ବୁଧବାର ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗତ ୩ ଦିନ ତଳେ ଜେନା ମେଶିନରେ ଧାନ ଅମଳ କରି ଖଳାରେ ୧୮ ବସ୍ତା ଧାନ ରଖିଥିଲେ। ମଙ୍ଗଳବାର ରାତି ୧୦ଟା ୩୦ ପର୍ଯ୍ୟନ୍ତ ଖଳାରେ ସମସ୍ତ ଧାନ ଥିବା ସେ ଦେଖିଥିଲେ। ବୁଧବାର ସକାଳେ ଖଳାକୁ ଯାଇ ଦେଖିବା ବେଳକୁ କେହି ଦୁର୍ବୃତ୍ତ ୧୨ ବସ୍ତା ଧାନ ନେଇଯାଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୧୮ ହଜାର ଟଙ୍କା ହେବ। ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି।

# ମକର ସଂକ୍ରାନ୍ତିରେ କାଞ୍ଜିପାଣି



କାଞ୍ଜିପାଣି ପାଇଁ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁ।

ଧାମନଗର,୧୪।୧(ଦେବେନ୍ଦ୍ର ଆଦ୍ଦିଆ)

ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଅନନ୍ୟ। ପୂର୍ବରୁ ପ୍ରାଚୀନ ମଠ ଓ ମନ୍ଦିର ସବୁ ଥିଲା ଆଧ୍ୟାତ୍ମିକ ଶକ୍ତି କେନ୍ଦ୍ର। ସମୟ ଚକ୍ରରେ ସଂସ୍କୃତି ପ୍ରତି ଲୋକଙ୍କ ମନରେ ଶ୍ରଦ୍ଧାଭାବ ଦୂରେଇ ଯାଉଛି। ହେଲେ ଆଜି ବି ସେହି ପୁରୁଣା ପ୍ରଥା ଓ ପରମ୍ପରା ବଞ୍ଚି ରହିଥିବା ଦେଖାଯାଉଛି। ଏମିତି ଏକ ପୀଠ ହେଉଛି ଭଦ୍ରକ ଜିଲା ଧାମନଗର ବ୍ଲକ୍ ଖଡ଼ିପଦା ପଞ୍ଚାୟତ କାଞ୍ଜିଆପାଳ ଗ୍ରାମର 'କାଞ୍ଜିଆପାଳ ମଠ' ତଥା ମହାପୁରୁଷ ପରମହଂସ ଗାଦି। ମଠ ପାର୍ଶ୍ୱରେ ଗେଙ୍ଗୁଟି ନଦୀ। ସମ୍ମୁଖରେ ଜଗନ୍ନାଥ ମନ୍ଦିର। ମନ୍ଦିର ବେଢ଼ାରେ ସାଧୁ ନାରାୟଣ ଦେବ ପରମହଂସଙ୍କ ପ୍ରତିମୂର୍ତ୍ତି ପୂଜା ପାଉଛନ୍ତି। ଏହି ମଠର ବିଶେଷତ୍ୱ ହେଉଛି 'କାଞ୍ଜିପାଣି'। ପ୍ରାୟ ୪୦୦ ବର୍ଷ ତଳୁ କାଞ୍ଜିପାଣି କାଞ୍ଜିଆପାଳ ମଠର ପ୍ରସିଦ୍ଧି ଲାଭ କରିଛି। କାଞ୍ଜିପାଣି ପାଟିକୁ ଖଟା ଲାଗେ, ହେଲେ ପେଟ ପାଇଁ ମହୋଷଧି ଭଳି କାମ କରେ।

ଜନଶ୍ରୁତି ଅନୁଯାୟୀ, କାଞ୍ଜିଆପାଳ ଅଞ୍ଚଳ ଏକ ଘଞ୍ଚ ଜଙ୍ଗଲ ସହିତ ବନ୍ୟାଞ୍ଚଳ ଭାବେ ବେଶ ଜଣାଶୁଣା ଥିଲା। ଏଠାରେ ସାଧୁ ଅରକ୍ଷିତ ଦାସଙ୍କ ଶିଷ୍ୟ ନାରାୟଣ ଦେବ ପରମହଂସ ଦେବ ତପସ୍ୟା କରୁଥିଲେ। ନିକଟସ୍ଥ ଗ୍ରାମର ଗାଈ ଜଗୁଆଳମାନେ ସବୁଦିନ ଏହି ଜଙ୍ଗଲକୁ ଗାଈ ଚରାଇବାକୁ ଆସିଥାନ୍ତି ଓ ସାଧୁଙ୍କ ପାଖକୁ ଆସି ପ୍ରସାଦ ସେବନ କରନ୍ତି। ସାଧୁ ଜଣକ ଖାଇସାରିବା ପରେ ବଳକା ଖାଦ୍ୟକୁ ଗୋଟିଏ ମାଟି ହାଣ୍ଡିରେ ରଖି ପଖାଳି ଦିଅନ୍ତି। ଦିନେ ଜଣେ ପେଟ ରୋଗୀ ଭୋକରେ ଉହଳ ବିକଳ ହୋଇ ସାଧୁଙ୍କ ନିକଟରେ ଆସି ପହଞ୍ଚିଲେ। ସେହିଦିନ ସାଧୁଙ୍କ ପାଖରେ କିଛି ଖାଦ୍ୟ ନ ଥିବାରୁ ହାଣ୍ଡିରୁ କିଛି ତୋରାଣୀ ଆଣି ପେଟ ରୋଗୀଙ୍କୁ ପିଇବା ପାଇଁ ଦେଇଥିଲେ। କିଛି ସମୟ ପରେ ଭୋକିଲା ଲୋକଟି ପେଟ ରୋଗରୁ ମୁକ୍ତି ପାଇଥିଲେ। ସେହିଦିନଠାରୁ କ୍ରମଶଃ ପ୍ରଚାରିତ ହୋଇଗଲା କାଞ୍ଜିଆପାଳ ମଠର କାଞ୍ଜିପାଣିର ମାହାତ୍ମ୍ୟ କଥା। ସେବେଠାରୁ ଶହଶହ ପେଟ ରୋଗୀ ବହୁ ଦୂରଦୂରାନ୍ତରୁ ମକର ସଂକ୍ରାନ୍ତି ଦିନ ଆସି ମଠରୁ ଏହି କାଞ୍ଜିପାଣିକୁ ଅତ୍ୟନ୍ତ ଶ୍ରଦ୍ଧା ଓ ବିଶ୍ୱାସର ସହ ପାନକରି ପେଟ ରୋଗରୁ ମୁକ୍ତି ପାଇଥାନ୍ତି। କାଞ୍ଜି ପାଣିର ମାହାତ୍ମ୍ୟ ପାଇଁ ଏହି ଗ୍ରାମର ନାମ କାଞ୍ଜିଆପାଳ ହୋଇଥିବା ଜନଶ୍ରୁତିରୁ ଶୁଣାଯାଏ। ଉକ୍ତ ପୀଠର ମୁଖ୍ୟ ପର୍ବ ହେଲା ମକର ସଂକ୍ରାନ୍ତି ବା ମକର ମେଳା। ବହୁ ଦୂରଦୂରାନ୍ତରୁ ଶହଶହ ଲୋକ ମକର ମେଳା ବୁଲି ଆସି କାଞ୍ଜିପାଣି, ମକର ପୋଡ଼ପିଠା ମଠରୁ ଖାଇ ଫେରିଥାନ୍ତି।

# ଧନନ୍ତରୀ ନଦୀରେ ପୋଲର ଭିତ୍ତିପ୍ରସ୍ତର



ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବିଧାୟକ ଓ ଅନ୍ୟମାନେ।

ବାସୁଦେବପୁର,୧୪।୧(କାଳିପଦ ରାୟ)

ଭଦ୍ରକ ସଦର ବ୍ଲକ୍ ଅଧୀନ ସାବରଙ୍ଗ ପଞ୍ଚାୟତ ହରିପୁର ରାସ୍ତାର ଧନନ୍ତରୀ ନଦୀ ଉପରେ ୩.୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ପୋଲର ଭିତ୍ତିପ୍ରସ୍ତର ବୁଧବାର ସ୍ଥାପନ ହୋଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ଯୋଗଦେଇ ଭିତ୍ତିପ୍ରସ୍ତର ଶୁଭ ଦେଇଥିଲେ। ପରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ରଞ୍ଜନ ବଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷା ନାୟକ, ଅନ୍ୟତମ ଅତିଥିଭାବେ ଗୋରାମାଟି ସରପଞ୍ଚ ଭାଗ୍ୟବତୀ ମହାକୁଡ଼, ସାବରଙ୍ଗ ସମିତିସଭ୍ୟା ସୁକାନ୍ତି ନାୟକ, ମଣ୍ଡଳ ସଭାପତି ଜୟନ୍ତ ମହାପାତ୍ର, ସହାୟକ ଯନ୍ତ୍ରୀ ନଖିଲ ହରିଚନ୍ଦନ, ଠିକାଦାର ଅଶୋକ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ବିଧାୟକ ସମସ୍ତ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେବା ସହ ବିକାଶ କାର୍ଯ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବ୍ଲକ୍ ଅଧ୍ୟକ୍ଷା ବ୍ଲକ୍‌ର ସମସ୍ତ ପଞ୍ଚାୟତର ଉନ୍ନତି ପାଇଁ ବିଧାୟକଙ୍କୁ ଅନୁରୋଧ କରିବା ସହ ବିକାଶ ପାଇଁ ଭାଜପାରେ ସାମିଲ ହୋଇଥିବା କହିଥିଲେ। ସମିତିସଭ୍ୟା ସୁକାନ୍ତି ନାୟକ ଅଞ୍ଚଳରେ ବୁଲା ଗୋରୁ ଓ ଷଣ୍ଢ ଉପଦ୍ରବ ରୋକିବା ପାଇଁ ଏକ ଗୋଶାଳା ନିର୍ମାଣ ପାଇଁ ବିଧାୟକଙ୍କୁ ଅନୁରୋଧ କରିଥିଲେ।

# ଧାମରାରେ ଭାଜପାର ମହାମିଶ୍ରଣ ସମାବେଶ

ଚାନ୍ଦବାଲି,୧୪।୧(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଧାମରାରେ ମଙ୍ଗଳବାର ଅପରାହ୍ନରେ ଭାଜପା ପକ୍ଷରୁ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିଜ ନିର୍ବାଚନୀ ମଣ୍ଡଳୀ ଧାମରା ଜେଜେ ହୋଟେଲ ପରିସରରେ ଏହି କାର୍ଯ୍ୟକ୍ରମ ଜିଲା ଭାଜପା ସଭାପତି ଭଗବାନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତିଙ୍କୁ କଇଥକୋଳା ଛକ ନିକଟରୁ କର୍ମୀମାନେ ବିଶାଳ ଶୋଭାଯାତ୍ରାରେ କାର୍ଯ୍ୟକ୍ରମସ୍ଥଳ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଏହି ମିଶ୍ରଣ ପର୍ବରେ ଜାଗୁଲା ପଞ୍ଚାୟତର ଟାଣୁଆ ବିଜେଡି ନେତା ନିରାକାର ପ୍ରଧାନଙ୍କ ସହ ଧାମରା, ଦୋସିଙ୍ଗା ଓ ଜାଗୁଲା ପଞ୍ଚାୟତର ୨୦୦ରୁ ଅଧିକ ବିଜେଡି ଓ କଂଗ୍ରେସ କର୍ମୀ ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ଭାଜପାରେ ସାମିଲ ହୋଇଥିଲେ। ନୂତନ ଭାବେ ଦଳରେ ଯୋଗ ଦେଇଥିବା କର୍ମୀ ଓ ନେତାମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ବିଧିବଦ୍ଧ ଭାବେ ଦଳରେ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସଭାପତି ମା' ଧାମୁରାଇଙ୍କ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଉପେନ୍ଦ୍ର କୁମାର ରାଉଳ, ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ଧାମରା ଜୋନ ସଭାପତି ତ୍ରିଦୀବେଶ ପ୍ରଧାନ, ଦେବେନ୍ଦ୍ର ନାୟକ, ସମିତିସଭ୍ୟ ପ୍ରିୟରଞ୍ଜନ ଜେନା, ବରିଷ୍ଠ ନେତା ଅତୁଲ କୁମାର ଜେନା, ଅଭୟ ବଳ, କାହ୍ନୁଚରଣ ବେହେରା, ଅଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିଲା କଂଗ୍ରେସ ଟିମ୍

ଭଦ୍ରକ,୧୪।୧(ସନାତନ ରାଉତ)

ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ଜିଲା ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ମଙ୍ଗଳବାର ସନ୍ଧ୍ୟାରେ ଜିଲାର ବିଭିନ୍ନ ସମସ୍ୟାକୁ ନେଇ ଜିଲାପାଳଙ୍କୁ ଭେଟିଛନ୍ତି। ଜିଲାରେ ଲାଗିଥିବା ହାଇମାକ୍ସ ସୋଲାର ଲାଇଟ୍ ଯୋଗାଣରେ ବ୍ୟାପକ ଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ବେଆଇନ ଦେଶୀ ମଦ କାରବାର ବୃଦ୍ଧି ପାଇଥିବା ବେଳେ ଅବକାରୀ ବିଭାଗ ଚୁପ୍ ବସିଛି, ଏମଜିଏନ୍‌ଆର୍‌ଇଜିଏସ୍‌ରେ ବିଭିନ୍ନ ପଞ୍ଚାୟତରେ ମେଶିନ ଦ୍ୱାରା କାର୍ଯ୍ୟ କରାଯାଉଛି, ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସେହିପରି ସହରରେ ମୁଖ୍ୟ ରାସ୍ତାର ଉନ୍ନତୀକରଣ ଶୁଭାରମ୍ଭ ଫଳକରେ ଭାଜପା ରାଜ୍ୟ ସଭାପତିଙ୍କ ନାମ ରହିବା ଅସାମ୍ବିଧାନିକ ଅଟେ। ରାନ୍ଦିଆରେ ଥିବା କମ୍ପାନୀ ଯୋଗୁ ପରିବେଶ ଦୂଷିତ, ରାସ୍ତାରେ ପାଉଁଶ ଗାଡ଼ି ଯିବା ଆସିବା କରିବା ଦ୍ୱାରା ପାଉଁଶ ଏଣେତେଣେ ପଡ଼ି ଧୂଳି ଉଡ଼ିବା ଦ୍ୱାରା ସାଧାରଣଲୋକ ଯାତାୟାତରେ ସମସ୍ୟା ଭୋଗୁଛନ୍ତି ବୋଲି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏସବୁ ସମସ୍ୟାର ତୁରନ୍ତ ସମାଧାନ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ପ୍ରଦୂଷଣ ବିଭାଗ ଓ ଅବକାରୀ ବିଭାଗକୁ ଫୋନ୍ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସୋଲାରଲାଇଟ୍ ଯୋଗାଣ ଦୁର୍ନୀତି ଯାଞ୍ଚ ପାଇଁ କମିଟି ଗଠନ କରାଯାଇ ତଦନ୍ତ କରାଯାଇଛି। ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲାପାଳ କହିଥିବା କଂଗ୍ରେସ ଜିଲା ସଭାପତି ମହାନ୍ତି କହିଛନ୍ତି। ଆଲୋଚନାରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ଦେବରୂପ୍ ମହାନ୍ତି, ଟାଉନ ସଭାପତି ମୋକିତ୍ ଖାନ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ପୀତବାସ ଧଳ, ରାଜ୍ୟ ମହିଳା କଂଗ୍ରେସ ନେତ୍ରୀ ଅମିତାବାଳା ଆଚାର୍ଯ୍ୟ, ପ୍ରଦ୍ୟୁମ୍ନ ଦାସ, ଦଳିତ ସେଲ ଜିଲା ସଭାପତି ବିଦ୍ୟାଧର ଯେନା, ବନ୍ତ ବ୍ଲକ୍ ସଭାପତି ରାଜକିଶୋର ସ୍ୱାଇଁ, ଯୁବ କଂଗ୍ରେସ ଜିଲା କାର୍ଯ୍ୟକାରୀ ସଭାପତି ବଳରାମ ରାଉତ, ଦଳିତ ସେଲ ରଜ୍ୟ ନେତା ରଞ୍ଜନ ଜେନା, ବିଜୟ ବାରିକ, ଇଲ୍ଲିୟାସ ଖାନ, ଦୀନବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ST-OT-LHS-03-KUR-534, ତା.08.01.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ପରିସୀମା ଅଧୀନସ୍ଥ କଟକ-ପାରାଦୀପ ଲାଇନରେ କନ୍ଦରପୁର-କଟକ ଷ୍ଟେସନ ମଧ୍ୟରେ କି.ମି. 429/20-22 ଠାରେ, ବୈତାରୀ-ଟମକା ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ ନଂ. JD-1 (ରେଳବାଇ କି.ମି. 147/44-148/2), ମଙ୍ଗଳପୁର-କନ୍ଦରପୁର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ ନଂ. CP-8 (କି.ମି. 418/5-7), ଏବଂ ଜଖପୁରା-ଜେନାପୁର ମଧ୍ୟରେ କି.ମି. 346/7-9 ଠାରେ ଅନଧିକାର ପ୍ରବେଶ ସ୍ଥାନରେ ଅତିକ୍ରମଣକୁ ନିୟନ୍ତ୍ରଣ ଏବଂ ବର୍ତ୍ତମାନର ଜଗୁଆଳିଥିବା ଲେଭେଲ କ୍ରସିଙ୍ଗଗୁଡ଼ିକ ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା ଏବଂ ନିର୍ମାଣ।

**ଟେଣ୍ଡର ମୂଲ୍ୟ :** ₹1,43,17,146.29, EMD : ₹2,21,600/-

ବିଡ୍ ଆରମ୍ଭ ହେବା ତାରିଖ : ତା.16.01.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.01.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-1007/Q/25-26


(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୯୨ | ୬୧୧/ ୨୭୬୦ | ୯୨୮ | ଶାରଦ-୨ | ୦.୨୧୦ | ଏ.୦.୦୦୫ଡି | ବନଲତା ମହାନ୍ତି, ସ୍ୱା./-ପ୍ରଶାନ୍ତ କୁମାର ମହାନ୍ତି, ଜା:କରଣ, ବା:ପଟିଆ, ସସ୍ମିତା ମହାନ୍ତି, ସ୍ୱା:ସଞ୍ଜୟ କୁମାର ପାତ୍ର, ଜା:କରଣ, ବା:ଶହୀଦ ନଗର, ଭୁବନେଶ୍ୱର, ଶାଶ୍ୱତୀ ମହାନ୍ତି, ସ୍ୱା:ସତୀଶ ମହାନ୍ତି, ଜା:କରଣ, ବା:ସୋରୋ, ବାଲେଶ୍ୱର, ପ୍ରସନ୍ନ କୁମାର ମହାନ୍ତି, ପି:ବଂଶୀଧର ମହାନ୍ତି, ଜା:କରଣ, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା, ଇତିଶ୍ରୀ ମହାନ୍ତି, ସ୍ୱା:ଭବାନୀ ଶଙ୍କର ମହାନ୍ତି, ତନୁଶ୍ରୀ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ପି:ଭବାନୀ ଶଙ୍କର ମହାନ୍ତି, ଜା:କରଣ, ବା:ପଟିଆ |
| ୯୩ | ୬୧୧/ ୩୫୩୭ | ୧୧୮୧ | ଶାରଦ-୧ | ୦.୨୦୯ | ଏ.୦.୨୦୯ | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୪ | ୬୧୧/ ୩୫୩୭ | ୧୧୮୧/ ୧୧୫୦୭ | ଘରବାରି | ୧.୪୯୧ | ଏ.୦.୦୩୦ | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୫ | ୬୧୧/ ୩୫୩୬ | ୧୧୮୨ | ଶାରଦ-୨ | ୦.୫୪୧ | ଏ.୦.୪୬୬ଡି | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୬ | | ୧୧୮୨/ ୧୧୫୦୯ | ଘରବାରି | ୦.୫୪୧ | ଏ.୦.୧୨୬ଡି | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |

ମୋଟ ଅଧିଗୃହୀତ ରକବା ଏ.୧୧.୬୯୨ ଡିସିମିଲ
ସ୍ୱା./- (କ୍ରିଷ୍ଣା କୁମାର ଜେନା)
ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା
OIPR-


## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜିଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ.-୧** । **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୫୨, ତାରିଖ: ୧୩।୦୧।୨୦୨୬** । **କାର୍ଯ୍ୟର ନାମ:** (i) ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍ (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରିନିୱାଲ ଟ୍ରେନ୍ (ଟିଆର୍‌ଟି) ଦ୍ୱାରା ୪୧.୨୧୭ ଟିକେଏମ୍‌ର ଥ୍ରୁ ସ୍ଲିପର୍ ନବୀକରଣ, ବିସିଏମ୍ ଓ ଟି-୨୮ ଦ୍ୱାରା ଡିପ୍ ସ୍କ୍ରିନିଂ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ। (ii) ଟାଟାନଗର-ଅଁଳାଯୋଡ଼ି ୨୮୬.୦୦-୨୯୦.୯୦୩ = ୪.୯୦୩ ଟିକେଏମ୍ ମଧ୍ୟରେ ଟ୍ରାକ୍ ରିନିୱାଲ ଟ୍ରେନ୍ (ଟିଆର୍‌ଟି) ଦ୍ୱାରା ୪.୯୦୩ ଟିକେଏମ୍‌ର ଥ୍ରୁ ସ୍ଲିପର୍ ନବୀକରଣ, ବିସିଏମ୍ ଓ ଟି-୨୮ ଦ୍ୱାରା ଡିପ୍ ସ୍କ୍ରିନିଂ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ। (iii) ଟାଟାନଗର-ଅଁଳାଯୋଡ଼ି କିମି ୨୫୯-୨୭୦ ସେକ୍ସନ ମଧ୍ୟରେ ୧୧ କିମିର ଥ୍ରୁ ସ୍ଲିପର୍ ନବୀକରଣ (ପି) (ଟ୍ରାକ୍ ରିନିୱାଲ ଟ୍ରେନ୍ (ଟିଆର୍‌ଟି) ଓ ପିକ୍ୟୁଆର୍‌ଏସ୍ ଦ୍ୱାରା), ବିସିଏମ୍ ଓ ଟି-୨୮ ଦ୍ୱାରା ଡିପ୍ ସ୍କ୍ରିନିଂ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୮,୫୦,୨୪,୬୩୪.୨୮ । **ଇଏମ୍‌ଡି:** ₹୫,୭୫,୧୦୦ । **ଖୋଲାଯିବା ତାରିଖ:** ୦୪।୦୨।୨୦୨୬ । **କ୍ର.ସଂ.-୨** । **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ୱେଷ୍ଟ-୨୫-୨୬-୩୭, ତାରିଖ: ୧୩।୦୧।୨୦୨୬** । **କାର୍ଯ୍ୟର ନାମ:** ତା୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ (ୱାର୍କସ୍)/II-ବଣ୍ଡାମୁଣ୍ଡାଙ୍କ ଅଧୀନରେ ଡିଜେଲ୍ ଓ ଇଲେକ୍ଟ୍ରିକାଲ ଲୋକୋ ଶେଡ୍ ସି ଆଣ୍ଡ ଡବ୍ଲ୍ୟୁ ଅଫିସ୍ ଅଧୀନରେ ଜୋନାଲ୍ କାର୍ଯ୍ୟ, ସିକ୍ ଲାଇନ୍ କାର୍ଯ୍ୟର ନିର୍ବାହ (୨ୟ ଆହ୍ୱାନ)। **ଟେଣ୍ଡର ମୂଲ୍ୟ:** ₹୧,୩୮,୦୦,୦୦୦ । **ଇଏମ୍‌ଡି:** ₹୨,୧୯,୦୦୦ । **ଖୋଲାଯିବା ତାରିଖ:** ୦୫।୦୨।୨୦୨୬ । ଟେଣ୍ଡର ଫର୍ମ ମୂଲ୍ୟ: ₹୦ (କ୍ର.ସଂ. ୧ ଓ ୨ ପାଇଁ)। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜ ଅପଲୋଡ୍ କରାଯିବା ଜରୁରୀ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ - ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦)। (PR-1062)



## OFFICE OF THE EXECUTIVE ENGINEER
## RURAL WORKS DIVISION, BARGARH

Email : rd_bgh@yahoo.co.in, Gmail : rwd.bgh@gmail.com

No.O-1996 e-Procurement Notice No. ONLINE-BGH- 23 OF 2025-26

| | | |
|---|---|---|
| 1 | Name of the Work | : Road works during 2025-26 in the district of Bargarh |
| 2 | EMD | : @1% of the estimated cost put to tender |
| 3 | Other details | : As per DTCN |

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-23 OF 2025-26 | 17.01.2026 at 11.00 A.M. | 28.01.2026 upto 5.00 P.M. | 28.01.2026 upto 4.00 P.M. | 29.01.2026 at 11.00 A.M. |

Further details can be seen from the website www.tendersorissa.gov.in.

Sd./- Executive Engineer
R.W. Division, Bargarh
OIPR-



## ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ, ଜି: ଖୋର୍ଦ୍ଧା
### ୨୦୨୫-୨୬ ବର୍ଷରେ ଖରିଫ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା

ବିଜ୍ଞାପନ ସଂଖ୍ୟା: ୭୭ ତାରିଖ: ୧୩।୦୧।୨୦୨୬

ଏତଦ୍ୱାରା ପୁରୀ ଜିଲ୍ଲା ପୁରୀ ଉପଖଣ୍ଡ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସମସ୍ତ ଧାନଚାଷ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ସରକାର ଓ ପୁରୀ ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତିକ୍ରମେ ଉପରୋକ୍ତ ବ୍ଲକର ନିର୍ଦ୍ଧାରିତ ୧୦ଗୋଟି ଧାନ କ୍ରୟ କେନ୍ଦ୍ରରେ ଚଳିତ ଖରିଫ ୨୦୨୫-୨୬ ବିପଣନ ବର୍ଷ ପାଇଁ ତା୧୫।୦୧।୨୦୨୬ରିଖଠାରୁ ସରକାରଙ୍କ ନିର୍ଦ୍ଧାରିତ ସହାୟକ ମୂଲ୍ୟ ଓ ଧାର୍ଯ୍ୟ ଦିବସରେ ଧାନ କ୍ରୟ କରାଯିବାର ବ୍ୟବସ୍ଥା ହୋଇଅଛି। ଏଣୁ ସମ୍ପୃକ୍ତ ସେବା ସମବାୟ ସମିତିରେ ନାମ ପଞ୍ଜୀକରଣ କରିଥିବା ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବେ ସଫାକରି ଏଫ୍.ଏ.କ୍ୟୁ. ମାନକୁ ଉନ୍ନୀତ କରାଇ ନିର୍ଦ୍ଧାରିତ ଦିବସରେ କେବଳ ଝୋଟ ଅଖାରେ ପୂରାଇ ମଣ୍ଡିକୁ ଆଣିବାକୁ ଅନୁରୋଧ। ଚାଷୀଭାଇ ଓ ଭଉଣୀମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଆସିଥିବା ଏସ୍.ଏମ୍.ଏସ୍. ଅନୁସାରେ କେଉଁଦିନ, କେଉଁଠି ଓ କେତେ ପରିମାଣର ଧାନ ବିକ୍ରୟ କରିପାରିବେ ଏହା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଅବଗତ ହୋଇପାରିବେ, ଟୋକନର ଅବଧି ୩୦ ଦିନ ରହିବ। ଧାନ ବିକ୍ରି, ମଣ୍ଡି ଓ ଟୋକନ ସମ୍ବନ୍ଧୀୟ ଅଧିକ ତଥ୍ୟ ପାଇବା ପାଇଁ ସରକାରଙ୍କ ଦ୍ୱାରା ଜାରି ଦେୟମୁକ୍ତ ନମ୍ବର **୧୯୬୭**କୁ ଯୋଗାଯୋଗ କରିପାରିବେ।

**ଏଫ୍.ଏ.କ୍ୟୁ. ଧାନର କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଇନ୍‌ପୁଟ ସହାୟତା ରାଶି ମିଶାଇ ୩୧୦୦ ଟଙ୍କା ପ୍ରଦାନ କରିବା ପାଇଁ ଧାର୍ଯ୍ୟ କରାଯାଇଅଛି।**

**୨୦୨୫-୨୬ ଖରିଫ ବର୍ଷ ପାଇଁ (FAQ) ଧାନର ଗୁଣାତ୍ମକ ମାନ**

| କ୍ର.ନଂ. | ଧାନରେ ମିଶ୍ରିତ ବା ବାହ୍ୟ ପଦାର୍ଥ: ସର୍ବାଧିକ ପରିସୀମା (ଶତକଡ଼ା) | ଏଫ୍.ଏ.କ୍ୟୁ.ମାନର ଧାନ ପାଇଁ ସର୍ବୋଚ୍ଚ ସୀମା |
|---|---|---|
| ୧. | କ) ବାଲି, ଗୋଡ଼ି, ମାଟି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧% |
| | ଖ) କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା (*ଖରାପ, ପାଣିଫୁଲା ଏବଂ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର) | ୫% |
| ୩. | ଅପରିପକ୍ୱ, ସବୁଜ, କଞ୍ଚା, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୪. | ଗ୍ରେଡ୍ 'ଏ' ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ 'ଏ' ଧାନ ନିମନ୍ତେ) | ୬% |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶର ପରିମାଣ | ୧୭% |

**ଯୋଗାଯୋଗ:**
ଜିଲ୍ଲାପାଳ, ପୁରୀ: ୦୬୭୫୨-୨୨୨୦୩୩
ଉପ-ଜିଲ୍ଲାପାଳ, ପୁରୀ: ୦୬୭୫୨-୨୨୨୦୫୯
ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ: ୯୪୩୮୨୦୦୦୫୬
ଜିଲ୍ଲା ଯୋଗାଣ ଅଫିସ କଣ୍ଟ୍ରୋଲ ରୁମ୍, ପୁରୀ: ୦୬୭୫୨-୨୨୨୨୨୮
ଉପନିବନ୍ଧକ ସମବାୟ ସମିତି ସମୂହ, ପୁରୀ: ୦୬୭୫୨-୨୨୩୫୮୧, ମୋ: ୯୪୩୭୫୦୯୩୮୦
ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ପୁରୀ: ମୋ: ୯୯୩୭୧୫୯୦୨୫
ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ: ମୋ: ୯୯୩୮୧୪୧୨୬୯

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ

ଉପଜିଲ୍ଲାପାଳ, ଖୋର୍ଦ୍ଧା
ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ

**ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ**

ରାଇରଙ୍ଗପୁର,(ମାନସ ମହାନ୍ତି) : ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥର ମୁର୍ଗୁ ଛକ ନିକଟରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଶିବ ନାୟକ (୭୦)। ଏନେଇ ଥାନାରେ ଏକ ମାମଲା(ନଂ.୧୮/୨୬) ରୁଜୁ ହୋଇଛି।

## ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

ବେତନଟୀ,୧୪।୧(ଧରଣୀଧର ମହାନ୍ତି)

ପୂର୍ବତନ ବେତନଟୀ ବ୍ଲକ ଅଧ୍ୟକ୍ଷ ସୋମନାଥ ପରିଡ଼ା(୯୯)ଙ୍କ ମଙ୍ଗଳବାର ରାତିରେ ପରଲୋକ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।



ସୋମନାଥ ପରିଡ଼ା

ଜନତା ଦଳ ପକ୍ଷରୁ ସେ ୧୯୭୯ ରୁ ୧୯୭୪ ପର୍ଯ୍ୟନ୍ତ ବେତନଟୀ ବ୍ଲକ ଅଧ୍ୟକ୍ଷ ଭାବେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରି ଥିଲେ। ବେତନଟୀ କଲେଜ ପ୍ରତିଷ୍ଠା, ମଠ ମନ୍ଦିର, ଶ୍ରୀ ଅରବିନ୍ଦ ସ୍କୁଲ ନିର୍ମାଣରେ ତାଙ୍କର ବହୁ ଅବଦାନ ରହିଛି। ଶେଷ ଦର୍ଶନ ପାଇଁ ବେତନଟୀ ଅଞ୍ଚଳର ଅନେକ ବୁଦ୍ଧିଜୀବୀ, ଜନସାଧାରଣ ଓ ନେତୃବୃନ୍ଦଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମରଶରୀରକୁ ପ୍ରଥମେ ବେତନଟୀ ବଜାର, ବେତନଟୀ ବ୍ଲକ ପରିକ୍ରମା ପରେ ତାଙ୍କ ପୈତୃକ ଗ୍ରାମ ଆଗ୍ରିଆରୁ ଶେଷକୃତ୍ୟ ସମ୍ପନ୍ନ ପାଇଁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିଲା। ଶେଷକୃତ୍ୟ ସମୟରେ ତାଙ୍କ ୩ ପୁଅ ସହିତ ପରିଡ଼ା, ସାଗର ପରିଡ଼ା, ସମୀର ପରିଡ଼ା, ଭଉଣୀ ଅନିତା ପରିଡ଼ାଙ୍କ ସମେତ ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବେତନଟୀ ବସ୍ତ୍ରୀଣ ଦୁର୍ଗାପୂଜା କମିଟି, ଆନନ୍ଦ ବଜାର ଦୁର୍ଗାପୂଜା କମିଟି ସମେତ ବହୁ ସାମାଜିକ ଅନୁଷ୍ଠାନର ସଦସ୍ୟ, ମାନ୍ୟଗଣ୍ୟ ବୁଦ୍ଧିଜୀବୀ, ବରିଷ୍ଠ ନେତୃବୃନ୍ଦ ଶୋକ ପ୍ରକାଶ କରିଛନ୍ତି।

# ‘ପ୍ରକୃତି ହିଁ ଚିତ୍ରଶିଳ୍ପୀଙ୍କୁ ପ୍ରେରଣା ଯୋଗାଏ’

ବାରିପଦା,୧୪।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଅତିଥିଙ୍କ ଗହଣରେ କୃତୀ ଚିତ୍ରଶିଳ୍ପୀମାନେ।

ସୃଷ୍ଟିର ସଂରଚନା କରିଥିବା ଭଗବାନ ସବୁଠୁ ବଡ଼ ଚିତ୍ର କର ହୋଇଥିବା ବେଳେ ପ୍ରକୃତି ହିଁ ଚିତ୍ର ଶିଳ୍ପୀଙ୍କୁ ପ୍ରେରଣା ଯୋଗାଇ ଥାଏ ବୋଲି ଚିତ୍ର ମହୋତ୍ସବର ଉଦ୍ଯାପନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସର ୩୬ ତମ ବାର୍ଷିକୋତ୍ସବ ଅବସରରେ ଆୟୋଜିତ ୪ ଦିନିଆ ଚିତ୍ର ମହୋତ୍ସବର ଉଦ୍ଯାପନୀ ଉତ୍ସବରେ ଖବରକାଗଜ ସଞ୍ଜୟ କୁମାର ଚୌଧୁରୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ପିସିସିଏଫ୍ ତଥା ଲୋକାୟୁକ୍ତ ସଦସ୍ୟ ଡ.ଦେବବ୍ରତ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ବନଜା ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ପରିବେଶବିତ ବିବେକାନନ୍ଦ ପଟ୍ଟନାୟକଙ୍କ ସହିତ ଅଧ୍ୟାପିକା ଆଳପନା ବିଶ୍ୱାଳ ଯୋଗଦେଇ ଚିତ୍ରକଳା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଉଦବୋଧନ ଦେଇ ଥିଲେ। ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସର ନିର୍ଦ୍ଦେଶିକା ପ୍ରଣତୀ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚିତ୍ର ମହୋତ୍ସବରେ କୁନି କୁନି ଚିତ୍ରଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ହୋଇଥିବା ୫୦୦ରୁ ଅଧିକ ଚିତ୍ର ସ୍ଥାନ ପାଇଥିଲା। କୁନି କୁନି ହାତରେ ରଙ୍ଗ ତୁଳୀରେ ଅଙ୍କା ଯାଇଥିବା ଚିତ୍ର ଗୁଡ଼ିକ ଛାତ୍ରୀଛାତ୍ରଙ୍କ ଭିତରେ ଥିବା ସୃଜନ ଶୀଳତାର ପରି ପ୍ରକାଶ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ୪ ଦିନିଆ ଚିତ୍ର ମହୋତ୍ସବ ଉଦ୍ଯାପିତ

ସମସ୍ତ ଚିତ୍ରଶିଳ୍ପୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିବା ବେଳେ ପ୍ରଥମ ଥର ପାଇଁ ଅନୁଷ୍ଠାନ ପକ୍ଷରୁ ୩ କୃତୀ ଚିତ୍ର ଶିଳ୍ପୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର କଳା ଶିକ୍ଷକ ଜ୍ୟୋତି ରଞ୍ଜନ ମହାପାତ୍ର, ଓମ୍ ପଟ୍ଟନାୟକ, ଜୟଶ୍ରୀ ଦାସ, ତରୁଣ କାନ୍ତି ବେହେରା, ପ୍ରିୟଦର୍ଶିନୀ ପଟ୍ଟନାୟକ, ମହାଶ୍ୱେତା ଜେନା, ସଞ୍ଜୟ କୁମାର ମାରାଣ୍ଡି, ରବି ସିଂ, ଲତାଶା ଦାସ, ସ୍ମୃତି ମହାନ୍ତି, ରଶ୍ମିତା ଦାସ, ଗୁଡେଲି ମହାରଣା, ଅଲିଭା ଧଳ, ମାନସୀ ମହାପାତ୍ର ପ୍ରମୁଖ ଏହି ଚିତ୍ରମହୋତ୍ସବକୁ ପରିଚାଳନା କରିଥିଲେ।

## ମକର ପର୍ବରେ ମୋରଡ଼ା ଉତ୍ସବମୁଖର

ମୋରଡ଼ା,୧୪।୧(ସ୍ୱାରକ ମାଝୀ)

ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ଉପଲକ୍ଷେ ଉତ୍ସବ ମୁଖର ହୋଇପଡ଼ିଛି ମୋରଡ଼ା ବ୍ଲକ। ବ୍ଲକର ବିଭିନ୍ନ ସ୍ଥାନରେ ଧୁମଧାମରେ ମକର ପର୍ବ ପାଳନ ହେଉଛି। ମକର ସଂକ୍ରାନ୍ତିରେ ଛୋଟରୁ ବଡ଼ ପିଲାମାନେ ଭୋରରୁ ଉଠି ସ୍ଥାନୀୟ ନଦୀ,ଖାଲ, ପୋଖରୀ ଇତ୍ୟାଦି ଜଳାଶୟରେ ବୁଡ଼ ପକାଇ ନୂତନ ବସ୍ତ୍ର ପରିଧାନ କରିବା ପରେ ମଙ୍ଗଳବାର ତିଆରି ହୋଇଥିବା କୁମାଘରକୁ ନିଆଁ ଲଗାଇ ଜାଳିଥିବା ଦେଖିବାକୁ ମିଳିଥିଲା। ବ୍ଲକର ଚିତ୍ରଡ଼ା, ମୋରଡ଼ା, ଚଉଦଗାଁ, ଭାଲିଆଡିହା, ବାଙ୍କିଆମୁହାଁ, ଦୁର୍ଗାପୁର ଏବଂ ଅନ୍ୟ ପଞ୍ଚାୟତର ଗାଁଗୁଡ଼ିକରେ ମଧ୍ୟ ଏମିତି କୁମା ତିଆରି କରି ପିଲାମାନେ ଜାଳିଥିଲେ। ସେହିପରି ପ୍ରତିଟି ଘରେ ମକର ଚାଉଳ, ଆରିସା ପିଠା ପ୍ରସ୍ତୁତ ହୋଇଛି। ତେବେ କୁଡୁମୀ ଓ ଆଦିବାସୀ ସମ୍ପ୍ରଦାୟର ଲୋକେ ବୁଧବାର ମାଂସପିଠା ତିଆରି କରିଥିବା ଦେଖିବାକୁ ମିଳିଥିଲା। ସେହିପରି ହଳଦୀପାଳ, ଚିତ୍ରଡ଼ା ମାର୍କେଟ ସାହିର ମହିଳାମାନେ ଗୀତ ଗାଇ ଟୁସୁ ମୂର୍ତ୍ତିକୁ ଗାଁ ପରିକ୍ରମା କରାଇଥିଲେ। ବ୍ଲକର ଶିର୍ଷାପାଳର ପାରିଆଗଡ଼ା, ଚିତ୍ରଡ଼ା ତଳସାହି, ବାରୁଡ଼ିହିରେ ବାର୍ଷିକ ଖେଳ ଉତ୍ସବ ଉଦ୍ଘାଟିତ ହୋଇଯାଇଛି।

## କୁଡୁମୀ ସମ୍ପ୍ରଦାୟର ଟୁସୁ ମହୋତ୍ସବ

ଝାରପୋଖରିଆ,୧୪।୧ (ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ଅଧୀନ ଶିର୍ଷିପ୍ପିତ ମେରୁମଠ ଉପକଣ୍ଠ ସୁବର୍ଣ୍ଣରେଖା ନଦୀ କୂଳରେ କୁଡୁମୀ ସମ୍ପ୍ରଦାୟ ପକ୍ଷରୁ ୧୦ମ ଟୁସୁ ମହୋତ୍ସବ ଆୟୋଜିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଘାସିରାମ ମହାନ୍ତଙ୍କ ଦ୍ୱାରା ଆୟୋଜିତ ମହୋତ୍ସବରେ ବିଭିନ୍ନ ଅଞ୍ଚଳରୁ କୁଡୁମୀ ମା' ଓ ଭଉଣୀମାନେ ୧୯ଟି ଟୁସୁ ପ୍ରତିମାକୁ ସୁସଜ୍ଜିତ କରି ଟୁସୁ ସଙ୍ଗୀତ ମାଧ୍ୟମରେ ଆଣି ମହୋତ୍ସବ ମେଳଣ ପଡ଼ିଆରେ ପହଞ୍ଚାଇଥିଲେ। ମୁଖ୍ୟ ଅତିଥି ଭାବେ ଦେବୀଚରଣ ମହାନ୍ତ, ରାଜ୍ୟ ଜୋନାଲ ଚନ୍ଦ୍ର ମହାନ୍ତ, ବିନୟ କାଟିୟାର ଯୋଗଦେଇଥିଲେ। ଉତ୍ତମ ଟୁସୁ ମୂଲ୍ୟାୟନ କରିଥିଲେ। ଏଥିରେ କାଣିମୂଳି ଗ୍ରାମର ଯଶ ମହାନ୍ତଙ୍କ ମେଢ଼ ପ୍ରଥମ, ମାନଭଞ୍ଜ ଗ୍ରାମର ଜୟନ୍ତୀ ମହାନ୍ତଙ୍କ ମେଢ଼ ଦ୍ୱିତୀୟ, ଝାଡ଼ଖଣ୍ଡ ରାଜ୍ୟ ସାପଧରା ଗ୍ରାମର ଜନନୀ ଦାସଙ୍କ ଟୁସୁ ମେଢ଼ ତୃତୀୟ ହୋଇଥିଲା। ଟୁସୁ ସଙ୍ଗୀତ ପରିବେଷଣରେ ଗୁମୁରଡ଼ିହା ଗ୍ରାମର ଲକ୍ଷ୍ମୀମଣି ମହାନ୍ତ, ଧାନଘୋରୀ ଗ୍ରାମର କମଳା ମହାନ୍ତ ଓ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ମେଦିନୀପୁର ଜିଲ୍ଲା ରାଜ୍ୟ ସାପଧରା ଗ୍ରାମର ଜନନୀ ଦାସଙ୍କ ସହିତ ଧାନଘୋରୀର ବାସନ୍ତୀ ମହାନ୍ତ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ଦୁଇ ହଜାର, ଏକ ହଜାର ଓ ପାଞ୍ଚଶହ ଲେଖାଏଁ ଅର୍ଥରାଶି ଦ୍ୱାରା ପୁରସ୍କୃତ ହୋଇଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ବି.ବି. କଲେଜ ବାଇଗନବାଡ଼ିଆର ପୂର୍ବତନ ଅଧ୍ୟକ୍ଷ ଯତୀନ୍ଦ୍ର ନାଥ ସିଂଦେଓ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ଅଶୀଷ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୁବ ପ୍ରକଳ୍ପର ସଭାପତି କୁଞ୍ଜ ବିହାରୀ ସେଠୀ, ଦୁର୍ଗା ପ୍ରସାଦ ନନ୍ଦୀ ଓ ଅଶୋକ କୁମାର ପୃଷ୍ଟି ଯୋଗଦେଇଥିଲେ।

# ଭୀମକୁଣ୍ଡରେ ମକରମେଳା

ଠାକୁରମୁଣ୍ଡା,୧୪।୧ (ତାରାକାନ୍ତ ପଟ୍ଟନାୟକ)

ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ଏବଂ ଡେିଭର କୁଣ୍ଡରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଓ କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ ସୀମାନ୍ତ ଦେଇ ପ୍ରବାହିତ ବୈତରଣୀ ନଦୀର ବୋଙ୍ଗି ଗ୍ରାମ ନିକଟରେ ଥିବା ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡରେ ଚଳିତ ବର୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ଭୀମକୁଣ୍ଡର ଉଭୟ ପାର୍ଶ୍ୱରେ ବୁଡ଼ ପକାଇ ଥିଲେ। ଭୀମକୁଣ୍ଡ ବିକାଶ ପରିଷଦ, ବୋଙ୍ଗି ଦ୍ୱାରା ଆୟୋଜିତ ମହୋତ୍ସବର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ, ସମ୍ମାନିତ ଅତିଥି ଭାବରେ ସାମ୍ବାଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଡ.ସୁମନ୍ତ ନାୟକ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ପଢ଼ିଆବେଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷ ଚୈତନ୍ୟ ପ୍ରସାଦ ମହାନ୍ତ, ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ଠାକୁରମୁଣ୍ଡା ଓଆଇସି ସାବିତ୍ରୀ ଦଲେଇ ଯୋଗ ଦେଇଥିଲେ। ଭୀମକୁଣ୍ଡ ବିକାଶ ପରିଷଦର ସଭାପତି ପ୍ରମୋଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାଳରେ ବୁଡ଼ି ଜୀବନ ଗଲା

ରାଇରଙ୍ଗପୁର,୧୪।୧ (ମାନସ ମହାନ୍ତି)

ରାଇରଙ୍ଗପୁର ଥାନା ଅଧୀନ ବଡ଼ମ୍ବାଗୁଦା ଗ୍ରାମ ନିକଟସ୍ଥ ନାଳରେ ବୁଡ଼ି ବୁଧବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁରେଶ କୁମାର ମହାନ୍ତ (୪୫)। ସେ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୬) ରୁଜୁ ହୋଇଛି।

## ମୟୂରଭଞ୍ଜରେ ମକର ଉତ୍ସବ

ବାରିପଦା,୧୪।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ପର୍ବକୁ ଜିଲାବାସୀ ପାଳନ କରିଛନ୍ତି। ପ୍ରତ୍ୟୁଷରେ ନିକଟସ୍ଥ ଜଳାଶୟରେ ବୁଡ଼ ପକାଇ ନୂଆ ଲୁଗା ପରିଧାନ କରି ଦେବ ଦର୍ଶନ କରିଛନ୍ତି। ମକର ସଂକ୍ରାନ୍ତିରେ ଚାଷୀମାନେ କୃଷି ଉପକରଣକୁ ଖଳାରେ ରଖି ପୂଜାର୍ଚ୍ଚନା କରିଛନ୍ତି। ବର୍ଷକର ଚାଷ ଅମଳ ଶେଷ ହେବା ପରେ କୃଷି ଯନ୍ତ୍ରପାତିକୁ ଧୋଇ ଶୁଖାଇ ମକର ଚାଉଳର ଭୋଗ ଅର୍ପଣ କରିଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ କୁକୁଡ଼ା ଲଢ଼େଇ,ସାଙ୍ଗୁ ବିଭିନ୍ନ ପ୍ରକାର କ୍ରୀଡ଼ା ଓ ସ୍ଥାନେ ସ୍ଥାନେ ମେଳା ଆରମ୍ଭ ହୋଇଛି। ଆଦିବାସୀ ସମ୍ପ୍ରଦାୟର ମହିଳା ପୁରୁଷ ନୂଆ ବସ୍ତ୍ର ପରିଧାନ କରି ମାଦଳର ତାଳେ ତାଳେ ନୃତ୍ୟ କରିବା ଦେଖିବାକୁ ମିଳିଛି। ସହରର ଲୋକେ ବିଭିନ୍ନ ଦେବାଳୟକୁ ଯାଇ ଦେବ ଦର୍ଶନ କରିଛନ୍ତି। ବାରିପଦା ସହରର ଜଗନ୍ନାଥ ମନ୍ଦିର, ମା ଅମ୍ବିକା ମନ୍ଦିର ଓ ବୁଢ଼ାରାଜା ମନ୍ଦିରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଏପ୍ରିଲ ୪ରେ ବଡ଼ସାହି ମହୋତ୍ସବ





କାର୍ଯ୍ୟକ୍ରମରେ ଉପସ୍ଥିତ ସେବା ସଂସ୍ଥାନର କାର୍ଯ୍ୟକର୍ତ୍ତାମାନେ।

ବଡ଼ସାହି,୧୪।୧(ସମିତ କୁମାର ରାଉତ)

ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ପୁର୍ଣ୍ଣମାସୀ ସେବା ସଂସ୍ଥାନର ବୁଧୁଡେଇ ବିହାରଠାରେ ଋତ୍ୱିକ ରାଜକିଶୋର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ମକର ମିଳନ ଅନୁଷ୍ଠିତ ହୋଇଯାଇଛି। ଧର୍ମଗୁରୁ ପୂର୍ଣ୍ଣଚନ୍ଦ୍ର ଗୁରୁଙ୍କେଇ ଯୋଗଦେଇ ଧନ ଉପାର୍ଜନ ସହଜ କିନ୍ତୁ ଧନର ସଦୁପଯୋଗ ଖୁବ କଠିନ ବୋଲି ମତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ବେହେରା, ଡ. ଜଗବନ୍ଧୁ ଆଚାର୍ଯ୍ୟ, ଡ. ଯୋଗେନ୍ଦ୍ର ନାଥ ପଣ୍ଡା, ରାଜେନ୍ଦ୍ର କୁମାର ଜେନା, ରଞ୍ଜିତ କୁମାର ଦାସ, ସଚ୍ଚିଦାନନ୍ଦ ବିଶ୍ୱାଳ, ମହେଶ୍ୱର ସେନାପତି ବକ୍ତବ୍ୟ ରଖିଥିଲେ। ଆସନ୍ତା ଏପ୍ରିଲ ୪ରେ ବଡ଼ସାହି ମହୋତ୍ସବ ‘ଋତ୍ୱିକଶ୍ରେଣୀ’ ପାଳିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଯେଉଁ ମହୋତ୍ସବରେ ବ୍ୟବହାର, ନାରାୟଣ ଅଧ୍ୟର୍ଥଙ୍କ ମଧ୍ୟରେ ବସ୍ତ୍ର ଦାନ, ସ୍ଥାନୀୟ ଶିକ୍ଷାନୁଷ୍ଠାନର ପ୍ରଥମ ଶିକ୍ଷାର୍ଥୀଙ୍କୁ ପ୍ରୋତ୍ସାହନ ରାଶି ଦିଆଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିଲା। ବୈଠକରେ ବଡ଼ସାହିର ବିକାଶ ପାଇଁ ଯଥାଶୀଘ୍ର ବସ୍ତ୍ରାଣ୍ଡ ନିର୍ମାଣ, ବଡ଼ସାହି ହାଟଚାଳି ପିଣ୍ଡି ନିର୍ମାଣ ପାଇଁ ଦାବି ହୋଇଥିଲା।

# ତନ୍ମୟ ଫାଇଟର ଚାମ୍ପିୟନ

## ଏମ୍‌ପିଏଲ ଚତୁର୍ଥ ସଂସ୍କରଣ ଉଦ୍ଯାପିତ

ବାରିପଦା,୧୪।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଅତିଥିଙ୍କ ଗହଣରେ ଖେଳାଳିମାନେ।

ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତର ଆଡିଆସାହି ଖେଳ ପଡ଼ିଆରେ ଚାଲିଥିବା ମାନଗୋବିନ୍ଦ ପ୍ରିମିୟର ଲିଗ୍ ଚତୁର୍ଥ ସଂସ୍କରଣ ଉଦ୍ଯାପିତ ହୋଇଯାଇଛି। ଶେଷ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ ମା' ବରୁଣେଇ ଏବଂ ତନ୍ମୟ ଟାଇଗର ମଧ୍ୟରେ ହୋଇଥିଲା। ମା' ବରୁଣେଇ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ବିନିମୟରେ ୬୪ ରନ କରିଥିବା ବେଳେ ତନ୍ମୟ ଟାଇଗର ୮.୪ ଓଭରରେ ୭୦ରନ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଲେଖାଶ୍ରୀ ସାମନ୍ତସିଂହାର, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ଡା. ଦେବାଶିଷ ମାରାଣ୍ଡି, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ପରିଡ଼ା, ବଡ଼ସାହିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବଡ଼ସାହି ବ୍ଲକ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ସରପଞ୍ଚ ସଂଘର ପ୍ରାକ୍ତନ ସଭାପତି ନରେନ୍ଦ୍ର ସିଂ, ଅମର ସେଠୀ, ପ୍ରଶାନ୍ତ ମହାନ୍ତି ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ପ୍ରିମିୟର ଲିଗର ସଭାପତି ରାକେଶ କୁମାର ମହାପାତ୍ର ପୁରସ୍କାର ବିତରଣୀ ଉତ୍ସବର ସଭାପତିତ୍ୱ କରିଥିବା ବେଳେ ଉପଦେଷ୍ଟା ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ଉଦଳା,୧୪।୧(ସନ୍ତୋଷ କୁମାର ବାହିନୀ)

କପ୍ତିପଦା ଥାନା କୁସୁମପୁର ଗ୍ରାମରେ ବୁଧବାର ପାଣିରେ ବୁଡ଼ି ଅଢେଇ ବର୍ଷର ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଗଣେଶ କୁମାର ଦାସଙ୍କ ଝିଅ ଶର୍ମିଲା। ୪ ମାସ ପୂର୍ବେ ଜିତେନଙ୍କର ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ସୁକାନ୍ତିମାନସିକ ବିକାରଗ୍ରସ୍ତ। ଶର୍ମିଲା ଜେଜେମାଆଙ୍କ ନିକଟରେ ରହୁଥିଲେ। ବୁଧବାର ସେ ଖେଳୁଥିବା ବେଳେ ଅସାବଧାନତା ବଶତଃ ନିକଟରେ ଥିବା ପୋଖରୀରେ ବୁଡ଼ି ଯାଇଥିଲେ। କପ୍ତିପଦା ପୋଲିସ ମେଡ଼ିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ST-OT-LHS-03-KUR-534, ତା.08.01.2026ରିଖ

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳ ପରିଷମା ଅଧୀନସ୍ଥ ବଟ୍ଟଚ-ପାରାଦୀପ ଲାଇନରେ ଜଗତପୁର-ଜଟ୍ଟ ଷ୍ଟେସନ ମଧ୍ୟରେ କି.ମି. 429/20-22 ଠାରେ, ବୈତରଣୀ-ଟାଙ୍ଗି ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ ନଂ. JD-1 (ଲେଭେଲ କି.ମି. 147/44-148/2), ମଙ୍ଗଳପୁର-ହରିଦାସପୁର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ ନଂ. CP-8 (କି.ମି. 418/5-7), ଏବଂ ଜଗତପୁର-କେନ୍ଦ୍ରାପଡ଼ା ମଧ୍ୟରେ କି.ମି. 346/7-9 ଠାରେ ...(LHS)ର ବ୍ୟବସ୍ଥା ଏବଂ ନିର୍ମାଣ।

ଟେଣ୍ଡର ମୂଲ୍ୟ : ₹1,43,17,146.29, EMD : ...

ବିଡ଼ ଆରମ୍ଭ ହେବା ତାରିଖ : ତା.16.01.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.01.2026ରିଖ 1100 ଘଣ୍ଟା।

... www.ireps.gov.in ...

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଇଞ୍ଜି, ଖୋର୍ଦ୍ଧା ରୋଡ଼

PR-1007/Q/25-26


(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୯୨ | ୬୧୧/ ୨୭୬୦ | ୯୨୮ | ଶାରଦ-୨ | ୦.୨୧୦ | ଏ.୦.୦୦୪୭ | ବନଲତା ମହାନ୍ତି, ସ୍ୱା:-ପ୍ରଶାନ୍ତ କୁମାର ମହାନ୍ତି, ଜା:କରଣ, ବା:ପଟିଆ, ସସ୍ମିତା ମହାନ୍ତି, ସ୍ୱା:ସଞ୍ଜୟ କୁମାର ପାତ୍ର, ଜା:କରଣ, ବା:ଶହୀଦ ନଗର, ଭୁବନେଶ୍ୱର, ଶର୍ମିଷ୍ଠା ମହାନ୍ତି, ସ୍ୱା:ସଦାନନ୍ଦ ମହାନ୍ତି, ଜା:କରଣ, ବା:ସୋରୋ, ବାଲେଶ୍ୱର, ପ୍ରବନ କୁମାର ମହାନ୍ତି, ପି:ବଂଶୀଧର ମହାନ୍ତି, ଜା:କରଣ, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା, ଇତିଶ୍ରୀ ମହାନ୍ତି, ସ୍ୱା:ଭବାନୀ ଶଙ୍କର ମହାନ୍ତି, ତନୁଶ୍ରୀ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ପି:ଭବାନୀ ଶଙ୍କର ମହାନ୍ତି, ଜା:କରଣ, ବା:ପଟିଆ |
| ୯୩ | ୬୧୧/ ୩୪୩୭ | ୧୧୧୧ | ଶାରଦ-୧ | ୦.୨୦୯ | ଏ.୦.୨୦୯ | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜଜ୍ଞେୟ ମହାନ୍ତି, ପି:ଦ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୪ | ୬୧୧/ ୩୪୩୭ | ୧୧୮୧/ ୧୨୪୦୭ | ପରବାରି | ୧.୪୯୧ | ଏ.୦.୦୩୦ | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜଜ୍ଞେୟ ମହାନ୍ତି, ପି:ଦ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୫ | ୬୧୧/ ୩୪୩୭ | ୧୧୮୨ | ଶାରଦ-୨ | ୦.୪୪୧ | ଏ.୦.୪୬୭୫ | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜଜ୍ଞେୟ ମହାନ୍ତି, ପି:ଦ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୬ | ୬୧୧/ ୩୪୩୭ | ୧୧୮୨/ ୧୨୪୦୯ | ପରବାରି | ୦.୪୪୧ | ଏ.୦.୧୨୨୫ | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜଜ୍ଞେୟ ମହାନ୍ତି, ପି:ଦ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |

ମୋଟ ଅଧିଗ୍ରହୀତ ରକବା ଏ.୧.୬୭୨ ଡିସିମିଲ

ସ୍ୱା./- (କ୍ରିଷ୍ଣ କୁମାର ଜେନା)
ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

OIPR-


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ... ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ...

ଟେଣ୍ଡର ବିଜ୍ଞପ୍ତି ନଂ. ... ଇଂ.-୪୨ ...

... ଟେଣ୍ଡର ମୂଲ୍ୟ : ₹୫,୦୫,୫୦୦ ... ₹୨,୬୬,୬୦୦ ...

ୱେବସାଇଟ http://www.ireps.gov.in ...

(PR-1062)

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**

Email : rd_bgh@yahoo.co.in, Gmail : rwd.bgh@gmail.com

No.O-1996

e-Procurement Notice No. ONLINE-BGH- 23 OF 2025-26

| 1 | Name of the Work | Road works during 2025-26 in the district of Bargarh |
|---|---|---|
| 2 | EMD | @1% of the estimated cost put to tender |
| 3 | Other details | As per DTCN |

| Procurement Officer | Bid Identification No. | Availability of Tender online for bidding From | Availability of Tender online for bidding To | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-23 OF 2025-26 | 17.01.2026 at 11.00 A.M. | 28.01.2026 upto 5.00 P.M. | 28.01.2026 upto 4.00 P.M. | 29.01.2026 at 11.00 A.M. |

Further details can be seen from the website www.tendersorissa.gov.in.

OIPR-

Sd/- Executive Engineer
R.W. Division, Bargarh

# ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ, ଜି: ଖୋର୍ଦ୍ଧା

## ୨୦୨୫-୨୬ ବର୍ଷରେ ଖରିଫ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା

ବିଜ୍ଞାପନ ସଂଖ୍ୟା: ୭୭ ... ତାରିଖ: ୧୩.୦୧.୨୦୨୬

ଏତଦ୍ୱାରା ପୁରୀ ଜିଲ୍ଲା ପୁରୀ ଉପଖଣ୍ଡ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସମସ୍ତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସରକାର ... ଖରିଫ ୨୦୨୫-୨୬ ବିପଣନ ବର୍ଷ ପାଇଁ ... ଧାନ କ୍ରୟ କରାଯିବ ...

ଏଫ୍.ଏ.କ୍ୟୁ. ଧାନର କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଇନ୍‌ପୁଟ ସହାୟତା ରାଶି ମିଶାଇ ୩୧୦୦ ଟଙ୍କା ପ୍ରଦାନ କରିବା ପାଇଁ ଧାର୍ଯ୍ୟ କରାଯାଇଅଛି।

**୨୦୨୫-୨୬ ଖରିଫ ବର୍ଷ ପାଇଁ (FAQ) ଧାନର ଗୁଣାତ୍ମକ ମାନ**

| କ୍ର.ନଂ. | ଧାନରେ ମିଶ୍ରିତ ବା ବାହ୍ୟ ପଦାର୍ଥ: ସର୍ବାଧିକ ପରିସୀମା (ଶତକଡ଼ା) | ଏଫ୍.ଏ.କ୍ୟୁ.ମାନର ଧାନ ପାଇଁ ସର୍ବୋଚ୍ଚ ସୀମା |
|---|---|---|
| ୧. | କ) ବାଲି, ରୋଡ଼ି, ମାଟି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧% |
| | ଖ) କାଠି, କୁଟା, ଧୂଷ, ଅଗାଡ଼ି ବା ପୋକ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୨. | ଖରାପ, ବେରଙ୍ଗ, ପାଣିଫୁଲା, ପୋକା (*ଖରାପ, ପାଣିଫୁଲା ଏବଂ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର) | ୫% |
| ୩. | ଅପରିପକ୍ୱ, କଅଁଳ, ଚଷା, ଚକା ବା ସଙ୍କୁଚିତ ଧାନ | ୩% |
| ୪. | ଗ୍ରେଡ୍ 'ଏ' ସବ୍ଷ୍ଟାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ) | ୬% |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶର ପରିମାଣ | ୧୭% |

**ଯୋଗାଯୋଗ:**
ଜିଲ୍ଲାପାଳ, ପୁରୀ: ୦୬୭୫୨-୨୨୨୦୩୩
ଉପ-ଜିଲ୍ଲାପାଳ, ପୁରୀ: ୦୬୭୫୨-୨୨୨୦୫୯
ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ: ୯୪୩୮...
ଜିଲ୍ଲା ଯୋଗାଣ ଅଫିସ କଣ୍ଟ୍ରୋଲ ରୁମ, ପୁରୀ: ୦୬୭୫୨-୨୨୨୨୨୮
ଉପନିବନ୍ଧକ ସମବାୟ ସମିତି ସମୂହ, ପୁରୀ: ...
ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ପୁରୀ: ...
ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ, ମୋ: ...

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ

ଉପଜିଲ୍ଲାପାଳ, ଖୋର୍ଦ୍ଧା
ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ

# ପଦ ପୂରଣ ତତ୍ପରତା ଦେଖାଇଲା ଗୃହ ବିଭାଗ

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶର ଆଜି ହେବ ସମୀକ୍ଷା

ଭୁବନେଶ୍ୱର,୧୪।୧ (ରବିନାରାୟଣ ଜେନା)

ଇଂଲିଶ ନୂଆବର୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶାସନକୁ ଗତିଶୀଳ କରିବାପାଇଁ ଦେଇଥିବା ୧୫ ନିର୍ଦ୍ଦେଶ ମଧ୍ୟରୁ ଗୃହବିଭାଗ ତୃତୀୟ ବିନ୍ଦୁରେ ଥିବା ପଦ ପୂରଣ ନିର୍ଦ୍ଦେଶକୁ ଗୁରୁତ୍ୱ ଦେଇଛି। ମୁଖ୍ୟଶାସନ ସଚିବ ଅନୁ ଗର୍ଗ ଗୁରୁବାର ପୂର୍ବାହ୍ନ ୧୧ଟାରେ ଏହାର ସମୀକ୍ଷା କରିବାକୁ ରହିଥିବାରୁ ତରବରିଆ ଭାବେ ବିଭାଗ ପକ୍ଷରୁ ପଦ ପୂରଣକୁ ଗୁରୁତ୍ୱ ଦିଆଯାଇଛି।

ରାଜ୍ୟରେ ଗୃହବିଭାଗରେ କେତେ ମଞ୍ଜୁର ପଦ ରହିଛି ଏବଂ ସେଥିମଧ୍ୟରୁ ୨୦୧୯ ଜାନୁଆରୀରୁ ଅଦ୍ୟାବଧି ବର୍ଷୱାରି କେତେ ପୂରଣ ହୋଇଛି ସେନେଇ ଟିକିନିଖି ରିପୋର୍ଟ ଗୃହ ବିଭାଗ ପକ୍ଷରୁ ଲୋଡ଼ାଯାଇଛି। ଗୃହବିଭାଗ ସ୍ୱତନ୍ତ୍ର ସଚିବ ସୁବାସ ଚନ୍ଦ୍ର ଦାସ ମଙ୍ଗଳବାର ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜି)ଙ୍କ ସମେତ ଅଗ୍ନିଶମ ଡିଜି, ଡିଜି କାରାଗାର, ଓଡ଼ିଶା ପୋଲିସ ହାଉସିଂବୋର୍ଡ ଅଧ୍ୟକ୍ଷ, ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାର, ନ୍ୟାୟିକ ଏକାଡେମୀ ନିର୍ଦ୍ଦେଶକ ଏବଂ ପବ୍ଲିକ ପ୍ରସିକ୍ୟୁଶନ ନିର୍ଦ୍ଦେଶକ ପ୍ରମୁଖଙ୍କୁ ପତ୍ର ଲେଖିଛନ୍ତି। ତେବେ ପୋଲିସ ଏସ୍ଆଇ ନିଯୁକ୍ତିରେ ମହାଦୁର୍ନୀତିକୁ ନେଇ ରାଜ୍ୟରେ ଏକପ୍ରକାର ଚହଳ ସୃଷ୍ଟି ହୋଇଛି। ନିଯୁକ୍ତି କଥା ଶୁଣିଲେ ଲୋକେ ଦୁର୍ନୀତି କଥା ଆଗେ ଚିନ୍ତା କରୁଛନ୍ତି। ଏଥର ସେଭଳି କିଛି ହେବ ନାହିଁ ତ ବୋଲି ଭାବୁଛନ୍ତି। ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ପଦ ପୂରଣକୁ ଗୁରୁତ୍ୱ ଦିଆଯିବାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

ସ୍ୱତନ୍ତ୍ର ସଚିବ ପତ୍ରରେ ୩୯ଟି ବିନ୍ଦୁ ଉପରେ ବିଭାଗୀୟ ଅଧିକାରୀଙ୍କଠାରୁ ତଥ୍ୟ ଲୋଡ଼ିଛନ୍ତି। ସେ ଦର୍ଶାଇଛନ୍ତି, ୨୦୧୯ ସୁଦ୍ଧା ରାଜ୍ୟରେ କେତେ ପଦ କେଉଁ ବିଭାଗରେ ମଞ୍ଜୁର ହୋଇଥିଲା ଏବଂ କେତେ ପୂରଣ ହୋଇଛି ତା'ର ବର୍ଷୱାରି ତାଲିକା ଦିଅ। ଯଦି କୌଣସି କାରଣରୁ ପଦ ପୂରଣ ହୋଇପାରୁ ନାହିଁ ତାହାର ସମସ୍ୟା ସମ୍ପର୍କରେ ମଧ୍ୟ ବିଭାଗକୁ ଜଣାଅ। ଏହି ସମୟ ମଧ୍ୟରେ ଯଦି ଅଧିକ ପଦ ସୃଷ୍ଟି ହୋଇଛି ତାହାର ମଧ୍ୟ ବିସ୍ତୃତ ବିବରଣୀ ପ୍ରଦାନ କର। ସରକାରଙ୍କ ଏହି ନିର୍ଦ୍ଦେଶକୁ ନେଇ ମକର ସଂକ୍ରାନ୍ତି ଛୁଟିଦିନରେ ମଧ୍ୟ ସରକାରୀ କାର୍ଯ୍ୟାଳୟ ଖୋଲା ରହିଥିବା ପରିଲକ୍ଷିତ ହୋଇଛି। ସେହିପରି ୨୦୨୫ ଡିସେମ୍ବର ସୁଦ୍ଧା କେତେ ପଦ ସୃଷ୍ଟି ହେବା କଥା ଏବଂ ପୂରଣ ହେବା କଥା ସେ ସଂକ୍ରାନ୍ତରେ ଜଣାଇବାକୁ ମଧ୍ୟ ସ୍ୱତନ୍ତ୍ର ସଚିବ ପତ୍ରରେ ଦର୍ଶାଇଛନ୍ତି।

# ଯୋଜନା କାର୍ଯ୍ୟକାରିତା ରିପୋର୍ଟ ଲୋଡ଼ିଲେ ମୁଖ୍ୟସଚିବ

ଭୁବନେଶ୍ୱର,୧୪।୧ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନହିତକର ଯୋଜନା ତୃଣମୂଳସ୍ତରରେ ବାସ୍ତବକ୍ଷେତ୍ରରେ କେତେଦୂର କାର୍ଯ୍ୟକାରୀ ହେଉଛି ସେନେଇ ମୁଖ୍ୟଶାସନ ସଚିବ ଅନୁ ଗର୍ଗ ସମ୍ପୃକ୍ତ ବିଭାଗୀୟ ସଚିବଙ୍କଠାରୁ ରିପୋର୍ଟ ଲୋଡ଼ିଛନ୍ତି। ମୁଖ୍ୟଶାସନ ସଚିବଙ୍କ ନିର୍ଦ୍ଦେଶକୁ ନେଇ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ଡି. କେ. ଜେନା ସମ୍ପୃକ୍ତ ବିଭାଗୀୟ ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନାର ରୂପରେଖ ସମ୍ପର୍କରେ ଟିକିନିଖି ରିପୋର୍ଟ ଦେବାକୁ ହେବ।

ମୁଖ୍ୟମନ୍ତ୍ରୀ ରାଜ୍ୟରେ ଯୋଜନାର ରୂପରେଖର ବାସ୍ତବ ସ୍ଥିତି ଜାଣିବାକୁ ଚାହିଁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଯୋଜନାର ରିପୋର୍ଟ ପ୍ରଦାନ କରିବାକୁ ପତ୍ରରେ କୁହାଯାଇଛି। ଏହାସହିତ ଯୋଜନାର କାର୍ଯ୍ୟକାରିତା ଯେପରି ତ୍ୱରାନ୍ୱିତ ହେବ ସେଥିପାଇଁ ପ୍ରତି ତିନିମାସ, ୬ମାସ ଓ ବାର୍ଷିକ ସମୀକ୍ଷା କରିବାକୁ ହେବ। ଏହାସହିତ ଯଦି କୌଣସି ଯୋଜନା କାର୍ଯ୍ୟକାରିତାରେ ଅନ୍ତରାୟ ସୃଷ୍ଟି କରୁଛନ୍ତି ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟସଚିବ ନିର୍ଦ୍ଦେଶ ଦେଇଥିବା ପତ୍ରରୁ ଜଣାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ୧୧ଟି ଯୋଜନା କାର୍ଯ୍ୟକାରୀ ହୋଇଛି। ସେଥିମଧ୍ୟରେ ମହିଳା ସଶକ୍ତୀକରଣ ଲାଗି 'ସୁଭଦ୍ରା', ଚାଷୀଙ୍କୁ ସଶକ୍ତୀକରଣ ପାଇଁ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି, ୮୦ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା/ବୃଦ୍ଧଙ୍କୁ ୩,୫୦୦ଟଙ୍କାର ମାସିକ ଭତ୍ତା ଭଳି ଯୋଜନା ରହିଛି। ତେବେ ଆବାସ ଗୃହ ବଣ୍ଟନ, 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା କିଭଳି ତ୍ୱରାନ୍ୱିତ ହୋଇପାରିବ ସେନେଇ ଗୁରୁତ୍ୱ ଦିଆଯାଇଛି। ଏହାବାଦ୍ ୨୦୨୭ ସୁଦ୍ଧା ସବୁ ଗାଁକୁ ପକ୍କା ସଡ଼କ ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଲାଗି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଲାଗି ମୁଖ୍ୟସଚିବ ଗୁରୁତ୍ୱ ଦେଇଥିବା ଜଣାଯାଇଛି।

# ଖେସଡ଼ା ଜଙ୍ଗଲରେ ହାତୀର ମୃତ୍ୟୁ

ବଇଣ୍ଡା,୧୪।୧ (ପରିକ୍ଷିତ ସାହୁ)


ମରିପଡ଼ିଥିବା ଅଣ୍ଡିରା ହାତୀ।

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ରେଞ୍ଜ କଦଳୀମୁଣ୍ଡା ଖେସଡ଼ା ଜଙ୍ଗଲରୁ ବୁଧବାର ଏକ ଅଣ୍ଡିରା ହାତୀର ମୃତଦେହ ଜବତ କରାଯାଇଛି। ୪ ଦିନ ତଳୁ ହାତୀଟି ପ୍ରାଣ ହରାଇଥିବା ଜଣାପଡ଼ିଥିଲେ ହେଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ସୂଚନା ଅନୁଯାୟୀ, ଉକ୍ତ ଜଙ୍ଗଲରେ ବୁଲୁଥିବା ଏକ ୧୫ ବର୍ଷୀୟ ଅଣ୍ଡିରା ହାତୀର ମୃତ୍ୟୁ ହୋଇଥିବା ବନ ବିଭାଗ ପାଟ୍ରୋଲିଂ ଟିମ୍ ଦେଖିବାକୁ ପାଇଥିଲା। ପରେ ଘଟଣାସ୍ଥଳରେ ଆର୍‌ସିସିଏଫ୍ ସଞ୍ଜୟ କୁମାର ସାଏ, ଆଠମଲ୍ଲିକ ଡିଏଫ୍‌ଓ ସନ୍ତୋଷ କୁମାର କପୁଲା, ବାମୁର ରେଞ୍ଜର ସ୍ୱାଧୀନ ସାମଲ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅନୁଗୋଳ ଜିଲା ପ୍ରାଣୀଧନ ଚିକିତ୍ସା ବିଭାଗର ଡାକ୍ତର ପ୍ରଦୀପ୍ତ କୁମାର ସିଂ ପହଞ୍ଚି ହାତୀ ମୃତଦେହ ବ୍ୟବଚ୍ଛେଦ କରିବା ପରେ ସେଠାରେ ପୋତି ଦିଆଯାଇଥିଲା।

# ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'

## ସମାଜର ସତ୍ୟତାକୁ ସାହିତ୍ୟରେ ପରିପ୍ରକାଶ କରୁଥିଲେ ବ୍ୟାସକବି: ମନ୍ତ୍ରୀ


ଉତ୍ସବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଡ. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ 'ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୧୪।୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷାର ପ୍ରଚାର ପ୍ରସାର, ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ତଥା ନିରନ୍ତର କାର୍ଯ୍ୟ, ଗବେଷଣା ଓ ସାମଗ୍ରିକ ସାହିତ୍ୟ କୃତି ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗବେଷକ ତଥା ପ୍ରାବନ୍ଧିକ ଡ. ନୃସିଂହ ଚରଣ ଷଡ଼ଙ୍ଗୀଙ୍କୁ 'ବ୍ୟାସକବି ଫକୀର ମୋହନ ଓଡ଼ିଆ ଭାଷା ସମ୍ମାନ' ପ୍ରଦାନ କରାଯାଇଛି। ବ୍ୟାସକବିଙ୍କ ଜୟନ୍ତୀ ଅବସରରେ ବୁଧବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ସ୍ୱତନ୍ତ୍ର ସମାରୋହ ଆୟୋଜିତ ହୋଇଥିଲା। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଡ. ଷଡ଼ଙ୍ଗୀଙ୍କୁ ୫ଲକ୍ଷ ଟଙ୍କା ପୁରସ୍କାର ରାଶି, ଅଙ୍ଗବସ୍ତ୍ର ଓ ତାମ୍ର ଫଳକ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏଥିସହ ଡ. ଷଡ଼ଙ୍ଗୀଙ୍କୁ ମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହ ଏହି ସମ୍ମାନ ସାହିତ୍ୟ ଜଗତରେ ସାରସ୍ୱତ ସର୍ଜନା ଏବଂ ଗବେଷଣାକୁ ପ୍ରୋତ୍ସାହନ ଦେବ ବୋଲି କହିଛନ୍ତି।

ସୂର୍ଯ୍ୟବଂଶୀ କହିଲେ, ବ୍ୟାସକବି ଫକୀରମୋହନ ସମାଜର ସତ୍ୟତାକୁ ସାହିତ୍ୟରେ ପରିପ୍ରକାଶ କରୁଥିଲେ। ଆଜିର ସମୟରେ ମଧ୍ୟ ବ୍ୟାସକବିଙ୍କ ଲିଖିତ ଗଳ୍ପ, କବିତା ଓ ଉପନ୍ୟାସ ଓଡ଼ିଆ ଭାଷାକୁ ଜୀବନ୍ତ କରି ରଖିବା ସହ ଓଡ଼ିଆ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଆଜିର ଯୁବପିଢ଼ି ବ୍ୟାସକବି ଫକୀରମୋହନ ସେନାପତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ଯୋଗଦାନ ଦେବେ ବୋଲି ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ସେହିପରି ଡ. ଷଡ଼ଙ୍ଗୀ କହିଲେ, ବ୍ୟାସକବି ଫକୀରମୋହନଙ୍କ ସାହିତ୍ୟ କୃତି ସଦାସର୍ବଦା ତାଙ୍କୁ ପ୍ରେରଣା ଦେଇ ଆସିଛି। ଔପନ୍ୟାସିକ ନାଥାନିଏଲ୍‌ଙ୍କ ଲିଖିତ 'ଦି ହାଉସ୍ ଅଫ୍ ସେଭେନ୍ ଗାବେଲ୍ସ' ଏବଂ ଫକୀରମୋହନଙ୍କ ରଚିତ 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସର ଏକ ତୁଳନାତ୍ମକ ଗବେଷଣା ଉପରେ ଡ. ଷଡ଼ଙ୍ଗୀ ମତ ରଖିଥିଲେ। ଏହି ଅବସରରେ ଏକାଡେମୀ ପକ୍ଷରୁ 'ରାଜକବି ଗୋବିନ୍ଦଭଞ୍ଜ ଗ୍ରନ୍ଥାବଳୀ' ଏବଂ 'ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଔପନ୍ୟାସିକ ଶାନ୍ତନୁ ଆଚାର୍ଯ୍ୟ, ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ମାଞ୍ଜାସୂତା ଲାଗି ଜଣେ ଗୁରୁତର, ଅନ୍ୟ ଜଣେ ଅଳ୍ପକେ ବର୍ତ୍ତିଲେ

ଢେଙ୍କାନାଳ,୧୪।୧ (ରତନ ନାୟାର)

ଢେଙ୍କାନାଳ ସହରର ପ୍ରମୁଖ ବଜାର ମିନାବଜାର ଅଞ୍ଚଳରେ ବୁଧବାର ଅପରାହ୍ନରେ କିଛି ଯୁବକ ମାଞ୍ଜା ସୂତା ଲଗାଇ ଗୁଡ଼ି ଉଡ଼ାଉଥିଲେ। ସେହି ସମୟରେ ପ୍ରମୁଖ ରାସ୍ତାରେ ବାଇକ୍‌ରେ ଯାଉଥିବା ଅଭିଷେକ ସାହୁ(୨୩) ନାମକ ଜଣେ ଯୁବକଙ୍କ ମୁହଁରେ ମାଞ୍ଜାସୂତା ଲାଗିଯାଇଥିଲା। ଫଳରେ ତାଙ୍କର ନାକ ଓ ଆଙ୍ଗୁଠି କଟିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଘର ସଦର ଥାନା ସାଇଁବିରି ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେହିପରି ଏହି ଘଟଣାରେ ବାଜିଚୌକ ଅଞ୍ଚଳର ବ୍ରହ୍ମାନନ୍ଦ ସାହୁ ନାମକ ଜଣେ ଯୁବକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଟାଉନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସହରରେ ଗୁଡ଼ି ବିକ୍ରି ହେଉଥିବା ବିଭିନ୍ନ ଦୋକାନରେ ପୋଲିସ ଚଢ଼ାଉ କରି କିଛି ପରିମାଣରେ ମାଞ୍ଜା ସୂତାକୁ ଜବତ କରିଥିବା ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି।

# ମାଞ୍ଜାସୂତା ଲାଗି କଟିଲା ବେକ

ବାଲେଶ୍ୱର,୧୪।୧ (ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ତାମୁଲିଆ ବ୍ରିଜ ନିକଟରେ ବୁଧବାର ଗୁଡ଼ି ମାଞ୍ଜା ସୂତା ଲାଗି ଜଣେ ଯୁବକଙ୍କ ବେକ କଟିଥିବା ଦେଖିବାକୁ ମିଳିଛି। ଭୂଷଣ୍ଡେଶ୍ୱର ମନ୍ଦିରରୁ ଦର୍ଶନ ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବ୍ରିଜ ନିକଟରେ ବେକରେ ମାଞ୍ଜା ସୂତା ଗୋଡେଇ ହୋଇଯାଇଥିଲା। ସେ ବାଇକ ଠିଆ କରିଥିଲେ। ପରେ ଅନ୍ୟ ସହଯୋଗୀମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆହତ ଯୁବକ ହେଲେ ବାଲେଶ୍ୱରର ଭାଗିରଥ ବେହେରା। ପ୍ରଶାସନ ପକ୍ଷରୁ ମାଞ୍ଜାସୂତା କଟକଣା ଲାଗୁ ହୋଇଥିଲେ ହେଁ ମକର ସଂକ୍ରାନ୍ତି ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ଏହି ସୂତାରେ ଗୁଡ଼ି ଉଡ଼ା ଚାଲିଥିବା ଦେଖିବାକୁ ମିଳିଛି।

# ପୋଙ୍ଗଲ ପାଳନବେଳେ ବାଣ ବିସ୍ଫୋରଣ, ୪ ଗୁରୁତର

ରାୟଗଡ଼ା,୧୪।୧ (ଆଶିଷ ରଞ୍ଜନ ପଣ୍ଡା)


ବାଣ ବିସ୍ଫୋରଣରେ ଭାଙ୍ଗି ଯାଇଥିବା ଘର।

ପୋଙ୍ଗଲ ଉପଲକ୍ଷେ ତେଲୁଗୁ ସମ୍ପ୍ରଦାୟର ଲୋକେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲଗାଇ ଭୋଗି ପାଳୁଥିବାବେଳେ ରାୟଗଡ଼ା ସହରରେ ଅଘଟଣ ଘଟିଛି। ୟେଡୁ ସାହିରେ ଏକ ଘରେ ବାଣ ଭିଡୁଥିବାବେଳେ ହଠାତ୍ ବିସ୍ଫୋରଣ ଘଟିବାରୁ ୪ ଯୁବକ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କ ମୁହଁ ଓ ହାତରେ ଗଭୀର ଆଘାତ ଲାଗିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଏକ ଘରର ଝରକା, କବାଟ ଓ ଏକ ଅଟୋର କାଚ ଭାଙ୍ଗିଯାଇଛି। ସମସ୍ତ ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ କେ.ୟୋଗୀ, ଡି.ଶଙ୍କର, ଜି.ନିଖିଲ ଓ ସୋନୁ ଦୋରା। ସମସ୍ତଙ୍କ ବୟସ ୧୩ରୁ ୧୯ ବର୍ଷ ମଧ୍ୟରେ ହୋଇଥିବା ଜଣାପଡ଼ିଛି। ତେବେ ସହର ମଧ୍ୟରେ ନାବାଳକଙ୍କ ହାତରେ ବିସ୍ଫୋରଣ ସାମଗ୍ରୀ କିପରି ପହଞ୍ଚିଲା ସେ ନେଇ ତଦନ୍ତ ହେବା ଆବଶ୍ୟକ ବୋଲି ସହରର ବୁଦ୍ଧିଜୀବୀ ଦାବି କରିଛନ୍ତି। ରାୟଗଡା ଅତିରିକ୍ତ ଏସ୍‌ପି ଅମୂଲ୍ୟ ଧରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ତନାଘନା ଆରମ୍ଭ କରିଛି।

# ନାଲ୍‌କୋର ଖଣି କାର୍ଯ୍ୟ ସର୍ଭେକୁ ତୀବ୍ର ବିରୋଧ

ଛେଣ୍ଡିପଦା,୧୪।୧ (ଅଜିତ ଧଳ)


ବିରୋଧ ପରେ ସର୍ଭେ ପାଇଁ ଯାଉଥିବା ଗାଡ଼ି ଅଟକି ରହିଛି।

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବରପଦା ପଞ୍ଚାୟତର ଗୋପିବଲ୍ଲଭପୁରଠାରେ ନାଲ୍‌କୋର ଉତ୍କଳ ଡି ଓ ଇ ପ୍ରସ୍ତାବିତ କୋଇଲା ଖଣି ଅଞ୍ଚଳରେ ଖଣି କାର୍ଯ୍ୟକୁ ମଙ୍ଗଳବାର ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଏପରି କି କମ୍ପାନୀର କେତେଜଣ କର୍ମଚାରୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ନିଶା ଶିଳ୍ପାଞ୍ଚଳ ଥାନା ପୋଲିସ ୧୦ ଜଣଙ୍କୁ ଗିରଫ କରିଛି।

ସ୍ଥାନୀୟ କ୍ଷତିଗ୍ରସ୍ତଙ୍କ ଅଭିଯୋଗ ଅନୁଯାୟୀ, ଛେଣ୍ଡିପଦା ବ୍ଲକର ନାଣ୍ଡିଛୋଡ଼, ଗୋପିବଲ୍ଲଭପୁର ଗାଁରେ ଥିବା ନାଲ୍‌କୋ କମ୍ପାନୀର ଉତ୍କଳ କୋଲ୍ ବ୍ଲକ୍ ଡି ଓ ଇରେ ଜମି ଅଧିଗ୍ରହଣ କରାଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ନିଯୁକ୍ତି, ଥଇଥାନ ବ୍ୟବସ୍ଥା କରାଯାଇନାହିଁ। କ୍ଷତିପୂରଣ ରାଶି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯାଇନାହିଁ। ତଥାପି ଦ୍ୱିତୀୟ ପର୍ଯ୍ୟାୟ ଖନନ କାର୍ଯ୍ୟ ପାଇଁ କମ୍ପାନୀ କର୍ତ୍ତୃପକ୍ଷ ସର୍ଭେ କରୁଥିବା ବେଳେ କ୍ଷତିଗ୍ରସ୍ତ ପ୍ରଜାମାନେ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ସହିତ ନାଲ୍‌କୋ ପକ୍ଷରୁ କରାଯାଇଥିବା ଚୁକ୍ତି ପୂରଣ କରାଗଲେ କ୍ଷତିଗ୍ରସ୍ତ ପ୍ରଜାମାନେ ସେମାନଙ୍କ ଜମି ଛାଡ଼ିବା ପାଇଁ ରାଜି ଅଛନ୍ତି। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ କ୍ଷତିଗ୍ରସ୍ତ ପ୍ରଜାଙ୍କ ଅଭିଯୋଗ ନ ଶୁଣି ପ୍ରଶାସନକୁ ଧରି ଜୋର ଜବରଦସ୍ତ କାର୍ଯ୍ୟ ଚଳାଇଥିବାବେଳେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଅପରପକ୍ଷରେ ଉତ୍କଳ କୋଇଲା ଖଣିର ଡେପୁଟି ମ୍ୟାନେଜର ଭବାନୀ ଶଙ୍କର ନାୟକଙ୍କ ସମେତ ୪ରୁ ଅଧିକ କର୍ମଚାରୀଙ୍କୁ ମାଡ଼ ମରାଯିବା ସହ କମ୍ପାନୀ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରାଯାଇଥିବା କମ୍ପାନୀ ପକ୍ଷରୁ ଭବାନୀ ଶଙ୍କର ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୬/୨୬ରେ ଏକ ମାମଲା ରୁଜୁ କରିବା ସହିତ ନାଣ୍ଡିଛୋଡ଼ ଗ୍ରାମର ସନାତନ ଗଡ଼ନାୟକ, ବାବୁଲି ଗଡ଼ନାୟକ, ନରେଶ ଚନ୍ଦ୍ର ଗଡ଼ନାୟକ, କମ୍ଚୁ ଗଡ଼ନାୟକ, ଚିତ୍ତରଞ୍ଜନ ବେହେରା, ଗଣେଶ୍ୱର ଗଡ଼ନାୟକ, ଟୁକୁନା ଗଡ଼ନାୟକ, ପଞ୍ଚାନନ ଗଡ଼ନାୟକ, ଯଶୋମତି ଗଡ଼ନାୟକ, ବିନି ଗଡ଼ନାୟକଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ଉତ୍କଳ କୋଇଲା ଖଣି ଡେପୁଟି ମ୍ୟାନେଜର ନାୟକ କହିଛନ୍ତି, କାର୍ଯ୍ୟସ୍ଥଳକୁ ଯାଉଥିବାବେଳେ ଖଣି କାର୍ଯ୍ୟକୁ ବିରୋଧ କରୁଥିବା ଲୋକଙ୍କ ମଧ୍ୟରୁ ୧୫ରୁ ୨୦ ଜଣ ମହିଳା ପୁରୁଷ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ସହ କେତେଜଣ କର୍ମଚାରୀ ଆହତ ହୋଇଛନ୍ତି।

# ନେଟ୍‌ୱର୍କିଂ, ଡାଟା ସେଣ୍ଟ୍ରିସିଟିକୁ ଗୁରୁତ୍ୱ

## ଭାରତୀୟ ସେନା ଦିବସ



ପ୍ରତିବର୍ଷ ଜାନୁଆରୀ ୧୫ରେ ପାଳିତ ହୋଇଆସୁଛି ଭାରତୀୟ ସେନା ଦିବସ। ୧୯୪୯ ମସିହାରେ ଉକ୍ତ ଦିନ ତତ୍କାଳୀନ ବ୍ରିଟିଶ ଜେନେରାଲ ସାର୍ ଫ୍ରାନ୍ସିସ ରୟ ବୁଚରଙ୍କ ସ୍ଥାନରେ ଫିଲ୍ଡ ମାର୍ଶାଲ କୋଡାଣ୍ଡେରା ମଦପ୍ପା କାରିଆପ୍ପାଙ୍କୁ ନିଯୁକ୍ତି ଦିଆଯାଇଥିଲା, ଯିଏ ପ୍ରଥମ ଭାରତୀୟ କମାଣ୍ଡର-ଇନ-ଚିଫ୍ ହୋଇଥିଲେ। ସେହି ସ୍ମୃତିରେ ପାଳିତ ହୋଇଆସୁଥିବା 'ଭାରତୀୟ ସେନା ଦିବସ' ଭାରତୀୟ ସେନାର ତ୍ୟାଗ, ନିଃସ୍ୱାର୍ଥପର ସେବାର ଏକ ମହାନ୍ ସ୍ମାରକୀ। ପ୍ରଥମ ଭାରତୀୟ କମାଣ୍ଡର-ଇନ୍-ଚିଫ୍ ହୋଇଥିବା ଫିଲ୍ଡ ମାର୍ଶାଲ କେ.ଏମ. କାରିଆପ୍ପାଙ୍କ ସ୍ମୃତିରେ ଏହି ଦିବସ ଅବସରରେ ୨୦୨୬କୁ 'ନେଟ୍‌ୱର୍କିଂ ଏବଂ ଡାଟା ସେଣ୍ଟ୍ରିସିଟି ବର୍ଷ' ଭାବେ ଗ୍ରହଣ କରାଯାଉଛି; ଯାହା ଅତ୍ୟାଧୁନିକ ସାମରିକ ପ୍ରଯୁକ୍ତିବିଦ୍ୟା ଏବଂ ଭାରତୀୟ ସୈନିକଙ୍କ ଅଟଳ ସାହସିକତାକୁ ପ୍ରଦର୍ଶନ କରିଥାଏ।


**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
Pin:751012, Tel.No.(0674) 2562020, e-Mail:theoccltd@odishaconstruction.com
No.CAD-2999 GSTIN- 21AAACO2571K2ZM
"e-Procurement Notice No.56/OCCL/2025-26 (Online)

| Sl. No. | Name of Assignment | Bid Identification No. | Cost of Bid document (including GST) (through online transfer) (in Rs.) | Bid Security (through on-line transfer) (in Rs.) | Period of Completion | Availability of Tender (Online) |
|---|---|---|---|---|---|---|
| 1 | Request For Proposal (RFP) for engagement of Consultant for Implementation of Indian Accounting Standards (IND AS) in Odisha Construction Corporation Ltd. | OCCL-FACAO/ 02/ 2025-26 | Rs.2360/- | Rs.10,000/- | 45 (Forty Five) Days | From 16.01.2026 03.30 PM to 27.01.2026, 5.30 PM |

Procurement Officer: Managing Director, OCCL
Date of Opening of the Technical Bid: 28.01.2026, 12.00 Noon onwards
Further details can be seen from the e-procurement portal: https://www.tendersodisha.gov.in
OIPR- Sd./- MANAGING DIRECTOR

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR**
(At/Po- Ambapua, Near Income Tax Office, Berhampur - 760011, Ganjam, Odisha)
(E-Mail:- serwbpr2004@yahoo.com, Tel.No.:- 0680-2404287)
**No.e-tender//158//RWC//BAM//Dated 09.01.2026**
**1st Corrigendum to Bid Identification No.Online Tender/56-2025-26/BPR**
**No.O-2043:** 1) The partial modification of Road Works under **IMPROVEMENT TO EXISTING RD ROADS for the year 2025-26** vide above identification has been made as follows.

| | | | |
|---|---|---|---|
| 1 | Date of availability of tender | :: | **29.01.2026 to 12.02.2026 upto 5.30 PM instead of 08.01.2026 to 22.01.2026 upto 5.30 PM** |
| 2 | Last Date & Time of seeking tender clarification | :: | **10.02.2026 at 5.30 PM** instead of 20.01.2026 at 5.30 PM |
| 3 | Date of Opening of Technical Bid | :: | **13.02.2026 at 11.00 AM** instead of 27.01.2026 at 11.00 AM |
| 4 | Date of Opening of Financial Bid | :: | **Will be intimated later on.** |

All other contents will remain unchanged.
OIPR- Sd./- Chief Construction Engineer, R.W.Circle, Berhampur

GOVERNMENT OF ODISHA No. O-1918
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH**
At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com
No. Tender Online RWCCESNG-28 of 2025-26 Letter No. 4358 Date: 31.12.2025
**e-Procurement NOTICE**
1. Type of the Work : Roads
2. Class of Contractor : As specified in the Column-6 of the Annexure
3. Time of Completion : As specified in the Column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column-4 of the Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 28 of 2025-26 | 15.01.2026 2.00 P.M. | 31.01.2026 5.00 P.M. | 30.01.2026 5.00 P.M. | 01.02.2026 11.00 A.M. | Will be intimated separately |

Further details can be seen from the website **www.tendersodisha.gov.in**.
OIPR- Sd./- Chief Construction Engineer, Rural Works Circle, Sundargarh

**OFFICE OF THE SUPERINTENDING ENGINEER**
**KHARIAR (R&B) DIVISION, KHARIAR, DIST.: NUAPADA, ODISHA**
E-mail: eeroads.khr@rediffmail.com
Letter No. 384 2nd Corrigendum to Cancel Date: 10.01.2026
Bid Identification No. SER & BKHR - 19/2025-26
**TENDER CANCELLED**
No. B-975: The Tender Call Notice bearing E-Procurement Notice-19, Bid Identification No. SER&BKHR-19/2025-26 vide Letter No. 31 dated 02.01.2026 bearing 1st Corrigendum No. 142 Dated 07.01.2026 is hereby cancelled due to administrative reasons/issues.
Sd./- Superintending Engineer Kharia (R&B) Division
OIPR-

**INSTITUTE OF MATHEMATICS AND APPLICATIONS**
ANDHARUA, BHUBANESWAR, ODISHA-751029
(Under Science & Technology Department, Govt. of Odisha) www.iomaorissa.ac.in
**ADVERTISEMENT FOR REGISTRAR POST**
No.IMA/100/52/2026 Dated:13.01.2026
**No.CAD-3007:** Applications in prescribed format are invited from the eligible Indian nationals for the Post of Registrar on the deputation basis. For details of the Post, eligibility criteria, qualifications, experience, scale of pay, application format etc. please visit the website https://iomaorissa.ac.in.

| Sl.No. | Name of the Post | Number of Posts | Category |
|---|---|---|---|
| 01 | REGISTRAR | 01 | UR |

Last date of receipt of application is **02.02.2026.**
OIPR- Sd./- REGISTRAR

**OFFICE OF THE DISTRICT INFORMATION & PUBLIC RELATIONS OFFICER, KEONJHAR**
Tender Call Notice No.:55/DIPRO, Keonjhar, Date:12.01.2026
**SHORT TENDER CALL NOTICE**
No.F-106: Sealed tenders are invited from eligible and registered firms for supply and installation of Audio-Visual (AV) Equipments for the Office of the District Information & Public Relations Officer, Keonjhar from 10.00 AM of 17.01.2026 to 05.30 PM of 31.01.2026.
Detailed tender documents containing eligibility criteria, terms & conditions and Financial Bid format can be downloaded from the Keonjhar District website https://kendujhar.odisha.gov.in/.
The authority reserves the right to accept or reject any or all tenders without assigning any reason thereof.
Sd./- District Information & Public Relations Officer, Keonjhar
OIPR-

# ରାଜଧାନୀରେ ବର୍ଷକରେ ୫୦୦ ଆତ୍ମହତ୍ୟା

ଭୁବନେଶ୍ୱର,୧୪।୧
(ତ୍ରିନାଥ ମହାନ୍ତି)

- **ବିଷ ପିଇ ୩୦୦, ଝୁଲି ପଡ଼ିଛନ୍ତି ୨୦୦**
- **ଆତ୍ମହତ୍ୟାକାରୀଙ୍କ ମଧ୍ୟରେ ୩୨୦ ଯୁବପିଢ଼ି**



ସଚେତନତା ସତ୍ତ୍ୱେ ରାଜଧାନୀରେ ଥମୁନି ଆତ୍ମହତ୍ୟା ପ୍ରବଣତା। ବିଶେଷକରି ଯୁବପିଢ଼ି ମଧ୍ୟରେ ବଢୁଛି ଏଭଳି ମାନସିକତା। ୨୦୨୫ରେ ୫୦୦ ଜଣ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ୩୦୦ ଜଣ ବିଷପାନ କରି ଜୀବନ ହାରିଥିବାବେଳେ ୨୦୦ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ବିଶେଷକରି ସେମାନଙ୍କ ମଧ୍ୟରେ ୩୨୦ଜଣ ଯୁବପିଢ଼ି ରହିଛନ୍ତି, ଯାହାକି ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ପ୍ରେମ ପ୍ରତାରଣା ଏବଂ ପାରିବାରିକ ବିବାଦକୁ କେନ୍ଦ୍ରକରି ଯୁବପିଢ଼ି ମଧ୍ୟରେ ବିଶେଷଭାବେ ଆତ୍ମହତ୍ୟା ପ୍ରବଣତା ବଢୁଥିବା ଅଧ୍ୟୟନରୁ ଜଣାପଡ଼ିଛି। କାରଣ ଅନେକ ସମୟରେ ଏବେ ଯୁବପିଢ଼ି ସୋସିଆଲ ମିଡିଆରେ ସର୍ବାଧିକ ସମୟ ବିତାଉଛନ୍ତି। ସେମାନେ ପରିବାରକୁ ସମୟ ଦେଉନାହାନ୍ତି। ଯେଉଁଥିପାଇଁ କୌଣସି ସମସ୍ୟା ଆସିଲେ ସେମାନେ କାହାରିକୁ କହିବା ବଦଳରେ ଆତ୍ମହତ୍ୟା ଭଳି ରାସ୍ତାକୁ ବାଛି ନେଉଛନ୍ତି। ଅନେକ ଯୁବକ ପ୍ରେମରେ ହାରିଯିବା ପରେ ମାନସିକ ବିଷାଦକୁ ଚାଲି ଯାଉଛନ୍ତି। ଫଳରେ ସାଙ୍ଗସାଥୀ ଏବଂ ବନ୍ଧୁମାନଙ୍କୁ ଏ ସମ୍ପର୍କରେ କିଛି ବି ଜଣାଉନାହାନ୍ତି।

ଏ ନେଇ ମନୋବିଜ୍ଞାନୀ ଅଭିନାଶ ଗୁରୁ କହିଛନ୍ତି, ଯୁବପିଢ଼ି ଏବେ ସମାଜର ମୁଖ୍ୟ ସ୍ରୋତଠାରୁ ଦୂରେଇ ଯାଉଛନ୍ତି। ସେମାନେ ବହି ପଢ଼ିବା ବଦଳରେ ସୋସିଆଲ ମିଡିଆରେ ସମୟ ବିତାଉଛନ୍ତି, ଯେଉଁଥିପାଇଁ ସେମାନେ ସୋସିଆଲ ମିଡିଆରୁ ଖରାପ ଶିକ୍ଷା ଗ୍ରହଣ କରୁଛନ୍ତି। ଯଦି ଜୀବନରେ କିଛି ବି ସମସ୍ୟା ଆସୁଛି, ସେମାନେ ସହଜରେ ଭାଙ୍ଗି ପଡୁଛନ୍ତି। ନିଜର ଧୈର୍ଯ୍ୟ ହରାଇ ଶେଷରେ ଆତ୍ମହତ୍ୟା ଭଳି ରାସ୍ତା ବାଛି ନେଉଛନ୍ତି। ତେଣୁ ଯୁବପିଢି ସୋସିଆଲ ମିଡିଆଠାରୁ ଦୂରେଇ ରହିବା ନିହାତି ଜରୁରୀ ବୋଲି ଗୁରୁ କହିଛନ୍ତି। ଡିସିପି ଜଗମୋହନ ମୀନା କହିଛନ୍ତି, ଯୁବପିଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ିବା ଠିକ୍ ନୁହେଁ। ସେମାନେ ପରିବାର ଲୋକଙ୍କୁ ସମୟ ଦେବା ଆବଶ୍ୟକ। ଯେଉଁ ସମୟ ସୋସିଆଲ ମିଡିଆ ଏବଂ ନିଶା ସେବନରେ ବିତାଉଛନ୍ତି, ସେହି ସମୟ ପରିବାର ଲୋକଙ୍କୁ ଦିଅନ୍ତୁ। ଯଦ୍ୱାରା ସେମାନେ ପରିବାର ସହିତ ରହିବା ସହ ମାନସିକ ଦୁଶ୍ଚିନ୍ତାରୁ ଦୂରେଇ ରହିବେ ବୋଲି ମୀନା କହିଛନ୍ତି।

| ୨୦୨୫ ବର୍ଷ | ଆତ୍ମହତ୍ୟା |
|---|---|
| ଜାନୁଆରୀ | ୪୧ |
| ଫେବୃଆରୀ | ୩୫ |
| ମାର୍ଚ୍ଚ | ୩୬ |
| ଏପ୍ରିଲ | ୩୨ |
| ମେ’ | ୩୯ |
| ଜୁନ୍ | ୪୯ |
| ଜୁଲାଇ | ୩୮ |
| ଅଗଷ୍ଟ | ୫୫ |
| ସେପ୍ଟେମ୍ବର | ୩୮ |
| ଅକ୍ଟୋବର | ୪୮ |
| ନଭେମ୍ବର | ୩୬ |
| ଡିସେମ୍ବର | ୫୩ |
| **ମୋଟ** | **୫୦୦** |

# ଭ୍ୟାନ୍ ହେଲପରଙ୍କୁ ପିଟି ହତ୍ୟା ଅଭିଯୋଗ

ବାଲେଶ୍ୱର,୧୪।୧(ବାଞ୍ଛାନିଧି ଦେ)

ମକର ସଂକ୍ରାନ୍ତିରେ ଘଟିଛି ଏକ ହତ୍ୟାକାଣ୍ଡ। ବାଲେଶ୍ୱର ସଦର ଥାନା ସାହାଦା ଜିମ୍ ସେଣ୍ଟର ନିକଟରେ ବୁଧବାର ଏକ ପିକ୍ଅପ୍ ଭ୍ୟାନର ହେଲପରଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ମୃତ ଯୁବକ ହେଲେ ଏହି ଥାନା ଅସ୍ତିଆ ଗ୍ରାମର ସେକ ମକାନ୍ଦର ମହମ୍ମଦ। ଏନେଇ ମୃତକଙ୍କ ଭାଇ ସେକ ଜିତେନ୍ଦର ମହମ୍ମଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ପିକ୍ଅପ୍ ଭ୍ୟାନ (ନଂ. ଓ ଆର ୦୧ଏମ ୯୦୫୦)ରେ ହେଲପର ଡ୍ୟୁଟିରେ ସେକ ମକାନ୍ଦର ମହମ୍ମଦ ଆସୁଥିବା ବେଳେ ଉକ୍ତ ଜିମ ସେଣ୍ଟର ନିକଟରେ କେତେଜଣ ଯୁବକ ତାଙ୍କୁ ଅଟକାଇଥିଲେ। ସାହାଦା ଗ୍ରାମର ବାପୁ, ଆଜିମାବାଦ ଗ୍ରାମର ପବନ, ପୁରୁଣା ବାଲେଶ୍ୱରର ପିଣ୍ଟୁ, ପାତ୍ରପଡ଼ାର ନେପାଲି, ସାରଗାଁର ଟିନୁ ତେଲେଙ୍ଗା କଟୁରୀ, ଲୁହା ପାଇପ୍ ଓ କଟୁରୀ ଧରି ନିଷ୍ଠୁର ମାଡ଼ ମାରିଥିବା ଏତଲାରେ ଦର୍ଶାଯାଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆହତ ହେଲପରଙ୍କୁ ପିସିଆର ଭ୍ୟାନ ଯୋଗେ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଜାରି ରଖିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଛି।


ମୃତ ସେକ ମକାନ୍ଦର ମହମ୍ମଦ।

## ଗଞ୍ଜେଇ ଜବତ, ଦିଲ୍ଲୀର ୨ ଯୁବକ ଗିରଫ

ଦିଗପହଣ୍ଡି,୧୪।୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ୍ ପୋଡ଼ାମାରି ବସ୍ଷ୍ଟାଣ୍ଡ ନିକଟରୁ ପାଟପୁର ପୋଲିସ ବୁଧବାର ସକାଳେ ୨୦ କେଜି ୮ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଗଞ୍ଜେଇ ଚାଲାଣ କରିବାକୁ ବସକୁ ଅପେକ୍ଷା କରିଥିବା ସେଣ୍ଟ୍ରାଲ ନୂଆଦିଲ୍ଲୀ ପଟେଲ ନଗରର ୨ ଅଣଓଡ଼ିଆ ଯୁବକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରିତେଶ ମାଲହୋତ୍ରା ଓ ସବୀର କୁମାର। ପାଟପୁର ଥାନା ଏସଆଇ ଶ୍ରୀନିବାସ ଦାସ ତପ୍ତପାଣି, ଟି.ଗୋବିନ୍ଦପୁର ଆଦି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଯୁବକଦ୍ୱୟ ପୋଡ଼ାମାରି ବସଷ୍ଟାଣ୍ଡ ନିକଟରେ ସନ୍ଦେହଜନକ ଭାବେ ଠିଆ ହୋଇଥିବା ଦେଖି ପଚରାଉଚରା କରିଥିଲେ। ସେମାନେ ବ୍ରହ୍ମପୁର ଯିବା ପାଇଁ ବସ୍କୁ ଅପେକ୍ଷା କରିଥିବା କହିଥିଲେ। ଉଭୟଙ୍କ କଥାବାର୍ତ୍ତାରେ ତାଳମେଳ ନ ରହିବାରୁ ପୋଲିସ ସେମାନଙ୍କ ବ୍ୟାଗ୍ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ଥାନାକୁ ନିଆଯାଇଛି। ଗୁରୁବାର ବ୍ରହ୍ମପୁର ଜିଲା ଦୌରାଜଜ କୋର୍ଟକୁ ଚାଲାଣ କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି। ଏନେଇ ନଂ.୨୫/୨୬ରେ ମକଦ୍ଦମା ରୁଜୁ କରାଯାଇଛି।

# ୩ ଆନ୍ତଃରାଜ୍ୟ ଡକାୟତ ଗିରଫ

ବଣାଇଁ,୧୪।୧(ପ୍ରଦୀପ ତ୍ରିପାଠୀ)

**ଡକାୟତି ଯୋଜନା ପଣ୍ଡ**

ସୁନ୍ଦରଗଡ ଜିଲା ଟିକାୟତପାଲି ଥାନା ଅନ୍ତର୍ଗତ ଚନ୍ଦ୍ରପୁର ଗ୍ରାମ ଖେଳ ପଡ଼ିଆରେ ମଙ୍ଗଳବାର ରାତିରେ ଡକାୟତି ଯୋଜନା ବେଳେ ପୋଲିସ ଚଢାଉ କରି ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡର ମନୋଜ କାଣ୍ଡୁଲାନା, ବଣାଇଁର ରାଜେଶ ମାଝୀ ଏବଂ ସୁନ୍ଦରଗଡ ବଡ଼ଗାଁର ଅନିଲ ସଏ। ସେମାନଙ୍କଠାରୁ ନଗଦ ଅର୍ଥ ସହ ମାରଣାସ୍ତ୍ର ଜବତ କରାଯାଇଛି। ଏହି ଘଟଣାରେ ଆଉ କିଛି ଦୁର୍ବୃତ୍ତ ଖସି ପଳାଇଛନ୍ତି। ପୋଲିସ ସେମାନଙ୍କୁ ଧରିବା ପାଇଁ ତନାଘନା ଚଳାଇଛି। ଏ ନେଇ ଟିକାୟତପାଲି ଥାନାରେ ଏକ ମାମଲା (ନଂ.୮/୨୬) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର ବଣାଇଁ କୋର୍ଟକୁ ଚାଲାଣ କରାଯାଇଛି ବୋଲି ବଣାଇଁ ଏସ୍ଡିପିଓ ରାମଚନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ମଙ୍ଗଳବାର ରାତି ପ୍ରାୟ ୯ଟାରେ ପ୍ରାୟ ୭/୮ଜଣ ଦୁର୍ବୃତ୍ତ ଚନ୍ଦ୍ରପୁର ଗ୍ରାମ ଖେଳ ପଡ଼ିଆରେ ଡକାୟତି ଯୋଜନା କରୁଥିବା ପୋଲିସକୁ ସୂଚନା ମିଳିଥିଲା। ବଣାଇଁ ଏସ୍ଡିପିଓ ରାମଚନ୍ଦ୍ର ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଟିକାୟତପାଲି ଥାନା ଏସ୍ଆଇ ଦୀନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ସମ୍ପୃକ୍ତ ସ୍ଥାନରେ ଅତର୍କିତ ଚଢାଉ କରିଥିଲା। ଚଢାଉ ବେଳେ ଘଟଣାସ୍ଥଳରୁ କିଛି ଜଣ ଖସି ପଳାଇଥିବାବେଳେ ପୋଲିସ ୩ଜଣଙ୍କୁ କାବୁ କରିଥିଲା। ଗିରଫ ଅନିଲଙ୍କ ନାଁରେ ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ାର ବିଭିନ୍ନ ଥାନାରେ ୯ରୁ ଉର୍ଦ୍ଧ୍ୱ ମାମଲା ରହିଛି। ସେହିପରି ମନୋଜଙ୍କ ନାଁରେ ବଣାଇଁ ଓ ଝାରସୁଗୁଡ଼ାରେ ୩ରୁ ଉର୍ଦ୍ଧ୍ୱ ଡକାୟତି ମାମଲା ରହିଥିବା ବଣାଇଁ ଏସ୍ଡିପିଓ ବିଶ୍ୱାଳ ସୂଚନା ଦେଇଛନ୍ତି।


ଡକାୟତି ଯୋଜନା ନେଇ ପୋଲିସ ସୂଚନା ଦେଉଛି।

# ନାବାଳିକାଙ୍କୁ ବଳାତ୍କାର, ବୃଦ୍ଧ ଗିରଫ

ଧୂଷୁରୀ,୧୪।୧
( ଦୀପ୍ତି ରଞ୍ଜନ ନାୟକ)

ଭଦ୍ରକ ଜିଲା ଧୂଷୁରୀ ଥାନା ଅନ୍ତର୍ଗତ ଆରଡି ଫାଣ୍ଡି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ୧୩ ବର୍ଷିଆ ନାବାଳିକାଙ୍କୁ ଜଣେ ବୃଦ୍ଧ ବଳାତ୍କାର କରିଛନ୍ତି। ଏ ନେଇ ପୀଡ଼ିତାଙ୍କ ବଡ଼ ମା’ ଆରଡି ଫାଣ୍ଡିରେ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ପ୍ରଶାନ୍ତ ଜେନା(୬୦) ନାମକ ବ୍ୟକ୍ତିଙ୍କୁ ଗିରଫ କରି ତଦନ୍ତ କରୁଛି।

ଅଭିଯୋଗ ମୁତାବକ, ଅଭିଯୁକ୍ତ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ରବିବାର ବଳାତ୍କାର କରିଥିଲେ। ଏ ବିଷୟରେ କାହାକୁ ନ କହିବାକୁ ଧମକ ମଧ୍ୟ ଦେଇଥିଲା। ମଙ୍ଗଳବାର ବିଦ୍ୟାଳୟରେ ପଢୁଥିବା ବେଳେ ପୀଡ଼ିତା ଅଚେତ ହୋଇ ଯାଇଥିଲା। ପରିବାର ଲୋକ ପଚାରିବାରୁ ସେ କାନ୍ଦିକାନ୍ଦି ସବୁକଥା କହିଥିଲେ। ଅଭିଯୋଗ ପରେ ଫାଣ୍ଡି ପୋଲିସ ଅଭିଯୁକ୍ତଙ୍କୁ ଫାଣ୍ଡିକୁ ଆଣି ପଚରାଉଚରା କରିଥିଲା। ପରେ ଧୂଷୁରୀ ଥାନା ଅଧିକାରୀ ଫାଣ୍ଡିରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇଥିଲେ। ବୁଧବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ଏନେଇ ଧୂଷୁରୀ ଥାନାରେ ଏକ ମାମଲା(ନଂ. ୧୪/୨୬) ଏକ ବଳାତ୍କାର ମାମଲା ରୁଜୁ ହୋଇଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ସୂଚନା ଦେଇଛନ୍ତି।

## Business

# ‘ହାଇୱେ ହୋଣ୍ଡା’ ପକ୍ଷରୁ ‘ଏଲିଭେଟ ଏଡିଭି’ର ଅନାବରଣ

ଫୁଲନଖରା,୧୪।୧(ସତ୍ୟରଞ୍ଜନ ଦାସ ମହାପାତ୍ର)




ଭାରତର ଅଗ୍ରଣୀ ପ୍ରିମିୟମ କାର ନିର୍ମାତା କମ୍ପାନୀ ‘ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ’ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ‘ହାଇୱେ ହୋଣ୍ଡା’ ଶୋ ରୁମ୍ ପକ୍ଷରୁ ଲୋକପ୍ରିୟ ଏସ୍ ୟୁ ଭି ‘ହୋଣ୍ଡା ଏଲିଭେଟ’ର ଏକ ନୂତନ ଫ୍ଲାଗଶିପ ଭାରିଏଣ୍ଟ ‘ଏଲିଭେଟ ଏଡିଭି ଏଡିଶନ’ ବଜାର ପ୍ରବେଶ ହୋଇଛି। ଏହି ଅନାବରଣ କାର୍ଯ୍ୟକ୍ରମରେ ଅତିଥି ଭାବେ ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡର ଭାଇସ ପ୍ରେସିଡେଣ୍ଟ କୁନାଲ ବେହେଲ ସାନ, ନ୍ୟାଶନାଲ ହେଡ ନିଖିଲ ଡି ଶୁକ୍ଲା ସାନ, ଜୋନାଲ ମ୍ୟାନେଜର ଏମ୍ ପୁନିତ ମୁଙ୍ଗିଆ, ଆଦିତ୍ୟ ଗ୍ରୁପ୍ ମ୍ୟାନେଜିଂ ଡାରେକ୍ଟର ଆଦିତ୍ୟ ପାତ୍ର, ହାଇୱେ ହୋଣ୍ଡା ଭାଇସ ପ୍ରେସିଡେଣ୍ଟ ଅଜିତ ଆଚାର୍ଯ୍ୟ, ଜେନେରାଲ ମ୍ୟାନେଜର ୱାସିମ ଅହମ୍ମଦ ଖାନ୍ ପ୍ରମୁଖ ଯୋଗଦେଇଥିଲେ। ସକ୍ରିୟ ଏବଂ ଗତିଶୀଳ ଜୀବନଶୈଳୀ ଅତିବାହିତ କରୁଥିବା ଯୁବ ଗ୍ରାହକମାନଙ୍କୁ ଦୃଷ୍ଟିରେ ରଖି ଏହି ‘ଏଡିଭି ଏଡିସନ’ ପ୍ରସ୍ତୁତ କରାଯାଇଛି। ଏଥିରେ ଏଲିଭେଟ୍ର ଦୃଢ଼ ଡିଜାଇନ, ଚିତ୍ତାକର୍ଷକ ଆଇ-ଭିଟେକ ପରଫର୍ମାନ୍ସ ଏବଂ ଅତ୍ୟାଧୁନିକ ‘ହୋଣ୍ଡା ସେନ୍ସିଂ’ ସୁରକ୍ଷା ବୈଶିଷ୍ଟ୍ୟ ସହିତ ଏକ ସ୍ପୋର୍ଟି ଏବଂ ଅନନ୍ୟ ଲୁକର ସମାହାର ରହିଛି। ଏଲିଭେଟ ଏଡିଭି ଏଡିଶନ ଶୁଭାରମ୍ଭ ଅବସରରେ ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ ମାର୍କେଟିଂ ଏବଂ ସେଲ୍ସ ଭାଇସ ପ୍ରେସିଡେଣ୍ଟ ବେହେଲ କହିଛନ୍ତି ଯେ, ହୋଣ୍ଡା ଏଲିଭେଟ ସାରା ଦେଶର ଗ୍ରାହକମାନଙ୍କ ପାଖରୁ ସକାରାତ୍ମକ ପ୍ରତିକ୍ରିୟା ପାଇଛି। ଆମର ସବୁଠାରୁ ପ୍ରିୟ ଏସ. ୟୁ ଭି ହୋଣ୍ଡା ଏଲିଭେଟ ଲାଇନ-ଅପ୍ରେ ‘ଏଲିଭେଟ ଏଡିଭି’କୁ ସର୍ବୋଚ୍ଚ ଭାରିଆଣ୍ଟ ଭାବେ ସାମିଲ କରି ଆମେ ଗ୍ରାହକମାନଙ୍କୁ ସେମାନଙ୍କର ସକ୍ରିୟ ଏବଂ ପରିବର୍ତ୍ତନଶୀଳ ଜୀବନଶୈଳୀ ଅନୁଯାୟୀ ଅଧିକ ବିକଳ୍ପ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଅଧିକ ବୋଲ୍ଡ ଲୁକ, ପ୍ରଶସ୍ତ କ୍ୟାବିନ ଏବଂ ନୂତନ ଅନନ୍ୟ ବୈଶିଷ୍ଟ୍ୟ ସହିତ ହୋଣ୍ଡା ଏଲିଭେଟ ଏଡିଭି ଆମ ଗ୍ରାହକମାନଙ୍କ ସ୍ୱତନ୍ତ୍ର ଯାତ୍ରା ପାଇଁ ଏକ ଉପଯୁକ୍ତ ସାଥୀ ହେବ ବୋଲି ସେ କହିଛନ୍ତି।

## ସାଧାରଣ କ୍ଷେତ୍ର ଉପରେ ଷ୍ଟାମ୍ପ ଡ୍ୟୁଟି ସଂସ୍କାରକୁ କ୍ରେଡାଇର ସ୍ୱାଗତ

ଭୁବନେଶ୍ୱର,୧୪।୧(ଅନୁରାଧା ମହାରଣା)

ରାଜ୍ୟ ସରକାର ସାଧାରଣ କ୍ଷେତ୍ର ଏବଂ ସୁବିଧା ହସ୍ତାନ୍ତର ଉପରେ ଷ୍ଟାମ୍ପ ଡ୍ୟୁଟିକୁ ଯୁକ୍ତିଯୁକ୍ତ କରି ଆପାର୍ଟମେଣ୍ଟ ପ୍ରକଳ୍ପର ପଞ୍ଜୀକରଣ ପ୍ରକ୍ରିୟାରେ ଏକ ପ୍ରମୁଖ ସଂସ୍କାର ଆଣିଛନ୍ତି। ଦଲିଲ ସମ୍ପାଦନ ପାଇଁ ୫% ଷ୍ଟାମ୍ପ ଡ୍ୟୁଟି ଦେବାର ଆବଶ୍ୟକତା ଆପାର୍ଟମେଣ୍ଟ ମାଲିକମାନଙ୍କ ଉପରେ ଏକ ବଡ଼ ଆର୍ଥିକ ବୋଝ ସୃଷ୍ଟି କରିଥିଲା ଏବଂ ଠିକ୍ ସମୟରେ ପଞ୍ଜୀକରଣ କରିବା କ୍ଷେତ୍ରରେ ବ୍ୟବହାରିକ ବାଧା ସୃଷ୍ଟି କରିଥିଲା। ଏହି ସମସ୍ୟାର ସମାଧାନ କରିବା ଏବଂ ପ୍ରକ୍ରିୟାକୁ ସରଳ କରିବା ପାଇଁ ରାଜ୍ୟ ସରକାର ଇଣ୍ଡିଆନ ଷ୍ଟାମ୍ପ ଆକ୍ଟ, ୧୮୯୯ର ସିଡ୍ୟୁଲ-ଆଇ-ଏର ଆର୍ଟିକିଲ-୨୩ ଅଧୀନରେ ଏକ ନୂତନ ‘କ୍ଲଜ୍-ଡି ସନ୍ନିବେଶିତ କରିଛନ୍ତି। ଏହାକୁ ନ୍ୟାଶନାଲ କ୍ରେଡାଇର ଉପାଧ୍ୟକ୍ଷ ତଥା କ୍ରେଡାଇ ଓଡ଼ିଶା ଷ୍ଟେଟ୍ ଫେଡେରେଶନର ସଭାପତି ସ୍ୱଦେଶ କୁମାର ରାଉତରାୟ, ସମ୍ପାଦକ ଅନିଲ କୁମାର ଅଗ୍ରୱାଲ ଏବଂ କ୍ରେଡାଇ ଭୁବନେଶ୍ୱରର ସଭାପତି ଶେଖ୍ ମେରାଜୁଲ ହକ୍, ସମ୍ପାଦକ କଳିଙ୍ଗ କେଶରୀ ରଥ ପ୍ରମୁଖ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ହୋଣ୍ଡା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୪।୧(ଅନୁରାଧା ମହାରଣା)




ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ରାଷ୍ଟ୍ରବ୍ୟାପୀ ତାହାର ସଡ଼କ ସୁରକ୍ଷା ପ୍ରୟାସକୁ ଓଡ଼ିଶାରେ ଏକ ସଚେତନତାମୂଳକ ଅଭିଯାନ ସହିତ ଆଗେଇ ନେଇଛି। ଏହି ଅଭିଯାନରେ ନାରାୟଣ ଇ- ଟେକ୍ନୋ ସ୍କୁଲ (ଭୁବନେଶ୍ୱର) ଏବଂ ଡିଏଭି ପବ୍ଲିକ ସ୍କୁଲର (କଟକ) ୨୦୦୦ରୁ ଅଧିକ ଛାତ୍ରୀଛାତ୍ର ନିୟୋଜିତ ରହିବା ସହିତ ସଡ଼କ ବ୍ୟବହାର ସମ୍ପର୍କିତ ଶିକ୍ଷା, ଭାବ ବିନିମୟ ଏବଂ ସହଭାଗୀ ଦାୟିତ୍ୱ ଆଦି ବିଷୟରେ ସଚେତନ କରିଛି। ନିରାପଦ ଗାଡି ଚାଳନା ସମ୍ପର୍କିତ ଲିଖିତ ଅଧିବେଶନଗୁଡିକରେ ଦୁଇ-ଚକିଆ ଚାଳକଙ୍କୁ ସଡ଼କସୁରକ୍ଷା ଦିଗରେ ଅବଗତ କରାଯାଇଥିଲା। ଏହାର ବୈଶ୍ୱିକ ସୁରକ୍ଷା ସ୍ଲୋଗାନ ‘ସେଫଟି ଫର୍ ଏଭ୍ରିୱାନ’ ଜରିଆରେ ହୋଣ୍ଡା ଯୁବ ବୟସରୁ ସଡ଼କ ସୁରକ୍ଷା ସଚେତନତାକୁ ତ୍ୱରାନ୍ୱିତ କରିବାକୁ ପ୍ରୟାସ ଜାରି ରଖିଛି।

# କଟକରେ ଖୋଲିଲା ଡ୍ୟୁକ୍ର ୧୪ତମ ଷ୍ଟୋର

ଭୁବନେଶ୍ୱର,୧୪।୧
(ଅନୁରାଧା ମହାରଣା)




କଟକ ସିଡିଏ-୯ରେ ଡ୍ୟୁକ୍ର ଶୋ’ରୁମ୍ ଉଦ୍ଘାଟିତ ହୋଇଯାଇଛି। ଏହି ଉଦ୍ଘାଟନୀ ଉତ୍ସବରେ କମ୍ପାନୀର ଆରଏସ୍ଏମ୍ ସନ୍ତୋଷ ଶାହା ଡିଷ୍ଟ୍ରିବ୍ୟୁଟର ଡିପି ଆସୋସିଏଟସ୍ ଉଦ୍ୟୋକ୍ତା ଦୀପକ କୁମାର ମିତ୍ତଲ ପ୍ରମୁଖ ଉପସ୍ଥିତ ଥିଲେ। ଡ୍ୟୁକ୍ କମ୍ପାନୀ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଟି-ଶାର୍ଟ, ଜିନ୍ସ, ଶାର୍ଟ, ଫୁଟ୍ ୱେୟର ବର୍ତ୍ତମାନର ଯୁବପିଢ଼ିଙ୍କମାନଙ୍କ ଦ୍ୱାରା ଆଦୃତ। ଜିନ୍ସ ଟି-ଶାର୍ଟରେ କମ୍ପାନୀ ପକ୍ଷରୁ ୫୦% ରିହାତି ଥିବାବେଳେ ଫୁଟୱେର୍ରେ ୨୫ରୁ ୫୦% ରିହାତି ରହିଛି। ସୂଚନା ଥାଉକି, ଡ୍ୟୁକ୍ କମ୍ପାନୀ ଦୀର୍ଘ ୬୦ ବର୍ଷ ଧରି ପୋଷାକ ଶିଳ୍ପରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କମ୍ପାନୀ ପକ୍ଷରୁ ଓଡ଼ିଶାରେ ୧୩ଟି ଷ୍ଟୋର ଥିବାବେଳେ ସିଡିଏ-୯ରେ ୧୪ତମ ଷ୍ଟୋର ଅଟେ।

# ୧୬ରୁ ଫର୍ନିଚର, ଇଣ୍ଟେରିୟର ଏବଂ ଲାଇଫ୍ ଷ୍ଟାଇଲ୍ ଏକ୍ସପୋ

**ମୁଖ୍ୟ ଆକର୍ଷଣ ହେବ ‘ଜଳପରୀ’**

ଭୁବନେଶ୍ୱର,୧୪।୧(ଅନୁରାଧା ମହାରଣା)




ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ ପକ୍ଷରୁ ଚନ୍ଦ୍ରଶେଖରପୁରସ୍ଥିତ କ୍ଲବ୍ ଟାଉନ୍ ଗ୍ରାଉଣ୍ଡରେ ଜାନୁଆରୀ ୧୬ରୁ ୨୬ ପର୍ଯ୍ୟନ୍ତ ୨ୟ ଫର୍ନିଚର, ଇଣ୍ଟେରିୟର ଏବଂ ଲାଇଫ୍ ଷ୍ଟାଇଲ୍ ଏକ୍ସପୋ ଅନୁଷ୍ଠିତ ହେବ। ବୁଧବାର ରେଡକ୍ରସ୍ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା ଏବଂ ଅଧକ୍ଷା ପାୟଲ ଆଚାର୍ଯ୍ୟ ଗୁପ୍ତା ଏହି ସୂଚନା ଦେଇଛନ୍ତି। ୧୦ଟି ଦେଶ ଏବଂ ୨୨ଟି ଭାରତୀୟ ରାଜ୍ୟର ପ୍ରାୟ ୧ଲକ୍ଷରୁ ଅଧିକ ସାମଗ୍ରୀ ଏହି ଏକ୍ସପୋରେ ପ୍ରଦର୍ଶିତ ହେବ। ବିବାହ ଋତୁକୁ ଦୃଷ୍ଟିରେ ରଖି ବିଭିନ୍ନ ଉତ୍ପାଦ ଏଠାରେ ଉପଲବ୍ଧ ହେବାକୁ ଥିବାବେଳେ ଇରାନୀ ଗାଲିଚା, କଶ୍ମିରୀ ଫର୍ନିଚର ଏବଂ ଆଣ୍ଟିକ୍ କାରୁଚାର୍ଯ୍ୟ ପିତ୍ତଳ ଜିନିଷ ମଧ୍ୟ ମିଳିବ। କୋରିଆନ୍ ଆକ୍ସେସରିଜ୍, ଦୁବାଇ ପୋଷାକ ଓ ଥାଇଲାଣ୍ଡ ଅଳଙ୍କାର ଗ୍ରାହକଙ୍କୁ ଆକୃଷ୍ଟ କରିବ। ଆଫଗାନିସ୍ତାନର ଶତାଧିକ ଡ୍ରାଏ ଫ୍ରୁଟ୍ସ ଏବଂ ଚମ୍ପାରନ୍ ମଟନ ମଧ୍ୟ ଗ୍ରାହକ ଉପଭୋଗ କରିପାରିବେ। ତେବେ ଏହି ପ୍ରଦର୍ଶନୀରେ ‘ଜଳପରୀ’ ମୁଖ୍ୟ ଆକର୍ଷଣ ରହିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି। ପ୍ରଥମଥର ପାଇଁ ଆଗନ୍ତୁକ ଭୁବନେଶ୍ୱରରେ ଜଳପରୀ ଶୋ’ର ମଜା ନେଇପାରିବେ। ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ର ପରାମର୍ଶଦାତା ରଶ୍ମୀରଞ୍ଜନ କାନୁନଗୋ, ନିର୍ଦ୍ଦେଶକ ତଥା ପରାମର୍ଶଦାତା ବୀର ବାହାଦୁର ସିଂହ ଏବଂ ଦ ଇଣ୍ଟେରିୟର ପାର୍କର ନିର୍ଦ୍ଦେଶକ ସିଦ୍ଧାର୍ଥ ସାବତ ଉପସ୍ଥିତ ଥିଲେ। ପ୍ରଦର୍ଶନୀକୁ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ କପଡ଼ା ବ୍ୟାଗ ବ୍ୟବହାର କରିବାକୁ ଆୟୋଜକଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଇନ୍ଦ୍ରିୟା ପକ୍ଷରୁ ବ୍ରାଇଡାଲ ଅଭିଯାନ

ଭୁବନେଶ୍ୱର,୧୪।୧(ଅନୁରାଧା ମହାରଣା)




ଆଦିତ୍ୟ ବିର୍ଲା ଜୁଏଲେରି ‘ଇନ୍ଦ୍ରିୟା’ ଏହାର ନୂତନ ବ୍ରାଇଡ଼ାଲ ଅଭିଯାନର ଶୁଭାରମ୍ଭ କରିବାକୁ ଘୋଷଣା କରିଛି। ବିବାହ କରିବାକୁ ଯାଉଥିବା କନ୍ୟାଙ୍କ ପସନ୍ଦ ମୁତାବକ ଗହଣା କଲେକ୍ସନ ପ୍ରସ୍ତୁତ କରାଯାଇଛି। ଏଥିରେ ଷ୍ଟେଟମେଣ୍ଟ ନେକ୍ଲେସଠାରୁ ଆରମ୍ଭ କରି ମଥାମଣି, ଚୁଡ଼ି, କାନଫୁଲ ସହ ଅନ୍ୟାନ୍ୟ ଅଳଙ୍କାର ରହିଛି। ସୁନା, ପୋଲକି ଏବଂ ହୀରାରେ ନିର୍ମିତ ୨୮,୦୦୦ରୁ ଅଧିକ କଳାକୃତି ସାମିଲ କରାଯାଇଛି। ଏହି ସଂଗ୍ରହର ମୁଖ୍ୟ ଆକର୍ଷଣ ହେଉଛି ଇନ୍ଦ୍ରିୟାର ସପ୍ତପଦ୍ମ, ଯାହା ବିବାହର ୭ଟି ପବିତ୍ର ଶପଥ ଏବଂ ପବିତ୍ରତାର ପ୍ରତୀକ ପଦ୍ମଫୁଲ ଦ୍ୱାରା ଅନୁପ୍ରାଣିତ ଏକ ସ୍ୱତନ୍ତ୍ର ନେକଲେସ। ୨୨ କ୍ୟାରେଟ ହଳଦିଆ ସୁନାରେ ନିର୍ମିତ ଏହି ହାରରେ ପଦ୍ମପାଖୁଡ଼ାର ସ୍ତର ରହିଛି, ଯେଉଁଥିରେ ବିବାହର ୭ଟି ପବିତ୍ର ଶପଥକୁ ଅତି ସୂକ୍ଷ୍ମ ଭାବେ ଖୋଦେଇ କରାଯାଇଛି। ଏହି ଅଭିଯାନର ଏକ ସୁନ୍ଦର ଶୁଭାରମ୍ଭ ଫିଲ୍ମ ମାଧ୍ୟମରେ ବିବାହ ପୂର୍ବର ସେହି ବହୁ ମୂଲ୍ୟ ମୁହୂର୍ତ୍ତକୁ ପ୍ରଦର୍ଶିତ କରାଯାଇଛି। ଏହାର କାହାଣୀ ଆଧୁନିକ କନ୍ୟାର ଶକ୍ତିଶାଳୀ ଦୃଷ୍ଟିକୋଣ ଏବଂ ବ୍ରାଣ୍ଡର ମୂଳ ଚିନ୍ତାଧାରା ‘ଦିଲ୍ ଅଭି ଭରା ନେହିଁ’କୁ ଦର୍ଶାଉଛି। ଇନ୍ଦ୍ରିୟାର ସିଇଓ ସନ୍ଦିପ କୋହଲି କହିଛନ୍ତି, ‘ଏହି ବ୍ରାଇଡାଲ ଅଭିଯାନ ସେହି ବିଶ୍ୱାସକୁ ଜୀବନ୍ତ କରେ ଯେ ପ୍ରତ୍ୟେକ କନ୍ୟା ନିଜ ବିବାହ ପୂର୍ବରୁ ନିଜକୁ ଏକ ନିର୍ଦ୍ଦିଷ୍ଟ ରୂପରେ ଦେଖିବାକୁ ଚାହାନ୍ତି। ସେମାନଙ୍କ ସ୍ୱପ୍ନ ପୂରଣ ପାଇଁ ଇନ୍ଦ୍ରିୟା ପ୍ରୟାସ କରିଥିବା ସେ କହିଛନ୍ତି। ମାର୍କେଟିଂ ଏବଂ ଭିଜୁଆଲ ମର୍ଚ୍ଚାଡାଇଜିଙ୍ଗ ମୁଖ୍ୟ ଶାନ୍ତିସ୍ୱରୂପ ପଣ୍ଡା ‘ଇନ୍ଦ୍ରିୟା’ ବିବାହ ଅଳଙ୍କାର ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ହେବାକୁ ଲକ୍ଷ୍ୟ ରଖିଛି। ଡିଜାଇନ୍ ମୁଖ୍ୟ ଅଭିଶେଖ ରସ୍ତୋଗୀ କହିଛନ୍ତି, ଇନ୍ଦ୍ରିୟାର ବ୍ରାଇଡାଲ ସଂଗ୍ରହ ସାଂସ୍କୃତିକ ସମୃଦ୍ଧତା ଏବଂ ଆଧୁନିକଶୈଳୀର ଏକ ଅପୂର୍ବ ମିଶ୍ରଣ। ଅନନ୍ତରା, ପଦ୍ମରଞ୍ଜିନୀ, ରାସଭି ଏବଂ ରାଜଶ୍ରୀ ଭଳି ଆଞ୍ଚଳିକ ଡିଜାଇନଠାରୁ ଆରମ୍ଭ କରି କାଳଜୟୀ କ୍ଲାସିକ ପର୍ଯ୍ୟନ୍ତ ବିକଳ୍ପ ପ୍ରଦାନ କରାଯାଉଥିବା ସେ କହିଛନ୍ତି।

# ନବରଙ୍ଗପୁରର ଖେଳ ଶିକ୍ଷକ ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡ୍‌ର ସ୍ୱତନ୍ତ୍ର ଅତିଥି

**ନବରଙ୍ଗପୁର,୧୪।୧ (ସଦାଶିବ ପୁହାରୀ)**

ନବରଙ୍ଗପୁର ଜିଲା ସଦର ବ୍ଲକ ବାସନୀ ପଞ୍ଚାୟତର ବାଗଦେରୀ ୟୁଛି ହାଇସ୍କୁଲର ଖେଳ ଶିକ୍ଷକ ତଥା ବାଲେଶ୍ୱର ଜିଲାର ଆପଦମିତ୍ର ପ୍ରିୟରଞ୍ଜନ ରାଉତ ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡରେ ଭାରତ ସରକାରଙ୍କ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ଯୋଗଦେବେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାଙ୍କୁ ଚୟନ କରାଯାଇଛି। ସେ ଆସନ୍ତା ୨୩ ତାରିଖରେ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଜଣାଯାଇଛି। ପ୍ରିୟରଞ୍ଜନଙ୍କ ଘର ବାଲେଶ୍ୱର ଜିଲା ତଲପଦା ଗାଁରେ। ସେ ନବରଙ୍ଗପୁର ଜିଲାରେ ଖେଳଶିକ୍ଷକ ଭାବେ ଜାନୁଆରୀ ୨୦୧୬ରେ ନିଯୁକ୍ତି ପାଇଥିଲେ। ଏଥି ପୂର୍ବରୁ ରାଉତ ପ୍ରାକୃତିକ ବିପର୍ଯ୍ୟୟ ବାତ୍ୟା ଓ ବନ୍ୟା ସମୟରେ ଓଏସ୍‌ଡିଏମ୍‌ଏର ଜଣେ ଆପଦା ମିତ୍ର ସ୍ୱେଚ୍ଛାସେବୀ ଥିଲେ। ଏନେଇ ୨୦୦୯ରେ ସେ ତାଲିମ ନେଇଥିଲେ। ୨୦୧୯ରେ ସାଧାରଣମାନଙ୍କୁ ଭାବେ ଅନେକଙ୍କୁ ତାଲିମ ପ୍ରଦାନ କରିଥିଲେ। ୨୦୨୩ରେ ଉଭୟ କେନ୍ଦ୍ର ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତାଲିମ ନେଇଥିଲେ। ୨୦୨୩ ଜୁନ ୨ରେ ବାହାନଗା ରେଳ ଦୁର୍ଘଟଣାରେ ଘଟଣା ସ୍ଥଳରେ ପହଞ୍ଚି ଅନେକଙ୍କୁ ଉଦ୍ଧାର କରିଥିଲେ। ଏଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରୁ ପ୍ରଶଂସା ପତ୍ର ପାଇଥିଲେ।



ପ୍ରିୟରଞ୍ଜନ ରାଉତ।

## ସରକାରୀ କାର୍ଯ୍ୟାଳୟ ଦଳୀୟ ଭାବେ ବ୍ୟବହାର କଲେ ରାସ୍ତାକୁ ଓହ୍ଲାଇବ: ବିଜେଡି

**ଭୁବନେଶ୍ୱର,୧୪।୧ (ସୁଜିତ୍ ମିଶ୍ର)**

ରାଜ୍ୟରେ ଭାଜପା କ୍ଷମତାସୀନ ହେବା ପରଠାରୁ ଶାସନ ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି। ଏବେ ସରକାରୀ କାର୍ଯ୍ୟାଳୟକୁ ନିଜ ଦଳୀୟ ଭାବେ ପରିଣତ କରିବା ଉଦ୍ୟମ ଆରମ୍ଭ ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମ୍ବଲପୁର ଜିଲା ଗସ୍ତ କାର୍ଯ୍ୟକ୍ରମରେ ତାଙ୍କ ଦଳର ପ୍ରଭାରୀ ବୈଠକ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ ବୋଲି ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଥିବା ବେଳେ ଜିଲାପାଳଙ୍କୁ ଜିଲାର ସମସ୍ତ ସରକାରୀ ଅଧିକାରୀଙ୍କୁ ଏହି ପ୍ରଭାରୀ ବୈଠକରେ ଉପସ୍ଥିତ ରହିବାକୁ କହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ପ୍ରଶ୍ନ ଉଠୁଛି, ଭାଜପାର ଦଳୀୟ ପ୍ରଭାରୀ ଓ ଅନ୍ୟ କର୍ମକର୍ତ୍ତାଙ୍କ ବୈଠକ କିପରି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ। ଏଥିରେ ସରକାରୀ ଅଧିକାରୀମାନେ କାହିଁକି ଯୋଗଦେବେ ବୋଲି ବିଜେଡି ପ୍ରଶ୍ନ ଉଠାଇଛି। ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଭାଜପା ନିଜ ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାକୁ ଉଦ୍ୟମ କରୁଛି ବୋଲି ଏଥିରୁ ସ୍ପଷ୍ଟ ହେଉଛି। ଏବେ ସରକାରୀ କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତାଙ୍କ ବୈଠକ ଆୟୋଜନ କରି ଭାଜପା ସରକାରୀ ଅଧିକାରୀମାନଙ୍କୁ ଚାପଗ୍ରସ୍ତ କରିବା ସହିତ କର୍ମୀଙ୍କ ସ୍ୱାର୍ଥ ହାସଲ ପାଇଁ ଉଦ୍ୟମ କରାଯାଉଛି। ଭାଜପା ସରକାରୀ କାର୍ଯ୍ୟାଳୟକୁ ଦଳୀୟ ଭାବେ ପରିଣତ କରିବା ଉଦ୍ୟମରୁ କ୍ଷାନ୍ତ ନ ରହିଲେ ବିଜେଡି ରାସ୍ତାକୁ ଓହ୍ଲାଇବ ବୋଲି ଲେନିନ୍ କହିଛନ୍ତି।

# ଛତିଶଗଡ଼ରେ ଦୁର୍ଘଟଣା: ରାଇଘରର ମହିଳାଙ୍କ ସହ ଡ୍ରାଇଭର ମୃତ

**ରାଇଘର,୧୪।୧ (କିରଣ ପଟ୍ଟନାୟକ)**

ଛତିଶଗଡ଼ ପାଖାଖିରେ ହେଉଥିବା ମକର ମେଳାକୁ ଯାଉଥିବା ଏକ ଗାଡ଼ି କୋମଲପୁର ନିକଟରେ ବୁଧବାର ମଧ୍ୟାହ୍ନ ୧୨ଟାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡ଼ି ଡ୍ରାଇଭରଙ୍କ ସହ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ପାଉରବେଲା-୨ ଗ୍ରାମର ନିର୍ମଳ ମଜୁମଦାରଙ୍କ ସ୍ତ୍ରୀ ମାଳତୀ ଓ ଛତିଶଗଡ଼ କେଶକାଲ ଅଞ୍ଚଳର ଡ୍ରାଇଭର ଓମ୍‌ପ୍ରକାଶ। ସୂଚନାନୁଯାୟୀ, ମାଳତୀ ଛତିଶଗଡ଼ କେଶକାଲରେ ଥିବା ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରୁ ପ୍ରାୟ ୧୨ଜଣ ଏକ ଗାଡ଼ିରେ ପାଖାଖିରେ ମେଳା ବୁଲି ଯାଉଥିଲେ। ଏହି ସମୟରେ କୌଣସି କାରଣରୁ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ମାଳତୀ ଓ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାରେ ସମସ୍ତ ଆହତଙ୍କୁ କାଙ୍କେର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। କେତେଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ରାୟପୁର ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ସେଲ୍‌ଫି ହେଲା କାଳ: ଜଳପ୍ରପାତରେ ପଡ଼ି ଯୁବକ ମୃତ

**ଲକ୍ଷ୍ମୀପୁର,୧୪।୧ (ଅନନ୍ତ ପ୍ରସାଦ ନାୟକ)**

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଧୀନ ଗୌଡ଼ଗୁଡ଼ା ପଞ୍ଚାୟତ ତଲମିଟିଂ ପର୍ଯ୍ୟଟନସ୍ଥଳୀରେ ସେଲ୍ଫି ନେଉଥିବା ବେଳେ ଜଳପ୍ରପାତରେ ପଡ଼ି ଜଣେ ଯୁବକଙ୍କ ବୁଧବାର ମୃତ୍ୟୁ ହୋଇଛି। ମୃତକ ହେଲେ ଦଶମନ୍ତପୁର ବ୍ଲକ୍ ଗାଦିଆଗୁଡ଼ା ପଞ୍ଚାୟତ ପାଇକପୁକି ଗ୍ରାମର ବାବୁଲା ଖରା(୨୮)। ସୂଚନାନୁଯାୟୀ, ବୁଧବାର ଅପରାହ୍ନରେ ବାବୁଲା ସେମିଲିଗୁଡ଼ାରୁ ଅନ୍ୟ କେତେଜଣ ଯୁବକଙ୍କ ସହ ତଲମିଟିଂ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଆସିଥିଲେ। ଜଳପ୍ରପାତ ନିକଟରେ ବାବୁଲା ସେଲ୍ଫି ନେଉଥିବା ବେଳେ ପାଣି ଭିତରେ ପଡ଼ିଯାଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା। ତଲମିଟିଂ ଗ୍ରାମର କେତେଜଣ ଯୁବକ ଲକ୍ଷ୍ମୀପୁର ପୋଲିସକୁ ଖବର ଦେଇଥିଲେ। ଥାନାଧିକାରୀ ସୁଶ୍ରାନୀ ସାହୁ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଲକ୍ଷ୍ମୀପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ମା' କୋଳରୁ ଚୁଲିକୁ ଖସିପଡ଼ିଲା ପୁଅ: ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

**ଜଳେଶ୍ୱର, ୧୪।୧ (ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଚାଲନ୍ତି ଗ୍ରାମରେ ଶୀତଦାଉରୁ ରକ୍ଷା ପାଇଁ ଜଣେ ମହିଳା ମଙ୍ଗଳବାର ସନ୍ଧ୍ୟାରେ ଚୁଲିରେ ନିଆଁ ଲଗାଇ ସେକି ହେଉଥିବା ବେଳେ କୋଳରୁ ଦୁଇ ମାସର ପୁଅ ଖସି ପଡ଼ି ଗୁରୁତର ହୋଇଛନ୍ତି। ଚୁଲି ଭିତରୁ ପିଲାକୁ ପରିବାର ଲୋକେ ଉଦ୍ଧାର କରି ବସ୍ତା ମେଡିକାଲକୁ ନେଇଥିଲେ। ପିଲାଟିର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଥିବାରୁ ବାଲେଶ୍ୱର ମେଡିକାଲକୁ ପଠାଇ ଦିଆଯାଇଛି।

ତାରନ ହେମ୍ବ୍ରମଙ୍କ ପରିବାର ସଦସ୍ୟ ସମସ୍ତେ ଅଗଣାରେ ଥିବା ଚୁଲିରେ ନିଆଁ ଲଗାଇ ବସିଥିଲେ। ତାରନଙ୍କ ସ୍ତ୍ରୀ ମଧ ଛୁଆକୁ ଧରି ଚୁଲି ପାଖରେ ଥିବା ବେଳେ ଅସାବଧାନତାରୁ ପିଲାଟି ଚୁଲିରେ ପଡ଼ିଯାଇଥିଲା।


GOVERNMENT OF ODISHA
**OFFICE OF THE SUPERINTENDING ENGINEER RURAL WORKS DIVISION-II, MALKANGIRI**
No.O-1987 E-mail: ruralworksdivisioniimalkangiri@yahoo.in
**INVITATION FOR BIDS (SHORT NOTICE)**
**"E" PROCUREMENT NOTICE NO. RWDSE_MKG_II_ONLINE_13/2025-26**

1. Name of the Work : Roads works in the Distiric of Malkangiri for the year 2025-26
2. Total No. of work : 02 Number of Road Work
3. Estimated Cost : Rs.54.62 Lakhs to Rs.69.92 Lakhs
4. Period of Completion : As specified in the Annexure
5. Class of Contractor : As specified in the Annexure
6. Cost ot Tender Paper : Cost of tender is to be remitted ONLINE as specified in Column-6 of the Annexure
7. Details Projects : As specified in the Annexure

**Other detials as follows** :
a) Procurement Officer : Superintending Engineeer, Rural Works Division-II, Malkangiri
b) Availability of Tender Online : 15.01.2026 at 11.00 A.M. to 22.01.2026 upto 5.30 P.M.
c) Last date & time of seeking of tender clarification : 21.01.2026 upto 5.00 P.M.
d) Technical Bid Opening : 27.01.2026 at 11.00 P.M.
e) Financial Bid Opening : To be intimated Separately
f) Decision to conduct Lottery : If required to decide the agency, transparent Lottery shall be conducted on date 30.01.2026 at 11.00 A.M. in Office Chamber of the undersigned.

Further details can be seen from the Govt. website **www.tendersorissa.gov.in**.
**Sd./- Superintending Engineer**
**Rural Works Divison-II, Malkangiri**
OIPR-

GOVERNMENT OF ODISHA No. B-955
**OFFICE OF THE SUPERINTENDING ENGINEER GANJAM (R&B) DIVISION NO. II, BERHAMPUR**
Phone/Fax: 0680-2233996, e-mail: sernb2.ganjam@gmail.com
**INVITATION FOR BIDS (IFB) [e-Procurement]**
**TENDER CALL NOTICE**
**Bid Identification No. SC (R&B)-GM-II-29/2025-26**
**No. 202** **Dated: 07.01.2026**

1) The Superintending Engineer, Ganjam [R&B] Division No.II, Berhampur on behalf of Governor of Odisha invites **percentage rate bid** in Single Cover System to be received in **ONLINE MODE** only for the work as detailed below:
2) Nature of Work : Electrical Work
3) No. of Work : 05 Nos.
4) Tender Cost : Rs.6,000/-
5) Class of Contractor : HT of registered with the ELBO Authorized HT Licence
6) Availability of bid documents in the website : From 15.01.2026 10.00 A.M. to 27.01.2026 4.00 P.M.
7) Date of opening of Bid : 28.01.2026 at 11.30 A.M.
8) The bidders have to participate in ONLINE bidding only. Further details can be seen from the website **https://tendersorissa.gov.in**.

**(Sd./- S. Panigrahi)**
**Superintending Engineer**
**Ganjam (R&B) Division No. II**
OIPR-

**OFFICE OF THE CCSO-cum-DISTRICT MANAGER ODISHA STATE CIVIL SUPPLIES CORPORATION LIMITED, KORAPUT, JEYPORE**
**No. 105-1** **Dated: 12.01.2026**
**QUOTATION/TENDER CALL NOTICE**

No. CAD-3013: Sealed quotation/tenders are invited from the interested Travel Agencies/Tour Operators or Private Individuals for providing One (1) No. of BS-VI emission compliant vehicle having sitting capacity not more than Five (5) including Driver for Office use and One (1) No. of BS-VI emission compliant vehicle having sitting capacity not more than Seven (7) including Driver, which shall conform to the terms and conditions at Annexure-A for Supervision of Paddy Procurement use for the KMS-2025-26 for the official use at the Office of CCSO-cum-Distirct Manager, OSCSC Limited, Jeypore, Koraput on monthly rent basis. The application form of Quotation/Tender containing General Bid information & terms and conditions for hiring of vehicles etc. will be available in the Office of CCSO-cum-District Manager, OSCSC Ltd., Jeypore, Koraput from **15.01.2026 to 21.01.2026 till 11.00 A.M.** during office hours **(Except Govt. Holidays)**. The quotation completed in all respect should reach the undersigned on or before **21.01.2026 by 4.00 P.M.** and shall be opened on **22.01.2026 at 11.30 A.M.** in presence of the District Level Tender Committee Members and bidders or their authorized representatives in the Office Chamber of **ADM (General), Koraput**.
The interested bidders who have valid GST registration shall submit their tenders in a sealed envelope duly super-scribing on the top of envelope i.e. **"Tender for Hiring vehicles for Office Use" or "Tender for Hiring of vehicle for Supervision of Paddy Procurement use"** along with **Tender No. and date**.

Sd./- CSO-cum-Distirct Manager
OSCSC Ltd., Jeypore (K)
OIPR-

**ODISHA POLICE STATE HEADQUARTERS, CUTTACK**
Buxi Bazar, Cuttack-753001, Tel/Fax No.0671-2304354
www.odishapolice.gov.in, Email:sphqrs.odpol@nic.in
**Odisha Police**
**Office of the D.G. & I.G. of Police, Odisha, Cuttack**
Tel.:0671-2304001, Website:www.odishapolice.gov.in,
RFP No.31-RFP-CCTV-2025-2026
Date: 07.01.2026, Email:aig-prov.odpol@od.gov.in

**No.D-299:Online Bids through e-Tender Portal https://tendersodisha.gov.in are invited from the eligible bidders for Request For Proposal (RFP) of Supply and Installation of CCTV systems during the current financial year, 2025-26 as per the particulars mentioned below.**

| Sl.No. | Name of Item | Approximately quantity |
|---|---|---|
| 1. | Supply and Installation of CC TV systems | **02 Sets** |

| Events | Date |
|---|---|
| RFP Issue Date | **7.1.2026** |
| Date & Time of Pre-Bid meeting Queries to be submit on aig-prov.odpol@od.gov.in by 10.01.2026 by 15.00 hours. The queries will not be considered after stipulated time period. A pre-bid meeting will be scheduled based on the bidders queries. The pre-bid meeting date, time and meeting link will intimate accordingly. | Venue_O/o the Odisha Police Headquarter, Buxi Bazar, Cuttack |
| RFP Submission Due date and time | **19.01.2026** |
| Date & Time of Opening of Technical Bids | **20.01.2026** |
| Bid to RA enabled | Yes |
| Tender Document fee Rs.590/- (Rs.500/-+ 18% GST (Rs.90/-)} Non-refundable | In favour of A.I.G. of Police (Prov.), Odisha Cuttack payable at Cuttack (Demand Draft) |
| EMD (Earnest Money Deposit) Rs.52,000/- (Fifty-two Thousand only) | In favour of A.I.G. of Police (Prov.), Odisha Cuttack payable at Cuttack (Demand Draft) |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: https://tendersodisha.gov.in. The authority reserves the right to accept/reject any part thereof or all the bids without assigning any reason thereof.**
Sd./- A.I.G. of Police (Provisioning)
Odisha, Cuttack (Tender Calling Authority)
OIPR-

**OFFICE OF THE SUPERINTENDING ENGINEER JAGATSINGHPUR (R&B) DIVISION, JAGATSINGHPUR**
No. B-961 E-Mail I.D.: eerbjspr@gmail.com
GOVERNMENT OF ODISHA
**('e' PROCUREMENT NOTICE)**
**Bid Identification No. S.E. JSPR(R&B)-13 of 2025-26**
**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Double Cover System in ONLINE MODE from eligible contractor for Building works as mentioned below.
2. No. of Work : 01 No.
3. Nature of Work : Civil, E.I. & P.H.
4. Class of Contractor : "B" Class
5. Tender Paper Cost : Rs.10,000.00/- (Online)
6. Available of bid documents in the website : From 15.01.2026 to 5.00 P.M. of 29.01.2026
7. Date of Opening of Bid : 11.00 A.M. of 30.01.2026

The bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website.
**Sd./- (Er. Sarbendu Sutar)**
**Superintending Engineer**
**Jagatsinghpur (R&B) Division**
OIPR-

GOVERNMENT OF ODISHA No. O-2012
**OFFICE OF THE SUPERINTENDING ENGINEER RURAL WORKS DIVISION, DHENKANAL**
E-Mail: eerwdivisiondhenkanal@yahoo.co.in
**e-Procurement Notice No. 19/Road & Building Works/2025-26**

1. Name of the Work : Road Works
2. Total No. of Works : 06 Nos.
3. Estimated Cost : Rs.17.79 to 26.27 lakh (approx.)
4. Class of Contractor : "D" & "C" Class
5. Period of Completion : 01 (One) Months
6. EMD Required : As mentioned in the Annexure at Column - 04
7. Online for Bidding : 15.01.2026 at 11.30 A.M. to 27.01.2026 upto 2.00 P.M.
8. Last date & time of seeking tender clarification : 22.01.2026 upto 4.00 P.M.
9. Date & time of openig of tender : 27.01.2026 at 5.00 P.M.

Other details can be seen from the website **http://tendersorissa.gov.in**.
**Sd./- Superintending Engineer**
**R.W. Division, Dhenkanal**
OIPR-

**OFFICE OF THE SUPERINTENDING ENGINEER KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
E-mail: pwdoff_khd@yahoo.com
**QUOTATION CALL NOTICE**
**Quotation Bid Identification No.S.E.-KHD-(R&B)-3/2025-26**
**Letter No.164 dtd.13.1.26**

**No.B-968:** The Superintending Engineer, Khurda (R&B) Division, Khurda on behalf of Governor of Odisha invites **Quotation rate bid in Single Cover** system in ONLINE MODE from eligible class of contractors having valid registration certificate for execution of the works as detailed below:
1 Nature of Work : Civil & Electrical Works
2 No. of Work : 02 Nos.
3. Cost of Quotation bid Document : Sl.No.1 Rs.4000.00 (Online) Sl.No.2 Rs.2000.00 (Online)
4. Class of Contractor : Sl.No.1 'D' & 'C' Class Contractor Sl.No.2 MV & HT Class Contractor
5. Available of Quotation Bid documents in the website : From 12.00 Noon of Dt.16.01.2026 to 2.00 P.M. of Dt.20.01.2026
6. Opening of Quotation Bids : Dt.20.01.2026 at 3.00 PM
7. Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any information regarding Addendum/Corrigendum/Cancellation of tender can be available in the said website.

**Sd./- Superintending Engineer**
**Khurda (R&B) Division, Khurda**
OIPR-

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, SUNDARGARH**
E.Mail- rw_sundargarh@yahoo.co.in
**E-PROCUREMENT NOTICE**
**BID IDENTIFICATION NO.ONLINE-SESNG-23 OF 2025-26**

**No.O-1979:1.** Name of the Work: Building Work, 2. Total No. of Works: 9 No Building, 3.Estimated Cost: From Rs.51.68 Lakhs to Rs.78.24 Lakhs. 4. Class of Contractor:- Only 'B', 5. Period of Completion: 09 Calendar Months. 6. Type of Tender: Double Cover. 7. Other details:

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-SESNG-23 of 2025-26 | 15.01.2026 11.00 A.M. | 27.01.2026 6.00 P.M. |

Further details can be seen from the website www.tendersorissa.gov.in
**Sd./- Executive Engineer**
**Rural Works Division, Sundargarh**
OIPR-

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA**
Phone:06670-235504, E_Mail:serwbpt@yahoo.com
Bid Identification No.: BPT/Online-17/2025-26, Date-06.01.2026
NOTICE INVITING TENDERS FOR BUILDING WORKS IN ODISHA
NATIONAL COMPETITIVE BIDDING THROUGH e-Procurement

**No.O-1973:**1. Name of the Work : Construction of CDPO Building Works in the District of Kalahandi. 2. No. of Works: 02 Nos. 3. Location details: Kalahandi District. 4. Estimated Cost: As per NIT. 5. Period of Completion: As per NIT. 6. Cost of Tender Paper: Rs.10,000/- per set. 7. Other Details:

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 15.01.2026 11.00 A.M. | 30.01.2026 5.00 P.M. | 29.01.2026 | 31.01.2026 at 11.00 A.M. |

Further details can be seen from the website **"www.tendersorissa.gov.in"**
**Sd./- Chief Construction Engineer**
**Rural Works Circle, Bhawanipatna**
OIPR-

**OFFICE OF THE SUPERINTENDING ENGINEER RURAL WORKS DIVISION-II,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//24//SERWD-II//2025-26
Phone-0680-2404096, E-mail: eerwgmt@yahoo.co.in
**No.O-2010: Memo No.163/ RWD-IIGB, Date 6.1.26**

| | | | |
|---|---|---|---|
| 1. | Name of the Work | :: | Road Works |
| 2. | Estimated Cost | :: | Rs.5.04 to 37.82 Lakhs |
| 3. | Period of Completion | :: | 1 (One) Months as per Annexure |
| 4 | Date & Time of Availability of Bid documents in the portal | :: | 15.01.2026 at 10.00 AM to 22.01.2026 upto 5.00 PM |
| 5 | Last Date/Time for Receipt of Bids in the Portal | :: | 22.01.2026 upto 5.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app
**Sd./- Executive Engineer**
**R.W.Division-II, Ganjam, Berhampur**
OIPR-

**OFFICE OF THE SUPERINTENDING ENGINEER RURAL WORKS DIVISION-II,GANJAM,BERHAMPUR**
Government of Odisha e-Procurement Notice
Bid Identification No.Online Tender//25//SERWD-II//2025-26
Phone-0680-2404096, E-mail: eerwgmt@yahoo.co.in
**No.O-2011: Memo No.155/ RWD-II GB, Date 6.1.26**

| | | | |
|---|---|---|---|
| 1. | Name of the Work | :: | Road Works |
| 2. | Estimated Cost | :: | Rs.58.82 Lakhs |
| 3. | Period of Completion | :: | 2 (Two) Months as per Annexure |
| 4 | Date & Time of Availability of Bid documents in the portal | :: | 15.01.2026 at 10.00 AM to 22.01.2026 upto 5.00 PM |
| 5 | Last Date/Time for Receipt of Bids in the Portal | :: | 22.01.2026 upto 5.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app
**Sd./- Executive Engineer**
**R.W.Division-II, Ganjam, Berhampur**
OIPR-

GOVERNMENT OF ODISHA No. O-2021
**e-Procurement Notice**
E.Mail- rw_boudh@yahoo.co.in
**Bid Identification No. Online tender/16/S.E.R.W. BOUDH/2025-26**
**NATIONAL COMPETITIVE BIDDING THROUGH e-Procurement**

Name of the Work : Road Works - 1 No.
1. Estimated Cost : Rs.87.72 lakh (approximately)
2. Period of Completion : 45 days
3. Date & time of availability of Bid documents in the portal : From 15.01.2026, 10.00 A.M. to 21.01.2026, 5.00 P.M.
4. Last date/time for receipt of bids in the portal : 21.01.2026 upto 5.00 P.M.
5. Last date/time for seeking of tender clarification : 20.01.2026 upto 5.00 P.M.
6. Date & time of opening of Technical Bid : 22.01.2026 at 11.00 A.M. &
7. Date & time of opening of Financial Bid : 27.01.2026 at 11.00 A.M.
8. Name & address of the Officer Inviting Bid : Executive Engineer, R.W. Division, Boudh

Further details, corrigendum(s) etc. can be seen from the e-procurement portal **"Https://www.tendersorissa.gov.in"**.
OIPR- **Sd./- Executive Engineer, R.W. Division, Boudh**

ଓଡ଼ିଶା ସରକାର
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, (ରାସ୍ତା ଓ ଗୃହ) ବିଭାଜନ, ବଲାଙ୍ଗୀର
**OFFICE OF THE SUPERINTENDING ENGINEER BALANGIR (R&B) DIVISION**
**"e" Procurement Notice**
**BID IDENTIFICATION No. SE (R&B) BGR/26/2025-26**
**No.216// Dtd.12.01.2026**

**No.B-969:**1. The Superintending Engineer, Balangir (R&B) Division, Balangir on behalf of Governor of Odisha invites percentage rate Composite bid in Single/Double cover system in **ONLINE MODE** for the construction of building works and electrical works detailed in the table below from the eligible contractors.
2. Nature of Work : Civil and Electrical Work
3. No. of Tender : 3 Nos. Civil work and 2 Nos. Electrical Work
4. Tender Cost : Rs.4,000.00/ Rs.6,000.00/ Rs.10,000.00
5. Class of Contractor : "D" Class "C" Class, "B" Class (Registered with CDMS for Civil Work) HT/MV/Specialised agency having MOU with associate electrical contractor (HT/MV or above) having valid license from ELBO associate electrical contractor (HT)/ MV or above) having valid license from ELBO.
6. Date & Time of Sale & Receipt of Bids : From Dtd.15.01.2026, 10.00 AM to Dtd. 21.01.2026 upto 05.00 PM
7. Date of Opening Bid : Dtd.22.01.2026 at 11.00 AM
8. The bidders have to participate in **ONLINE** bidding only. Further details can be seen from the website: http://tendersorissa.gov.in. All future corrigendums will be available on **ONLINE MODE** only.

**Sd./- Superintending Engineer**
**Bolangir (R&B) Division**
OIPR-

GOVERNMENT OF ODISHA
DEPARTMENT OF WATER RESOURCES
**O/O THE SUPERINTENDING ENGINEER ANGUL IRRIGATION DIVISION, ANGUL**
**e-mail id- eeangulirrigation@gmail.com**
**'e'-Procurement Notice No.SE-AID-11/2025-26**

No.A-1273: The Superintending Engineer, Angul Irrigation Division, Angul on behalf of the Governor of Odisha invites online percentage rate basis bid in single cover system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | 2 (Two) Nos. Civil Work |
| 2 | Cost of Work put to tender | : | Approximately Rs.5.98 Lakh/ 10.54 Lakh |
| 3 | Tender Paper Cost | : | Rs.4,000/- / Rs.6,000 (Non-refundable) |
| 4 | Class of Contractor | : | 'D' & 'C' equivalent Grade/Class |
| 5 | Period of Completion | : | 30 Days |
| 6 | Availability of Bid documents and receipt of bid through online | : | From 11.00 AM of 17.01.2026 to 5.00 PM of 26.01.2026 in the website (www.tendersodisha.gov.in) |
| 7 | Date, time & place for opening of online tenders | : | 27.01.2026 at 11.00 A.M. and onwards in the O/o the SE, Angul Irrigation Division, Angul |
| 8 | Date, time & Place for finalization of tender through transparent lottery system (if required) | : | 31.01.2026 at 11.00 AM in the O/o the SE, Angul Irrigation Division, Angul |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10. | Name and address of Officer Inviting Tender (OIT) | : | Superintending Engineer, Angul Irrigation Division, Angul, At/Po- Hakimpada, Dist-Angul, Odisha, e-mail id-eeangulirrigation@gmail.com |

Further details can be seen from the e-Procurement portal of Government of Odisha at www.tendersodisha.gov.in
**Sd./- Superintending Engineer**
**Angul Irrigation Division, Angul**
OIPR-

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, BALASORE**
**No.96,** **'e' Procurement Notice** **Dt.12.01.2026**
**BID IDENTIFICATION No.SEMIDBLS-09/2025-26**
**e-mail ID:mibalasore@yahoo.co.in**

**No.A-1275:**The Superintending Engineer, Minor Irrigation Division, Balasore on behalf of the Governor of Odisha invites online percentage rate tender through "e" procurement (Single cover) for the works as detailed in the Annexure to this bid notice.

| | |
|---|---|
| Name of the Work | Construction and Improvement of Check Dams in different Blocks of Balasore & Bhadrak District under MATY Scheme for the year 2025-26 |
| No. of Works | 10 (Ten) Nos.only. |
| Estimated Cost: | Varies from Rs.1.22 lakh to Rs.49.22 lakh (Approximately) |
| Cost of Tender Paper: | Rs.600/- & Rs.10,000/- (Non-Refundable) |
| Period of Completion | As Mentioned against work |
| Availability of bid documents for sale and receipt through online | From dt.16.01.2026, 10.00 AM to dt.26.01.2026, upto 5.00 P.M. |
| Last date/time of receipt of bids in the portal | 26.01.2026 (5.00 PM) |
| Date of Opening of technical bid through online | On dt.27.01.2026 at 11.00 AM in the Office of the S.E., M.I. Division, Balasore |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess compatible digital signature certificate (DSC) of Class-II or Class-III |
| The detail tender call notice can also be seen in the DOWR website http:/dowrorissa.gov.in | |
| Name & Address of the OIT: | Superintending Engineer, Minor Irrigation Division, Balasore, At/Po/District-Balasore Ph.No./Fax No.-06762-224461 Email ID: mibalasore@yahoo.co.in. |
| Further details can be seen from the e-market place website www.tendersodisha.gov.in/District NIC Portal (baleswar.nic.in) | |

**Note: Corrigendum/Addendum/Modification/Additions if any can be seen through online only.**
OIPR- **Sd./- Superintending Engineer, M.I. Division, Balasore**

GOVERNMENT OF ODISHA No. O-1982
**OFFICE OF THE SUPERINTENDING ENGINEER RURAL WORKS DIVISION, KUCHINDA**
**E-mail: eerw_kuchinda@yahoo.com**
**Identification No. Online Tender/13/RWD, Kuchinda/2025-26**
**Letter No. 192** **Date: 07.01.2026**

| | | | |
|---|---|---|---|
| 1. | The Superintending Engineer, Rural Works Division, Kuchinda behalf of the Governor of Odisha invites percentage rate bids to be received in ONLINE MODE only for Roads Work | | |
| 2. | No. of Work | : | 06 Nos. |
| 3. | Nature of Work | : | Road Repair |
| 4. | Class of Contractor | : | "D", "C" & "B" |
| 5. | Approx Value of Work | : | 17.54 Lakhs to 48.72 Lakhs |
| 6. | Tender Cost | : | 6,000 & 10,000 |
| 7. | Availability of Bid Documents in the Website | : | 15.01.2026 at 11 A.M. to 21.01.2026 at 5.00 P.M. |
| 8. | Last date & time for seeking clarification | : | 20.01.2026 at 5.00 A.M. |
| 9. | Date of Opening of Bid | : | 22.01.2026 at 11.00 A.M. |
| 10. | Other detals can be seen in the Bidding documents from the website: **https://tendersodisha.gov.in**. | | |

**Sd./- Superintending Engineer**
**Rural Works Division, Kuchinda**
OIPR-

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଦୂଷଣକୁ କାରଣ ଦର୍ଶାଇଲେ ଆଣ୍ଟୋନସେନ

**ନୂଆଦିଲ୍ଲୀ,୧୪।୧(ପି.ଟି.)**

ୱାର୍ଲ୍ଡ ନଂ.-୩ ଆଣ୍ଡର୍ସ ଆଣ୍ଟୋନସେନ ଚଳିତ ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରୁ ଓହରିବା ଲାଗି ପ୍ରଦୂଷଣକୁ କାରଣ ବୋଲି ଦର୍ଶାଇଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି ଯୋଗୁ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ତାଙ୍କୁ ୫ ହଜାର ଆମେରିକୀୟ ଡଲାର ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛି। "ଲଗାତର ତୃତୀୟ ଥର ପାଇଁ ମୁଁ କାହିଁକି ଇଣ୍ଡିଆ ଓପନରୁ ଓହରିଲି, ତାହା ଜାଣିବା ପାଇଁ ସମସ୍ତେ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ବର୍ତ୍ତମାନ ଅତ୍ୟଧିକ ପ୍ରଦୂଷଣ କାରଣରୁ ଭାରତର ରାଜଧାନୀରେ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆୟୋଜନ କରାଯିବା ମୋ ମତରେ ଉଚିତ ନୁହେଁ। ଆଶା କରୁଛି, ଗ୍ରୀଷ୍ମ ଋତୁରେ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ହେଲା ବେଳକୁ ସେଠାକାର ପରିବେଶରେ ସୁଧାର ଆସିଥିବ। ଟୁର୍ନାମେଣ୍ଟରୁ ଓହରିବା ପାଇଁ ବିଡବ୍ଲ୍ୟୁଏଫ୍ ମୋତେ ୫୦୦୦ ଡଲାର ଫାଇନ କରିଛି" ବୋଲି ଆଣ୍ଟୋନସେନ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଏହି ପୋଷ୍ଟରେ ଦିଲ୍ଲୀ ଏୟାର କ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ରିଡିଂର ଏକ ସ୍କ୍ରିନଶଟ୍ ମଧ୍ୟ ଶେୟାର କରିଛନ୍ତି, ଯେଉଁଥିରେ ଏକ୍ୟୁଆଇ ୩୪୮ ଓ ପରିସ୍ଥିତିକୁ ବିପଜ୍ଜନକ ଶ୍ରେଣୀରେ ରଖାଯାଇଛି। ୯.୫୦ ଲକ୍ଷ ଆମେରିକୀୟ ପୁରସ୍କାର ରାଶି ବିଶିଷ୍ଟ ଟୁର୍ନାମେଣ୍ଟର ପ୍ଲେଇଂ କଣ୍ଡିଶନକୁ ଡେନମାର୍କର ମିଆ ବ୍ଲିଚ୍‌ଫିଲ୍ଡ ସମାଲୋଚନା କରିବାର ଦିନକ ପରେ ୪ ଥରର ୱାର୍ଲ୍ଡ ଚାମ୍ପିୟନଶିପ୍ ପଦକଧାରୀ ଆଣ୍ଟୋନସେନ ଏଭଳି ମତାମତ ଦେଇଛନ୍ତି।

## ପ୍ଲେଇଂ କଣ୍ଡିଶନ ସପକ୍ଷରେ ଶ୍ରୀକାନ୍ତ

ଚଳିତ ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ଲେଇଂ କଣ୍ଡିଶନକୁ ଡେନମାର୍କର ମିଆ ବ୍ଲିଚଫିଲ୍ଡ ସମାଲୋଚନା କରିଥିବା ବେଳେ ବିଶ୍ୱର ପୂର୍ବତନ ନଂ-୧ ଖେଳାଳି କିଡାମ୍ବି ଶ୍ରୀକାନ୍ତ ବୁଧବାର ଭେନ୍ୟୁ ପରିବେଶ ସପକ୍ଷରେ ମତ ଦେଇଛନ୍ତି। ଏପରିକି ଭେନ୍ୟୁରେ କିଛି ଖରାପ ଦେଖି ନ ଥିବା ସେ କହିଛନ୍ତି। "ମୁଁ ବିଭିନ୍ନ ଦେଶରେ ଖେଳିଛି। ପ୍ରତ୍ୟେକ ଦେଶରେ ନିଜସ୍ୱ କଣ୍ଡିଶନ ରହିଥାଏ। ସିଙ୍ଗାପୁରରେ ଅତ୍ୟଧିକ ପବନ ବହେ। ମାଲେସିଆରେ ଅପେକ୍ଷାକୃତ କମ୍ ପବନ ବହେ। ପ୍ରତ୍ୟେକ ଦେଶରେ ନିଜସ୍ୱ ଚ୍ୟାଲେଞ୍ଜ ରହିଥାଏ" ବୋଲି ପ୍ରଥମ ରାଉଣ୍ଡ ମ୍ୟାଚ୍ ଜିତିବା ପରେ ଶ୍ରୀକାନ୍ତ କହିଛନ୍ତି। ଏହାବାଦ୍ ବ୍ଲିଚ୍‌ଫିଲ୍ଡଙ୍କ ମତାମତ ସମ୍ପର୍କରେ ପ୍ରଶ୍ନ କରାଯିବାରୁ ଶ୍ରୀକାନ୍ତ ପ୍ରକାଶ କରିଛନ୍ତି, ସେ କ'ଣ କହିଛନ୍ତି, ମୋତେ ଜଣାନାହିଁ। କିନ୍ତୁ ମୋ ମତରେ କଣ୍ଡିଶନ ଠିକ ଅଛି। ଷ୍ଟାଡିୟମରେ ସେଭଳି କିଛି ଖରାପ ହେଉଥିବା ମୁଁ ଦେଖି ନାହିଁ।


## ରସାୟନ ବିଜ୍ଞାନରେ Ph.D ଲାଭ



ଜୟନ୍ତ କୁମାର ନାୟକ ସମ୍ମାନଜନକ ଡକ୍ଟରେଟ ଉପାଧି ଗତ ତା.୧୫.୧୧.୨୦୨୫ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ଲାଭ କରିଛନ୍ତି। ତାଙ୍କ ଗବେଷଣା ଶୀର୍ଷକ ଥିଲା Preparation of biobased polymer nanocomposites and its study of permeability. Guide Dr Lingaraj Behera Associate prof P.G Dept. of Chemistry, MAHARAJA SRIRAM CHANDRA BHANJA DEO UNIVERSITY, Baripadaଙ୍କ ତତ୍ତ୍ୱାବଧାନରେ ଗବେଷଣା କରିଥିଲେ। ଜୟନ୍ତ କୁମାର ନାୟକଙ୍କ ସନ୍ଦର୍ଭଟି Prof. Dr Trilochan Mishra, senior principal scientist (AMP Division) NML, P.O.- Jamshedpur, Jharkhand-831007 and Prof Dr A.K. Mishra, Department of Chemistry, IIT Madrasଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। Dr ଜୟନ୍ତ କୁମାର ନାୟକ ପୂର୍ବତନ ଉପନଗରପାଳ ସ୍ୱର୍ଗତ ନବଘନ ନାୟକ ଓ ରେବତୀ ନାୟକଙ୍କ ପୁତ୍ର ଅଟନ୍ତି। ତାଙ୍କ ଠିକଣା ଡୋଳିପୁର, ଯାଜପୁର ରୋଡ୍, ଜିଲ୍ଲା- ଯାଜପୁର। ଏହି ସଫଳତା ପାଇଁ ଶ୍ରେୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦେଇଛନ୍ତି। ସର୍ବୋପରି ଏହି ସଫଳତା ନିଜ ପିତାମାତା, ଭାଇ, ପରିବାରର ସମସ୍ତ ସଦସ୍ୟ ଓ Guideଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।

D-3113


# ଭାରତୀୟ ମହିଳା ହକି ଦଳରେ ଯୋଗଦେଲେ ମାରିଜନେ

**ନୂଆଦିଲ୍ଲୀ,୧୪।୧(ପି.ଟି.)**

ନେଦରଲାଣ୍ଡର ଜୋଏର୍ଡ ମାରିଜନେ ବୁଧବାର ଆନୁଷ୍ଠାନିକ ଭାବେ ଭାରତୀୟ ମହିଳା ହକି ଦଳରେ ମୁଖ୍ୟ କୋଚ୍ ଭାବେ ଯୋଗ ଦେଇଛନ୍ତି। ପୂର୍ବରୁ ୨୦୧୭ରୁ ୨୦୨୧ ପର୍ଯ୍ୟନ୍ତ ମାରିଜନେ ଭାରତୀୟ ମହିଳା ଦଳର କୋଚ୍ ଥିଲେ ଏବଂ ତାଙ୍କ କାର୍ଯ୍ୟକାଳରେ ଦଳ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ମାରିଜନେଙ୍କୁ ହକି ଇଣ୍ଡିଆ ପଦାଧିକାରୀ ସ୍ୱାଗତ କରୁଥିବା ନେଇ ଏକ ଫଟୋ ସୋସିଆଲ ମିଡିଆରେ ଶେୟାର କରାଯାଇଛି। ୫୧ ବର୍ଷୀୟ ମାରିଜନେଙ୍କୁ ଆନାଲିଟିକାଲ କୋଚ୍ ଭାବେ ମାଟିଆନ ଭିଲା ସାହାଯ୍ୟ କରିବେ। ଆସନ୍ତା ମାର୍ଚ୍ଚ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦରେ ହେବାକୁ ଥିବା ବିଶ୍ୱକପ୍ କ୍ୱାଲିଫାୟର୍ସ କୋଚ୍ ଭାବେ ମାରିଜନେଙ୍କ ପ୍ରଥମ ଚ୍ୟାଲେଞ୍ଜ ହେବ। ମାରିଜନେଙ୍କ ପୂର୍ବରୁ ହରେନ୍ଦ୍ର ସିଂ ମହିଳା ଦଳର ମୁଖ୍ୟ କୋଚ୍ ଥିଲେ। କିନ୍ତୁ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ସେ ଗତ ଡିସେମ୍ବରରେ ନିଜ ପଦରୁ ଇସ୍ତଫା ଦେଇଥିଲେ।

# ଚତୁର୍ଥ ବିଜୟ ସହ ଶୀର୍ଷରେ ଲାନ୍ସର୍ସ

**ଭୁବନେଶ୍ୱର, ୧୪।୧ (ତପନ ସ୍ୱାଇଁ)**

ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ରାଞ୍ଚିରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ କ୍ରମାଗତ ଦ୍ୱିତୀୟ ଏବଂ ଓଭରଅଲ୍ ଚତୁର୍ଥ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଲାନ୍ସର୍ସ ୧-୦ ଗୋଲରେ ହାଇଦ୍ରାବାଦ ତୋଫାନ୍ସକୁ ପରାସ୍ତ କରିଛି। ପ୍ରଥମ ଦୁଇ କ୍ୱାର୍ଟର ଗୋଲଶୂନ୍ୟ ରହିବାପରେ ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ୪୦ତମ ମିନିଟରେ ଆଲେକ୍‌ଜାଣ୍ଡର

**ହକି ଇଣ୍ଡିଆ ଲିଗ୍**

ହେଣ୍ଡ୍ରିକ୍ସ ପେନାଲ୍ଟି କର୍ନରରୁ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଏହି ବିଜୟ ଫଳରେ ଲାନ୍ସର୍ସ ୪ ମ୍ୟାଚରୁ ୩ ବିଜୟ ଓ ୧ ଶୁଟ୍‌ଆଉଟ ବିଜୟ ସହ ୧୧ ପଏଣ୍ଟ ପାଇ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ୪ ମ୍ୟାଚରୁ ୧୦ ପଏଣ୍ଟ ପାଇଥିବା ଏସ୍‌ଜିଏଲ୍ ଗର୍ଭର୍ନିଂ କାଉନ୍ସିଲ ଦ୍ୱିତୀୟକୁ ଖସିଛି। ଅନ୍ୟପକ୍ଷରେ



କଳିଙ୍ଗ ଲାନ୍ସର୍ସ ଓ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ହାଇଦ୍ରାବାଦ ତୋଫାନ୍ସ ୫ ମ୍ୟାଚରୁ ୧ ବିଜୟ, ୨ ପରାଜୟ ଓ ୨ ଶୁଟ୍‌ଆଉଟ ପରାଜୟ ସହ ୫ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛି। ଚେନ୍ନାଇରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଲିଗ୍‌ର ୨ଟି ମ୍ୟାଚରେ ଯଥାକ୍ରମେ ରାଞ୍ଚି ରୟାଲ୍ସକୁ ୪-୨ ଓ ରର୍ ବେଙ୍ଗଲ ଟାଇଗର୍ସକୁ ୨-୧ରେ ହରାଇଥିବା ଲାନ୍ସର୍ସ ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ଏସ୍‌ଜିଏଲ୍ ଗର୍ଭର୍ନିଂ କାଉନ୍ସିଲକୁ ଶୁଟ୍‌ଆଉଟ ୩-୧ ଗୋଲରେ ପରାସ୍ତ କରିଥିଲା।

# ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ପାଇଁ ଓଡ଼ିଶା ଦଳ



ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ସାଉଥ୍‌ଜୋନ୍ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୪।୧ (ତପନ ସ୍ୱାଇଁ)**

ଅସ୍ମିତା ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ସାଉଥ୍‌ଜୋନ୍ ପ୍ରତିଯୋଗିତା ଚଳିତ ମାସ ୧୬ରୁ ୧୯ ପର୍ଯ୍ୟନ୍ତ ଆନ୍ଧ୍ର ପ୍ରଦେଶର ବିଜୟୱାଡ଼ାରେ ଅନୁଷ୍ଠିତ ହେବ। ଏହି ୪ ଦିନିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାଲାଗି ମନୋନୀତ ଓଡ଼ିଶା ଦଳ ବୁଧବାର ବିଜୟୱାଡ଼ା ଯାତ୍ରା କରିଛି। ଓଡ଼ିଶା ସଫ୍ଟଟେନିସ ଆସୋସିଏଶନ ସାଧାରଣ ସମ୍ପାଦକ ମହମ୍ମଦ ଆଜମ ଉପସ୍ଥିତ ରହି ଖେଳାଳିମାନଙ୍କୁ ବିଦାୟୀ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ଅର୍ଚ୍ଚନା ମହାପାତ୍ର, ପ୍ରତୀକ୍ଷା ସିହ୍ନା, ଲୋପା ଲିପସୋସିଂ ଜାନି, ଆସିକା ଆଦିଶ୍ରୀ, ଶ୍ରଦ୍ଧାଞ୍ଜଳି ମାର୍ଥା, ତନୁସ୍କା ନାୟକ, ମନସ୍ୱିନୀ ହରିଚନ୍ଦନ। କୋଚ୍: ମହମ୍ମଦ ଅମନ, ମ୍ୟାନେଜର: ଆରତୀ ପଣ୍ଡା।

# ଆରିଶ ଚାମ୍ପିୟନ, ସାତ୍ତ୍ୱିକ ରନରଅପ୍



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୪।୧ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ବୁଧବାର ୧୨ ବର୍ଷରୁ କମ୍ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ୪ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପୂରା ୪ ପଏଣ୍ଟ ଲେଖାଏ ପାଇ ଆରିଶ ନନ୍ଦ ଗୋସ୍ୱାମୀ ଚାମ୍ପିୟନ ଓ ସାତ୍ତ୍ୱିକ ମହାନ୍ତି ରନରଅପ୍ ହୋଇଛନ୍ତି। ସାଇ କ୍ରିଷ୍ଣା ସାମଲ, ସାଇଶା ସାହୁ ଓ ସ୍ଥିତପ୍ରଜ୍ଞ ପଟ୍ଟନାୟକ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।


# Classified Everyday
**0674-2580101, 9692975378**

## REAL ESTATE



REAL ESTATE

**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




Wellness relax body massage & jointpain treatment by traind therapist. 7008773793. D-3034

All types of physiotherapy and massage. Contact: 9556924059/ 7656969134. D-3075

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LOST

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୁଁ ମୋହନ କୁମାର ଦାଶ, ପିତା- ଅଶୋକ ଦାଶ, ଠିକଣା- ଦାଶ କଲୋନୀ, ୱାର୍ଡ ନମ୍ବର- ୧୦, ଥାନା/ଜିଲ୍ଲା- ବରଗଡ, ମୁଁ ଏକ ମନି ରସିଦ୍ ଯାହାର ଟଙ୍କା ପରିମାଣ- (୯୫୮୨୮) ଏବଂ ଉପଭୋକ୍ତା ନମ୍ବର- (୫୧୨୦୦୧୧୧୬୨୮) ହଜାଇ ଦେଇଛି। ଯଦି କେହି ଏହାକୁ ପାଆନ୍ତି, ତେବେ ଫେରାଇ ଦେବାକୁ ଅନୁରୋଧ। (ମୋବାଇଲ ନଂ- 9348234549). ଧ-୩୧୦୫

I, Sudhansu Sekhar Mohapatra, S/o.- Narasingh Mohapatra, have lost my sale deed (No.1282, dtd.- 28.05.2007), Mouza- Lahanga, Khata No.- 518/28, Plot No.- 168, Area- Ac.0.225 decimal purchased from Kanchanbala Mishra in between Godipada chhaka on 09.11.2025 evening when I go to marketing. Inspite of all my efforts I could not trace it out. D-3106

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

By virtue of an affidavit sworn before the Notary Public, Titilagarh, Dtd.- 14.01.2026, I, Gobinda Rana, S/o.- Jugalal Rana, R/o. Village- Dangarmunda, P.O.- Kuanrgaon, P.S.- Saintala, Dist.- Balangir (Odisha), PIN-767032 declare that now I have changed my son's name from Suresh Rana to Pitambar Rana. Henceforth, he shall be known as Pitambar Rana for all purposes.
Gobinda Rana
D-3107

I, Sri Kilo Sundar Rai declared that as per affidavit No.- 05 dtd.- 13.01.2026 before the Executive Magistrate, Nandapur my old name Sundara Rao Khila has been changed to Kilo Sundar Rai. Henceforth, I will be known as Kilo Sundar Rai, Son of Kilo Dama, At- Narigan, P.O.- Chatwa, Block- Nandapur, Dist.- Koraput for all purposes. D-3108

By virtue of an affidavit sworn before Executive Magistrate, Thuamul Rampur, dated- 16.07.25, I, Danahai Majhi, R/o. At- Dabriguda, P.O.- Badchhatrang, P.S.- Thuamul Rampur, Dist.- Kalahandi, Odisha, PIN- 766037 declare that I have changed the name of my son from Barddhan Majhi to Bhadratanu Majhi. Henceforth, he shall be known as Bhadratanu Majhi for all purposes.
Danahai Majhi
D-3109

By virtue of an affidavit sworn before the Executive Magistrate, Patnagarh, No. 657, Dtd.- 30.12.25, I, Debaki Matari, D/o. Hira Matari, R/o. Village- Rengtasil, P.O.- Bhainsa, P.S.- Patnagarh, Dist.- Balangir, PIN- 76748 declare that I have changed my name from Basamati Juyed to Debaki Matari. Henceforth, I shall be known as Debaki Matari for all purposes.
Debaki Matari
D-3110

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

Letter No. 60, Dated-13.01.2026

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଆଇ.ଏ.ଏସ୍.)ଙ୍କ ଅଦାଲତ ନଂ.୪ମ୍ବର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ୍.ଏସ୍. କେସ୍ ନମ୍ବର- ୪୪୧/୨୦୨୩
ନୋଟିସ
(ସି.ପି.ସି. ଅର୍ଡର ୫, ରୁଲ-୨୦ ମୁତାବକ)

ପ୍ରସନ୍ନ କୁମାର ସାମନ୍ତରାୟ, ବୟସ ୪୮ ବର୍ଷ, ପିତା- କୁଳମଣୀ ସାମନ୍ତରାୟ, ଠିକଣା ସା/ପୋଷ୍ଟ- ସିକୋ, ଥାନା- ଜଙ୍କିଆ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ... ବାଦୀ
ବନାମ

ପ୍ରାପ୍ତେଷୁ:
ପ୍ରତିବାଦୀ ନଂ୧ମ୍ବର: କସ୍ତୁରି ଚରଣ ଜେନା, ପିତା- ରାଧୁ ଓରଫ ରାଜୁ ଜେନା, ନଂ୨ମ୍ବର: ରାଜ କିଶୋର ସ୍ୱାଇଁ, ପିତା- ଅର୍ଜୁନ ସ୍ୱାଇଁ, ଠିକଣା: ସା/ପୋଷ୍ଟ- ଯାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ନଂ୩ମ୍ବର: ବାଳକୃଷ୍ଣ ମଙ୍ଗରାଜ, ପିତା- ନଟବର ମଙ୍ଗରାଜ, ଠିକଣା: ସା/ପୋଷ୍ଟ- ସୁଜନପୁର, ଥାନା- ଡେଲାଙ୍ଗ, ଜିଲ୍ଲା- ପୁରୀ, ଓଡ଼ିଶା, ନଂ୪ମ୍ବର: ପ୍ରଦୀପ୍ତ ଷଡ଼ଙ୍ଗୀ, ପିତା- ବ୍ରଜବନ୍ଧୁ ଷଡ଼ଙ୍ଗୀ, ଠିକଣା: ସା- ଏନ.-୫/୨୯୦, ଆଇ.ଆର୍.ସି. ଭିଲେଜ, ଜୟଦେବ ବିହାର, ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ନଂ୫ମ୍ବର: ଅଜୟ ପ୍ରଧାନ, ନଂ୬ମ୍ବର: କମଳା ପ୍ରଧାନ, ନଂ୭ମ୍ବର: ସଞ୍ଜୟ ପ୍ରଧାନ, କ୍ରମିକ ନଂ୫ମ୍ବର ଠାରୁ ନଂ୭ମ୍ବରଙ୍କ ପିତା- ଦାମୋଦର ପ୍ରଧାନ, ନଂ୮ମ୍ବର: ଦୁର୍ଗା ପ୍ରଧାନ, ସ୍ୱାମୀ- ଦାମୋଦର ପ୍ରଧାନ, ପ୍ରତିବାଦୀ ନଂ୧ମ୍ବର ଓ ୫, ୬, ୭, ୮ ଙ୍କର ଠିକଣା- ସା- ହରପୁର, ପୋଷ୍ଟ- ଯାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା। ............ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କୁ ଏହି ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦୀ ନିମ୍ନୋକ୍ତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବାପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତ। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ୍ ପଠାଯାଇଥିଲେ ହେଁ ପ୍ରତିବାଦୀମାନଙ୍କୁ ନୋଟିସ୍ ଜାରି ନ ହୋଇ ବିଭିନ୍ନ କାରଣ ଦର୍ଶାଯାଇ ଫେରିଆସିଅଛି । ଇତ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା୨୩.୦୨.୨୦୨୬ରିଖ ଦିବା ୧୧:୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା:
ଜମିର ବିବରଣୀ

ମୌଜା: ହରପୁର, ତହସିଲ- ଜଟଣୀ, ଥାନା- ଜଟଣୀ, ଥାନା- ୫୪, ଜିଲ୍ଲା- ଖୋର୍ଦ୍ଧା
ସାବିକ ଖାତା ନଂ.- ୫୫/୧୮, ସାବିକ ପ୍ଲଟ୍ ନଂ.- ୧୬୯(ଅଂଶ), ସାବିକ ରକବା- ଏ୦.୦୮୧ଡି., ଏ୦.୯୪୦ଡି. ସ୍ୱଧରୁ, ହାଲ୍ ଖାତା ନଂ.- ୩, ହାଲ୍ ପ୍ଲଟ୍ ନଂ.- ୩୯୪, ରକବା- ଏ୦.୦୮୧ଡି., ଏ୦.୪୫୦ଡି. ସ୍ୱଧରୁ

ଏଣୁ ଉପରୋକ୍ତ ପ୍ରତିବାଦୀମାନଙ୍କୁ ଓ ମୃତ ଥିବା ପ୍ରତିବାଦୀମାନଙ୍କର ଉତ୍ତରାଧିକାରୀମାନେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ, ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନଂ୪ମ୍ବରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ତା.୧୩।୦୧।୨୦୨୬
ସ୍ୱା- କୋର୍ଟ ଅଫିସର
ଧ-୩୧୦୪

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ଗଦାଧର ରାଉତ**
କଲ୍ୟାଣପୁର, ମାଳଦା, ଭଣ୍ଡାରି ପୋଖରୀ
ଆବିର୍ଭାବ- ୧୨।୦୩।୧୯୫୩
ତିରୋଧାନ- ୦୫।୦୧।୨୦୨୬
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର- ଦାଶରଥି ରାଉତ,
ବିରଞ୍ଚି ରାଉତ,
ଅଜୟ ରାଉତ।
D- 3111

### ଅଷ୍ଟମ ଶ୍ରାଦ୍ଧବାର୍ଷିକ



**୰ରଜନୀକାନ୍ତ ମହାନ୍ତି**
ଗଙ୍ଗୋତ୍ରୀ ନଗର, ଲେନ୍- ୩, ଶିଶୁପାଳଗଡ଼
ଆବିର୍ଭାବ- ୦୨।୦୧।୧୯୫୭
ତିରୋଧାନ- ୧୩।୦୧।୨୦୧୮
(ଦ୍ୱିତୀୟା ତିଥି)
ଆଜିର ପୁଣ୍ୟ ତିଥିରେ ତୁମକୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ତୁମର ଶୋକସନ୍ତପ୍ତ ପରିବାର
D- 3112


ପ୍ରିୟଙ୍କା

# ପ୍ରଥମେ ପ୍ରିୟଙ୍କା ପରେ ଆଲିଆ

ବିଶିଷ୍ଟ ଲେଖକ ଚେତନ ଭଗତଙ୍କ 'ଟୁ ଷ୍ଟେଟ୍ସ'କୁ ଆଧାର କରି ନିର୍ମିତ ହୋଇଥିଲା ଏକା ଟାଇଟଲ ବିଶିଷ୍ଟ ହିନ୍ଦୀ ସିନେମା। ଅଭିଷେକ ବର୍ମନ ଏହାର ନିର୍ଦ୍ଦେଶନା ଦେଇଥିଲେ। ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଅର୍ଜୁନ କପୁର ଏବଂ ଆଲିଆ ଭଟ୍ଟ। କିନ୍ତୁ ଯେତେବେଳେ ଏହାର କାଷ୍ଟିଂ ବିଷୟରେ ଆଲୋଚନା ହୋଇଥିଲା ସେତେବେଳେ ଅର୍ଜୁନ-ଆଲିଆ ଫାଷ୍ଟ ଚଏସ୍ ନ ଥିଲେ। କାହାଣୀକୁ ଆଧାର କରି ଚେତନ ଭଗତ ଏକ ପ୍ରସ୍ତାବ ଦେଇଥିଲେ। ଏହି ଫିଲ୍ମରେ ଶାହରୁଖ ଖାନ୍ ଏବଂ ପ୍ରିୟଙ୍କା ଚୋପ୍ରାଙ୍କୁ ସାଇନ୍ କରାଇବାକୁ ସେ କହିଥିଲେ। ଏ ନେଇ ନିର୍ଦ୍ଦେଶକ ମଧ୍ୟ ରାଜି ଥିଲେ। ହେଲେ କେତେକ କାରଣରୁ ଦୁହିଁଙ୍କୁ ଏହାର କାଷ୍ଟିଂ ଅନ୍ତର୍ଭୁକ୍ତ କରାଯାଇ ନ ଥିଲା। ଏ ନେଇ ଅଭିଷେକ କହନ୍ତି, ''ଚେତନ ସାର୍‌ଙ୍କ କହିବା ଅନୁସାରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରଥମେ ଶାହରୁଖ ଏବଂ ପ୍ରିୟଙ୍କାଙ୍କୁ ସାଇନ୍ କରାଇବାକୁ ଫାଇନାଲ କରାଯାଇଥିଲା। କିନ୍ତୁ ଦୁହିଁଙ୍କର ଡେଟ୍ ପ୍ରୋବ୍ଲେମ ପାଇଁ କାଷ୍ଟିଂରେ ପରିବର୍ତ୍ତନ କରିବାକୁ ପଡିଲା। କାରଣ ପ୍ରଯୋଜକ ଏହାର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ କରିବାକୁ ଚାହୁଁଥିଲେ। ତେଣୁ କାଷ୍ଟିଂ ଚେଞ୍ଜ କରିବାକୁ ବାଧ ହୋଇଥିଲୁ।'' ଏହି ଫିଲ୍ମଟି ବକ୍ସ ଅଫିସରେ ଭଲ ବିଜନେସ୍ କରିବାରେ ସକ୍ଷମ ହୋଇଥିଲା।

# ଅଭିନେତା ହୋଇ ନ ଥିଲେ...


ରଣବୀର

ଅଭିନୟକୁ କ୍ୟାରିୟର କରିବା ପୂର୍ବରୁ କେତେକେ କଳାକାର ଅନ୍ୟ କ୍ଷେତ୍ରରେ ନିଜର ପାରଦର୍ଶିତ ଦେଖାଇବାର ନଜୀର ଅନେକ ରହିଛି। ବଲିଉଡ୍‌ରେ ସେ ଜଣେ ସହ ନିର୍ଦ୍ଦେଶକ ଭାବରେ ଏଣ୍ଟ୍ରି କରିଥିଲେ। ହେଲେ ସେ କେବେ ବିଶ୍ୱାସ କରି ନ ଥିଲେ ଯେ ଯାହାଙ୍କ ସହ ସେ ସହଯୋଗୀ ନିର୍ଦ୍ଦେଶକ ଭାବରେ କାମ କରୁଛନ୍ତି ଦିନେ ତାଙ୍କର ଫିଲ୍ମରୁ ନିଜର ଆକ୍ଟିଂ ଡେବ୍ୟୁ ଆରମ୍ଭ କରିବେ। ହଁ, ସେହି ଅଭିନେତା ଜଣଙ୍କ ହେଉଛନ୍ତି ରଣବୀର କପୁର। ପ୍ରଥମେ ସେ ସଞ୍ଜୟ ଲୀଳା ଭଁସାଲିଙ୍କ 'ବ୍ଲାକ୍' ଫିଲ୍ମରେ ଆସିଷ୍ଟାଣ୍ଟ ଡାଇରେକ୍ଟର ଭାବରେ କାମ କରିଥିଲେ। ପରବର୍ତ୍ତୀ ସମୟରେ ସଞ୍ଜୟଙ୍କ ନିର୍ଦ୍ଦେଶିତ 'ସାୱରିୟାଁ'ରୁ ରଣବୀର ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ। ହେଲେ ଜାଣନ୍ତି କି ଯଦି ରଣବୀର ଅଭିନେତା ନ ହୋଇ ଥାଆନ୍ତେ ତେବେ କାହାକୁ କ୍ୟାରିୟର ଭାବରେ ଗ୍ରହଣ କରିଥାଆନ୍ତେ ? ଏକଥା ପ୍ରାୟ ଅନେକ ଜାଣନ୍ତି ଯେ ରଣବୀର ହେଉଛନ୍ତି ଜଣେ ଭଲ ଫୁଟବଲ ଖେଳାଳି। ତେବେ ତାଙ୍କର ଏକ ଇଚ୍ଛା ଥିଲା। ଫୁଟବଲ୍ ଖେଳକୁ କ୍ୟାରିୟର କରିବା ସହ ତା'ପରେ ଫୁଟବଲ୍ କୋଚ୍ ହୋଇଥାଆନ୍ତେ। କିନ୍ତୁ ଏହା ଅଧୁରା ହୋଇ ରହିଗଲା। ଏକ କଳାକାର ପରିବାରରେ ଜନ୍ମ ତଥା ବଲିଉଡ୍‌ର ଶୋ' ମ୍ୟାନ୍ ରାଜ କପୁରଙ୍କ ଏହି ଦାୟାଦ ଏବେ ଅଭିନୟକୁ ଆପଣେଇ ନେଇଛନ୍ତି।

# ସ୍ପେଶାଲ ଉପହାର


ସାୟାମୀ

ସାୟାମୀ ଖେରଙ୍କ ଖୁସି କହିଲେ ନ ସରେ। କାରଣ କ'ଣ ଜାଣନ୍ତି ? ତାଙ୍କର ନୂଆ ବର୍ଷ ଏକ ସ୍ପେଶାଲ ଘଟଣାରୁ ଆରମ୍ଭ ହୋଇଛି। ବର୍ଷ ପ୍ରାରମ୍ଭରୁ ତାଙ୍କୁ ଏକ ନୂଆ ଅଫର ମିଳିଛି ପୁଣି ତାହାର ଶୁଟିଂ ମଧ୍ୟ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଏହି ଫିଲ୍ମଟିର ଟାଇଟଲ ଫାଇନାଲ ହୋଇନାହିଁ। ଏହାର ନିର୍ଦ୍ଦେଶନା ଦେଉଛନ୍ତି ବିକ୍ରମ ଫର୍ଣ୍ଣାଡିସ୍। ଏହାପୂର୍ବରୁ ସେ ବଲିଉଡ୍‌ରେ ଜଣେ ନାମୀ କଷ୍ଟ୍ୟୁମ ଡିଜାଇନ୍‌ର ଭାବରେ ପରିଚିତ ହୋଇସାରିଛନ୍ତି। ଏ ବିଷୟରେ ସାୟାମୀ କହନ୍ତି, ''ଯେତେବେଳେ ବିକ୍ରମ ମୋତେ ଏହି ଫିଲ୍ମରେ ଅଭିନୟ କରିବାକୁ ଅଫର ଦେଲେ ସେତେବେଳେ ମୁଁ ତାହାକୁ ସହଜରେ ବିଶ୍ୱାସ କରିପାରି ନ ଥିଲି। କେବଳ ଏହାର କାହାଣୀ ନୁହେଁ, ମୋତେ ମିଳିଥିବା ଭୂମିକା ମଧ୍ୟ ବେଶ୍ ଦମଦାର। ଫିଲ୍ମଟିର ଟାଇଟଲ ଫାଇନାଲ ହୋଇନାହିଁ। ଆସନ୍ତା ସପ୍ତାହରେ ଏହା ଘୋଷଣା କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଯାହାହେଉ ଏବର୍ଷ ଆରମ୍ଭରୁ ମୋତେ ଏକ ଭଲ ଅଫର ମିଳିଛି। ଆଶା ରଖିଛି ଫିଲ୍ମଟି ଦର୍ଶକଙ୍କୁ ସବୁ ଦିଗରୁ ନିଶ୍ଚୟ ପ୍ରଭାବିତ କରିବ।'' ଏହି ଫିଲ୍ମରେ ସାୟାମୀଙ୍କ ନାୟକ ସାଜିଛନ୍ତି ଗୁଲସନ୍ ଦେବାଇୟା। କେବଳ ସେତିକି ନୁହେଁ, ପ୍ରିୟଦର୍ଶନଙ୍କ ଆଗାମୀ ଫିଲ୍ମ 'ହୈୱାନ'ରେ ସେ ଅକ୍ଷୟ କୁମାର ଏବଂ ସୈଫ ଅଲ୍ଲୀ ଖାଁଙ୍କ ସହ ଅଭିନୟ କରିବେ।

# ଅତୀତରୁ...

➔ଆଇଡିଆଲ ପ୍ରଡକ୍ସନ,ସମ୍ବଲପୁର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମନ ଆକାଶ'। ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ। ଶାନ୍ତିସ୍ୱରୂପ ମିଶ୍ର, ପ୍ରଶାନ୍ତ ନନ୍ଦ, ଧୀର ବିଶ୍ୱାଳ ପ୍ରମୁଖ ଏଥିରେ ଅଭିନୟ କରିଥିଲେ।

➔ଉମାକାନ୍ତ ପଟ୍ଟନାୟକଙ୍କ ପ୍ରଯୋଜନାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ଅମର ପ୍ରେମ'। ଗୋପାଳ ଘୋଷ ଏବଂ ପଳାଶ ବାଜାର୍ନୀ ନିର୍ଦ୍ଦେଶନା ଦେଇଥିଲେ। ଏହାର ମୁଖ୍ୟ ଭୂମିକାରେ ସୁରେଶ ମହାପାତ୍ର ଏବଂ ବନଜା ମହାନ୍ତି ଅଭିନୟ କରିଥିଲେ।

➔ଓଡ଼ିଆ ଫିଲ୍ମ 'ସୁନା ସଂସାର'ର ନିର୍ଦ୍ଦେଶନା ଦେଇଥିଲେ ଶିଶିର ମିଶ୍ର। ସାମୁଏଲ ସାହୁ (ବାବି), ସୁଜାତା ଆନନ୍ଦ, ନିହାରିକା, ସ୍ୱରୂପ ନାୟକ ଦୀପା ସାହୁ ପ୍ରମୁଖଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।

## ନୂଆ ସିନେମା

# ରକ୍ତ ଗୋଲାପ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ରକ୍ତ ଗୋଲାପ'। ଏହାର କଥାବସ୍ତୁରେ କେବଳ ଲଭ୍, ଇମୋଶନ ନୁହେଁ, ସସପେନ୍ସ ଥ୍ରୀଲର ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା ଅନ୍ୟତମ ଆଗଧାଡିର ଅଭିନେତ୍ରୀ ଏଲିନା ସାମନ୍ତରାୟ ଏଥିରେ ଏକ ଡିଫରେଣ୍ଟ ରୋଲ୍‌ରେ ଦର୍ଶକଙ୍କ ସାମନାକୁ ଆସିବେ। ଏହି ନୂଆ ସିନେମାଟିର ପ୍ରଯୋଜନା କରିଛନ୍ତି ନବାଗତ ଯୋଡି ଅଶ୍ରୁଜିତ ମହାପାତ୍ର-ଶୋଭନ ଦାସ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଶିଶିର କୁମାର ସାହୁ-ପିନାକୀ ସିଂ। କାହାଣୀ ଅନୁସାରେ ଜଣେ ନାରୀ ନିଜ ପରିବାରକୁ ସୁରକ୍ଷା ଦେବାକୁ ଆଗଭର ହୋଇଛି। ହେଲେ ଏହି ସମୟରେ ସେ ସମ୍ମୁଖୀନ ହେଉଥିବା ବାଧାବିଘ୍ନକୁ କିପରି ମୁକାବିଲା କରୁଛି ଏବଂ ଶେଷରେ ନିଜ ଲକ୍ଷ୍ୟ ହାସଲ କରିପାରୁଛି କି ନାହିଁ ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଏହାର ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାସ ଏବଂ ଗଣେଶ ବାରିକ। ଏଥିରେ ଏଲିନାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅଭିଷେକ ଗିରି। ଅନ୍ୟପକ୍ଷରେ ସମରେଶ ରାଉତରାୟ ଏବଂ ଚୌଧୁରୀ ଜୟପ୍ରକାଶ ଦାସଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏହାର କାଷ୍ଟିଂରେ ହର ରଥ ଏବଂ ଉଦିତ ମଧ୍ୟ ଅଛନ୍ତି। ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଶିଷ ପ୍ରଧାନ।


ଏଲିନା



ଯୁକ୍ତା-ଭାରତ

# ମିଳିଗଲେ ନାୟିକା

ଯାହାହେଉ, ଗତ କିଛି ଦିନ ଧରି ଭାରତ ପୁଷ୍ପରାଗ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। କଥା କ'ଣ କି ଗତ ବର୍ଷ ଶେଷାର୍ଦ୍ଧରେ ନିଜ ଅଭିନୀତ ପ୍ରଥମ ସିନେମା 'ଦର୍ପଣ' ରିଲିଜ ହେବା ପରେ ଏବେ ସେ ଆଉ ଏକ ନୂଆ ସିନେମାର ପ୍ରାକ୍-ପ୍ରସ୍ତୁତିକୁ ନେଇ ବ୍ୟସ୍ତ ଅଛନ୍ତି। ଉକ୍ତ ସିନେମାର ଟାଇଟଲ ରହିଛି 'ଅଶାନ୍ତ'। ସେ ଏହାର ଟାଇଟଲ ଭୂମିକାରେ ଅଭିନୟ କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଉଛନ୍ତି। ତେବେ ଏଥିରେ ନାୟିକା ଭାବରେ କିଏ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବ ସେ ନେଇ ଟିକେ ଟେନ୍‌ସନ୍‌ରେ ଥିଲେ। ଯାହାହେଉ ତାଙ୍କୁ ନିକଟରେ ତାଙ୍କର ମନ ପସନ୍ଦର ଅଭିନେତ୍ରୀ ମିଳିଯାଇଛନ୍ତି। ସେ ହେଲେ ଯୁକ୍ତା ରକ୍‌ସିତ। ଏହାପୂର୍ବରୁ ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ହିଟ୍ ସିନେମା 'ସ୍ୱୟଂସିଦ୍ଧା'ରେ ସେ ନାୟିକା ଭାବରେ ଅଭିନୟ କରିଥିଲେ। ଭାରତଙ୍କ ନୂଆ ଚଳଚ୍ଚିତ୍ରଟିର ପ୍ରଯୋଜନା କରୁଛନ୍ତି ସଞ୍ଜୟ ଚୌଧୁରୀ। ଭାରତ ମଧ୍ୟ ଏହାର ଚିତ୍ରନାଟ୍ୟ ରଚନା କରିଛନ୍ତି। କାହାଣୀ ଅନୁସାରେ ଅଶାନ୍ତ ଜଣେ ସାଧାରଣ ଯୁବକ। ଆଇପିଏସ ପାଇଁ ସେ ପ୍ରସ୍ତୁତ ହେଉଥିବା ବେଳେ ଏଭଳି ଲକ୍ଷ୍ୟ ପଥରେ ଆଗଉଥିବା ଜଣେ ଯୁବତୀ ସହ ଭେଟ ହୋଇଛି। ବାସ୍ ତା'ପରେ କ'ଣ ହେଉଛି ଏବଂ କାହାଣୀ କିପରି ଭିନ୍ନ ମୋଡ ନେଉଛି ତାହା ଦର୍ଶକ ବଡ ପରଦାରେ ଦେଖିବାକୁ ପାଇବେ। ଏହି ଫିଲ୍ମଟିର ଶୁଟିଂ ଚଳିତ ବର୍ଷ ମାର୍ଚ୍ଚରୁ ଆରମ୍ଭ ହେବାର ଯୋଜନା ରହିଛି। ତେବେ ଭାରତ ଉକ୍ତ ସିନେମାରେ ଦର୍ଶକଙ୍କ ମନ ଜିଣିବାକୁ ଆଶା ବାନ୍ଧି ବସିଛନ୍ତି।

# ସତ ହେଲା ଆକଳନ

ରହସ୍ୟ ରୋମାଞ୍ଚ ଭରା କାହାଣୀକୁ ଆଧାର କରି ନିର୍ମିତ ହୋଇଥିଲା ହିନ୍ଦୀ ସିନେମା 'ନିକିତା ରୟ'। ଚିତ୍ରଟି ଗତ ବର୍ଷ ଜୁଲାଇ ୧୮ରେ ରିଲିଜ ହୋଇ ଦର୍ଶକାଦୃତ ହୋଇଥିଲା। ଚଳିତବର୍ଷ ଏହା ଓଟିଟି ପ୍ଲାଟ୍‌ଫର୍ମରେ ଷ୍ଟ୍ରିମିଙ୍ଗ ହୋଇଛି। ତା'ସହ ଏଠାରେ ମଧ୍ୟ ଫିଲ୍ମଟିକୁ ଦର୍ଶକ ପୁଣି ଥରେ ଗ୍ରହଣ କରିଛନ୍ତି। ଏ ବିଷୟରେ ଚିତ୍ରଟିର ଟାଇଟଲ ଭୂମିକାରେ ଅଭିନୟ କରିଥିବା ସୋନାକ୍ଷୀ ସିହ୍ନା କହନ୍ତି, ''ଏହାର କାହାଣୀ ସିଲେକଶନ ହେବା ସମୟରେ ହିଁ ମୋର ଦୃଢ଼ ହୃଦବୋଧ ହୋଇଥିଲା ଯେ ଫିଲ୍ମଟି ନିଶ୍ଚୟ ଭଲ ବିଜନେସ କରିବ। ଯାହାହେଉ କେବଳ ପ୍ରେକ୍ଷାଳୟ ନୁହେଁ, ଓଟିଟି ପ୍ଲାଟଫର୍ମରେ ମଧ୍ୟ ସିନେମାଟି ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଛି। ମୋ କ୍ୟାରିୟରରେ ଏହା ଆଉ ଏକ ସଫଳ ସିନେମା ଭାବରେ ତାଲିକାଭୁକ୍ତ ହୋଇଛି।'' ଗୋଟିଏ କଥା ଜାଣନ୍ତି, ଏହାର ନିର୍ଦ୍ଦେଶନା ଦେଇଥିଲେ ସୋନାକ୍ଷୀଙ୍କ ଭାଇ ତଥା ଶତ୍ରୁଘ୍ନ ସିହ୍ନାଙ୍କ ପୁଅ କୁଶ ସିହ୍ନା। ଏହାର କାହାଣୀ ରଚନା କରିଛନ୍ତି ପବନ କୃପାଳିନୀ। ଫିଲ୍ମଟିର ବିଭିନ୍ନ ଭୂମିକାରେ ପରେଶ ରାୱଲ, ଅର୍ଜୁନ ରାମପାଲ ଏବଂ ସୁହେଲ ନାୟର ଅଭିନୟ କରିଛନ୍ତି। ନିକିତା ରୟ ନିଜ ଭାଇର ରହସ୍ୟମୟ ମୃତ୍ୟୁର ପର୍ଦ୍ଦାଫାଶ କିପରି କରିଛି ତାହା ଏଥିରେ ଦେଖିବାକୁ ମିଳିଛି।


ସୋନାକ୍ଷୀ

## ଛୋଟ ପରଦା

# ତୁମ ବିନା

ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ହେଉଛି ମେଗା ଧାରାବାହିକ 'ତୁମ ବିନା'। ନିକଟରେ ଏହି ଧାରାବାହିକ ୫୦୦ତମ ଏପିସୋଡ୍ ଅତିକ୍ରମ କରିଛି। ଏହାର ବର୍ତ୍ତମାନର କାହାଣୀରେ ବଡ ଟ୍ୱିଷ୍ଟ ଆସିଛି। ହଠାତ୍ ଅନୁରାଗ ଓ ରିଚାଙ୍କ ବିବାହ ହୁଏ ଏବଂ ମାନ୍ୟବର କୋର୍ଟଙ୍କ ପକ୍ଷରୁ ଦୁହିଁଙ୍କୁ ଆଦ୍ୟାର ଲାଳନ ପାଳନ ଦାୟିତ୍ୱ ଦିଆଯାଏ। ହେଲେ ଖଳ ପ୍ରକୃତିର ରିଚା ନିଜର ପ୍ରକୃତ ଉଦ୍ଦେଶ୍ୟ ଲୁଚାଇ ଆଧିପତ୍ୟ ବିସ୍ତାର କରୁଥିବା ବେଳେ, ଆଦ୍ୟା ଦୈବୀ ଶକ୍ତିର ପ୍ରତୀକ ସାଜି ଅଧର୍ମ ବିରୋଧରେ ଛିଡ଼ା ହୋଇଛି। ଅନ୍ୟପକ୍ଷରେ ରହସ୍ୟ ଘେରରେ ରହିଥିବା ଅକ୍ଷୟ ପଟ୍ଟନାୟକ ଚରିତ୍ରକୁ ନିଜର ନିଷ୍ଠୁର ସର୍ତ୍ତ ଆଗରେ ମଥାନତ କରିବାକୁ ବାଧ କରୁଛି ରିଚା। ଏହି ବିଶ୍ୱାସଘାତକତା ଏବଂ ବିଶ୍ୱାସ ମଧ୍ୟରେ ଚାଲିଥିବା ପରୀକ୍ଷାର ଫଳ କ'ଣ ହେବ ତାହା ଦର୍ଶକ ଆଗକୁ ଦେଖିପାରିବେ। ଧାରାବାହିକର ଏହି ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପ୍ରେମ, ପାରିବାରିକ ସମ୍ପର୍କ ଓ ମାନବୀୟ ସଂଘର୍ଷକୁ ନିଖୁଣ ଭାବେ ଚିତ୍ରଣ କରାଯାଇଛି। ଆଗାମୀ ଦିନରେ 'ତୁମ ବିନା'ର ଯାତ୍ରା ଅଧିକ ରୋମାଞ୍ଚକର, ଭାବପୂର୍ଣ୍ଣ ଏବଂ ପରିବର୍ତ୍ତନଶୀଳ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ''୫୦୦ ଏପିସୋଡ ପରେ କାହାଣୀରେ ଆସୁଥିବା ନୂଆ ମୋଡ଼ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହେବ ବୋଲି ବୋଲି ପ୍ରତିଶୃତି ଦେଉଛନ୍ତି ଜୀ-ସାର୍ଥକର ଚିଫ ଚ୍ୟାନେଲ ଅଫିସର ରାହୁଲ ରାଓ କହିଛନ୍ତି।''


'ତୁମ ବିନା' ଧାରାବାହିକରେ (ବାମରୁ)ଜ୍ୟୋତି, ଶ୍ରେୟାଂଶୀ, ଭକ୍ତି

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୫/୨୦୨୬ Bhubaneswar, Thursday, January 15/ 2026

# ମିଚେଲଙ୍କ ଶତକରେ ନ୍ୟୁଜିଲାଣ୍ଡ ବିଜୟୀ





ଶତକ ହାସଲ ପରେ ଲୋକେଶ ରାହୁଲ । ଶତକୀୟ ଭାଗୀଦାରି ଅବସରରେ ୱିଲ ୟଙ୍ଗ୍ ଓ ଡାରିଲ ମିଚେଲ ।

ରାଜକୋଟ, ୧୪।୧

ଡାରିଲ ମିଚେଲଙ୍କ ଅପରାଜିତ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତକୁ ୭ ଉଇକେଟରେ ପରାସ୍ତ କରିଛି । ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜ ଏବେ ୧-୧ ସ୍ଥିତିକୁ ଆସି ଯାଇଛି । ଲୋକେଶ ରାହୁଲଙ୍କ ଶତକ ବଳରେ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୮୪ ରନ କରିଥିଲା । ଜବାବରେ ନ୍ୟୁଜିଲାଣ୍ଡ ୪୭.୩ ଓଭରରେ ୩ ଉଇକେଟ ହରାଇ ୨୮୬ ରନ ସଂଗ୍ରହ କରି ନେଇଥିଲା । ୱିଲ ୟଙ୍ଗ୍ ଓ ଡାରିଲ ମିଚେଲ ଶତକୀୟ ଭାଗୀଦାରି ଗଢ଼ି ନ୍ୟୁଜିଲାଣ୍ଡ ବିଜୟରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ୟଙ୍ଗ୍ ୮୭ ରନକରି ଆଉଟ ହୋଇଥିବାବେଳେ ମିଚେଲ ୧୩୧ (୧୧ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ । ଦୁହେଁ ୩ୟ ଉଇକେଟରେ ୧୬୨ ରନର ଭାଗୀଦାରି ଗଢ଼ିଥିଲେ । ଭାରତୀୟ ବୋଲର ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ ।

## ଲୋକେଶ ରାହୁଲଙ୍କ ଶତକ

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଅତ୍ୟନ୍ତ ଧୀମା ଆରମ୍ଭ କରି ପ୍ରଥମ ୫ ଓଭରରେ ମାତ୍ର ୧୦ ରନ କରିବାକୁ ସକ୍ଷମ ହୋଇଥିଲା । ତେବେ ପାୱାରପ୍ଲେ ୧୦ ଓଭରରେ ଦଳ କୌଣସି ଉଇକେଟ ନ ହରାଇ ୫୭ ରନ କରି ଭଲ ମୂଳଦୁଆ ପକାଇଥିଲା । ୧୩ଶ ଓଭରର ଦ୍ୱିତୀୟ ବଲ୍‌ରେ ରୋହିତ ଶର୍ମାଙ୍କୁ ଆଉଟ କରି ନ୍ୟୁଜିଲାଣ୍ଡକୁ ବ୍ରେକ୍ ଥ୍ରୁ ଦେଇଥିଲେ କ୍ରିଷ୍ଟିଆନ କ୍ଲାର୍କ । ରୋହିତ ୨୪ ରନ କରିବାକୁ ସକ୍ଷମ ହୋଇଥିଲେ । ଭଲ ଆରମ୍ଭ କରିଥିବା ଅଧିନାୟକ ଶୁବମନ ଗିଲ୍ ୫୩ ବଲ୍‌ରୁ ୫୬ (୯ ଚୌକା, ୧ ଛକା) ରନ କରି ଜେମିସନଙ୍କ ଶିକାର ହୋଇଥିଲେ । ଶ୍ରେୟସ ଆୟର ୮ ଓ ଫର୍ମରେ ଥିବା ତାରକା ବ୍ୟାଟର ବିରାଟ କୋହଲି ୨୩ ରନରେ ପ୍ୟାଭିଲିୟନ ଫେରିବାରୁ ୨୩.୩ ଓଭର ବେଳକୁ ଭାରତ ସ୍କୋର ୧୧୮/୪ ହୋଇ ଯାଇଥିଲା । ତେବେ ୫ ନମ୍ବରରେ ବ୍ୟାଟିଂ କରିଥିବା ଲୋକେଶ ରାହୁଲ ଶତକ ହାସଲ କରି ଭାରତୀୟ ଇନିଂସ ସମ୍ଭାଳିଥିଲେ । ସେ ୫ମ ଉଇକେଟରେ ରବୀନ୍ଦ୍ର ଜାଡେଜାଙ୍କ ସହ ୭୩ ଓ ଷଷ୍ଠ ଉଇକେଟରେ ନୀତୀଶ କୁମାର ରେଡ୍ଡୀଙ୍କ ସହିତ ୫୭ ରନର ଭାଗୀଦାରି ଗଢ଼ି ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ । ରାହୁଲ ୯୨ଟି ବଲ୍‌ର ସମ୍ମୁଖୀନ ହୋଇ ୧୧ ଚୌକା ଓ ୧ ଛକା ସହାୟତାରେ ୧୧୨ ରନରେ ଅପରାଜିତ ରହିଥିଲେ ।

### ସଂକ୍ଷିପ୍ତ ସ୍କୋର

ଭାରତ ୫୦ ଓଭରରେ ୨୮୪/୭ (ଲୋକେଶ ରାହୁଲ-୧୧୨*, ଶୁବମନ ଗିଲ୍-୫୬, କ୍ରିଷ୍ଟିଆନ କ୍ଲାର୍କ-୩/୫୬, କାଏଲ ଜେମିସନ-୧/୭୦, ଜ୍ୟାକ୍ ଫୋକ୍ସ-୧/୬୭, ଜାଡେଜ ଲେନୋକ୍ସ-୧/୪୨, ମାଇକେଲ ବ୍ରାସୱେଲ-୧/୩୪) । ନ୍ୟୁଜିଲାଣ୍ଡ ୪୭.୩ ଓଭରରେ ୨୮୬/୩ (ଡାରିଲ ମିଚେଲ-୧୩୧*, ୱିଲ ୟଙ୍ଗ-୮୭, ହର୍ଷିତ ରାଣା-୧/୫୨, ପ୍ରସିଦ୍ଧ କ୍ରିଷ୍ଣା-୧/୪୯, କୁଲଦୀପ ଯାଦବ-୧/୮୨) ।

**ଆଜିଠାରୁ ୧୯ ବର୍ଷରୁ କମ୍ ବିଶ୍ୱକପ୍**

# ଷଷ୍ଠ ଟାଇଟଲ ଲକ୍ଷ୍ୟରେ ଭାରତ

ବୁଲାୱାୟୋ(ଜିମ୍ବାୱେ),୧୪।୧(ପି.ଟି.)

ଗୁରୁବାରଠାରୁ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ର ୧୬ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି । ଟୁର୍ନାମେଣ୍ଟରେ ଫେଭରାଇଟ୍ ବିବେଚିତ ହେଉଥିବା ଭାରତୀୟ ଦଳ ରେକର୍ଡ ଷଷ୍ଠ ଥର ଟାଇଟଲ ଲକ୍ଷ୍ୟରେ ରହିଛି । ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ, ଦୁର୍ବଳ ଆମେରିକାକୁ ଭେଟିବ । ଏହି ଟୁର୍ନାମେଣ୍ଟ ଜରିଆରେ ଅନ୍ତର୍ଜାତୀୟ କ୍ରିକେଟକୁ ଅନେକ ତାରକା ଖେଳାଳି ଆସିଛନ୍ତି । ସେମାନଙ୍କ ମଧ୍ୟରେ ବିରାଟ କୋହଲି, ରୋହିତ ଶର୍ମା, କେନ ୱିଲିୟମସନ, ଜୋ ରୁଟ୍, ଷ୍ଟିଭ ସ୍ମିଥ ଭଳି ଅନେକ ଖେଳାଳି ସକ୍ରିୟ ରହିଛନ୍ତି । ଅତୀତରେ ବ୍ରାଏନ ଲାରା, ସନଥ ଜୟସୁରିୟା, ଇଞ୍ଜାମାମ-ଉଲ-ହକ, ଗ୍ରେମ ସ୍ମିଥ, ମାଇକେଲ କ୍ଲାର୍କ, ହାସିମ ଆମଲା, ଆଲେଷ୍ଟର କୁକ୍‌ଙ୍କ ଭଳି କିମ୍ବଦନ୍ତୀ ଖେଳାଳି ଅନ୍ତର୍ଜାତୀୟ କ୍ରିକେଟକୁ ମିଳିଥିଲେ । ୧୯୮୮ରେ ପ୍ରଥମ ଥର ପାଇଁ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟ ଇତିହାସରେ ଭାରତ ସବୁଠୁ ସଫଳ ଦଳ । ଭାରତ ୨୦୦୦, ୨୦୦୮, ୨୦୧୨, ୨୦୧୮ ଓ ୨୦୨୨ ସଂସ୍କରଣରେ ଚାମ୍ପିୟନ ହୋଇଥିଲା । ଏଥର ମଧ୍ୟ ଘୋଷିତ ଭାରତୀୟ ଦଳ ଶକ୍ତିଶାଳୀ ଜଣାପଡୁଛି । ବିଶ୍ୱକପ୍ ଲାଗି ପ୍ରସ୍ତୁତି ବେଳେ ଦଳ ଖେଳିଥିବା ୧୬ରୁ ୧୩ ମ୍ୟାଚ୍ ଜିତିଛି । ଏପରି କି ଏହି ଦଳ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଭଳି ଦଳକୁ ବିଦେଶୀ କଣ୍ଡିଶନରେ ହରାଇଛି । ଭାରତୀୟ କ୍ରିକେଟର ଉଦୀୟମାନ ତାରକା ବୈଭବ ସୂର୍ଯ୍ୟବଂଶୀ, ଅଧିନାୟକ ଆୟୁଷ ମାହତ୍ରେ, ଉପ ଅଧିନାୟକ ବିହାନ ମଲହୋତ୍ରା, ଗତ ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ସର୍ବାଧିକ ରନ କରିଥିବା ଆରୋନ ଜର୍ଜଙ୍କ ଭଳି ଖେଳାଳିଙ୍କ ଉପରେ ନଜର ରହିବ ।

# ଅନ୍ତର୍ଜାତୀୟ ଚେସ୍ ସମ୍ମିଳନୀ ଆରମ୍ଭ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ । (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର,୧୪।୧(ଅନାଦି କର)

ବୁଧବାରଠାରୁ କିଟ୍‌ରେ ସାମାଜିକ ଏବଂ ଶିକ୍ଷାଗତ ଚେସ୍ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଆରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଫିଡେର ଉପସଭାପତି ତଥା ୫ ଥରର ବିଶ୍ୱ ଚେସ୍ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦ ଉଦ୍‌ଘାଟନ କରିଛନ୍ତି । ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ) ଓ ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) ମିଳିତ ଭାଗୀଦାରିରେ ଭାରତରେ ପ୍ରଥମଥର ପାଇଁ କିଟ୍ ୟୁନିଭର୍ସିଟିଠାରେ ଏହି ସମ୍ମିଳନୀ ଆୟୋଜିତ ହେଉଛି । ଉଦ୍‌ଘାଟନୀ ଉତ୍ସବରେ ଫିଡେ ସଭାପତି ତଥା ରୁଷିଆର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଆର୍କାଡି ଭରକୋଭିଚ୍, ଫିଡେ ଡେପୁଟି ଚେୟାର ତଥା ଲାଟ୍‌ଭିଆର ପୂର୍ବତନ ଅର୍ଥମନ୍ତ୍ରୀ ଡାନା ରେଜନିସ, ଏଆଇସିଏଫ୍ ସଭାପତି ନୀତୀନ ନାରଙ୍ଗ, ସମ୍ପାଦକ ଦେବ ପଟେଲ, ଉପ ସଭାପତି ଦିବ୍ୟେନ୍ଦୁ ବରୁଆ, ଫିଡେ ଇଭେଣ୍ଟ କମିଶନ ସଦସ୍ୟ ରଞ୍ଜନ ମହାନ୍ତି, କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଆନନ୍ଦ କିଟ୍ କ୍ୟାମ୍ପସଠାରେ ଅନ୍ତର୍ଜାତୀୟ ଚେସ୍ ହଲ ଓ ଚେସ୍ ଗ୍ରାଉଣ୍ଡ ଉଦ୍‌ଘାଟନ କରିଥିଲେ । ଉଭୟ କିଟ୍ କ୍ୟାମ୍ପସ ଓ ହୋଟେଲ ମେ ଫେୟାରରେ ଏହି ସମ୍ମିଳନୀ ଚାଲିବ । ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଇଭେଣ୍ଟରେ ଭାରତର ୮୦ ଚେସ୍ ତାରକାଙ୍କ ସମେତ ୪୦ ଦେଶର ଚେସ ତାରକା ଭାଗ ନେଇଛନ୍ତି । ଏଥିରେ ଭାରତର ୫ ହଜାର ଚେସ୍ ଖେଳାଳି, ୪୩ ଫିଡେ ପ୍ରତିନିଧି, ୭୬ ଏଆଇସିଏଫ୍ ପ୍ରତିନିଧି, ଓଡ଼ିଶା ଚେସ୍ ଆସୋସିଏଶନର ୬୦ ପ୍ରତିନିଧି ଭାଗ ନେଇଛନ୍ତି ।

ଖବରଦାତା ସମ୍ମିଳନୀରେ ଆନନ୍ଦ କହିଛନ୍ତି, ଚେସ୍ ମାଧ୍ୟମରେ ଶୈକ୍ଷିକ ଓ ସାମାଜିକ ବିକାଶ ହୋଇପାରିବ । ଚେସ୍‌ରେ ସମୟ ନିବେଶ କରିବା ଦ୍ୱାରା ଜଣଙ୍କର ବୌଦ୍ଧିକ, ଗଭୀର ଚିନ୍ତନ ଓ ସ୍ଥିରତା ବୃଦ୍ଧି ପାଏ । ଏଥିଲାଗି ଜଣଙ୍କୁ ପେସାଦାର ଚେସ୍ ଖେଳାଳି ହେବାର ଆବଶ୍ୟକତା ନାହିଁ । ଜେଲରେ ସଜା କାଟୁଥିବା କଏଦୀଙ୍କ ଲାଗି ଭଲ ସମୟ ଅତିବାହିତ କରିବା ପାଇଁ ଚେସ୍ ଏକ ଉପଯୁକ୍ତ ମାଧ୍ୟମ । ଚେସ୍‌କୁ ବିଦ୍ୟାଳୟ ସ୍ତରରେ ଅନ୍ତର୍ଭୁକ୍ତ କରାଯିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ପିଲାଙ୍କ ମଧ୍ୟରେ ଶୃଙ୍ଖଳା, ଦକ୍ଷତା ବୃଦ୍ଧି ପାଇବ । ସେମାନଙ୍କୁ ଏହା ସମସ୍ୟାର ସମାଧାନ, ଶିକ୍ଷା, ମନେରଖିବା ସହ ଧ୍ୟାନ ଦେବାରେ ସହାୟକ ହୋଇଥାଏ । ଏବେ ସ୍ପେନ, ସ୍ୱିଡେନ ଭଳି ଅନେକ ଦେଶରେ ଚେସ୍‌କୁ ପିଲାଙ୍କ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲାଣି । ଭାରତରେ ଚେସ୍‌କୁ ବିଦ୍ୟାଳୟସ୍ତରରେ ସାମିଲ କରିବା ପାଇଁ ଫିଡେ ଲକ୍ଷ୍ୟ ରଖିଛି । ସେହିଭଳି କିଟ୍ ଓ କିସ୍ ପ୍ରତିଷ୍ଠାତା ସାମନ୍ତ ପ୍ରକାଶ କରିଛନ୍ତି, ଓଡ଼ିଶାରେ ଚେସ୍‌କୁ ପରିଚୟ ଓ ପ୍ରୋତ୍ସାହନ କରିବା କ୍ଷେତ୍ରରେ କିଟ୍ ଓ କିସ୍ ଅଗ୍ରଣୀ ଭୂମିକା ରହିଛି ।

# ଅଷ୍ଟ୍ରେଲିଆ ଓପନ: ଅଲକାରାଜ, ସାବାଲେଙ୍କାଙ୍କୁ ଟପ୍ ସିଡ୍

ମେଲବୋର୍ନ,୧୪।୧(ଏପି)

ଆସନ୍ତା ରବିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ ଲାଗି କାର୍ଲୋସ ଅଲକାରାଜ ଓ ଆରିନା ସାବାଲେଙ୍କାଙ୍କୁ ଟପ୍ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି । ଟୁର୍ନାମେଣ୍ଟ ଲାଗି ଡ୍ର' ଘୋଷଣା କରାଯିବାର ଦିନକ ପୂର୍ବରୁ ସିଡ୍ ଘୋଷଣା ହୋଇଯାଇଛି । ଦୁଇ ଥରର ଡିଫେଣ୍ଡିଂ ଚାମ୍ପିୟନ ଜାନିକ ସିନର, ଆଲେକଜାଣ୍ଡର ଜେରେଭ ଓ ୧୦ ଥରର ଚାମ୍ପିୟନ ନୋଭାକ ଜୋକୋଭିଚଙ୍କୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସିଡ୍ ପ୍ରଦାନ କରାଯାଇଛି । ସେହିଭଳି ସାବାଲେଙ୍କା, ଇଗା ସ୍ୱିଟେକ ଓ କୋକୋ ଗୌଫଙ୍କୁ ମହିଳା ଡ୍ର'ରେ ଟପ୍-୩ ସିଡ୍ ଦିଆଯାଇଛି । ଡିଫେଣ୍ଡିଂ ଚାମ୍ପିୟନ ଭାବେ ଫେରୁଥିବା ମାଡିସନ କିଜ୍‌ଙ୍କୁ ନବମ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ